

ପ୍ରଥମ ଥର ରଣଜୀ ଫାଇନାଲ୍‌ରେ ଜମ୍ମୁ କାଶ୍ମୀର

▸ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-234 ◆THURSDAY ◆19 FEBRUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୩୪ ◆ଗୁରୁବାର ◆୧୯ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦






Now open in
Chandrashekharpur

Tanishq Gold coin and other exciting offers on purchase*

19th Feb to 23rd Feb

A TATA PRODUCT

Shop online at TANEIRA.com | TATA CLiQ | Myntra | amazon | taneira_sarees | +91 8147 349 464

Ground Floor, DD Complex, Plot no. 332/1803/2028 (42/8, 42/9), Beside Tanishq, Chandrasekharpur, Bhubaneswar, Mob. : 7788011102

Enquire about our purchase plan
Golden Cocoon
Own Your Dream Weave



# ଭୁବନେଶ୍ୱର ସିଟି

## ବାଟବଣା ବିଏମ୍‌ସିର 'ହ୍ୱିଲ୍ ଅଫ୍ କାଇଣ୍ଡନେସ୍' ଯୋଜନା

# ଖତ ଖାଉଛି 'ସହାୟ ରଥ'

ଭୁବନେଶ୍ୱର, ୧୮ ।୨(ସମିସ): ସହରରେ ଗରୀବ ଅସହାୟମାନେ ମାଗଣାରେ ପାଇବେ ବସ୍ତ୍ର । ଏଥିପାଇଁ କୌଣସି ବସ୍ତ୍ରାଳୟ କିମ୍ବା ସପିଙ୍ଗ ମଲ୍‌କୁ ଯିବାକୁ ପଡ଼ିବ ନାହିଁ । ବିଭିନ୍ନ ବସ୍ତି ହେଉ ଅବା ରାଜଧାନୀରେ ବାସ କରୁଥିବା ଶ୍ରମିକ ଶ୍ରେଣୀର ଲୋକଙ୍କ ନିକଟରେ ପହଞ୍ଚିବ ପିନ୍ଧା ବସ୍ତ୍ର । ଶୀତ, ଖରା ଓ ବର୍ଷା ଦାଉରୁ ରକ୍ଷା ପାଇବାକୁ ସମସ୍ତ ପ୍ରକାର ବସ୍ତ୍ର ମାଗଣାରେ ଦେବା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆରମ୍ଭ ହୋଇଥିଲା 'ହ୍ୱିଲ୍ ଅଫ୍ କାଇଣ୍ଡନେସ୍' ବା 'ସହାୟ ରଥ' । ଏହି ବସ୍ ବୁଲି ବୁଲି ଲୋକଙ୍କ ନିକଟରୁ ପୁରୁଣା ବସ୍ତ୍ର ସଂଗ୍ରହ କରିବା ପରେ ତାହାକୁ ସଫା କରିବା ସହ ଆଇରନ୍ କରି ଗରୀବଙ୍କୁ ବଣ୍ଟା ଯାଉଥିଲା । ଏଥିପାଇଁ ମହାନଗର ନିଗମ କାର୍ଯ୍ୟାଳୟ ଓ ଶାଖା କାର୍ଯ୍ୟାଳୟରେ ସ୍ୱତନ୍ତ୍ର କେନ୍ଦ୍ର ମଧ୍ୟ ଖୋଲାଯିବା ସହ ଦୁଆର ମୁହଁରୁ ବସ୍ ଯୋଗେ ବସ୍ତ୍ର ସଂଗ୍ରହ ପାଇଁ ଜାରି ହୋଇଥିଲା ନମ୍ବର । ହେଲେ ଏହି ସେବା ମାତ୍ର ଦିନ କେଇଟା ପାଇଁ । ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଏହି 'ସହାୟ ରଥ' ଏବେ ଖତ ଖାଉଛି ।

ମହାମାରୀ କରୋନା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଥିବା ବେଳେ ଅନେକଙ୍କ ଜୀବିକା ଛଡ଼େଇ ନେଇଥିଲା । ଖାଇବା ଠାରୁ ଆରମ୍ଭ କରି ପିନ୍ଧିବାକୁ ବସ୍ତ୍ରଟିଏ ପାଉନଥିଲେ ଲୋକେ । ଏହି ସମସ୍ୟାକୁ ଦୂର କରିବାକୁ ୨୦୨୧ ମସିହା ଏପ୍ରିଲ ୧ ତାରିଖ ଉତ୍କଳ ଦିବସରେ ବିଏମ୍‌ସି ପକ୍ଷରୁ ଏହି ଯୋଜନା ଶୁଭାରମ୍ଭ କରାଯାଇଥିଲା । ଏକ ବସ୍‌କୁ ସମ୍ପୂର୍ଣ୍ଣ ଭାବେ ଏକ ଦୋକାନ ଭଳି ସଜା




ଯାଇଥିଲା । ଭିତରକୁ ବିଭିନ୍ନ କମ୍ପାର୍ଟମେଣ୍ଟରେ ବିଭକ୍ତ କରାଯାଇଥିଲା । ଯେଉଁଠାରେ ଛୋଟପିଲା, ମହିଳା, ପୁରୁଷ, ଶିଶୁ, ବୃଦ୍ଧ ଆଦିଙ୍କ ଭିନ୍ନ ବସ୍ତ୍ର ରଖାଯିବା ସହ ଟ୍ରାଏଲ ରୁମ୍ ମଧ୍ୟ ରହିଥିଲା । ଏହି ରଥ ପ୍ରତିଦିନ ସହରର ବିଭିନ୍ନ ସ୍ଥାନ ଭ୍ରମଣ କରି ପୁରୁଣା ବସ୍ତ୍ର ସଂଗ୍ରହ କରୁଥିଲା । ଏହାକୁ ସଂଗ୍ରହ କରାଯାଇ ଏକ ସ୍ଥାନରେ ରଖାଯାଉଥିଲା । ଏଥିପାଇଁ ୟୁନିଟ୍-୪ ମଧୁସୂଦନନଗରରେ ଏକ ଜାଗା ମଧ୍ୟ ଚିହ୍ନଟ ହୋଇଥିଲା । ଉକ୍ତ ଗୃହରେ ସଂଗୃହୀତ ଗଚ୍ଛିତ କରାଯାଉଥିଲା । ସେଠାରେ ପୋଷାକ ଗୁଡ଼ିକ ସଫା କରାଯିବା ସହ ଆଇରନ୍ କରାଯାଇ ରଥ ମଧ୍ୟରେ ସୁସଜ୍ଜିତ କରାଯାଉଥିଲା । ଯେଉଁମାନଙ୍କର ଆବଶ୍ୟକ ହୁଏ ସେମାନେ ଏହି ରଥରୁ ନିଜ ମାପ ଅନୁସାରେ ବସ୍ତ୍ର ନେଇଥାନ୍ତି । ରଥର ମେଣ୍ଟେନାନ୍ସ ସମେତ ରଥ ଚାଳକ, ହେଲପର୍, ପୁରୁଣା ବସ୍ତ୍ର ସଫା କରାଯିବାକୁ ଡିଟରଜେଣ୍ଟ, ଆଇରନ୍, ଭାଙ୍ଗ କରିବାକୁ ମଧ୍ୟ କର୍ମଚାରୀମାନେ ରହିଥିଲେ । ଏହି କାର୍ଯ୍ୟ ଏକ ଘରୋଇ ସଂସ୍ଥାକୁ ବିଏମ୍‌ସି ହସ୍ତାନ୍ତର କରିଥିବା ବେଳେ ମୋଟ୍ ୧୦ଜଣଙ୍କୁ ଏଥିରେ ନିୟୋଜିତ କରାଯାଇଥିଲା । ଏଥିପାଇଁ ମାସକୁ ୧ଲକ୍ଷ ୫୯ ହଜାର ଟଙ୍କା ଖର୍ଚ୍ଚ କରୁଥିଲା ବିଏମ୍‌ସି । ଏହି ରଥ ଚାଲିବା ପରେ ବହୁ ସଂଖ୍ୟାରେ ଗରିବ ଲୋକ ଉପକୃତ ହୋଇଥବା ଜଣାପଡ଼ିଛି । ହେଲେ ରଥଟି କିଛିଦିନ ଚାଲିବା ପରେ ବନ୍ଦ ହୋଇଗଲା । ସେଥିରେ କାର୍ଯ୍ୟରତ କର୍ମଚାରୀମାନେ ଦରମା ନପାଇପାରୁ ଛାଡ଼ି ଦେବା ପରେ ରଥ ନିର୍ମାଣ ହୋଇଥିବା ବସ୍‌ର ବ୍ୟାଟେରୀ ମଧ୍ୟ ଚୋରି ହୋଇଗଲା । ଉକ୍ତ ସଂଗୃହୀତ ଗୃହରେ ମଧ୍ୟ ଲକ୍ଷାଧିକ ବସ୍ତ୍ର ଗଚ୍ଛିତ ହୋଇ ରହିଥିବା ବେଳେ ବର୍ତ୍ତମାନ ତାହା କୁଆଡ଼େ ଗଲା ତାହା ବି ପ୍ରଶ୍ନବାଚୀ । ହେଲେ ଏହି ଗାଡ଼ିଟିର ମରାମତି ପାଇଁ ବିଏମ୍‌ସି ମନ ନବଳାଇବାରୁ ଗାଡ଼ିଟି ଖତ ଖାଉଥିବା ଅଭିଯୋଗ ହୋଇଛି । ତେବେ ଏକ ସୁଚିନ୍ତାଧାରା ନେଇ ଆରମ୍ଭ ହୋଇଥିବା ଏହି 'ସହାୟ ରଥ' କେଉଁ ଆଡ଼େ ଗଲା ବୋଲି ବସ୍ତ୍ର ପାଇଁ ଅପେକ୍ଷା କରିଥିବା ଶହଶହ ଗରିବ ଲୋକେ ପ୍ରଶ୍ନ କରିଛନ୍ତି । ଏନେଇ ବିଏମ୍‌ସି ଅଧିକାରୀଙ୍କ ପ୍ରତିକ୍ରିୟା ନିଆଯାଇ ପାରିନାହିଁ ।

## ଆଜିଠୁ ମାଟ୍ରିକ୍ ପରୀକ୍ଷା

# ଭୁବନେଶ୍ୱରରେ ୧୨,୩୯୩ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୧୮ ।୨(ସମିସ): ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଠାରୁ ରାଜ୍ୟରେ ମାଟ୍ରିକ୍ ବୋର୍ଡ ପରୀକ୍ଷା ଆରମ୍ଭ ହେବ । ଭୁବନେଶ୍ୱର ମହାନଗର ନିଗମ ସମେତ ବ୍ଲକରେ ପରୀକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ୩ଟି ନୋଡାଲ୍ ସେଣ୍ଟରରେ ପ୍ରଶ୍ନପତ୍ର ରଖାଯାଇଛି । ସେଠାରୁ ମୋଟ୍ ୪୫ଟି ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପହଞ୍ଚାଯିବ । ଚଳିତ ବର୍ଷ ବିଏମ୍‌ସି ସମେତ ଭୁବନେଶ୍ୱର ବ୍ଲକରେ ମୋଟ୍ ୧୨, ୩୯୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ।

**୩ ନୋଡାଲ୍ ସେଣ୍ଟର ଓ ୪୫ ପରୀକ୍ଷା କେନ୍ଦ୍ର ପ୍ରସ୍ତୁତ**

ୟୁନିଟ୍ ୩ ସ୍ଥିତ କ୍ୟାପିଟାଲ୍ ହାଇସ୍କୁଲ୍, ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ୟୁନିଟ୍-୮ ସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟକୁ ନୋଡାଲ୍ ସେଣ୍ଟର କରାଯାଇ ପ୍ରଶ୍ନପତ୍ର ରଖାଯାଇଛି । ନୋଡାଲ୍ ସେଣ୍ଟର ହୋଇଥିବା କ୍ୟାପିଟାଲ୍ ହାଇସ୍କୁଲରୁ ୧୬ଟି ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବ । ଏହା ଅଧୀନରେ ୪୭୬୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବାବେଳେ ୪ଟି ଟିମ୍ ପ୍ରଶ୍ନପତ୍ର ପହଞ୍ଚାଇବା ଦାୟିତ୍ୱରେ ଅଛନ୍ତି । ସେହିପରି ୟୁନିଟ୍-୧ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଅଧୀନରେ ୧୨ ପରୀକ୍ଷା କେନ୍ଦ୍ର ରହିଛି । ସେଗୁଡ଼ିକୁ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୩ ଟି ଟିମ୍ ନିୟୋଜିତ ହୋଇଥିବାବେଳେ ୨୯୩୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ଅନୁରୂପ ଭାବେ ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟ ନୋଡାଲ୍ ସେଣ୍ଟରରୁ ୫ଟି ଟିମ୍ ୧୭ଟି ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯୋଗାଇବେ । ଏହି ନୋଡାଲ ସେଣ୍ଟର ଅଧୀନରେ ୪୬୯୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ପରୀକ୍ଷା ଦିନ ସାଢ଼େ ୭ ରେ ପରୀକ୍ଷା କେନ୍ଦ୍ର ଖୋଲିବ । ସାଢ଼େ ୮ ପୂର୍ବରୁ ପରୀକ୍ଷାର୍ଥୀଙ୍କ ଚେକିଂ ସରିବ । ପରୀକ୍ଷାର ୧୫ ମିନିଟ୍ ପୂର୍ବରୁ ପ୍ରଶ୍ନପତ୍ର ପ୍ୟାକେଟ୍ ଖୋଲାଯିବା ସହ ୫ ମିନିଟ୍ ପୂର୍ବରୁ ସେମାନଙ୍କୁ ପ୍ରଦାନ କରାଯିବ ।

# ଇଭି ବସ୍ ଚାଳନା ତାଲିମ ନେଇ ଫେରିଲେ ୨୦ ମହିଳା



**ଓଡ଼ିଶାରେ ୧୫ ଦିନର ଡ୍ରାଇଭିଂ ଅଭ୍ୟାସ**

ଭୁବନେଶ୍ୱର, ୧୮ ।୨(ସମିସ): 'କ୍ୟାପିଟାଲ୍ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ' (କ୍ରୁଟ୍) ପକ୍ଷରୁ 'ଆମ ବସ୍' ସେବା ପାଇଁ ମହିଳା ଚାଳକ ନିଯୁକ୍ତିର ପ୍ରଥମ ପର୍ଯ୍ୟାୟ ସଫଳତାର ସହ ଶେଷ ହୋଇଯାଇଛି । ଏହି ଅଭିଯାନ ଅଧୀନରେ ବୈଧ ଭାରିଯାନ ଚାଳନା ଅନୁମତିପତ୍ର ଥିବା ୨୦ ଜଣ ମହିଳା ଚାଳକଙ୍କୁ ପୁଣେରେ ଉନ୍ନତ ତାଲିମ ପାଇଁ ଚୟନ କରାଯାଇଥିଲା । ଏହି ମହିଳାମାନେ ସଫଳତାର ସହ ନିଜର ତାଲିମ ସମାପ୍ତ କରି ଓଡ଼ିଶା ଫେରିଛନ୍ତି । ଏହି ୧୪ ଦିନିଆ ଉନ୍ନତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପୁଣେସ୍ଥିତ 'ଏକ୍କା ମୋବିଲିଟି' ପ୍ଲାଣ୍ଟରେ ଚଳିତ ମାସ ୨ ତାରିଖରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଜିଆଇଜେଡ଼ର ବୈଷୟିକ ସହାୟତା ଓ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଇଭି ବସ୍ ଚାଳନା, ସୁରକ୍ଷା ପ୍ରୋଟୋକଲ୍, ଉନ୍ନତ ଡ୍ରାଇଭିଂ ଅଭ୍ୟାସ ଏବଂ ଆଧୁନିକ ସିଟି ବସ୍ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି ଯେ, ଆନୁଷ୍ଠାନିକ ଭାବେ ନିୟୋଜିତ ହେବା ପୂର୍ବରୁ ଏହି ପ୍ରଶିକ୍ଷିତ ଚାଳକମାନେ ଓଡ଼ିଶାରେ ଆଉ ୧୫ ଦିନର ସ୍ଥାନୀୟ ଡ୍ରାଇଭିଂ ଅଭ୍ୟାସ ଏବଂ ରୁଟ୍ ଚିହ୍ନଟ ପ୍ରକ୍ରିୟା ଦେଇ ଗତି କରିବେ । ସଫଳ କ୍ଷେତ୍ର ଅଭ୍ୟାସ ଏବଂ ମୂଲ୍ୟାଙ୍କନ ପରେ ହିଁ, ସେମାନଙ୍କୁ 'ଆମ ବସ୍' ସେବା ପରିଚାଳନା ପାଇଁ ଏକ ସମର୍ପିତ ମହିଳା ଚାଳକ ଭାବରେ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି ।

# ପଲାଶୁଣିରୁ ରସୁଲଗଡ଼ ହେବ ସ୍କାଏୱାକ୍

ଭୁବନେଶ୍ୱର, ୧୮।୨(ସମିସ): ସଡ଼କ ସୁରକ୍ଷା ଦିଗରେ ଏନ୍‌ଏଚ୍‌ଏଆଇର ବଡ଼ ପଦକ୍ଷେପ । ୧୬ ନମ୍ବର ଜାତୀୟ ରାଜପଥରେ ପଲାଶୁଣିରୁ ରସୁଲଗଡ଼ ପର୍ଯ୍ୟନ୍ତ ୫୦୦ ମିଟର ଲମ୍ବା ଏକ ସ୍କାଏୱାକ୍ ନିର୍ମାଣ କରିବାକୁ ହୋଇଛି ଯୋଜନା । ଏହି ପ୍ରକଳ୍ପ ପାଇଁ ଆନୁମାନିକ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ସ୍କାଏୱାକ୍ ପଥଚାରୀମାନଙ୍କୁ ବ୍ୟସ୍ତ



**ପାଞ୍ଚଶହ ମିଟର ସ୍କାଏୱାକ୍‌ରେ ଖର୍ଚ୍ଚହେବ ୨୦ କୋଟି**

ରାସ୍ତା ଅତିକ୍ରମ କରିବାରେ ନିରାପଦ ଓ ସୁବିଧାଜନକ ପଥ ଯୋଗାଇ ଦେବ । ଏହା ଭଲ ଭାବେ ଆଲୋକିତ ହେବ ଏବଂ ବ୍ୟବହାର କରିବା ସହଜ ହେବ । ଫଳରେ ଲୋକମାନଙ୍କୁ ଭାରୀ ଯାନବାହନ ମଧ୍ୟରେ ଚାଲିବାକୁ ପଡ଼ିବ ନାହିଁ, ଯାହା ଦୁର୍ଘଟଣା ହ୍ରାସ କରିବ ଏବଂ ସମଗ୍ର ଅଞ୍ଚଳରେ ସଡ଼କ ସୁରକ୍ଷା ବଢ଼ାଇବ ବୋଲି ଲକ୍ଷ୍ୟ ରହିଛି । ପଥଚାରୀମାନଙ୍କୁ ରାସ୍ତା ଉପରେ ରଖିବା ଦ୍ୱାରା ତଳ ଦେଇ ଯାତାୟତ ଅଧିକ ସୁଗମ ଓ ଦ୍ରୁତ ହେବ । ଏନ୍‌ଏଚ୍‌ଏଆଇ ପକ୍ଷରୁ କୁହାଯାଇଛି, ଏହି ପ୍ରକଳ୍ପ ସଡ଼କ ସୁରକ୍ଷା ଉନ୍ନତି ଓ ଜନସାଧାରଣଙ୍କ ପାଇଁ ଉତ୍ତମ ସୁବିଧା ଯୋଗାଇବାର ଏକ ଅଂଶ । ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ । କାମ ସରିବା ପରେ ଏହି ସ୍କାଏୱାକ୍ ଭୁବନେଶ୍ୱରବାସୀଙ୍କ ଦୈନନ୍ଦିନ ଯାତାୟତକୁ ଅଧିକ ନିରାପଦ ଓ ସହଜ କରିଦେବ । ସୂଚନା ଥାଉ କି ପଲାଶୁଣି ନିକଟରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି । ମୁଖ୍ୟତଃ ରାସ୍ତାପାର ହେଉଥିବା ସମୟରେ ଏଠାରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି । କ୍ରମାଗତ ଭାବେ ଏହି ଦୁର୍ଘଟଣା ସଂଖ୍ୟା ବଢ଼ି ଚାଲିଥିବାରୁ ଉଭୟ ରାଜ୍ୟ ସରକାର ଏନ୍‌ଏଚ୍‌ଏଆଇ ପାଇଁ ଚିନ୍ତା ବଢ଼ିଛି ।

# ବିଜେଡି ପକ୍ଷରୁ ଯୁଧିଷ୍ଠିର ଦାସଙ୍କ ଶ୍ରାଦ୍ଧଦିବସ




ଭୁବନେଶ୍ୱର, ୧୮।୨(ସମିସ): ପୂର୍ବତନ ବାଚସ୍ପତି ତଥା ସମାଜବାଦୀ ଚିନ୍ତକ ଯୁଧିଷ୍ଠିର ଦାସଙ୍କ ପୁଣ୍ୟତିଥି ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଧାନୀର ନୂଆପଲ୍ଲୀଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ଚମ୍ପତିରାୟ, ସୁରଜିତ ପରିଡ଼ା, ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ବନବିହାରୀ ନାୟକ ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ପରିଶେଷରେ ଅମିତ୍ ପାତାଳସିଂ ଧନ୍ୟବାଦ ଦେଇଥିଲେ ।

# ନୂଆଦିଲ୍ଲୀରେ ନର୍ସ ପ୍ରାକ୍ଟିସନର ପ୍ରୋଗ୍ରାମ କର୍ମଶାଳା




ଭୁବନେଶ୍ୱର, ୧୮ ।୨(ସମିସ): ଇଣ୍ଡିଆନ ନର୍ସିଂ କାଉନ୍‌ସିଲ୍ ତରଫରୁ ଚଳିତ ମାସ ୧୭ ଏବଂ ୧୮ ତାରିଖରେ ନୂଆଦିଲ୍ଲୀ ଠାରେ ନର୍ସ ପ୍ରାକ୍ଟିସନର ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ନର୍ସିଂ କାଉନ୍‌ସିଲ୍ ରେଜିଷ୍ଟ୍ରାର, ପ୍ରିନ୍ସିପାଲ୍ ଏବଂ ମେଡିକାଲ/ ନର୍ସିଂ ପ୍ରିସେପ୍ଟରମାନଙ୍କୁ କିପରି ଏନ୍‌ପି କାର୍ଯ୍ୟକ୍ରମ ଆରମ୍ଭ ଏବଂ କାର୍ଯ୍ୟକାରୀ କରାଯିବ ସେ ବିଷୟରେ ଅବଗତ କରାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଡ. ବିନୋଦ କୋଟୱାଲ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ଓଡ଼ିଶା ନର୍ସ ଏବଂ ମିଡ୍‌ୱାଇଭ୍‌ସ ରେଜିଷ୍ଟ୍ରେସନ୍ କାଉନ୍‌ସିଲର ରେଜିଷ୍ଟ୍ରାର୍ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କୁ ନର୍ସେସ ରେଜିଷ୍ଟ୍ରେସନ୍ ଆଣ୍ଡ ଟ୍ରାକିଂ ନିମନ୍ତେ ଓଡ଼ିଶାରେ ନର୍ସମାନଙ୍କ ନାମଲେଖା ଏବଂ ସମସ୍ୟାଯୁକ୍ତ ପଞ୍ଜୀକରଣକୁ କାର୍ଯ୍ୟକାରୀ କରିବାରେ ଉତ୍କର୍ଷ ପ୍ରଦର୍ଶନ କରିଥିବାରୁ ପୁରସ୍କୃତ କରାଯାଇଥିଲା ।




# 'ବହୁଭାଷା ଶିକ୍ଷାର ପ୍ରଭାବ ସର୍ବଦା ସୁଦୂରପ୍ରସାରୀ'

ଭୁବନେଶ୍ୱର, ୧୮ ।୨(ସମିସ): ଭାରତ ଭଳି ବହୁଭାଷୀ ଦେଶରେ ବହୁ ଭାଷାଶିକ୍ଷାର ପ୍ରଭାବ ସର୍ବଦା ସୁଦୂର ପ୍ରସାରୀ ବୋଲି ଭାଷା ବିଜ୍ଞାନୀ ଲୋକ ସଂସ୍କୃତି ବିଶାରଦ ପଦ୍ମଶ୍ରୀ ଡ଼.ମହେନ୍ଦ୍ର କୁମାର ମିଶ୍ର ମତବ୍ୟକ୍ତ କରିଛନ୍ତି । ବୁଧବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ନୂତନ ପ୍ରେକ୍ଷାଳୟରେ ଆୟୋଜିତ ବହୁଭାଷୀ ଶିକ୍ଷା ଶୀର୍ଷକ ବକ୍ତୃତା ପ୍ରଦାନ କରି ଡ଼. ମିଶ୍ର ଏହା କହିଥିଲେ । ପ୍ରତିଷ୍ଠାନର ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଏଥିରେ ଅଧକ୍ଷତା କରିଥିଲେ । ପ୍ରଫେସର ରମାକାନ୍ତ ମହାଳିକ ଏହି ବକ୍ତୃତାମାଳାର ସଂଯୋଜନା କରିଥିବା ବେଳେ ଡ଼. ଦେବାଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ପଦ୍ମଶ୍ରୀ ଉପାଧି ପାଇଁ ଡ଼. ମିଶ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# ନାଟକର କାହାଣୀରେ ସାମାଜିକ ସମସ୍ୟା

ଭୁବନେଶ୍ୱର, ୧୮।୨(ସମିସ): ନାଟକ ହେଉଛି ସମାଜର ଏକ ନିରନ୍ତର ପ୍ରତିଛବି । ଯାହା ସମାଜରେ ଘଟୁଥିବା ବା ଘଟିଯାଇଥିବା ଘଟଣାବଳୀକୁ ସିଧାସଳଖ ଭାବେ ନାଟକ ମାଧ୍ୟମରେ ଦର୍ଶକଙ୍କ ସମ୍ମୁଖରେ ପ୍ରଦର୍ଶିତ କରାଯାଇଥାଏ । ସେଥିପାଇଁ ଓଡ଼ିଶାରେ ସବୁବେଳେ ମଞ୍ଚ ନାଟକର ଏକ ସ୍ୱତନ୍ତ୍ର ସ୍ଥାନ ରହିଆସିଛି ।

ଦର୍ଶକଙ୍କୁ କିଛି ନିଆରା ମନୋରଞ୍ଜନ ଦେବା ପାଇଁ କିଛି ନାଟ୍ୟକାର ନିଜ ସୃଜନଶୀଳତାରେ ପୌରାଣିକ କଥାବସ୍ତୁକୁ ନେଇ ଦର୍ଶକଙ୍କ ସମ୍ମୁଖକୁ ଆଣିବାର ପ୍ରୟାସ ଆଜିବି ଜାରି ରଖିଛନ୍ତି । ହେଲେ ଦର୍ଶକଙ୍କୁ ନିଜ ସହ ଯୋଡି ରଖିବାକୁ ବିଷୟବସ୍ତୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ତେଣୁ ଅନୁଷ୍ଠାନ ପକ୍ଷରୁ ସବୁବେଳେ ସମାଜରେ ଦେଖାଯାଉଥିବା ପ୍ରମୁଖ ସମସ୍ୟା ତଥା ସାମାଜିକ ବିଷୟବସ୍ତୁ ଉପରେ ପର୍ଯ୍ୟବେକ୍ଷିତ ହୋଇଥାଏ । ଯେଉଁଥିରେ ନାରୀ ସମ୍ମାନ, ନିଶା ନିବାରଣ ଏବଂ ଯୁବପିଢ଼ିଙ୍କ ପ୍ରତି ଅବହେଳା, ସାମ୍ପ୍ରଦାୟିକ ସାମ୍ନା କରୁଥିବା ସମସ୍ୟା ଇତ୍ୟାଦି । ତା ଛଡ଼ା ଐତିହାସିକ ପୁରାଣ କଥା ଏବଂ ପୁରୁଣା କାଳ୍ପନିକ କାହାଣୀ ମଧ୍ୟ ମଞ୍ଚସ୍ଥ ହୁଏ । ଯାହା ସମାଜରେ ଘଟୁଥିବା ବା ଘଟିଯାଇଥିବା ଘଟଣାବଳୀକୁ ନାଟକ ମାଧ୍ୟମରେ ପ୍ରଦର୍ଶିତ ହୁଏ ।



ଫଳରେ ଦର୍ଶକଙ୍କୁ ବିଭିନ୍ନ ସାମାଜିକ ସ୍ଥିତି ସମ୍ପର୍କରେ ଅବଗତ କରିବା ଏବଂ ଯୁବପିଢ଼ିଙ୍କୁ ପୁରାଣ ଏବଂ ପାରମ୍ପାରିକ କଥା ସହ ପରିଚିତ କରାଇହୁଏ । ବରିଷ୍ଠଙ୍କ ପାଇଁ ଏହା ସବୁବେଳେ ମନୋରଞ୍ଜନର ମାଧ୍ୟମ ରହିଆସିଛି । ହେଲେ ବର୍ତ୍ତମାନ ସମୟ ବଦଳିଛି, ତା ସହ ଲୋକଙ୍କ ପସନ୍ଦରେ ମଧ୍ୟ ପରିବର୍ତ୍ତନ ଆସିଛି । ପୂର୍ବରୁ ମନୋରଞ୍ଜନର ମାଧ୍ୟମ ଭାବେ ଲୋକ ମଞ୍ଚରେ ନାଟକ ପରିବେଷଣକୁ ଚାହିଁ ରହୁଥିଲେ । ହେଲେ ବର୍ତ୍ତମାନ ମନୋରଞ୍ଜନର ମାଧ୍ୟମ ଟିଭି, ସିନେମା, ମୋବାଇଲ୍ ଫୋନ୍, ଓଟିଟି ପ୍ଲାଟ୍‌ଫର୍ମ ହୋଇଯାଇଛି । ତଥାପି ନାଟକ ଏକ ଜୀବନ୍ତ ପ୍ରଦର୍ଶନ କଳା ଅଟେ ଏବଂ ଏହାର ଉତ୍କୃଷ୍ଟତା ଯୁଗେ ଯୁଗେ ରହିଛି ବୋଲି କିଛି ନାଟ୍ୟପ୍ରେମୀ ମତ ଦେଇଛନ୍ତି ।

**ଦର୍ଶକଙ୍କୁ ସାମାଜିକ ସ୍ଥିତି ସମ୍ପର୍କରେ ଅବଗତ କରିବାକୁ ପ୍ରୟାସ**

ସେହିପରିପେକ୍ଷୀରେ ଦର୍ଶକଙ୍କୁ ମଞ୍ଚ ନାଟକ ସହ ଯୋଡି ରଖିବାକୁ ରାଜଧାନୀରେ ପାଖାପାଖି ୩୦ରୁ ଅଧିକ ନାଟକ ଅନୁଷ୍ଠାନ ବିଭିନ୍ନ ସମୟରେ ମଞ୍ଚ ନାଟକ ପରିବେଷଣ ଜାରି ରଖିଛନ୍ତି । ଏ ସମ୍ପର୍କରେ ଲାବଣ୍ୟ ଥିଏଟରର ନିର୍ଦ୍ଦେଶକ ସତ୍ୟ ଜେନା କୁହନ୍ତି, ଓଡ଼ିଶାରେ ସବୁବେଳେ ମଞ୍ଚ ନାଟକର ଏକ ସ୍ୱତନ୍ତ୍ର ସ୍ଥାନ ରହିଆସିଛି । ନୂଆ ପିଢି ଏଥିପ୍ରତି ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି ।

ସେହିପରି, ସମ୍ରାଟ ସିଏ କଳାର ପୂଜାରୀ ନାଟ୍ୟ ଅନୁଷ୍ଠାନର ନିର୍ଦ୍ଦେଶକ ଶରତ ସମ୍ରାଟ କହଛନ୍ତି, ଅନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ ହେଉଥିବା ନାଟକର କାହାଣୀ ମୁଖ୍ୟତଃ ଯୁବ ସମାଜକୁ ଗୁରୁତ୍ୱ ଦେଇଥାଏ । ଭ୍ରଷ୍ଟାଚାର, ପ୍ରେମ, ସମ୍ପର୍କ ମଧ୍ୟରେ ବିବାଦ ଭଳି ବିଷୟକୁ ନେଇ କାହାଣୀର ରୂପ ଦିଆଯାଇଥାଏ । କାରଣ ସେମାନେ ହିଁ ପରିବର୍ତ୍ତନ ମୁଖ୍ୟ ସ୍ରୋତରେ ସାମିଲ ହେବା ଉଚିତ୍ । ଏ ସମସ୍ତ କାହାଣୀରେ ସମାଜକୁ ପରିବର୍ତ୍ତନ କରିବା ପାଇଁ ବାର୍ତ୍ତା ରହିଥାଏ । ଯେହେତୁ ଯୁବପିଢ଼ୀଙ୍କ ପାଇଁ ମୁଖ୍ୟତଃ ଏହି ବିଷୟବସ୍ତୁ ବଛାଯାଇଥାଏ, ତେଣୁ ଦର୍ଶକଙ୍କ ମଧ୍ୟରେ ସବୁବେଳେ ସେମାନଙ୍କ ସଂଖ୍ୟା ଅଧିକ ପରିଲକ୍ଷିତ ହୁଏ । କେବଳ ଯେ ଦର୍ଶକ ନୁହଁ ବରଂ କଳାକାର ମଧ୍ୟ ଏ ଦିଗରେ ରୁଚି ରଖି ଆଗେଇଆସିଲେଣି ବୋଲି ସେ କହିଥିଲେ ।

# ୨୦ରୁ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ

ଭୁବନେଶ୍ୱର, ୧୮ । ୨(ସମିସ): ଆସନ୍ତା ୨୦ରୁ ୨୪ ଶତାବ୍ଦୀର କଳାକାର ପକ୍ଷରୁ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ । ମହୋତ୍ସବରେ ୬ଟି ନାଟକ ପରିବେଷଣ କରାଯିବ ଓ ୨୧ ଜଣଙ୍କୁ ସମ୍ମାନିତ କରାଯିବ । କାଦମ୍ବିନୀ ସମ୍ପାଦିକା ଇତିରାଣୀ ସାମନ୍ତ, ସମ୍ବାଦର ସମ୍ପାଦିକା ତନୟା ପଟ୍ଟନାୟକ, ମାନସ ରଞ୍ଜନ ଗଡ଼ନାୟକଙ୍କୁ 'ସୁମିତ୍ରା ସମ୍ମାନ'ରେ ସମ୍ମାନିତ କରାଯିବ । ୧୦ଜଣଙ୍କୁ 'ଶତାବ୍ଦୀର କଳାକାର' ସମ୍ମାନ, ୪ ଜଣଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ, ୨ଜଣଙ୍କୁ 'ନାଟ୍ୟକାର ରବୀନ୍ଦ୍ର ଦାଶ ସମ୍ମାନ' ଜଣଙ୍କୁ 'ପ୍ରମିଳା ପ୍ରତିଭା ସମ୍ମାନ' ଓ ଜଣଙ୍କୁ 'ଡ଼. ଗୟାଧର ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସମ୍ପାଦକ ଧୀର ମଲ୍ଲିକ କହିଛନ୍ତି ।

## ତୋଷାଳୀ ମେଳାରେ ସବାଇ କ୍ରାଫ୍ଟ

# ମିଶନ ଶକ୍ତିରୁ ମହିଳାଙ୍କୁ ସ୍ୱାବଲମ୍ବୀ

ଭୁବନେଶ୍ୱର, ୧୮ ।୨(ସମିସ): ଘରର ଚାରିକାନ୍ଥ ଭିତରୁ ବାହାରି ଏବେ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଗ୍ରାମାଞ୍ଚଳ ତଥା ସହାରାଞ୍ଚଳର ମହିଳାଙ୍କୁ ରୋଜଗାରର ବାଟ ଦେଖାଇଛି ମିଶନ୍ ଶକ୍ତି । ଜଙ୍ଗଲ ପାହାଡ଼ ଘେରା ଭିତରୁ ବାହାରି ଏବେ ମହିଳାମାନେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ସେସବୁର ବିକ୍ରିବଟା କରିବାର ସୁଯୋଗ ପାଇପାରିଛନ୍ତି । ଏହାସହ ବିଭିନ୍ନ ଜିଲ୍ଲାରେ ମହିଳାମାନେ ନିଜ ଅଞ୍ଚଳରେ ଉତ୍ପାଦିତ ସମାଗ୍ରୀକୁ ନେଇ ବିଭିନ୍ନ ହସ୍ତଶିଳ୍ପ ପ୍ରସ୍ତୁତ କରି ତାହାକୁ ବିକ୍ରିବଟା କରି ସ୍ୱାବଲମ୍ବୀ ହୋଇପାରିଛନ୍ତି । ସେଥିମଧ୍ୟରେ ରହିଛି ସବାଇ ଘାସ । ମୟୂରଭଞ୍ଜ, ବାଲେଶ୍ୱର ଆଦି ସ୍ଥାନରୁ ମହିଳାମାନେ ସବାଇ ଘାସରେ ଆଖି ଝଲସିଲା ଭଳି କ୍ରାଫ୍ଟ ତିଆରି କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି । ଯାହାର ଝଲକ୍ ଦେଖିବାକୁ ମିଳିଛି ଜନତା ମଇଦାନରେ ଅନୁଷ୍ଠିତ ହେଉଥିବା ତୋଷାଳୀ ମେଳା-୨୦୨୬ରେ ।

ତୋଷାଳୀ ମେଳାର ପଞ୍ଚମ ସନ୍ଧ୍ୟାରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମିଥିବା ବେଳେ ଏ ଷ୍ଟଲରୁ ସେ ଷ୍ଟଲ ବୁଲି ମନ ପସନ୍ଦର ସାମଗ୍ରୀ କିଣିବାରେ ସମସ୍ତେ ବ୍ୟସ୍ତ । ମେଳା ପରିସରରେ ୯୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ରହିଥିବା ବେଳେ ଅଧିକାଂଶ ଷ୍ଟଲରେ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ଉପଲବ୍ଧ ରହିଛି । ଏହି ଷ୍ଟଲ ଗୁଡ଼ିକ ମଧ୍ୟରେ ବିଶେଷ କରି ସବାଇ ଘାସରୁ ନିର୍ମିତ ବିଭିନ୍ନ ସାମଗ୍ରୀ ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରୁଛି । ଉତ୍ପାଦକ ଗୋଷ୍ଠୀର ମହିଳା ମାନେ ଏକତ୍ରିତ ହୋଇ ସବାଇ ଘାସ ସଂଗ୍ରହ କରି ସେଥିରେ ସପ, ବିଚଣା ଠାରୁ ଆରମ୍ଭ କରି ହଟକେସ୍, ଜୁଏଲାରୀ



ବକ୍ସ, ନାନ୍ ଟ୍ରେ, ପେନ୍ ଷ୍ଟାଣ୍ଡ, ୱାଲ ହ୍ୟାଙ୍ଗିଙ୍ଗ, ଡଷ୍ଟବିନ୍, ଚୁଡ଼ି ବକ୍ସ ଆଦି ତିଆରି କରୁଛନ୍ତି । ତେବେ ଏହାକୁ ପାଣିରେ ଧୋଇବା ସହ ଏହି ସାମଗ୍ରୀଗୁଡ଼ିକ ୧୦ବର୍ଷରୁ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରିବ ବୋଲି ମହିଳାମାନେ କହିଛନ୍ତି । ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାକୁ ଅଧିକ ଆକର୍ଷଣୀୟ କରିବାକୁ ମେଳା ପରିସରରେ ଫୁଡ୍ କୋର୍ଟ ସାଙ୍ଗକୁ ପିଲାମାନଙ୍କ ଗେମିଂ ଜୋନ୍ ମଧ୍ୟ ରହିଛି । ସବୁଠାରୁ ଆକର୍ଷଣୀୟ ହୋଇଛି ଥିମ୍ ପାଭିଲିୟନ୍ । ତାସହ ପ୍ରତି ସନ୍ଧ୍ୟାରେ ବିଶିଷ୍ଟ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ ସନ୍ଧ୍ୟା ଦର୍ଶକଙ୍କୁ ବେଶ୍ ଆକର୍ଷିତ କରୁଛି । ପ୍ରତିଦିନ ମେଳା ଦିନ ୧୧ଟାରୁ ୨ଟା ଏବଂ ଅପରାହ୍ନ ୪ଟାରୁ ରାତି ୧୦ଟା ଯାଏ ଖୋଲା ରହିବ । ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ 'ଫ୍ୟାଶନ ଶୋ' ସମେତ ପ୍ରଥମଥର ମେଳା ପରିସରରେ ଡ୍ରୋନ୍ ଶୋ' ପରିଦର୍ଶକଙ୍କୁ ଆକୃଷ୍ଟ କରୁଛି ।

# ଟଙ୍କା ନେଇ ପୁରୁଣା ୟୁନିଫର୍ମ ଦେଉଛନ୍ତି ସ୍କୁଲ କର୍ତ୍ତୃପକ୍ଷ

ଖଜୁରିଆକଟା,୧୮ ।୨(ସମିସ):



ଏନସିସି ୟୁନିଫର୍ମ ପାଇଁ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଖାତାକୁ ସରକାର ଦେଉଛନ୍ତି ୫୦୬୦ ଟଙ୍କା। ମାତ୍ର ଡ୍ରେସ୍ ଦେବାକୁ କହି ସେହି ଟଙ୍କାକୁ ଛାତ୍ରଛାତ୍ରୀଙ୍କଠାରୁ ନେଇ ଯାଉଛନ୍ତି ସ୍କୁଲର ପିଇଟି। ସେପଟେ ଟଙ୍କା ନେବାପରେ ଦେଉଛନ୍ତି ପୁରୁଣା ଡ୍ରେସ। ଏଭଳି ସଙ୍ଗୀନ ଅଭିଯୋଗ ଆସିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ରାସୋଳ ହାଇସ୍କୁଲରୁ। ଏପରିକି ଜଣେ ଛାତ୍ରୀ ଟଙ୍କା ନ ଦେବାରୁ ତାଙ୍କୁ ଆଡମିଟ କାର୍ଡ ଦେବାକୁ ମଧ୍ୟ ମନା କରିଦେଲେ ସ୍କୁଲ କିରାଣି। ତେବେ ଗଣମାଧ୍ୟମ ପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ଆଡମିଟ କାର୍ଡ ଦେଇଥିଲେ। କିନ୍ତୁ ତିନି ଦିନ ଭିତରେ ୫ ହଜାର ଟଙ୍କା ଦେବାକୁ ଛାତ୍ରୀଙ୍କ ବାପାଙ୍କଠାରୁ ଲେଖା ନେଇଛନ୍ତି ପିଇଟି।

ଅଭିଯୋଗ ଅନୁଯାୟୀ, ଦଶମ ଶ୍ରେଣୀ ଛାତ୍ରୀ ସୁପ୍ରିୟା ନାଏକଙ୍କ ମା' ମେଡିକାଲରେ ପଡ଼ିଥିବାରୁ ସୁପ୍ରିୟାଙ୍କ ଖାତାକୁ ଆସିଥିବା ୫୦୦୦ ଟଙ୍କା ମା'ଙ୍କ ଔଷଧ ପାଇଁ ଖର୍ଚ୍ଚ କରି ଦେଇଥିଲେ। ଫଳରେ ସ୍କୁଲରେ ଦେଇ ପାରି ନ ଥିଲେ। ସୁପ୍ରିୟା ଦଶମ ଶ୍ରେଣୀ ଆଡମିଟ କାର୍ଡ ଆଣିବାକୁ ସ୍କୁଲକୁ ଯାଇଥିବା ବେଳେ ଟଙ୍କା ନ ଦେଲେ ଆଡମିଟ କାର୍ଡ ଦେବେନି ବୋଲି କହି କିରାଣି ତାଙ୍କୁ ଫେରାଇ ଦେଇଥିଲେ। ଏ ନେଇ ସୁପ୍ରିୟାଙ୍କ ପରିବାର ଲୋକେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଥିଲେ। କିରାଣି ସୁପ୍ରିୟାଙ୍କ ବାପାଙ୍କୁ ଡକାଇ ଆଡମିଟ କାର୍ଡ ଦେବା ସହ ତିନିଦିନ ମଧ୍ୟରେ ଟଙ୍କା ଦେବାକୁ ଏକ କାଗଜରେ ଲେଖା ନେଇଥିଲେ। ଏ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଖଜୁରିଆକଟା,୧୮ ।୨(ସମିସ): ଓଡ଼ାପଡ଼ା ବ୍ଲକ ନିମିଧା ଗ୍ରାମରେ ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଖିଳ ଭାରତୀୟ ଗଣ୍ଡୱାନା ଗୋଣ୍ଡ ମହାସଭା ଆନୁକୂଲ୍ୟରେ ଅଇଁଠୁ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମେରାମଣ୍ଡଳି ସେକ୍ସନ ବନପାଳ ସୁବାସ ଚନ୍ଦ୍ର ସାହୁ, ଏଫଇଏସ୍ ପ୍ରତିନିଧି ଜଗନ୍ନାଥ ନାୟକ ଯୋଗଦେଇ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ମାନବ ସମାଜ ତଥା ଜଙ୍ଗଲୀ ଜନ୍ତୁଙ୍କର ହେଉଥିବା କ୍ଷତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ରାଧାନାଥ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଗ୍ରାମରେ ପଦଯାତ୍ରା କରି ଲୋକଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଗୋଣ୍ଡ ମହାସଭା ସଦସ୍ୟ ଓ ଗ୍ରାମବାସୀ ଯୋଗଦେଇ ନିଆଁ ଦାଉରୁ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାକୁ ଶପଥପାଠ କରିଥିଲେ। ଗୋଣ୍ଡ ମହାସଭା ସମ୍ପାଦକ ଅମରେନ୍ଦ୍ର ସିଂ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଦନ୍ତା ଆକ୍ରମଣରେ ଗୁରୁତର ମଦନଙ୍କ ମୃତ୍ୟୁ

ଭୁବନ,୧୮ ।୨(ସମିସ): ଭୁବନ ବନାଞ୍ଚଳ ଅଧୀନ ବିଭିନ୍ନ ଗ୍ରାମରେ ଏକ ଗୋଠଛଡ଼ା ଦନ୍ତା ଉପଦ୍ରବ ଚଳାଇଛି। ୧୦ଦିନ ତଳେ ଏହି ଦନ୍ତା ଭୁବନ ଏନଏସି ଅଞ୍ଚଳରେ ଉତ୍ପାତ କରିଥିଲା। ଏବେ ଗଡ଼ନୃସିଂହପ୍ରସାଦ ଗ୍ରାମ ନିକଟରେ ଥିବା ନେଇ ବନ ବିଭାଗ ଲୋକଙ୍କୁ ସତର୍କ କରିଥିଲା। ତେବେ ଗ୍ରାମର ମଦନ ବେହେରା (୩୫) ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ମଦନଙ୍କୁ ଦନ୍ତା ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ଗୋଡ଼ରେ ଦଳିଯାଇଥିଲା। ଫଳରେ ତାଙ୍କ ଅନ୍ତବୁଜୁଳା ବାହାରି ଯାଇଥିଲା। ତେବେ ସେଠାରେ ଉପସ୍ଥିତ ବନ କର୍ମଚାରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ହାତୀ ମଦନଙ୍କୁ ଛାଡ଼ି ପଳାଇଥିଲା। ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ପ୍ରଥମେ ଭୁବନ ମେଡିକାଲ୍ ଓ ପରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ପାଇଁ ବନ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ତେବେ କଟକରେ ଚିକିତ୍ସାଧୀନ ଅବସ୍ଥାରେ ମଦନଙ୍କ ମୃତ ହୋଇଛି। ମଙ୍ଗଳାବାଗ ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ବନାଞ୍ଚଳ ଅଧିକାରୀ ରାକେଶ କୁମାର ଦଳେଇ, ବନପାଳ କଳ୍ପନା ବେହେରା, ସରପଞ୍ଚ ପ୍ରତିନିଧି ଅଶ୍ୱିନୀ ମାଝୀ, ପୂର୍ବତନ ସରପଞ୍ଚ ତପନ କୁଅଁର ସିପୁଲ କୁମାର ଜେନା, ନୀଳମଣି ମହାପାତ୍ର ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଅନୁକମ୍ପା ମୂଳକ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଗାଁ ଶ୍ମଶାନ ମୃତଦେହ ସତ୍କାର କରାଯାଇଛି।

# ବିଭିନ୍ନ ଦାବି ନେଇ ରାସ୍ତାରୋକ

ଢେଙ୍କାନାଳ,୧୮ ।୨(ସମିସ): ସଦର ବ୍ଲକ ଅନ୍ତର୍ଗତ ଭାପୁର ଛକ ନିକଟରେ ବିଭିନ୍ନ ଦାବୀକୁ ନେଇ ଛଦେଶ ବିକାଶ ପରିଷଦ ପକ୍ଷରୁ ରାସ୍ତାରୋକ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଓଡିଶାରେ ଏକ ଲୋକାଭିମୁଖୀ ପ୍ରଗତିଶୀଳ ସରକାରଙ୍କର କାର୍ଯ୍ୟକାଳ ଗୋଟିଏ ବର୍ଷ ପୁରଣ ହୋଇଛି। ଦୀର୍ଘ ୪୨ ବର୍ଷ ବ୍ୟବଧାନ ପରେ ଶାସନଗତ ବ୍ୟବସ୍ଥାକୁ ସରଳ,ସୁଗମ କରିବା ପାଇଁ କିଛି ନୂତନ ବ୍ଲକ ଗଠନ ହେବା ଘୋଷଣା କରାଯାଇଛି। ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ଢେଙ୍କାନାଳ ଜିଲ୍ଲାର ସର୍ବବୃହତ୍ ବ୍ଲକ ସଦର ବ୍ଲକକୁ ଛାଡି ଆଉ ଦୁଇଟି ନୂତନ ବ୍ଲକ ଗଠନ କରିବାକୁ ସ୍ଥାନୀୟ ବିଧାୟକ ତଥା ଓଡିଶା ସରକାରଙ୍କ ବରିଷ୍ଠ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଛଦେଶ ସାହିତ୍ୟ ସଂସଦ ବାର୍ଷିକ ଅଧିବେଶନରେ ଯୋଗଦାନ କରି ଛଦେଶ ବ୍ଲକ ଗଠନ ହେବା ନିଶ୍ଚିତ ବୋଲି ଘୋଷଣା କରଥିଲେ। ପାମାଳ ଠାରୁ କୋଟବେରେଣୀ ୨୦ କିଲୋମିଟର ପରିବ୍ୟାପ୍ତି ଅଞ୍ଚଳ ଯାହାର ଭୋଟର ସଂଖ୍ୟା ୧ ଲକ୍ଷ ୨୦ ହଜାରରୁ ଅଧିକ ରହି ୧୪ଟି ପଞ୍ଚାୟତ ରହିଛି। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳର ନେତା,ସାଧାରଣ ଜନତା ଦାବୀ,ଆପତ୍ତି ଅଭିଯୋଗ ଆଉ ଏକତ୍ରିତ ହୋଇ ଆନୁସଙ୍ଗିକ ସୁବିଧାକୁ ନେଇ ମୁଖ୍ୟମନ୍ତ୍ରୀ,ମୁଖ୍ୟଶାସନ,ପଞ୍ଚାୟତରାଜ୍ୟ ସେକ୍ରେଟାରୀ ଇତ୍ୟାଦିଙ୍କୁ ଆମର



ବିଧାୟକ ଏବଂ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବୀ ଜଣାଇଛନ୍ତି। ଦେଶ ସ୍ୱାଧିନତା ହେବା ପରେ ପରେ ଶିକ୍ଷା,ସ୍ୱାସ୍ଥ୍ୟ,ଗମନାଗମନ,ରାସ୍ତାଘାଟ,ଜଳଯୋଗାଣ,ବିଦ୍ୟୁତ୍ ସରବରାହ ସବୁଥିରେ ଛଦେଶବାସୀଙ୍କୁ ଅଣଦେଖା,ଅବହେଳା କରାଯାଇଛି। ଭାପୁରଠାରେ ଥିବା ଦାତବ୍ୟ ଚିକିତ୍ସାଳୟ ଉପରେ ଲକ୍ଷଲକ୍ଷ ଲୋକ ନିର୍ଭରଶୀଳ ତାର ଉନ୍ନତି କରଣ ହେଲାନାହିଁ। ଡାକ୍ତର କର୍ମଚାରୀ ଅଭାବରୁ ତାହା ପୁଣି ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଲାଣି। ଭାପୁର ଫାଣ୍ଡି ଥାନା ମଧ୍ୟ ହେଲା ନାହିଁ। ଅଗ୍ନିସେବା କେନ୍ଦ୍ର ମଧ୍ୟ କରାଯାଇ ନାହିଁ। ଢେଙ୍କାନାଳ ଠାରୁ ଭାପୁର ରାସ୍ତା ମାତ୍ର ଦେଢଫୁଟ ଓଷାର କରାଗଲା ଓ ହଜାର ସଂଖ୍ୟାରେ ଗଛ କାହା ସ୍ୱାର୍ଥ ପାଇଁ କଟାଗଲା। ଏ ସବୁର ନିରପେକ୍ଷ ତଦନ୍ତର ଆବଶ୍ୟକତା ଅଛି। ବିଭିନ୍ନ ଦାବୀକୁ ନେଇ ଛଦେଶ ବିକାଶ ପରିଷଦ ପକ୍ଷରୁ ପୁରୁଣା କଟକ ସମ୍ବଲପୁର ରାସ୍ତାର ଭାପୁର ଛକ ନିକଟରେ ଶତାଧିକ ଜନ ସାଧାରଣ ରାସ୍ତାରୋକ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଶକ୍ତିପୀଠର ବିକାଶ ପାଇଁ ବିଧାୟକଙ୍କ ଦାବିପତ୍ର



କଙ୍କଡ଼ାହାଡ଼,୧୮ ।୨(ସମିସ): କଙ୍କଡ଼ାହାଡ଼ ବ୍ଲକ କୁଟୁରିଆ ପଞ୍ଚାୟତର ଅଧିଷ୍ଠାତ୍ରୀ ଦେବୀ ମା' ବିଲେଇଶୁଣି ଶକ୍ତିପୀଠର ବିକାଶ ପାଇଁ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବହୁ ପୁରାତନ ଏହି ପୀଠକୁ ବିଭିନ୍ନ ଜିଲ୍ଲାରୁ ଶ୍ରଦ୍ଧାଳୁମାନେ ନିଜ ମନସ୍କାମନା ପୂରଣ ପାଇଁ ନିର୍ଦ୍ଦିଷ୍ଟ ମାସରେ ଆସିଥାନ୍ତି। ଗ୍ରାମ କମିଟି ତରଫରୁ ପୀଠରେ ଶ୍ରଦ୍ଧାଳୁଙ୍କ ପାଇଁ ଯଥାସମ୍ଭବ ବ୍ୟବସ୍ଥା କରାଯାଇଛି। ତେବେ ପୀଠରେ ଅନେକ ସମସ୍ୟା ଲାଗି ରହିଛି। ଏହାକୁ ଦୃଷ୍ଟିରେ ରଖି ବିଧାୟକ ବନବିଭାଗ ଓ ପ୍ରଶାସନ ଓ ଗ୍ରାମ କମିଟି ସହ ପୀଠକୁ ଯାଇ ମା'ଙ୍କ ଦର୍ଶନ କରିବା ସହ ମନ୍ଦିରର ବିକାଶ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ବଧବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଏ ସମ୍ପର୍କିତ ଦାବିପତ୍ର ଦେଇଥିବା ସୂଚନା ମିଳିଛି।

## ସୀତାରାମ ଦାସ ଓଁକାର ନାଥ ଦେବଙ୍କ ଜନ୍ମବାର୍ଷିକୀ



ଢେଙ୍କାନାଳ,୧୮ ।୨(ସମିସ): ସ୍ଥାନୀୟ ବାଜିଚୈକସ୍ଥିତ ସୀତାରାମ ଆଶ୍ରମରେ ଠାକୁର ଶ୍ରୀ ସୀତାରାମ ଦାସ ଓଁକାର ନାଥ ଦେବଙ୍କ ୧୩୫ତମ ଜନ୍ମ ଉତ୍ସବ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ଅଖଣ୍ଡ ଦୀପ ପ୍ରଜ୍ୱଳନ କରି ଅଧିବାସ ପୂଜା ଆରମ୍ଭ କରାଯାଇଥିଲା। ବୁଧବାର ଆଖପାଖ ଅଞ୍ଚଳର ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମଯଜ୍ଞ କରାଯାଇଥିଲା। ପ୍ରସାଦ ସେବନ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଗୁରୁବାର ନଗରକୀର୍ତ୍ତନ ଓ ଗୁରୁପୂଜନ କରାଯିବ। ଅଷ୍ଟପ୍ରହରୀ ପୂଜକ ଜଗନ୍ନାଥ ତ୍ରିପାଠୀ ଓ ମନ୍ଦିର ପୂଜକ ଅଖିଳ କୁମାର ସାହୁ, ସଭାପତି ମନି ସାହୁ ଏବଂ ସମ୍ପାଦକ ପ୍ରହ୍ଲାଦ ସାହୁ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ବସୁଲେଇ ଗ୍ରାମରେ ମଦମୁକ୍ତି ଅଭିଯାନ

## ମଦ୍ୟପ ଓ ବିକ୍ରେତାଙ୍କ ସୂଚନା ଦେଲେ ପୁରସ୍କାର

ପରଜଙ୍ଗ,୧୮ ।୨(ସମିସ): ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ବସୁଲେଇ ପଞ୍ଚାୟତ ସରପଞ୍ଚ ଅଶାନ୍ତି ରାଉତଙ୍କ ନେତୃତ୍ୱରେ ମଦମୁକ୍ତ ବସୁଲେଇ ଗ୍ରାମ ଅଭିଯାନ ଆରମ୍ଭ ହୋଇଛି। ବୁଧବାର ପଞ୍ଚାୟତର ପ୍ରାୟ ୮୧ଟି ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଗ୍ରାମର ରାମ ମନ୍ଦିରଠାରୁ ବିଶାଳ




ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ସହ ମଦବିରୋଧୀ ବିଭିନ୍ନ ନାରାବାଜି ଦେଇ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଗ୍ରାମରେ କୋ÷ଣସି ବ୍ୟକ୍ତି ମଦ୍ୟପାନ କରିବେ ନାହିଁ କି ବିକ୍ରି କରାଇ ଦିଆଯିବ ନାହିଁ। ଏପରି କରୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେଲେ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ସେହିପରି ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ସରପଞ୍ଚ ଚେତାବନୀ ଦେଇଛନ୍ତି। ଏହି ଅଭିଯାନରେ ଗ୍ରାମ୍ୟ କମିଟି ସଭାପତି ସଞ୍ଜୟ କୁମାର ରାଉତ, ସିଆରପି ସଙ୍ଗୀତା ଶତପଥୀଙ୍କ ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ।

## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଭାବପୂର୍ଣ୍ଣ ବିଦାୟ



ଗଁଦିଆ,୧୮ ।୨(ସମିସ): ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଅରୁଣ କୁମାର ଓଝାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦାୟୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ପ୍ରାରମ୍ଭରେ ନବମ ଶ୍ରେଣୀ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପିଲାଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିବା ସହ ମର୍ମସ୍ପର୍ଶୀ ବିଦାୟ ସଙ୍ଗୀତ ଗାନ କରିଥିଲେ। ଦଶମ ଶ୍ରେଣୀ ପିଲାଙ୍କ ବିଦ୍ୟାଳୟ ଜୀବନର ପୁରୁଣା ସ୍ମୃତିକୁ ନେଇ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ନିଜ ଅନୁଭୂତି ବର୍ଣ୍ଣନା କରି ଭାବବିହ୍ୱଳ ହୋଇପଡ଼ିଥିଲେ। ପ୍ରଧାନଶିକ୍ଷକ ଓଝା ପିଲାମାନଙ୍କୁ ଜୀବନରେ ସଫଳ ହେବା ପାଇଁ ମାର୍ଗଦର୍ଶନ କରିବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ମନୋଜ କୁମାର ସ୍ୱାଇଁ, ଅର୍ଚ୍ଚନା ସାହୁ, ନୀହାରିକା ପାତ୍ର, ସ୍ୱାତୀ ମିଶ୍ର, ନିର୍ମଳ ସାହୁ, କୋଦଣ୍ଡ ସାହୁ, ମାମିନା ପୃଷ୍ଟି, ଦୁଷ୍ମନ୍ତ ସେଠୀ, ମଧୁଲିକା ରାଉଳ, ପପୁନା ସାମଲ, ବଳରାମ ରାଉତ ଓ ପ୍ରକାଶ କୁମାର ନାୟକ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ କର୍ମଚାରୀ ସୁଜାତା କୁମାରୀ ସ୍ୱାଇଁ, ସଞ୍ଜୁକ୍ତା ସାହୁ, ପ୍ରଭାସ କୁମାର ବାରିକ ଓ ଦୁଃଖବନ୍ଧୁ ସେଠୀ ସହଯୋଗ କରିଥିଲେ।

## ଭୁବନରେ ବନାଗ୍ନି ପ୍ରତିରୋଧ ସଚେତନତା

ଭୁବନ,୧୮ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଜଙ୍ଗଲ ନିଆଁ ପ୍ରତିରୋଧ ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୂବନ ବନାଞ୍ଚଳ ଅଧିକାରୀ ରାକେଶ ଦଳାଇ ଅଧ୍ୟକ୍ଷତା କରିଥିଲେ। ଭୁବନ ବନପାଳ କଳ୍ପନା ବେହେରା ଅତିଥି



ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଗାମୀ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି କିପରି ଅବକ୍ଷୟ, ଚୋରି ଓ ନିଆଁ ଲାଗି ନଷ୍ଟ ହେଉଥିବା ଜଙ୍ଗଲର ସୁରକ୍ଷା ହୋଇ ପାରିବ ସେ ବିଷୟରେ ବିଷଦ ଆଲୋଚନା ହୋଇଥିଲା। ବିଶେଷ କରି ଅଗ୍ନି ଦାଉରୁ କିପରି ଜଙ୍ଗଲକୁ ରକ୍ଷା କରାଯାଇପାରିବ ଆଲୋଚନା କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଅଗ୍ନିଶମ ବାହିନୀ ଅଧିକାରୀ, ବନବିଭାଗ ଅଧିକାରୀଙ୍କ ସମେତ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ସମିତିର ସଭାପତି ଏବଂ ସମ୍ପାଦକମାନେ ଯୋଗଦେଇଥିଲେ। ଭୁବନ ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ବିଶ୍ୱାଳ ବିଦ୍ୟୁତ ବିଭାଗ ଯନ୍ତ୍ରୀ ନଳିନୀ ଶଙ୍କର ରଥ ଯୋଗ ଦେଇଥିଲେ। ଜିରାଳ ବନପାଳ କବିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟ ବଜରଙ୍ଗୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ସିଂହଡ଼ା ଚାମ୍ପିଅନ

ପରଜଙ୍ଗ,୧୮ ।୨(ସମିସ): ପରଜଙ୍ଗ ବ୍ଲକ କୁଲେଇ ଗ୍ରାମ ବଜରଙ୍ଗୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଛି। ଦଶ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ କୁରୁଣ୍ଟି ଓ ସିଂହଡ଼ା ଦଳ ମଧ୍ୟରେ ଖେଳାଯାଇଥିଲା। ୩ ମ୍ୟାଚ୍ ବିଶିଷ୍ଟ ଫାଇନାଲରେ ସିଂହଡ଼ା ଦଳ ଦୁଇଟିରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। କୁରୁଣ୍ଟି ଦଳ ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଏମ ଆଇରନ୍ ଆଣ୍ଡ ଷ୍ଟିଲ ପ୍ଲାଣ୍ଟର ଉପାଧ୍ୟକ୍ଷ ସତ୍ୟ ଗୋପାଳ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ମାନବ ସମ୍ବଳ ଅଧିକାରୀ ତପନ ଧର, ଗ୍ରାମ କମିଟି ସଭାପତି ଉତ୍ସବ ଜେନା, ପୂର୍ବତନ ସରପଞ୍ଚ ସୀମାନ୍ତ ଜେନା, ସମାଜସେବୀ ଜିତୁ ଜେନା, ନରୋତ୍ତମ ଜେନା, ରାଜେନ୍ଦ୍ର ଜେନା ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।




## ବାଘମୁଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

କଙ୍କଡ଼ାହାଡ଼,୧୮ ।୨(ସମିସ): କଙ୍କଡ଼ାହାଡ଼ ବ୍ଲକ କୁଟୁରିଆ ପଞ୍ଚାୟତ ବାଘମୁଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଆରସିସି ବିଶ୍ୱେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ ଯୋଗଦେଇ ପିଲାମାନେ ପାଠପଢ଼ି କେବଳ ଚାକିରି ପଛରେ ନ ଦୌଡ଼ି ଅନ୍ୟାନ୍ୟ କ୍ଷେତ୍ରରେ ନିଜ ପ୍ରତିଭା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୁଟୁରିଆ ସରପଞ୍ଚ ରଞ୍ଜିତ



ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅନନ୍ୟା ଆଚାର୍ଯ୍ୟ ଯୋଗଦେଇ ପିଲାମାନେ ପାଠ ପଢ଼ିବା ସହ ଉତ୍ତମ ବ୍ୟବହାର ଓ ଆଗାମୀ ଜୀବନର ଲକ୍ଷ୍ୟ ନେଇ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ କୁମାର ସାହୁ, ପରଜଙ୍ଗ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ସ୍ୱାଇଁ, କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ, ସୁନ୍ଦରମୁଣ୍ଡି ସେବାଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ ଦେହୁରୀ, ଘାଗରାମୁଣ୍ଡା ସେବାଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ତୀର୍ଥବାସୀ ମହାନ୍ତି, ସିଆରସିସି ପ୍ରିୟରଞ୍ଜନ ବେହେରା, ଶେଷଦେବ ଭୂୟାଁ, ମରୁଆବିଲ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ନରେନ୍ଦ୍ର କୁଣ୍ଡୁ, ଯନ୍ତାରୀବୁଲ ସେବାଶ୍ରମ ସହକାରୀ ଶିକ୍ଷକ ତ୍ରିଲୋଚନ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଧବାନନ୍ଦ ସିଂହ, ଉପ ସଭାପତି ମାନସୀ ସିଂହ ପ୍ରମୁଖ ଯୋଗଦେଇଥିଲେ। ବାଘମୁଣ୍ଡା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଦ୍ୱୈତ ବେହେରା ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କ୍ରୀଡ଼ା, ସଙ୍ଗୀତ, ନୃତ୍ୟ, ଜ୍ଞାନବିଜ୍ଞାନ, ଗଣିତ କୁଇଜ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

● ଗଁଦିଆ ବ୍ଲକରେ ପ୍ରଥମ

## ମେସିନ ଦ୍ୱାରା ଖରାଟିଆ ଧାନତଳି ରୁଆ ଶୁଭାରମ୍ଭ



ଗଁଦିଆ,୧୮ ।୨(ସମିସ): ଗଁଦିଆ ବ୍ଲକରେ ପ୍ରଥମ କରି ଆରୁହାଁ ଗ୍ରାମରେ ଖାରଟିଆ ଧାନ ତଳିରୁଆ କାର୍ଯ୍ୟ ଶୁଭାରମ୍ଭ ହୋଇଛି। କୁବୋଟା ଇଣ୍ଡିଆନ ଟ୍ରେଡିଂ କମ୍ପାନୀ ପକ୍ଷରୁ ଗ୍ରାମର ଯୁବଚାଷୀ ସୌମ୍ୟରଞ୍ଜନ ରାଉତଙ୍କ ୨ ଏକର ଜମିରେ ତଳି ରୁଆଯାଇଛି। କାର୍ଯ୍ୟକ୍ରମରେ କମ୍ପାନୀର ସେଲ୍ସ କୋଅର୍ଡିନେଟର ରଞ୍ଜନ କୁମାର ଲେଙ୍କା, ଟେକ୍ନିକାଲ ଅପରେଟର ଜ୍ୟୋତି ରଞ୍ଜନ ବେହେରା ଓ ପ୍ରୋପ୍ରାଇଟର ଅରୁଣ କୁମାର ସାହୁ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ଚାଷ କ୍ଷେତ୍ରରେ ଯେପରି ଶ୍ରମିକ ଅଭାବ ଏକ ପ୍ରମୁଖ ପ୍ରତିବନ୍ଧକ ହୋଇଛି, ତାହା ଚାଷୀମାନଙ୍କ ପାଇଁ ଅସୁବିଧାର କାରଣ ସାଜିଛି। ଏଣୁ କମ୍ପାନୀ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ଆଗାମୀ ଦିନରେ ଚାଷ କ୍ଷେତ୍ରରେ ବିପ୍ଳବ ଆଣିବା ସହ ଚାଷୀଙ୍କ ପ୍ରମୁଖ ସମସ୍ୟା ଦୂର ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଷୀ ଲମ୍ବୋଦର ପରିଡ଼ା, ଉଲ୍ଲାସ ପରିଡ଼ା, ବିଭୂତି ସାହୁ, ଭାସ୍କର ସାହୁ, ଧରଣୀ ମଲିକ, ପଦ୍ମଲୋଚନ ନାଏକ, ଧରଣୀ ଗୋଛାୟତ, ଅଖି ମହାଭୋଇ, ରଞ୍ଜନ କୁମାର ନାଏକ, ଗଗନ ପୃଷ୍ଟି, ପିଣ୍ଟୁ ନନ୍ଦ, ମହାଦେବ ପତି, ବିପିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ସତ୍ତ୍ୱେ କାର୍ଯ୍ୟକାରୀ ହେଲାନି ଜନ୍ମମୃତ୍ୟୁ ମିସ୍ କେସ୍

ଗଁଦିଆ,୧୮ ।୨(ସମିସ):

ଢେଙ୍କାନାଳ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ମଧ୍ୟ ଗଁଦିଆ ତହସିଲରେ କାର୍ଯ୍ୟକାରୀ ହୋଇପାରିଲାନି ଜନ୍ମମୃତ୍ୟୁ ମିସ କେସ। ଏଥିପାଇଁ ଢେଙ୍କାନାଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଧାଇଁବାକୁ ପଡୁଛି। ବର୍ତ୍ତମାନ ଅନେକ ତହସିଲ କାର୍ଯ୍ୟାଳୟରେ ଜନ୍ମମୃତ୍ୟୁ ମିସ କେସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ସ୍ଥଳେ ଆଜି ସୁଦ୍ଧା ଏହି ତହସିଲରେ ଏହା କାର୍ଯ୍ୟକାରୀ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଗଁଦିଆ ବ୍ଲକର ସମସ୍ତ ଜନସାଧାରଣଙ୍କର ଏହା ଦୀର୍ଘଦିନର ଦାବି। ଭୌଗୋଳିକ ଦୃଷ୍ଟିକୋଣରୁ ଜିଲ୍ଲାର ଏହା ଏକ ବଡ଼ ବ୍ଲକ। ଗଁଦିଆ ବ୍ଲକ ସଦର ମହକୁମାଠାରୁ ଜିଲ୍ଲା ସଦର ମହକୁମାର ଦୂରତା ୩୦ କିମି ହୋଇଥିବା ସ୍ଥଳେ ବ୍ଲକର ସୀମାନ୍ତରେ ଅବସ୍ଥିତ ପଞ୍ଚାୟତଗୁଡ଼ିକର ଦୂରତା କେଉଁଠି ୭୦ କିଲୋମିଟର ତ ଆଉ କେଉଁଠି ୮୦ କିଲୋମିଟର। ଜନ୍ମ କିମ୍ବା ମୃତ୍ୟୁ ସମୟରେ ଯେଉଁମାନଙ୍କ ନାମ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପଞ୍ଜୀକରଣ ହୋଇ ନ ଥାଏ ସେମାନଙ୍କ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇଁ ମିସ କେସ କରିବା ଜରୁରୀ। ଏହି ମିସ କେସ ପାଇଁ ଢେଙ୍କାନାଳ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଯିବାକୁ ପଡ଼ିଥାଏ। ପୁନଶ୍ଚ ଥରେ ନୁହେଁ, ଦୁଇରୁ ତିନି ଥର ଦୌଡ଼ିଲେ କାମ ହୋଇଥାଏ। ଏହି କାର୍ଯ୍ୟ ପାଇଁ ବ୍ଲକର ଜନସାଧାରଣ ଭୋଗୁଥିବା ଅସୁବିଧାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ନିମନ୍ତେ ଗଁଦିଆ ପ୍ରେସ କ୍ଲବ ପକ୍ଷରୁ ଲିଖିତ ଭାବରେ ଡିସେମ୍ବର ୨୨ ତାରିଖ ଗଁଦିଆ ବ୍ଲକ ପରିସରରେ ଅନୁଷ୍ଠିତ ଜିଲ୍ଲପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅବଗତ କରାଯାଇଥିଲା। ତୁରନ୍ତ ଉକ୍ତ ସମସ୍ୟା ସମାଧାନ କରି ଏଠାରେ ଜନ୍ମ ଓ ମୃତ୍ୟୁ ମିସ କେସକୁ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟକ୍ଷମ କରିବାକୁ ଉପଜିଲ୍ଲାପାଳଙ୍କୁ ଜଣାଇଥିଲେ। କିନ୍ତୁ ଇତିମଧ୍ୟରେ ପ୍ରାୟ ଦୁଇମାସ ବିତିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇନାହିଁ। ଏହି ଜନ୍ମମୃତ୍ୟୁ ମିସ କେସ କାର୍ଯ୍ୟକ୍ଷମ ବିଳମ୍ବ ସମ୍ବନ୍ଧରେ ସ୍ଥାନୀୟ ତହସିଲଦାରଙ୍କୁ ପଚାରିବାରୁ ସେ କୁହନ୍ତି, ବର୍ତ୍ତମାନ ତହସିଲ କାର୍ଯ୍ୟାଳୟରେ କର୍ମଚାରୀ ସଂଖ୍ୟା କମ ଥିବାରୁ ତାହା ସ୍ଥଗିତ ରହିଛି। ଜିଲ୍ଲା ତରଫରୁ କର୍ମଚାରୀ ପ୍ରଦାନ କରାଗରେ ମିସ କେସ ଆରମ୍ଭ କରିବାରେ କୌଣସି ଅସୁବିଧା ରହିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏହି ତହସିଲରେ ଥିବା କର୍ମଚାରୀଙ୍କୁ ନେଇ ଅନ୍ୟ ସମସ୍ତ ସରକାରୀ କାର୍ଯ୍ୟ ଦ୍ୱାରାନ୍ୱିତ ହେଉଥିବା ସ୍ଥଳେ ସପ୍ତାହକୁ ଗୋଟିଏ ଦିନ ଏହି ମିସ କେସ କରିବାରେ ସ୍ଥାନୀୟ ତହସିଲଦାର କାହିଁକି ଟାଳଟୁଳ ନୀତି ଗ୍ରହଣ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

### ପୁଲିସ ଓ ଅବକାରୀ ବିଭାଗର ଚଢ଼ଉ

## ୪୨ ଲକ୍ଷ ଟଙ୍କାର ଅଫିମ ଚାଷ ନଷ୍ଟ

**ରାଉରକେଲା, ୧୮।୨(ସମିସ):** ରାଉରକେଲା ପୁଲିସକୁ ପୁଣି ଏକ ବଡ ସଫଳତା ମିଳିଛି। ଅବକାରୀ ବିଭାଗ ଏବଂ ବନ ବିଭାଗର ସହାୟତାରେ ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ ଗୁରୁଣ୍ଡିଆ ଥାନା ପଙ୍କଡିହି ପଞ୍ଚାୟତର ଜଡା ଗ୍ରାମରେ ୩ ଏକର ଜମିରେ ବେଆଇନ ଭାବେ ହେଉଥିବା ଅଫିମ ଚାଷକୁ ବୁଧବାର ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୪୨ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ଥାନାର ପଙ୍କଡିହି ପଞ୍ଚାୟତର ଜଡା ଗ୍ରାମରେ ପ୍ରାୟ ତିନି ଏକର ଜମିରେ ଗୋପନରେ ବେଆଇନ ଅଫିମ ଚାଷ ହେଉଥିବା ନେଇ ସୂଚନା ପାଇବା ପରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଗୁରୁଣ୍ଡିଆ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଗୁରୁଣ୍ଡିଆ ପୁଲିସ ଅବକାରୀ ବିଭାଗ ଓ ବନ ବିଭାଗର ସହାୟତାରେ ତଥା ଗୁରୁଣ୍ଡିଆ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଏକ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବେଆଇନ ଭାବେ ଚାଷ କରିଯାଉଥିବା ଅଫିମ ଚାଷକୁ ନଷ୍ଟ କରିଥିଲେ। ଅବକାରୀ ବଜାରରେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୪୨ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି। ଏହି ଅଭିଯାନ ଫଳରେ ଉକ୍ତ ଅଞ୍ଚଳରେ ବେଆଇନ ନିଶା ଚାଷ ଏବଂ ଚାଲାଣ ଉପରେ ଏକ ଅଙ୍କୁଶ ଲଗାଯାଇ ପାରିଥିବା ଚର୍ଚ୍ଚା ହେଉଛି। ତେବେ ଏହି ବେଆଇନ ଅଫିମ ଚାଷ କରିବା ଅଭିଯୋଗରେ କୌଣସି ବ୍ୟକ୍ତିଙ୍କୁ ଗିରଫ କରାଯାଇ ନାହିଁ। ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ଏବଂ ଉତ୍ପାଦିତ ଦ୍ରବ୍ୟ କୌଣସି ଆନ୍ତଃ-ଜିଲ୍ଲା କିମ୍ବା ଆନ୍ତଃରାଜ୍ୟ ନେଟୱାର୍କ ସହିତ ଜଡିତ ଥିଲା କି ନାହିଁ ତାହା ନିଶ୍ଚିତ କରିବା ପାଇଁ ଅଧିକ ତଦନ୍ତ ଚାଲିଛି। ଏହି ଚଢ଼ାଉରେ ଗୁରୁଣ୍ଡିଆ ଥାନା ଅଧିକାରୀଙ୍କ ସହ କେ.ବଲାଙ୍ଗ, ମହୁଲପଦା, ଚାନ୍ଦିପୋଷ ଓ ଟିକାୟତପାଲି ଥାନା ଅଧିକାରୀଙ୍କ ସମେତ ତାମଡା ରେଞ୍ଜ ଅଧିକାରୀ, ଲହୁଣୀପଡ଼ା ଏବଂ ବଣାଇଁ ଅବକାରୀ ରେଞ୍ଜର କର୍ମଚାରୀମାନେ ସାମିଲ ହୋଇଥିଲେ। ତେବେ ଦୀର୍ଘ ଦିନ ଧରି ଏହି ବେଆଇନ ଅଫିମ ଚାଷ ହେଉଥିବା ବେଳେ ବନ ବିଭାଗ ଏବଂ ଅବକାରୀ ବିଭାଗ କିପରି ଜାଣିପାରିଲା ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

## ହାତୀଙ୍କ ରକ୍ଷା କବଚ 'ଏଆଇ କ୍ୟାମେରା ଆଲର୍ଟ'

**ରାଉରକେଲା, ୧୮।୨(ସମିସ)**

ରାଉରକେଲା ବନ ବିଭାଗର ୪ଟି ସ୍ଥାନରେ ଏଆଇ କ୍ୟାମେରା ଲାଗିଥିବା ବେଳେ ଏଆଇ କ୍ୟାମେରା ଆଲର୍ଟ ଏବେ ହାତୀଙ୍କ ପାଇଁ ରକ୍ଷା କବଚ ପାଲଟିଛି। ଏଆଇ କ୍ୟାମେରା ଆଲର୍ଟ ଯୋଗୁଁ ମଙ୍ଗଳବାର ରାତିରେ ୨୩ଟି ହାତୀର ଜୀବନ ରକ୍ଷା ହୋଇଥିବା ରାଉରକେଲା ବନଖଣ୍ଡ ଡିଏଫଓ ଯଶୋବନ୍ତ ସେଠୀ ଆଜି ଡିଏଫଓ

### ରାତିକରେ ବଞ୍ଚାଇଲା ୨୩ ହାତୀର ଜୀବନ

### ବର୍ଷକରେ ବଞ୍ଚାଇଛି ୨୭୦ ଜୀବନ






କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିସହ ଗତ ୧୫ ମାସ ମଧ୍ୟରେ ଏଆଇ କ୍ୟାମେରାର ୪୬ଟି ଆଲର୍ଟ ଯୋଗୁଁ ମୋଟ ୨୭୦ଟି ହାତୀର ଜୀବନ ରକ୍ଷା ହୋଇ ପାରିଛି ବୋଲି ଡିଏଫଓ କହିଛନ୍ତି। ବନ୍ୟଜନ୍ତୁଙ୍କ ସୁରକ୍ଷା ସହିତ ରେଳ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଉରକେଲା ବନ ବିଭାଗ ପକ୍ଷରୁ ଓଡ଼ିଶାରେ ପ୍ରଥମ ଥର ପାଇଁ ଗତ ୨୦୨୪ ନଭେମ୍ବର ୧୯ ତାରିଖରେ ରାଉରକେଲା ବନବିଭାଗର କୁଚେଇତା, ଡଲାକୁଦର, ମହିପାଣି ଓ ସୋନାଖାନ ଚାରୋଟି ସ୍ଥାନରେ ଏଆଇ-ସମ୍ପ୍ରସାରିତ ହାତୀ ସୁରକ୍ଷା ଟାୱାର ସ୍ଥାପନ କରାଯାଇ ୪ଟି ହାଇ ରିଜୋଲୁସନ ବିଶିଷ୍ଟ ଏଆଇ କ୍ୟାମେରା ଲଗାଯାଇଥିଲା। ଏହି ପ୍ରୟାସ ଦ୍ୱାରା ସମ୍ଭାବ୍ୟ ଟ୍ରେନ୍ ଧକ୍କାରେ ହାତୀ ମୃତ୍ୟୁକୁ ସଫଳତାର ସହ ରୋକାଯାଇପାରିଛି। ସୂଚନାନୁଯାୟୀ, ଗତକାଲି ବନ୍ଦମୁଣ୍ଡା ଅନ୍ତର୍ଗତ ମହିପାଣିଠାରେ ବିଳମ୍ବିତ ରାତି ୧୨ଟା ୩୩ ମିନିଟରେ ୨୩ଟି ହାତୀ ରହିଥିବା ଦଳ ଏଆଇ କ୍ୟାମେରାରେ ଠାବ ହୋଇଥିଲେ। ଏଆଇ କ୍ୟାମେରା ଆଲର୍ଟ ମିଳିବା ପରେ ଏନେଇ ରେଳ ବିଭାଗକୁ ବନ ବିଭାଗ ପକ୍ଷରୁ ତୁରନ୍ତ ସୂଚନା ଦିଆଯାଇଥିଲା। ଫଳରେ ହାୱଡ଼ା-ମୁମ୍ବାଇ ମୁଖ୍ୟ ରେଳପଥରେ ଉଭୟ ପାର୍ଶ୍ୱରେ ସମସ୍ତ ଟ୍ରେନର ଚଳାଚଳକୁ ଅଢେଇ ଘଣ୍ଟା ଧରି ବନ୍ଦ କରାଯାଇଥିଲା। ସମସ୍ତ ହାତୀ ରେଳ ଧାରଣା ଅତିକ୍ରମ କରିବା ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଫଳରେ ମହିପାଣିଠାରେ ୨୩ ଟି ହାତୀ ପଲ ମଧ୍ୟରୁ ୩ଟି ହାତୀର ନିଶ୍ଚିତ ମୃତ୍ୟୁକୁ ରୋକା ଯାଇପାରିଥିଲା। ଉଲ୍ଲେଖଯୋଗ୍ୟ, ଯେ, ହାୱଡ଼ା-ମୁମ୍ବାଇ ମୁଖ୍ୟ ରେଳପଥ ଏବଂ ହାଟିଆ-ବନ୍ଦମୁଣ୍ଡା-ବରସୁଆଁ ଶାଖା ରେଳପଥ ବନ୍ଦମୁଣ୍ଡାଠାରେ ସଂଯୁକ୍ତ ହୋଇଥିବା ବେଳେ ଉକ୍ତ ସଂଯୁକ୍ତ ରେଳପଥ ହାତୀମାନଙ୍କ ଚଳାଚଳ ପଥ ମଧ୍ୟରୁ ଅନ୍ୟତମ ମୁଖ୍ୟ ପଥ। ଏହି ଅଞ୍ଚଳରେ ହାତୀ ଚଳାଚଳର ନିରୀକ୍ଷଣ କରିବା ଅତ୍ୟନ୍ତ କଠିନ ହୋଇପଡୁଥିଲା। ୨୦୨୪ ନଭେମ୍ବର ୧୯ରୁ ଏହି ଅଞ୍ଚଳରେ ବନ ବିଭାଗ ପକ୍ଷରୁ ଚାରୋଟି ଆଧୁନିକ ଏଆଇ ଟାୱାର କାର୍ଯ୍ୟରତ ହେବା ପରେ ଏଆଇ କ୍ୟାମେରାର ଆଲର୍ଟ ଯୋଗୁଁ ହାତୀମାନଙ୍କ ଅବସ୍ଥିତିକୁ ସହଜରେ ଠାବ କରାଯାଇ ପାରୁଛି। ଏହାସହ ଏହି ଏଆଇ କ୍ୟାମେରା ସ୍ଥାପନ ଯୋଗୁଁ ହାତୀମାନଙ୍କର ଉନ୍ନତ ଥର୍ମାଲ୍ ଇମେଜିଂ କ୍ୟାମେରା, ଉଚ୍ଚ ସମ୍ବେଦନଶୀଳ ମୋଶନ୍ ସେନ୍ସର, ମେସିନ୍ ଲର୍ଣ୍ଣିଙ୍ଗ ଆଧାରିତ ପ୍ରାଣୀ ପରିଚୟ ପ୍ରଣାଳୀ ଏବଂ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷକୁ ତୁରନ୍ତ ସଚେତନ ବାର୍ତ୍ତା ପ୍ରେରଣ କରାଯାଇ ପାରୁଛି। ଏହି ଏଆଇ ଟାୱାରଗୁଡ଼ିକୁ ହାୱଡ଼ା-ମୁମ୍ବାଇ ମୁଖ୍ୟ ରେଳପଥର ମହିପାଣି ଓ ସୋନାଖାନ ଏବଂ ବନ୍ଦମୁଣ୍ଡା-ବରସୁଆଁ ଶାଖା ରେଳପଥର ଡାଲାକୁଦର ଓ କୁଚେଇତା ଠାରେ ସ୍ଥାପନ କରାଯାଇଛି। ୨୦୨୪ ନଭେମ୍ବର ୧୯ରୁ ୨୦୨୫ ଡିସେମ୍ବର ୩୧ ପର୍ଯ୍ୟନ୍ତ ପ୍ରାୟ ୮୮୦ଟି ହାତୀ ଚଳାଚଳ ସମ୍ପର୍କିତ ଆଲର୍ଟ ମିଳିବା ପରେ ବନ ବିଭାଗ ପକ୍ଷରୁ ହାତୀ ସୁରକ୍ଷା ନେଇ ତୁରନ୍ତ ପଦକ୍ଷେପ ନିଆଯାଇ ପାରିଛି। ୨୦୨୫ ନଭେମ୍ବର ୨୬ରେ କୁଚେଇତା ଜଙ୍ଗଲରେ ଏଆଇ ଟାୱାରର ଏକ ସଚେତନ ବାର୍ତ୍ତା ଦ୍ୱାରା ପ୍ରାୟ ୩୦ଟି ହାତୀଙ୍କୁ ଏକ ସମ୍ଭାବ୍ୟ ଦୁର୍ଘଟଣାରୁ ରକ୍ଷା କରାଯାଇଥିଲା। ଏଆଇ ସମ୍ପ୍ରସାରିତ ସୁରକ୍ଷା ପ୍ରଣାଳୀ ଦ୍ୱାରା କୁଚେଇତା ଜଙ୍ଗଲରେ ୩୪ଟି ଆଲର୍ଟ ଯୋଗୁଁ ପ୍ରାୟ ୨୩୩ଟି ହାତୀ ସୁରକ୍ଷିତ ରହି ପାରିଛନ୍ତି। ସେହିପରି ସୋନାଖାନରେ ଏଆଇ ସମ୍ପ୍ରସାରିତ ସୁରକ୍ଷା ପ୍ରଣାଳୀ ଦ୍ୱାରା ୬ଟି ଆଲର୍ଟ ଘଟଣାରେ ପ୍ରାୟ ୨୨ଟି ହାତୀଙ୍କୁ ସୁରକ୍ଷିତ ରଖାଯାଇଛି। ଏଥିସହିତ ମହିପାଣିରେ ୪ଟି ଆଲର୍ଟ ଘଟଣାରେ ୬ଟି ହାତୀଙ୍କୁ ସୁରକ୍ଷିତ ରଖାଯାଇଥିଲା ବେଳେ ଡାଲାକୁଦରରେ ଏଆଇ ସମ୍ପ୍ରସାରିତ ସୁରକ୍ଷା ପ୍ରଣାଳୀ ଦ୍ୱାରା ୨ଟି ଆଲର୍ଟ ଘଟଣାରେ ୯ଟି ହାତୀଙ୍କୁ ସୁରକ୍ଷିତ ରଖାଯାଇପାରିଛି। ଏଆଇ କ୍ୟାମେରା ଦ୍ୱାରା ବନ୍ୟଜନ୍ତୁ ସୁରକ୍ଷା ଏବଂ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠି କହିଛନ୍ତି। ଏହି ଅବସରରେ ଏସିଏଫ୍ ସୁରଜିତ୍ କୁମାର ସାହୁ କହିଛନ୍ତି, ରାଉରକେଲା ବନ ବିଭାଗ ଭାରତୀୟ ରେଳ ବିଭାଗ ଏବଂ ପ୍ରଯୁକ୍ତିବିଦ୍ୟା ସହଭାଗୀମାନଙ୍କ ସହ ସମନ୍ୱୟରେ କାମ କରି ରେଳପଥରେ ବନ୍ୟଜନ୍ତୁ ମୃତ୍ୟୁକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ବନ ବିଭାଗ ପ୍ରୟାସ ଜାରି ରଖିଛି।

## ଅନ୍‌ଲାଇନ୍ କ୍ରିକେଟ ବେଟିଂ ଉପରେ ପୁଲିସ ଚଢ଼ଉ; ୫ ଅଟକ

**ରାଉରକେଲା, ୧୮।୨(ସମିସ):** ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ ୪ଟି ଥାନାଞ୍ଚଳରେ ଚାଲିଥିବା ଅନଲାଇନ କ୍ରିକେଟ ବେଟିଂ ଉପରେ ବୁଧବାର ପୁଲିସ ଅତର୍କିତ ଚଢ଼ଉ କରିଛି। ଏହି ରଘୁନାଥପାଲି, ଉଦିତନଗର, ପ୍ଲାଣ୍ଟସାଇଟ ଓ ବନ୍ଦମୁଣ୍ଡା ଥାନାଞ୍ଚଳରେ ଚଢ଼ଉ ହୋଇଥିବା ଜଣାପଡ଼ିଛି। ବେଆଇନ ଅନ୍‌ଲାଇନ କ୍ରିକେଟ ବେଟିଂ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କାର



ଅନଲାଇନ ଜୁଆ ଖେଳ ଚାଲିଥିବା ନେଇ ଏସପି ନିତେଶ ୱାଧୱାନୀଙ୍କୁ ତଥ୍ୟ ମିଳିବା ପରେ ଏହା ଉପରେ ଚଢ଼ଉ କରିବା ପାଇଁ ସମ୍ପୃକ୍ତ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପୁଲିସ ଉକ୍ତ ଅଞ୍ଚଳରେ ଚଢ଼ଉ କରିଥିଲା। ଏହି ଘଟଣାରେ ଘଟଣାରେ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଏହାସହ ଲାକ୍ଷାଧିକ ଟଙ୍କା ଜବତ ହୋଇଥିବା ଚର୍ଚ୍ଚା ଚାଲିଛି। ସୂଚନାମୁତାବକ, ଭୋର ୫ଟାରୁ ଅପରାହ୍ନ ଯାଏଁ ଅଟକ ୫ ଜୁଆଡିଙ୍କୁ ଗୁପ୍ତ ସ୍ଥାନରେ ରଖି ପଚରା ଉଚରା କରୁଥିବା ସୂଚନା ମିଳିଛି। ଆସନ୍ତାକାଲି ସବିଶେଷ ତଥ୍ୟ ଗଣମାଧ୍ୟମକୁ ପୁଲିସ ଦେବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

## ଶିବ ମନ୍ଦିରରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

**କୁତ୍ରା, ୧୮।୨(ସମିସ):** କୁତ୍ରା ବ୍ଲକ କଲୋନୀ ଶିବ ମନ୍ଦିରରେ ଶିବରାତ୍ରି ଉପଲକ୍ଷେ ବାବା ଆଶୁତୋଷ କମିଟି ପକ୍ଷରୁ ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ସଙ୍କୀର୍ତ୍ତନରେ ବାରକୋଟ, ବଫେଁଇ, ଭୋଇପାଲି ଓ ଉଦାରମା ୪ଟି ମହିଳା ନାମ ସଙ୍କୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଶହଶହ ଭକ୍ତ ଆସି ଶୈବପୀଠରେ ପାଣି ଢାଳି ଥିଲେ। ଶିବରାତ୍ରିରେ ଭକ୍ତମାନେ ଦୀପ ଜାଳି ଉଜାଗର ରହିଥିଲେ। ରାତି ୮.୪୫ ସମୟରେ ମହାଦୀପ ଉଠିବା ପରେ ସମସ୍ତ ଭକ୍ତମାନେ ପ୍ରସାଦ ସେବନ କରିଥିଲେ। ନାମ ସଙ୍କୀର୍ତ୍ତନରେ ପଙ୍କଜ ସାହୁ ଓ ଶାନ୍ତିଲତା ସାହୁ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। କମିଟି ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପିନାଥ ଖାଖା, ମହେନ୍ଦ୍ର ଦାସ, ମନୋଜ ଦାସ, କିଶୋର ପୁରୋହିତ, ଗୋକୁଳାନନ୍ଦ ସାହୁ, ଛବିଳ ସାହୁ, କାହ୍ନୁଚରଣ ସାହୁ, ସୁରେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ସାହୁ, ଗୁଣମଣୀ ସାହୁ, ପ୍ରମୋଦ ସ୍ୱାଇଁ, ବିଶ୍ୱମ୍ଭର ଅମାତ, ବଦ୍ରିନାରାୟଣ ପୃଷ୍ଟି, କିରନ ସ୍ୱାଇଁ, ନିରଞ୍ଜନ ମେହେର, ବିଭୁତି ଭୁୟାଁ ଓ ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅନାସ୍ଥା ବିରୋଧରେ ସରପଞ୍ଚଙ୍କ ପିଟିସନ ହାଇକୋର୍ଟରେ ଖାରଜ

**ବଣାଇଁ, ୧୮।୨(ସମିସ):** ବହୁ ଚର୍ଚ୍ଚିତ କେନ୍ଦ୍ରିକଳା ଗ୍ରାମପଞ୍ଚାୟତର ଅନାସ୍ଥା ପ୍ରସ୍ତାବ ଦୀର୍ଘ ଦିନର ଆଇନଗତ ଲଢେଇ ପରେ ଶେଷରେ ଅନାସ୍ଥା ବିରୋଧରେ ସରପଞ୍ଚଙ୍କ ପିଟିସନ୍‌କୁ ହାଇକୋର୍ଟରେ ଖାରଜ କରିବା ସହ ଉପଜିଲ୍ଲାପାଳଙ୍କ ପଦକ୍ଷେପକୁ କାଏମ ରଖିଛନ୍ତି। ଫଳରେ ୱାର୍ଡ ସଭ୍ୟ ସଭ୍ୟାଙ୍କ ବିଜୟ ଏକ ପ୍ରକାର ନିଶ୍ଚିତ ହୋଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଗତ ଫେବୃଆରୀ ୧୧ ତାରିଖରେ ମାନ୍ୟବର ହାଇକୋର୍ଟଙ୍କ ଆଦେଶ ପରେ ସାଧାରଣରେ ଏବେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ପ୍ରକାଶ ଥାଉକି, କେନ୍ଦ୍ରିକଳା ସରପଞ୍ଚ ଉଗ୍ରସେନ କିସାନଙ୍କ ମନମୁଖୀ କାର୍ଯ୍ୟ ଓ ଆର୍ଥିକ ଅନିୟମିତତା ଅଭିଯୋଗରେ ପଞ୍ଚାୟତର ୧୧ ଜଣ ସଭ୍ୟସଭ୍ୟା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଧାରା ୨୪ ମୁତାବକ ବଣାଇଁ ଉପଜିଲ୍ଲାପାଳଙ୍କ ନିକଟରେ ଗତ ୨୦୨୪ ଅକ୍ଟୋବର ୭ରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ତିନି ମାସ ପରେ ବି ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ୨୦୨୪ ଡିସେମ୍ବର ୨୧ ଠାରୁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୪ ଦିନ ଧରି ଧାରଣା ଦେଇଥିଲେ। ପରେ ଜିଲ୍ଲାପାଳ ଘଟଣାକୁ ଗମ୍ଭୀରତା ସହ ନେଇ ୨୦୨୫ ଫେବୃଆରୀ ୯ରେ ଏକ ଯୁଗ୍ମ କମିଟି ଗଠନ କରି ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତା'ପରେ ମଧ ପ୍ରଶାସନ ଉପେକ୍ଷା କରିବାରୁ ସଭ୍ୟସଭ୍ୟା ପ୍ରଶାସନ ବିରୋଧରେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ।



ଉପ ଜିଲ୍ଲାପାଳଙ୍କ ପଦକ୍ଷେପ କାଏମ

ପରିଣାମ ସ୍ୱରୂପ ଅଦାଲତ ଅନାସ୍ଥା ସପକ୍ଷରେ ଆଦେଶ ଦେଇ ପ୍ରଶାସନକୁ କୈଫିୟତ ତଲବ କରିଥିଲେ। ପ୍ରଶାସନ ଅନାସ୍ଥା ନିମନ୍ତେ ତାରିଖ ଧାର୍ଯ୍ୟ କରି ଗତ ୨୦୨୫ ଏପ୍ରିଲ ୨୮ ରେ ଭୋଟ ଗ୍ରହଣ କରି ଉପଖଣ୍ଡ ପ୍ରଶାସନ ଟ୍ରେଜେରୀ ମଧ୍ୟରେ ସିଲ କରି ଭୋଟ ବାକ୍ସ ରଖିଥିଲେ। ପରେ ଯଥା ପୂର୍ବ ତଥା ପରଂ ନୀତିରେ ପୁଣି ପ୍ରଶାସନ ଭୁଲିଯାଇଥିଲା। ଏହାପରେ ୨୦୨୫ ମେ ୧୨ରେ ଉଚ୍ଚ ନ୍ୟାୟାଳୟର ଆଡଭୋକେଟ ଜେନେରାଲ, ପତ୍ର ସଂଖ୍ୟା ୨୧୯୭୯ (୪) /୨୫ ମାଧ୍ୟମରେ ବଣାଇଁ ଉପଜିଲ୍ଲାପାଳଙ୍କୁ ପ୍ରଶ୍ନ କରିବା ପରେ ବଣାଇଁ ଉପଜିଲାପାଳ ତାଙ୍କ କାର୍ଯ୍ୟାଳୟ ପତ୍ରାଙ୍କ ୩୩୩୫/୨୫ ଯୋଗେ ସେହିମାସ ୧୯ ତାରିଖ ଦିନ ଭୋଟ ଗଣତି ସହ ଫଳାଫଳ ଘୋଷଣା କରିଥିଲେ। ପରେ ସଭ୍ୟସଭ୍ୟାଙ୍କ ପଦ ରଦ୍ଦ କରିବା ସହ ଅନାସ୍ଥା ପ୍ରସ୍ତାବ ବିରୋଧରେ ସରପଞ୍ଚ ହାଇକୋର୍ଟରେ ଏକ ରିଟ ପିଟିସନ ଦାଖଲ କରିଥିଲେ। ଦୀର୍ଘ ଦିନର ଆଇନଗତ ଲଢେଇ ପରେ ଚଳିତ ଫେବୃଆରୀ ମାସ ୧୧ ତାରିଖରେ ସରପଞ୍ଚଙ୍କ ପିଟିସନକୁ ହାଇକୋର୍ଟ ଖାରଜ କରିଦେବା ପରେ ସେ ଏବେ ତାଙ୍କର ପଦବୀ ହରାଇବା ଏକ ପ୍ରକାରର ନିଶ୍ଚିତ ହୋଇଯାଇଛି। ଯାହାକୁ ନେଇ ୱାର୍ଡ ସଭ୍ୟ ବାଇଧର ପାତ୍ର ତୁରନ୍ତ ପଦକ୍ଷେପ ନିମନ୍ତେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ଏକ ଚର୍ଚ୍ଚିତ ଘଟଣା ହୋଇଥିବା ବେଳେ ଜିଲ୍ଲାପାଳ କେତେ ଶିଘ୍ର ପଦକ୍ଷେପ ନେଉଛନ୍ତି ତାହା ଉପରେ ପଞ୍ଚାୟତବାସୀଙ୍କ ସମେତ ଅନେକ ରାଜନେତା ଓ ରାଜନୈତିକ ସମୀକ୍ଷକଙ୍କ ନଜର ରହିଥିବା ଶୁଣିବାକୁ ମିଳୁଛି।

## ମହିମା ମହାପାତ୍ରଙ୍କ ପରଲୋକ

**ରାଉରକେଲା, ୧୮।୨ (ସମିସ):** ରାଉରକେଲାର ବିଶିଷ୍ଟ ବ୍ୟବସାୟୀ ତଥା ରାଉରକେଲା ମ୍ୟୁନିସିପାଲିଟିର ପୂର୍ବତନ ଉପାଧ୍ୟକ୍ଷ ଆଦିତ୍ୟ କୁମାର ମହପାତ୍ରଙ୍କ ପତ୍ନୀ ମହିମା ମହାପାତ୍ରଙ୍କ ବାଙ୍ଗାଲୋରର ଏକ ଘରୋଇ ହସ୍ପିଟାଲରେ କିଡ୍‌ନୀ ପ୍ରତ୍ୟାରୋପଣ କରାଯିବା ପରେ ଚିକିତ୍ସାଧୀନ ଅବସ୍ଥାରେ ଆଜି



ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ମହିମା ମହାପାତ୍ର ଆନ୍ତର୍ଜାତିକ ମହିଳା ସଂସ୍ଥା 'ଇନର ହୁଇଲ କ୍ଲବ୍ ରାଉରକେଲା ରିଭର ସାଇଡ' ଏବଂ 'ମିଡ ଟାଉନ'ର ସଭାପତି ଓ ସଚିବ ଭାବେ କାର୍ଯ୍ୟ କରିଥିଲେ। ସେ ରୋଟାରୀ କ୍ଲବ୍ ରିଭର୍ ସାଇଡର ମଧ ଜଣେ ପ୍ରମୁଖ ସଦସ୍ୟ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁଅ-ବୋହୂ, ଝିଅ-ଜ୍ୱାଇଁଙ୍କ ସହ ଶୋକସନ୍ତପ୍ତ ଆତ୍ମୀୟ ସ୍ୱଜନ ବର୍ଗ ଉପସ୍ଥିତ ଥିଲେ। ଆସନ୍ତାକାଲି ତାଙ୍କ ମର ଶରୀର ବାଙ୍ଗାଲୋରରୁ ଆସି ରାଉଲକେଲାରେ ପହଞ୍ଚିବା ପରେ ବେଦବ୍ୟାସଠାରେ ଅନ୍ତିମ ସତ୍କାର ସନ୍ଧ୍ୟା ୪ଟାରେ ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

## ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ୭୦ କର୍ମଚାରୀଙ୍କୁ ସେଲ୍ ସାବାସ ପୁରସ୍କାର




**ରାଉରକେଲା, ୧୮।୨(ସମିସ):** ସେଲ୍‌ଫ ସାବାସ ପୁରସ୍କାର ଯୋଜନା ଅଧୀନରେ ୭୦ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରିବା ପାଇଁ ଫେବୃଆରୀ ୧୭ ତାରିଖରେ ରାଉରକେଲା ଇସ୍ପାତ କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସ୍-୫ର ସମ୍ମିଳନୀ ହଲରେ ଏକ ସବାସ ପୁରସ୍କାର ବିତରଣ ସମାରୋହ ଆୟୋଜନ କରାଯାଇଥିଲା। ସେମାନଙ୍କ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା, ଉତ୍ସର୍ଗୀକୃତ ପ୍ରୟାସ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପ୍ରତି ମୂଲ୍ୟବାନ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ସିଜିଏମ୍ ସୁମିତ କୁମାର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବ୍ଲାଷ୍ଟ ଫର୍ଣ୍ଣେସ୍ ମେକାନିକାଲ ବିଭାଗର ଜିଏମ ଏସ୍. ଦେବ, ଇଲେକ୍ଟ୍ରିକାଲ ବିଭାଗର ଜିଏମ କେବି ପ୍ରସାଦ, ଅପରେସନ ବିଭାଗର ଜିଏମ ଏସ୍‌କେ ଶର୍ମା ଓ ଆରଏସ କୌଶଳ ତଥା ବିଭାଗର ବହୁ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ କୁମାର ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସୁରକ୍ଷା, ଓ ନବସୃଜନ ଏବଂ ଉନ୍ନତ କାର୍ଯ୍ୟକ୍ଷମ କାର୍ଯ୍ୟକ୍ଷମତା ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ବ୍ଲାଷ୍ଟ ଫର୍ଣ୍ଣେସ୍ କାର୍ଯ୍ୟରେ ଉଚ୍ଚ ଉତ୍ପାଦକତା ଏବଂ ଉନ୍ନତ ବୈଷୟିକ ଅର୍ଥନୈତିକ ପରିମାପକତା ହାସଲ କରିବାରେ ଅଭିନବ ସୁରକ୍ଷା ଅଭ୍ୟାସ ଏବଂ ସକ୍ରିୟ ପଦକ୍ଷେପ ପ୍ରମୁଖ ବାହକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଭାଗର ଡିଜିଏମ୍ ବିବି କେ ବେହେରା ସଂଯୋଜନା କରିଥିଲେ।

## ଡଲେଇସରା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲହୁଣୀପଡ଼ା, ୧୮।୨ (ସମିସ):** ଲହୁଣିପଡ଼ା ବ୍ଲକ ଡଲେଇସରା ପଞ୍ଚାୟତ ଡଲେଇସରା ସ୍ଥିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଲହୁଣିପଡ଼ା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାଗବତ ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପାର୍ଥିବ ବୋଡା ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଆଦିବାସୀ ଉନ୍ନୟନ ସଂସ୍ଥା ବଣାଇଁ ଅତିରିକ୍ତ ଜନମଙ୍ଗଳ ଅଧିକାରୀ ବାବୁଲାଲ ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋପନା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କର୍ଣ୍ଣ ମାଝୀ, ଡଲେଇସରା ପଞ୍ଚାୟତ ପୂର୍ବତନ ସରପଞ୍ଚ ବେଣୁଧର ନାଏକ, ଖୁଟୁଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ଜେନା, ରେଙ୍ଗାଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧୋବେଇଧର ପାତ୍ର, ଡେରୁଳା ସେବାଶ୍ରମ ବିଦ୍ୟାଳୟ ପ୍ରଧାନ ଉତ୍ତମ କୁମାର ପାଣେ, ସମାଜସେବୀ ମନମଥ ଦେହୁରୀ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଗଗନ କୁମାର ସାହୁ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ଯୋଗାଇବାରେ ଶିକ୍ଷକ ଏବଂ ଅଭିଭାବକ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ଛାତ୍ରଛାତ୍ରୀ ମାନେ ମଧ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଅନୁପ୍ରାଣିତ ହୋଇ ପାଠ ପ୍ରତି ଧ୍ୟାନ କେନ୍ଦ୍ରୀତ କରିଲେ ଛାତ୍ର ଛାତ୍ରୀ ମାନେ ସଫଳ ହୋଇ ପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିନିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବଳରାମ ଦେହୁରୀ, ଲୋକନାଥ ମଣିହିରା, ବସନ୍ତ କୁମାର ମାଝୀ, ଚକ୍ର କିଷାନ, ବିଦ୍ୟାଳୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ମଧୁବାବୁ ପାଠାଗାର ଉଦ୍‌ଘାଟିତ

**ରାଉରକେଲା, ୧୮।୨(ସମିସ):** ରାଉରକେଲା ଓକିଲ ସଂଘ ପକ୍ଷରୁ ଉଦିତନଗର ସ୍ଥିତ ସଂଘର ପୁରୁଣା କାର୍ଯ୍ୟାଳୟ ପରିସରରେ ସଦସ୍ୟମାନଙ୍କ ନିମନ୍ତେ ମଧୁବାବୁ ପାଠାଗାର



ଉଦ୍‌ଘାଟିତ ହୋଇଛି। ସଂଘର ସଭାପତି ସଦାନନ୍ଦ ସାହୁ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବରିଷ୍ଠ ସଦସ୍ୟ ଆଇନଜୀବୀ ପଙ୍କଜ ଦାଶ, ମହମ୍ମଦ ରଫିକ, ଗିରିଶ ମହାପାତ୍ର, ବୈଷ୍ଣବ ଚରଣ ନାୟକ, ସମ୍ପାଦକ ଦେବାନନ୍ଦ ତନ୍ତୀ, କୋଷାଧ୍ୟକ୍ଷ ଅକ୍ଷୟ ସିଂହଦେଓ, ଏଏସଏମ୍ ସମ୍ପାଦକ ତାପସ ପରିଡ଼ା, ପାଠାଗାର ସମ୍ପାଦକ ରାଜଶ୍ରୀ ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟା ମେରୀ ମ୍ୟାକ୍ସିମା ଏକ୍କା, ଅଭିଷେକ ସିଂହ, ପବିତ୍ର ଜେନା ପ୍ରମୁଖ ବକ୍ତବ୍ୟ ରଖି ପାଠାଗାର ସଦସ୍ୟମାନଙ୍କ ନିମନ୍ତେ ଆଗାମୀ ଦିନରେ ଉପାଦେୟ ହେବା ସହିତ ସଂଘର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଅଧିକରୁ ଅଧିକ ଆଇନ୍ ପୁସ୍ତକ ଓ ଅନ୍ୟାନ୍ୟ ପୁସ୍ତିକା ଏଠାରେ ରଖାଯିବାର ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜିତ୍ ପଟ୍ଟନାୟକ, ଶରତ ପଣ୍ଡା, ଡିପି ଦାଶ, ନରେଶ ବେହେରା, ନିତ୍ୟାନନ୍ଦ ମହାନ୍ତି, ଶ୍ରୀକାନ୍ତ ନାୟକ, ବନିତା ସାହୁ, ସୁରେଶ ପ୍ରସାଦ, ଉମାକାନ୍ତ ପରିଡ଼ା, ଗୋବିନ୍ଦ ତନ୍ତୀ, ସୁଶିଳ ପ୍ରଧାନ, ଶକୁନ୍ତଳା ବେହେରା, ବିନ୍ଦୁ ଲତା ସମାସି, ପ୍ରିୟା ବାରିକ, ଅନ୍ନପୂର୍ଣ୍ଣା କୁମ୍ଭାର, ଧନ୍ତିଆ ତାଣ୍ଡିଆ, ରାଜା ମୁନା ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଉପସଭାପତି ରାଜକିଶୋର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଆର୍‌ଏସ୍‌ପି ଇସ୍ପାତ ସିନର୍ଜୀ କ୍ରିକେଟ୍ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ

**ରାଉରକେଲା, ୧୮।୨(ସମିସ)**

ରାଉରକେଲା ଇସ୍ପାତ କାରଖାନାର ୧୬ତମ ଇସ୍ପାତ ସିନର୍ଜୀ କ୍ରିକେଟ ଚାମ୍ପିଅନ୍‌ସିପ୍-୨୦୨୬ ବୁଧବାର ଇସ୍ପାତ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଆରଏସପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ ପି ସିଂହ, କାରଖାନାର ବହୁ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀ ଓ ବହୁ ସଂଖ୍ୟାରେ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ମିଶ୍ର ସମସ୍ତ ଦଳଙ୍କୁ ଦଳଗତ ଓ ପ୍ରକୃତ ଖେଳୁଆଡ ମନୋଭାବ ସହିତ ଖେଳିବା ଏବଂ ସେମାନଙ୍କର ସର୍ବୋତ୍ତମ କ୍ରିକେଟ୍ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ସେ ଆରଏସପିକୁ ଉତ୍ପାଦନରେ ଉତ୍କୃଷ୍ଟ ପ୍ରଦର୍ଶନ ସହକାରେ ସେଲ ମଧ୍ୟରେ ଅନ୍ୟତମ ଶ୍ରେଷ୍ଠ ୟୁନିଟର ମାନ୍ୟତା ପ୍ରଦାନ ସଙ୍ଗେସଙ୍ଗେ କ୍ରିଡା ସମେତ ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଆସୁଥିବା ଟିମ ଆରଏସପିର ଉଚ୍ଚ ପ୍ରଶଂସା କରିଥିଲେ। ଶ୍ରୀ ମିଶ୍ର, ଶ୍ରୀ କୁମାର ଓ ଶ୍ରୀ ସିଂହ ଉଭୟ ବ୍ୟାଟିଂ ଓ ବୋଲିଂ



କରି ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ଶ୍ରୀ ମିଶ୍ର କ୍ରୀଡା ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ ଘୋଷଣା କରିଥିଲେ। ପ୍ରାରମ୍ଭରେ ସେଲ ଗାନ ପରିବେଷଣ କରାଯାଇଥିଲା। ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟିଜି କାନେକର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏସଏସଏମ ବିଭାଗର ଜୁନିୟର ମ୍ୟାନେଜର ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୧୫ ଓଭର ବିଶିଷ୍ଟ ମ୍ୟାଚ ତଥା ନକଆଉଟ ଆଧାରରେ ଖେଳାଯିବାକୁ ଥିବା ୧୬ତମ ଇସ୍ପାତ ସିନର୍ଜୀ କ୍ରିକେଟ ଚାମ୍ପିଅନ୍‌ସିପ୍‌ରେ ୧୬ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାର ଫାଇନାଲ ମ୍ୟାଚ ମାର୍ଚ୍ଚ ୩ ତାରିଖରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ଇଲେକ୍ଟ୍ରିକ ଇଗଲ ଦଳ ୬ ୱିକେଟ୍‌ରେ ସିଣ୍ଟର ଲିଗ ଦଳକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ଏସଏମଏସ-୨ ଆଭେଞ୍ଜର ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ପୂର୍ବକ ଏସଏମଏସ ଷ୍ଟ୍ରାଇକର୍ଷଙ୍କୁ ୭ ୱିକେଟରେ ପରାସ୍ତ କରିଥିଲା।


NACO 10001/66/2526 OSACS

ଯଦି ଆପଣ ଏଚ୍‌ଆଇଭି ପଜିଟିଭ୍ ତେବେ:

ଯଥାଶୀଘ୍ର ଚିକିତ୍ସା ଆରମ୍ଭ କରିବା ପାଇଁ ନିଜକୁ ନିକଟସ୍ଥ ଏଆରଟି କେନ୍ଦ୍ରରେ ପଞ୍ଜୀକରଣ କରନ୍ତୁ। ମନେ ରଖନ୍ତୁ

- ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଡାକ୍ତର କିଛି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେବେ।
- ରୋଗ ନିର୍ଣ୍ଣୟ ପରେ ଚିକିତ୍ସା ଆରମ୍ଭ ହେବ।
- ଏଆରଟି ବେଳେ ଝାଡ଼ା, ଜ୍ୱର ଏବଂ ଥକ୍କାପଣ ଭଳି କିଛି ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ, କିନ୍ତୁ ସମୟ ସହିତ ସେଗୁଡ଼ିକ ଚାଲିଯାଏ।
- ଯଦି ଆପଣ ଏହି ପାର୍ଶ୍ୱ ପ୍ରତିକ୍ରିୟା ଅନୁଭବ କରନ୍ତି ତେବେ ଆପଣଙ୍କର ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ କିନ୍ତୁ ଆପଣଙ୍କର ଚିକିତ୍ସା ଜାରି ରଖନ୍ତୁ।

ଏଆରଟି ଗ୍ରହଣ କରିବାର ଲାଭ:

1. ଏକ ସୁସ୍ଥ ଏବଂ ଦୀର୍ଘ ଜୀବନ ବଞ୍ଚିବାରେ ସାହାଯ୍ୟ କରେ।
2. CD4 ଗଣନା ବୃଦ୍ଧି ରୋଗ ପ୍ରତିରୋଧକ ଶକ୍ତିରେ ସାହାଯ୍ୟ କରେ।
3. ଭାଇରାଲ୍ ଲୋଡ୍ ହ୍ରାସ ହେବା ଦ୍ୱାରା ହୃଦୟ, ଯକୃତ ଏବଂ ମସ୍ତିଷ୍କ ପରି ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ କ୍ଷତିଗ୍ରସ୍ତ ହୁଏ ନାହିଁ।
4. ଯଦି ଭାଇରାଲ୍ ଭାର ଅଧିକ ନ ଥାଏ ଯୌନ ସମ୍ପର୍କ ସମୟରେ ସଂକ୍ରମଣ ହେବାର ଆଶଙ୍କା କମିଯାଏ, କିନ୍ତୁ ଯୌନ ସମ୍ପର୍କ ସମୟରେ ସର୍ବଦା କଣ୍ଡୋମ ବ୍ୟବହାର କରନ୍ତୁ।
5. କମ୍ ଭାଇରାଲ୍ ଲୋଡରେ ଗର୍ଭାବସ୍ଥାରେ କିମ୍ବା ସ୍ତନ୍ୟପାନ କରାଇବା ସମୟରେ ମା'ଠାରୁ ଶିଶୁକୁ ସଂକ୍ରମଣ ହେବାର ଆଶଙ୍କା କମିଯାଏ।

OIPR-10001/10060/2/25-26/0003

Follow us on: BREAKFREE https://breakfreeindia.org

AIDS Helpline 1097 ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ।

### ମାତୃଭାଷା ଓଡ଼ିଆ ସହ ଆଜିଠୁ ମାଟ୍ରିକ ପରୀକ୍ଷା

# ଜିଲ୍ଲାର ୮୧ ପରୀକ୍ଷା କେନ୍ଦ୍ରରେ ହେବ ଲାଇଭ୍ ଷ୍ଟ୍ରିମିଂ ଓ ମନିଟରିଂ

**ସମ୍ବଲପୁର, ୧୮।୨ (ସମିସ)**

ମାତୃଭାଷା ଓଡ଼ିଆ ସହ ଆସନ୍ତାକାଲି(ଗୁରୁବାର) ଠାରୁ ଆରମ୍ଭ ହେଉଛି ମାଟ୍ରିକ ପରୀକ୍ଷା। ସମ୍ବଲପୁର ଜିଲ୍ଲାର ୨୧୩ଟି ହାଇସ୍କୁଲର ୧୧ ହଜାର ୫୭୦ ଜଣ ରେଗୁଲାର ପରୀକ୍ଷାର୍ଥୀ ୮୧ଟି କେନ୍ଦ୍ରରେ ପରୀକ୍ଷା ଦେବେ। ଚଳିତବର୍ଷ ରେଗୁଲାର ୧୧୫୭୦ ଜଣ, ଏକ୍ସ-ରେଗୁଲାର ୩୦ ଜଣ, ମଧ୍ୟମା ୩୦ ଜଣ, ସିସି ୩୧ ଜଣ ଓ ସିସି (ଏକ୍ସ) ୭ ଜଣ, ଏବଂ ଏସଓଏସସି ୧୫୮ ଜଣ ଓ ଏସଓଏସସି (ଏକ୍ସ) ୪୬ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ପରୀକ୍ଷାକୁ ଶୃଙ୍ଖଳିତ ଓ ସ୍ୱଚ୍ଛ କରିବା ପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି। ଜିଲ୍ଲାର ସମସ୍ତ ୮୧ଟି ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିବାସହ ଲାଇଭ୍ ଷ୍ଟ୍ରିମିଂ ହେବ, ମାଧ୍ୟମିକ ଶିକ୍ଷା ବୋର୍ଡ, କଟକ କାର୍ଯ୍ୟାଳୟରୁ ଏହାକୁ ସିଧାସଳଖ ମନିଟରିଂ କରାଯିବ। ଜିଲ୍ଲାର ସମସ୍ତ ପରୀକ୍ଷାକେନ୍ଦ୍ରରେ ପର୍ଯ୍ୟବେକ୍ଷକ ନିୟୋଜିତ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ୨ଟି ଫ୍ଲାଇଙ୍ଗ ସ୍କ୍ୱାଡ୍, ଗୋଟିଏ ସ୍ୱତନ୍ତ୍ର ସ୍କ୍ୱାଡ ଏବଂ ଗୋଟିଏ ରାଜ୍ୟସ୍ତରୀୟ ସ୍କ୍ୱାଡ୍ ଏହିଭଳି ୪ଟି ସ୍କ୍ୱାଡ୍ ପରୀକ୍ଷା ତଦାରଖ କରିବେ। ଏହାସହ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଡିଓ ଓ ତହସିଲଦାରମାନେ ସେମାନଙ୍କ ଅଧିନସ୍ଥ ଅଞ୍ଚଳରେ କେନ୍ଦ୍ର ଗୁଡ଼ିକ ପରିଦର୍ଶନ କରିବେ।

ଜିଲ୍ଲାର ସମସ୍ତ ୬ଟି ନୋଡାଲ କେନ୍ଦ୍ରରେ ପ୍ରଶ୍ନପତ୍ର ପୁଲିସର କଡ଼ା ସୁରକ୍ଷା ମଧ୍ୟରେ ରହିଛି। ସେଗୁଡ଼ିକ ହେଲା - ବାମରା ହାଇସ୍କୁଲ, ବୁର୍ଲା ସରକାରୀ ବାଳକ ହାଇସ୍କୁଲ, ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ, କୁଚିଣ୍ଡା ସରକାରୀ ବାଳିକା ହାଇସ୍କୁଲ, ରେଢ଼ାଖୋଲର ଗୌରଚନ୍ଦ୍ର ହାଇସ୍କୁଲ ଓ ରେଙ୍ଗାଲିର ନ୍ୟୁ ରମ୍ପେଲା ହାଇସ୍କୁଲ। ପରୀକ୍ଷା ଦିନ ମାନଙ୍କରେ ୨୧ଟି ଡେସପାଚ୍ ଟିମ୍ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ପ୍ରଶ୍ନପତ୍ର ଯୋଗାଇବା ସହ ଉତ୍ତର ପତ୍ର ସଂଗ୍ରହ କରି ନୋଡାଲ କେନ୍ଦ୍ରରେ ଜମା କରିବେ। ପ୍ରତି ଟିମ୍ ସହ ଦୁଇଜଣ ପୁଲିସ ରହୁଛନ୍ତି। ଚଳିତବର୍ଷ ପ୍ରଥମ ଦିନ ଫେବୃଆରୀ ୧୯ ତାରିଖ ପ୍ରଥମ ଭାଷା ଓଡ଼ିଆ ପରୀକ୍ଷା ଥିବାବେଳେ ୨୧ରେ ଇଂରାଜୀ, ୨୩ରେ ସଂସ୍କୃତ / ହିନ୍ଦୀ, ୨୫ରେ ସାଧାରଣ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ ଓ ମାର୍ଚ୍ଚ ୨ ତାରିଖ ଗଣିତ ପରୀକ୍ଷା ରହିଛି।

ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ସମ୍ବଲପୁର ଜିଲ୍ଲାରେ ମାଟ୍ରିକ ପରୀକ୍ଷାରେ ପାସ୍‌ହାର ୯୭.୨୬% ରହିଥିବାବେଳେ ଜିଲ୍ଲାରେ ମାତ୍ର ୧୯ ଜଣ 'ଏ-୧' ଗ୍ରେଡ ପାଇଥିଲେ। ସେହିପରି ୨୦୨୪ ମସିହାରେ ଜିଲ୍ଲାର ମାଟ୍ରିକ ପାସ୍‌ହାର ୯୬.୭୩% ('ଏ-୧' ୧୪), ୨୦୨୩ରେ ପାସ୍‌ହାର ୯୬.୮୨% ('ଏ-୧' ୬୬), ୨୦୨୨ରେ ପାସ୍‌ହାର ୯୦.୯୬% ('ଏ-୧' ୯୫) ଏବଂ ୨୦୨୧ରେ ପାସ୍‌ହାର ୯୭.୮୯% ('ଏ-୧' ୩୦) ରହିଥିଲା।

# ଯୁକ୍ତ-୨ ପରୀକ୍ଷାର ପ୍ରଥମଦିନ ୨୦ ଅନୁପସ୍ଥିତ

**ସମ୍ବଲପୁର, ୧୮।୨ (ସମିସ) :** ଆଜିଠାରୁ ଆରମ୍ଭ ହୋଇଛି ଚଳିତବର୍ଷର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ)ର ଯୁକ୍ତ-୨ ପରୀକ୍ଷା। ପ୍ରଥମ ଦିନ ବିଜ୍ଞାନ ସ୍ରୋତର ମାତୃଭାଷା (ଓଡ଼ିଆ) ପରୀକ୍ଷା ଥିଲା। ମିଳିଥିବା




ସୂଚନା ଅନୁଯାୟୀ ମାତ୍ର ୨୦ ଜଣ ପରୀକ୍ଷାର୍ଥୀ ଆଜି ଅନୁପସ୍ଥିତ ଥିଲେ। ବିଜ୍ଞାନରେ ୩୨୧୨ ଜଣ ରେଗୁଲାର ଓ ୧୮୪ ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ସମସ୍ତ ପରୀକ୍ଷା କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ସମାପନ ହୋଇଥିଲା। ଏହା ସହିତ ହବ୍ ମାନଙ୍କରେ ଉତ୍ତର ପତ୍ର ଜମାହୋଇ କଡ଼ା ପୁଲିସ ସୁରକ୍ଷା ମଧ୍ୟରେ ଗଚ୍ଛିତ ହୋଇଛି। ଆସନ୍ତା ୨୦ ତାରିଖ ପରବର୍ତ୍ତୀ ପରୀକ୍ଷା କଳା ଓ ବାଣିଜ୍ୟ ସ୍ରୋତର ମାତୃଭାଷା (ଓଡ଼ିଆ) ରହିଛି।

ସମ୍ବଲପୁର ଜିଲ୍ଲାରେ ୫୭ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୧୦୮୩୫ ପରୀକ୍ଷାର୍ଥୀ ୪୨ଟି ପରୀକ୍ଷା କେନ୍ଦ୍ର ସହିତ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ସବ୍‌ସେଣ୍ଟରରେ ପରୀକ୍ଷା ଦେବେ। ଜିଲ୍ଲାରେ କଳାରେ ୬୨୪୩ ଜଣ ରେଗୁଲାର ଓ ୩୧୦ ଜଣ ଏକ୍ସ-ରେଗୁଲାର, ବିଜ୍ଞାନରେ ୩୨୧୨ ଜଣ ରେଗୁଲାର ଓ ୧୮୪ ଜଣ ଏକ୍ସ-ରେଗୁଲାର ଏବଂ ବାଣିଜ୍ୟରେ ୮୩୮ ଜଣ ରେଗୁଲାର ଓ ୪୮ ଜଣ ଏକ୍ସ-ରେଗୁଲାର ଏହିପରି ମୋଟ ୧୦୮୩୫ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଆସନ୍ତା ମାର୍ଚ୍ଚ ୨୩ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ଜିଲ୍ଲାର ୬ଟି ପରୀକ୍ଷା ପରିଚାଳନା ହବ୍ ମାନଙ୍କରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ରଖାଯାଇଛି। ପରୀକ୍ଷା କେନ୍ଦ୍ର ମାନଙ୍କରେ ସିସିଟିଭି କ୍ୟାମେରା ଖଞ୍ଜା ହେବାସହ ହବ୍ ମାନଙ୍କରେ ପରିଷଦ ପକ୍ଷରୁ 'ଏଆଇ' କ୍ୟାମେରା ଲଗାଯାଇ ନିୟମିତ ଭାବେ ମନିଟରିଂ କରାଯାଉଥିବା ଜଣାପଡ଼ିଛି।

# ବର୍ଷୀୟାନ ସାମ୍ବାଦିକ ଶିବ ମେହେରଙ୍କ ପରଲୋକ

**ସମ୍ବଲପୁର, ୧୮।୨ (ସମିସ) :** ବର୍ଷୀୟାନ ସାମ୍ବାଦିକ ଶିବ ପ୍ରସାଦ ମେହେରଙ୍କ ୭୫ ବର୍ଷ ବୟସରେ ଗତକାଲି ରାତି ପ୍ରାୟ ୧୧ଟା ୪୫ ମିନିଟ୍ ସମୟରେ





ପରଲୋକ ହୋଇଯାଇଛି। ବୟସକୁ ମାନୁ ନ ଥିବା ଜଣେ ସକ୍ରିୟ ସାମ୍ବାଦିକ ଶିବ ମେହେର ଗତକାଲି ଦିନତମାମ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଅନ୍ତିମ ଶୋଭାଯାତ୍ରା ଓ ଶେଷକୃତ୍ୟ ସମୟରେ ଉପସ୍ଥିତ ଥିଲେ। ଘରେ ରାତ୍ରିଭୋଜନ ପରେ ପାଣି ପିଇବା ପରେ ସେ ଅସୁସ୍ଥତା ଅନୁଭବ କରିଥିଲେ। ଫୁସ୍‌ଫୁସ୍‌କୁ ପାଣି ପଶିଯିବା କାରଣରୁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିବା କୁହାଯାଉଛି। ତାଙ୍କୁ ତୁରନ୍ତ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ସମଗ୍ର ସମ୍ବଲପୁର ସମେତ ସାମ୍ବାଦିକ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି। ତାଙ୍କ ଶେଷ ଇଚ୍ଛା ଅନୁଯାୟୀ, ତାଙ୍କ ମରଶରୀର 'ଉତ୍ସର୍ଗ' ଅନୁଷ୍ଠାନ ସହଯୋଗରେ ଭିମସାର ଏନାଟୋମୀ ବିଭାଗକୁ ପ୍ରଦାନ କରାଯାଇଥିଲା।

୧୯୫୧ ମସିହା ମାର୍ଚ୍ଚ ୬ ତାରିଖ ଜନ୍ମିତ ଶିବ ମେହେର ନିଜ ଦୀର୍ଘ ସାମ୍ବାଦିକତା ଜୀବନରେ ଅନେକ ସମ୍ବାଦପତ୍ର ସହ ଜଡ଼ିତ ଥିଲେ। ହିନ୍ଦୀ ସମ୍ବାଦପତ୍ର 'ଲୋକସ୍ୱର', 'ନବଭାରତ', 'ଓଡ଼ିଶା ପୋଷ୍ଟ' ଆଦିରେ କାର୍ଯ୍ୟ କରିବାପରେ ସେ ସମ୍ପ୍ରତି ଓଡ଼ିଆ ଦୈନିକ ସମ୍ବାଦପତ୍ର 'ହୀରାଞ୍ଚଳ'ରେ କାର୍ଯ୍ୟରତ ଥିଲେ। ସେ ଜଣେ ଦକ୍ଷ ସାମ୍ବାଦିକ ଭାବରେ ସମ୍ବଲପୁର ଜନଜୀବନ ତଥା ସମସ୍ୟା ଗୁଡ଼ିକୁ ନିର୍ଭିକତାର ସହ ଉପସ୍ଥାପନ କରୁଥିଲେ। ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ସେ ସମ୍ପୃକ୍ତ ରହି ସକ୍ରିୟ ଭାବେ ଅଂଶଗ୍ରହଣ କରୁଥିଲେ। ତାଙ୍କ ପଛରେ ପତ୍ନୀ ଶୈଳ, ପୁଅ ଅପୂର୍ବ ଓ ଝିଅ ବନ୍ଦନାକୁ ଛାଡ଼ିଯାଇଛନ୍ତି।

# ସୁରେନ୍ଦ୍ର ପୂଜାରୀଙ୍କ ପରଲୋକ

**ସମ୍ବଲପୁର, ୧୮।୨ (ସମିସ) :** ସମ୍ବଲପୁରର ଫରେନ୍ସିକ୍ ସାଇନ୍ସ ଏବଂ ଲାବ୍ରୋଟେରିର ପୂର୍ବତନ ଉପନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପୂଜାରୀଙ୍କ ବୁଧବାର ରାମଜୀ ମନ୍ଦିରସ୍ଥିତ ବାସଭବନରେ ୮୯ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ପୂଜାରୀ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ବଡବାପା



ହେବେ। ସ୍ୱର୍ଗତ ପୂଜାରୀ ଶିକ୍ଷାବିତ୍ ଭାବରେ ଅଞ୍ଚଳରେ ବେଶ୍ ପରିଚିତ ରହିଥିଲେ। ସେ ତତ୍କାଳିନ ଗଙ୍ଗାଧର ମେହେର ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ରହିଥିଲେ, ପରେ ବରପାଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବରେ ଦାୟିତ୍ୱ ତୁଲାଇବା ସହ ପରବର୍ତ୍ତୀ ସମୟରେ ସମ୍ବଲପୁର ଫରେନ୍ସିକ୍ସ ସାଇନ୍ସ ଏବଂ ଲାବ୍ରୋଟେରିର ଉପନିର୍ଦ୍ଦେଶକ ଭାବରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ସମ୍ବଲପୁର ରାଜଘାଟଠାରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପାଦନ ହୋଇଯାଇଛି।ସ୍ୱର୍ଗତ ପୂଜାରୀଙ୍କ ବଡ଼ ନାତି ଆଶୁତୋଷ ପୂଜାରୀ ମୁଖାଗ୍ନି ଦେଇଥିଲେ। ତାଙ୍କର ଅନ୍ତିମଯାତ୍ରାରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ, ତାଙ୍କର ପରିବାର ସ୍ୱଜନ, ସମ୍ପର୍କୀୟ, ବିଜୁ ଜନତା ଦଳର କର୍ମକର୍ତ୍ତା ଏବଂ କର୍ମୀମାନେ ଯୋଗ ଦେଇଥିଲେ।

# ହାଇୱା ଅଟକ ରଖି ଟଙ୍କା ମାଗିବା ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର, ୧୮।୨ (ସମିସ) :** ବୁର୍ଲା ଥାନା ଅଞ୍ଚଳରେ ପଥର ସାମଗ୍ରୀ (ରାଖଡ଼) ନେଇ ଯାଉଥିବା ଦୁଇଟି ହାଇୱାକୁ ଅଟକ ରଖିବାସହ ଅନ୍‌ଲୋଡ୍ କରି ଫଟୋ ଉତ୍ତୋଳନ ସହ ଟଙ୍କା ମାଗିବା ଅଭିଯୋଗରେ ପୁଲିସ ଜଣେ ବ୍ୟକ୍ତିକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାସହ ଦୁଇଟି ହାଇୱା ଗାଡ଼ି ଜବତ କରିଛି।

ପୁଲିସରେ ଅଭିଯୋଗ ଅନୁସାରେ ଗତ ୧୬ ତାରିଖ ସକାଳ ୧୦ଟା ସମୟରେ ଦୁଇଟି ହାଇୱା ଗାଡ଼ି ପଥର ସାମଗ୍ରୀ (ରାଖଡ଼) ସହିତ ଲୋଡ୍ ହୋଇଥିଲା ଯାହାର ରେଜିଷ୍ଟ୍ରେସନ୍ ନମ୍ବର - ସିଜି୧୦ବିଏମ୍୭୨୨୧ ଏବଂ ସିଜି୧୦ବିଏମ୍୭୨୨୯, ଗାଡ଼ିକୁ ଖାଲି କରିବା ପାଇଁ ରାୟପୁର ପଟକୁ ଯାଉଥିଲେ। ହାଇୱା ଗାଡ଼ିର ଜଣେ ଚାଳକ ଅସୁସ୍ଥ ହୋଇପଡ଼ିବାରୁ ଉଭୟ ଚାଳକ ବୁର୍ଲା ଥାନା ଅନ୍ତର୍ଗତ ରାୟ ଢାବାରେ ସେମାନଙ୍କର ହାଇୱା ଗାଡି ରଖିବାକୁ ନିଷ୍ପତ୍ତି ନେଇଥିଲେ। ଉକ୍ତ ଢାବାର ମାଲିକ ଏବଂ ଅନ୍ୟ ଜଣେ ଚାଳକମାନଙ୍କୁ ଭୟଭୀତ କରି ହାଇୱା ଗାଡି ଜୋରଜବରଦସ୍ତି ନେଇଯାଇ ଖୋଲାପଡ଼ିଆରେ ପଥର ସାମଗ୍ରୀ ଅନଲୋଡ କରି ଫଟୋ ଏବଂ ଭିଡିଓ ଉଠାଇଥିଲେ ଏବଂ ସେଠାରେ ଚାଳକ ମାନଙ୍କୁ ଭୟଭୀତ କରାଇ ଦେୟ ନ ଦେବାରୁ ୪ ଲକ୍ଷ ଟଙ୍କା ଦାବି କରିଥିଲେ। ସୁଯୋଗ ନେଇ ଉଭୟ ଚାଳକ ଖସିଆସି ତାଙ୍କ ମାଲିକଙ୍କୁ ଘଟଣା




ବିଷୟରେ କହିଥିଲେ। ପୁଲିସ ବୁର୍ଲା ଥାନା କେସ୍ ନମ୍ବର ୭୬ / ତା. ୧୭.୨.୨୬ ଦଫା ୧୨୭(୨) / ୩୦୮(୪) / ୩୫୧(୩) / ୩(୫) ବିଏନ୍ଏସ୍‌ରେ ମାମଲା ରୁଜୁକରି ସମ୍ପୃକ୍ତ ଅଭିଯୁକ୍ତ ପ୍ରଶାନ୍ତ ପଟେଲ (୩୦)ଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଉଭୟ ହାଇୱା ଗାଡ଼ିକୁ ପୁଲିସ ଜବତ କରିଥିବା ସୂଚନା ମିଳିଛି।

# ହାଓଡ଼ା-ଜୁନାଗଡ଼ ରୋଡ୍ ଇସ୍ପାତ ଏକ୍ସପ୍ରେସ୍ ସମ୍ପ୍ରସାରଣ

**ସମ୍ବଲପୁର, ୧୮।୨ (ସମିସ) :** ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ସ୍ୱରୂପ, ହାଓଡ଼ା-ଟିଟଲାଗଡ଼-ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍‌କୁ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଏହି ସମ୍ପ୍ରସାରଣ ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲ୍ଲାର ଜନସାଧାରଣଙ୍କ ପାଇଁ ଅଧିକ ଯାତ୍ରୀ ସୁବିଧା, ଉନ୍ନତ ସୁଗମତା ଏବଂ ନୂତନ ସୁଯୋଗ ଆଣିବ। ଜୁନାଗଡ଼ ରୋଡ୍ ଏବଂ ଟିଟିଲାଗଡ଼ ମଧ୍ୟରେ ସମ୍ପ୍ରସାରିତ ଭାଗର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

ଏଥିଅନୁଯାୟୀ, ଟ୍ରେନ୍ ନମ୍ବର ୧୨୮୭୧ (ହାଓଡ଼ା-ଟିଟିଲାଗଡ଼ ଏକ୍ସପ୍ରେସ୍) ଏବେ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ଚାଲିବ, ଯାହା ଆସନ୍ତା ୨୧ ତାରିଖ ହାଓଡ଼ାରୁ ବାହାରିବ। ଟ୍ରେନ ନମ୍ବର ୧୨୮୭୨ (ଟିଟଲାଗଡ଼-ହାଓଡ଼ା ଏକ୍ସପ୍ରେସ୍) ଆସନ୍ତା ୨୨ ତାରିଖ ଜୁନାଗଡ଼ ରୋଡରୁ ଆରମ୍ଭ ହେବ। ସମ୍ପ୍ରସାରିତ ହାଓଡ଼ା-ଟିଟିଲାଗଡ଼-ଜୁନାଗଡ଼ ରୋଡ ଇସ୍ପାତ ଏକ୍ସପ୍ରେସ ଟିଟିଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ କେସିଙ୍ଗା, ଲାଞ୍ଜିଗଡ଼ ରୋଡ ଏବଂ ଭବାନୀପାଟଣା ଷ୍ଟେସନରେ ରହଣି କରିବ। ହାଓଡ଼ା ଏବଂ ଟିଟିଲାଗଡ଼ ମଧ୍ୟରେ ସମସ୍ତ ବିଦ୍ୟମାନ ରହଣି ଏବଂ ସମୟ ଅପରିବର୍ତ୍ତିତ ରହିବ। ଟ୍ରେନଟି ହାଓଡ଼ା ଏବଂ ଟିଟିଲାଗଡ଼ ମଧ୍ୟରେ ଏକ ସୁପରଫାଷ୍ଟ ଏକ୍ସପ୍ରେସ ଏବଂ ଟିଟଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ ଏକ ମେଲ/ଏକ୍ସପ୍ରେସ ସେବା ଭାବରେ କାର୍ଯ୍ୟ କରିବ। ଏହି ବର୍ଦ୍ଧିତ ସେବା ଛାତ୍ରଛାତ୍ରୀ, ଚିକିତ୍ସା ସୁବିଧା ଚାହୁଁଥିବା ରୋଗୀ, ବ୍ୟବସାୟୀ, ସରକାରୀ କର୍ମଚାରୀ ଏବଂ କାର୍ଯ୍ୟରତ ପେସାଦାରମାନଙ୍କୁ ଲାଭାନ୍ୱିତ କରିବାସହ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ବୋଲି ରେଳବାଇ ପକ୍ଷରୁ ଆଶାପ୍ରକାଶ କରାଯାଇଛି।

### ମହାନଦୀ ବ୍ରିଜ୍ ଉପରୁ ଡେଇଁ ପଡ଼ିଲେ ମହିଳା

# କ୍ୟାମେରାରେ କଏଦ ହେଲା ଦୃଶ୍ୟ

**ସମ୍ବଲପୁର, ୧୮।୨ (ସମିସ):** ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ବୁର୍ଲା ଥାନା ଅନ୍ତର୍ଗତ ମହାନଦୀ ପୋଲ ଉପରୁ ଜଣେ ମହିଳା ଡେଇଁ ଆତ୍ମହତ୍ୟା କରିଛନ୍ତି। ସେ ବୁର୍ଲା ବାସିନ୍ଦା ହୋଇଥିବାବେଳେ କାହିଁକି ଆତ୍ମହତ୍ୟା କଲେ ତା'ର କାରଣ ଜଣାପଡ଼ିନାହିଁ। ସେ ମହାନଦୀ ପୋଲ ଉପରେ ଛିଡ଼ା ହୋଇଥିବାବେଳେ ପଥଚାରୀମାନେ ତାଙ୍କୁ ଏଭଳି ନକରିବାକୁ ବାରଣ କରିବାସହ ଓହ୍ଲାଇ ଆସିବାକୁ କହିଥିଲେ। ତେବେ, ସେ ତାହା ଶୁଣିନଥିଲେ। ମୋବାଇଲ କ୍ୟାମେରାରେ ଏହି ଦୃଶ୍ୟ କଏଦ ମଧ୍ୟ ହୋଇଥିଲା।



ସୂଚନା ଅନୁଯାୟୀ, ବୁର୍ଲାରୁ ସମ୍ବଲପୁର ପଟକୁ ଆସିବାବେଳେ ଜାତୀୟ ରାଜପଥ ଉପରେ ଥିବା ମହାନଦୀ ପୋଲର ବାମପାର୍ଶ୍ୱରେ ଚଢ଼ି ସେ ଡେଇଁବାକୁ ଉଦ୍ୟମ କରିଥିଲେ। ସେହି ସମୟରେ କେତେଜଣ ପଥଚାରୀ ତାଙ୍କୁ ଏଭଳି ନକରିବାକୁ ଏବଂ ଓହ୍ଲାଇ ଆସିବାକୁ ଅନୁରୋଧ କରିଥିଲେ। ମହିଳା ଜଣକ ପୋଲ ଉପରେ କିଛି ସମୟ ଛିଡ଼ା ହୋଇ ରହିବାପରେ ମହାନଦୀକୁ ଡେଇଁ ପଡ଼ିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ଖବରପାଇ ବୁର୍ଲା ପୁଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ, ସେତେବେଳକୁ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ବୁର୍ଲା ପୁଲିସ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସର ସୂଚନା ଅନୁଯାୟୀ, ମହିଳା ଜଣକ କ୍ଷେତରାଜପୁର ଥାନା ଅନ୍ତର୍ଗତ ତାଳଭଟାପଡ଼ାର ଅଞ୍ଜୁ କୁମ୍ଭାର। ଅପମୃତ୍ୟୁ ମାମଲା କେସ୍ ନଂ. ୧୧୫ / ୨୮-୨-୨୦୨୬ ରୁଜୁକରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ପୀଡ଼ିତାଙ୍କ ଚିକିତ୍ସା ଓ ଶବ ସତ୍କାର ପାଇଁ ସହାୟତା

**କୁଚିଣ୍ଡା, ୧୮।୨(ସମିସ):** ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓଡ଼ିଶାର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସହରର ଜଣେ ଅଗ୍ନି ପୀଡ଼ିତାଙ୍କୁ ସହାୟତା ପ୍ରଦାନ କରାଯାଇଛି।ସୂଚନା ମୁତାବକ କୁଚିଣ୍ଡା ସହରର ଜଣେ ଅବିବାହିତା ଝିଅ ସବିତା ସାହୁ (୫୫) ନିଜ ଘରେ ନିଆଁରେ ପୋଡ଼ି ଯାଇଥିଲେ। ତାଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିବା ବେଳେ ପ୍ରଥମେ ବୁର୍ଲା ଏବଂ ପରେ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ଲାଗି ପଠା ଯାଇଥିଲା। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର କ୍ଷେତ୍ର ସଂଗଠନ ମନ୍ତ୍ରୀ ରାମଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପୀଡ଼ିତାଙ୍କ ଚିକିତ୍ସା ଲାଗି ବ୍ୟବସ୍ଥା କରାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଙ୍କ ଗତ ୨୮ ଜାନୁଆରୀ ୨୦୨୬ ଦିନ ମୃତ୍ୟୁ ହୋଇଥିଲା। ତାଙ୍କ ମରଶରୀରକୁ ଘରକୁ ଆଣି ଶବ ସତ୍କାର କରାଇବା ସହିତ ୧୭.୨.୨୦୨୬ ଦିନ ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନେ ତାଙ୍କ ପରିବାର ଲୋକଙ୍କୁ ଭେଟି ପାଞ୍ଚ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓଡ଼ିଶା ପଶ୍ଚିମ ପ୍ରାନ୍ତ ସମ୍ପାଦକ ନଳିନୀ କାନ୍ତ ମହାନ୍ତି, ଉପ ସଭାପତି ସତ୍ୟନାରାୟଣ ପଟେଲ, ସମ୍ବଲପୁର ଜିଲ୍ଲା ସଂଗଠନ ସମ୍ପାଦକ ବିବେକାନନ୍ଦ ପାଣିଗ୍ରାହୀ, କୋଷାଧ୍ୟକ୍ଷ ମିଥିଲେଶ ଅଗ୍ରୱାଲ, ସଦସ୍ୟ ଟଙ୍କଧର ପଶାୟତ, ସଦସ୍ୟା କଲ୍ୟାଣୀ ପଟେଲ ପ୍ରମୁଖ ତାଙ୍କ ମାଆଙ୍କୁ ଭେଟିଥିଲେ।

# ନିଖୋଜ ନାବାଳିକା ଉଦ୍ଧାର

**ସମ୍ବଲପୁର, ୧୮।୨ (ସମିସ):** ବୁର୍ଲା ଥାନା ଅଞ୍ଚଳର ନିଖୋଜ ହୋଇଥିବା ଦୁଇଜଣ ନାବାଳିକାଙ୍କୁ ପୁଲିସ ବରଗଡ଼ ରେଳଷ୍ଟେସନରୁ ଉଦ୍ଧାର କରିଛି। ପୁଲିସର ସୂଚନା ଅନୁଯାୟୀ, ବୁର୍ଲା ଥାନା ଅଞ୍ଚଳର ନାବାଳିକା ଜଣକ ଏକ ଅଟୋ ଯୋଗେ ସମଲେଶ୍ୱରୀ ମନ୍ଦିରକୁ ଯାଇଥିଲେ କିନ୍ତୁ ଫେରି ନଥିଲେ। ତାଙ୍କ ପରିବାର ସଦସ୍ୟମାନେ ଖୋଜାଖୋଜି କରି ନପାଇବାରୁ ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ବୁର୍ଲା ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ପୁଲିସ ଜାଣିପାରିଥିଲା ଯେ, ନାବାଳିକା ଜଣକ ଅନ୍ୟଜଣେ ନାବାଳିକା ସାଙ୍ଗ ସହିତ ପିତାମାତାଙ୍କ ଅଜାଣତରେ ବିଦେଶକୁ କାମ କରିବାକୁ ପଳାଇଯିବାକୁ ଯୋଜନା କରିଥିଲେ। ଉଭୟ ନାବାଳିକା ପରିବାର ସଦସ୍ୟଙ୍କୁ ସମଲେଶ୍ୱରୀ ମନ୍ଦିର ଦର୍ଶନ ପାଇଁ ଯିବାକୁ କହି ମନ୍ଦିର ଯିବା ପରିବର୍ତ୍ତେ ଐଁଠାପାଲି ବସ୍ ଟର୍ମିନାଲକୁ ଯାଇ ସେଠାରୁ ବରଗଡ଼ ପଳାଇ ଯାଇଥିଲେ। ପୁଲିସ ଉଭୟ ନାବାଳିକାଙ୍କୁ ବରଗଡ଼ ରେଳଷ୍ଟେସନରୁ ଉଦ୍ଧାର କରିଥିବା ଜଣାପଡ଼ିଛି।

# ଏନ୍ଏସି ପକ୍ଷରୁ ବଡାଖାନା କାର୍ଯ୍ୟକ୍ରମ



**କୁଚିଣ୍ଡା, ୧୮।୨(ସମିସ):** କୁଚିଣ୍ଡା ଏନ୍ଏସି ପକ୍ଷରୁ ସ୍ଥାନୀୟ ଫରେଷ୍ଟ ପାର୍କ ଠାରେ ବଡାଖାନର ଆୟୋଜନ କରାଯାଇଥିଲା। ଉଚ୍ଚ, ନୀଚ, ସଫେଇ କର୍ମଚାରୀ, ଅଧିକାରୀ ଆଦି ଭେଦ ଭାବ ଭୁଲି ସମସ୍ତେ ଏକା ସାଙ୍ଗରେ ସ୍ୱାଦିଷ୍ଟ ଭୋଜନ ଉଚ୍ଚ ଅଧିକାରୀ ପରସିଲେ। ତଳିଆ କର୍ମଚାରୀ ଆନନ୍ଦର ସହ ଗ୍ରହଣ କରିଥିଲେ। ଉପଜିଲ୍ଲାପାଳ ସର୍ବଜ୍ଞାନନ ସ, ଡେପୁଟି କଲେକ୍ଟର ଲୋଚନ ଶବର, ଇଓ ମନୋରଞ୍ଜନ ସୁନା, ଏମଇଏସସିପ, ସୁଶାନ୍ତ ଗଜେନ୍ଦ୍ର ସିଂ, ହିମାଂଶୁ ମହାନନ୍ଦଙ୍କ ସହ ସମସ୍ତ କର୍ମଚାରୀ ବଡାଖାନାରେ ଅଂଶଗ୍ରହଣ କରିଥିଲେ।

# ମନ୍ଦିର ପରିସରରୁ ମୂର୍ତ୍ତି ଚୋରି, ସିସିଟିଭିରେ କଏଦ

**ସମ୍ବଲପୁର, ୧୮।୨ (ସମିସ) :** ବାଲିବନ୍ଧାସ୍ଥିତ ସୋମନାଥ ମନ୍ଦିର ପରିସରରେ ଥିବା ଗଣେଶ ମନ୍ଦିରରୁ ଗଣେଶଙ୍କ ଏକ ମୂର୍ତ୍ତି ଚୋରି ହୋଇଥିବା ଜଣାପଡ଼ିଛି। ମୂର୍ତ୍ତି ଚୋରି ନେଇ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଛି। ସିସିଟିଭି କ୍ୟାମେରାରେ ଏହି ସମୟର ଚିତ୍ର କଏଦ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଟାଉନ ଥାନାଧିକାରୀ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ଗଣେଶ ମନ୍ଦିରର ପୂଜାରୀ କିଛି ସମୟ ପାଇଁ ବାହାରକୁ ଯାଇ ଫେରିବାପରେ ଗଣେଶଙ୍କ ମୂର୍ତ୍ତି ତଳେ ରହିଥିବା ଅଷ୍ଟଧାତୁର ମୂର୍ତ୍ତି ନଥିବା ଦେଖିବାକୁ ପାଇଥିଲେ। ଏହାର ଓଜନ ପ୍ରାୟ୨ କିଲୋ ହୋଇଥିବାବେଳେ ଏହା ଠାକୁରଙ୍କ ଚଳନ୍ତି ପ୍ରତିମା। ସିସିଟିଭି କ୍ୟାମେରାରେ ଜଣେ ବ୍ୟକ୍ତି ସନ୍ଦିଗ୍ଧ ଭାବେ ବୁଲୁଥିବା ଏବଂ ଅନ୍ୟ କାର୍ଯ୍ୟ ଜଣାପଡ଼ିଥିଲା। ଏନେଇ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଟାଉନଥାନାରେ ଏତଲା ଦେବାସହ ସିସିଟିଭି ଫୁଟେଜ୍ ମଧ୍ୟ ଦିଆଯାଇଛି। ପୁଲିସ ଟିମ୍ ଆସି ଏନେଇ ତଦନ୍ତ କରିଥିବା ଜଣାପଡ଼ିଛି।

# ସମ୍ବଲପୁର ଜିଲ୍ଲା ଠିକାଦାର ସଂଘର ବୈଠକ



**ସମ୍ବଲପୁର, ୧୮।୨ (ସମିସ) :** ପିଡବ୍ଲୁଡି ଛକରେ ଥିବା ସଙ୍ଘ କାର୍ଯ୍ୟାଳୟରେ ଆଜି ଅପରାହ୍ନରେ ସମ୍ବଲପୁର ଜିଲ୍ଲା ଠିକାଦାର ସଙ୍ଘର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ, ସମସ୍ତ ଠିକାଦାର ଏକ ହୋଇ ସିଡ୍ୟୁଲ୍ ରେଟ୍‌ରେ ଟେଣ୍ଡର ପକାଯିବ। 'ଏ' ଓ 'ସି' କ୍ଲାସ ଟେଣ୍ଡରର କାମ କେବଳ ଜିଲ୍ଲାର ଠିକାଦାର କରିବେ ଏବଂ ବାହାର ଜିଲ୍ଲାର ଠିକାଦାରଙ୍କୁ ସୁଯୋଗ ଦିଆଯିବ ନାହିଁ। ଆସନ୍ତା ୨୦ ତାରିଖ 'ଭୁବନେଶ୍ୱର ଚାଲ'କୁ ସଫଳ କରି ବହୁ ସଂଖ୍ୟାରେ ସାମିଲ ହେବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଠିକାଦାର ସଂଘ ସଭାପତି ପ୍ରଦୀପ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ତୁଷାର ପ୍ରଧାନ, ମନୋରଞ୍ଜନ ପ୍ରଧାନ, ଅବିନାଶ ନନ୍ଦଙ୍କ ସମେତ ଜିଲ୍ଲାର ପ୍ରାୟ ୨୦୦ ଜଣ ଠିକାଦାର ଅଂଶଗ୍ରହଣ କରିଥିଲେ।

### ଏଆଇ-ଚାଳିତ କୃଷି-ଶିକ୍ଷା ଏବଂ ନବସୃଜନକୁ ଆଗକୁ ବଢ଼ାଇବା ଲକ୍ଷ୍ୟ

# ଓଏସ୍ଓୟୁ - ଓୟୁଏଟି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ସମ୍ବଲପୁର, ୧୮।୨ (ସମିସ)**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ଓୟୁ) ପକ୍ଷରୁ ଏଆଇ-ଚାଳିତ କୃଷି-ଶିକ୍ଷା ଏବଂ ନବସୃଜନକୁ ଆଗକୁ ବଢ଼ାଇବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଓଡ଼ିଶାରେ ଡିଜିଟାଲ୍ ଏବଂ ପ୍ରଯୁକ୍ତିବିଦ୍ୟା-ସକ୍ଷମ କୃଷି ଶିକ୍ଷାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, 'କୃଷି-ଖାଦ୍ୟ ପ୍ରଣାଳୀକୁ ପରିବର୍ତ୍ତନ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗ' (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆପ୍ଲିକେସନ୍ସ ଫର୍ ଟ୍ରାନ୍ସଫର୍ମିଙ୍ଗ ଏଗ୍ରି-ଫୁଡ୍ ସିଷ୍ଟମ) ଶୀର୍ଷକ ଓୟୁଏଟିଠାରେ ୧୭ ଓ ୧୮ ତାରିଖ ଆୟୋଜିତ ଦୁଇଦିନିଆ କର୍ମଶାଳାରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

ଉଦ୍‌ଘାଟନୀ ଅଧିବେଶନରେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଅଧ୍ୟକ୍ଷତା କରିଥିବାବେଳେ ଓଏସ୍ଓୟୁ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ କୃଷିରେ ଡିଜିଟାଲ୍ ଶିକ୍ଷା ଏବଂ ଏଆଇ-ସକ୍ଷମ ଜ୍ଞାନ ପ୍ରସାରଣର ବର୍ଦ୍ଧିତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଓୟୁଏଟି ଡିପିଏମ୍ଇ ପ୍ରଫେସର ଏସ୍. କେ. ସ୍ୱାଇଁ ଏବଂ ଓଏସ୍ଓୟୁ କୁଳସଚିବ ଡକ୍ଟର ଚିତ୍ତରଞ୍ଜନ ସାହୁଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ରକୁ ଆନୁଷ୍ଠାନିକ ଭାବରେ ଗ୍ରହଣ କରାଯାଇଥିଲା। ଏହି ଚୁକ୍ତିନାମା କୃଷକ, କୃଷି-ଉଦ୍ୟୋଗୀ ଏବଂ ଗ୍ରାମାଞ୍ଚଳ ଯୁବପିଢ଼ିଙ୍କୁ ସହାୟତା କରିବା ପାଇଁ ସହଯୋଗୀ ଶିକ୍ଷାଗତ କାର୍ଯ୍ୟକ୍ରମ, ଡିଜିଟାଲ୍ ବିଷୟବସ୍ତୁ ବିକାଶ, ଏଆଇ-ସମର୍ଥିତ କୃଷି-ସମ୍ପ୍ରସାରଣ, କ୍ଷମତା ନିର୍ମାଣ, ଗବେଷଣା ସହଯୋଗ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି।



ଏହି ଅବସରରେ ଓଏସ୍ଓୟୁ କୁଳପତି ପ୍ରଫେସର ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ ଯେ ମୁକ୍ତ ବିଶ୍ୱବିଦ୍ୟାଳୟର ଖୋଲା ଏବଂ ଦୂର ଶିକ୍ଷା ଇକୋସିଷ୍ଟମ୍, ଏଆଇ-ସମର୍ଥିତ ଡିଜିଟାଲ୍ ପ୍ଲାଟଫର୍ମ ସହିତ ସୁଦୃଢ଼, ଆଧୁନିକ କୃଷି ଜ୍ଞାନକୁ ତୃଣମୂଳସ୍ତରକୁ ବିସ୍ତାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେ ଉଲ୍ଲେଖ କରିଥିଲେ ଯେ ଏହି ସହଯୋଗ ସୁଗମ ଡିଜିଟାଲ୍ ଶିକ୍ଷା ମାଧ୍ୟମରେ ବୈଜ୍ଞାନିକ ଗବେଷଣା ଏବଂ କ୍ଷେତ୍ର-ସ୍ତରୀୟ କାର୍ଯ୍ୟାନ୍ୱୟନ ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବାରେ ସାହାଯ୍ୟ କରିବ। ତାଙ୍କ ସଭାପତିତ୍ୱ ଭାଷଣରେ, ଓୟୁଏଟି କୁଳପତି ପ୍ରଫେସର ରାଉଳ ସଠିକ୍ କୃଷି, କୀଟ ନିର୍ଣ୍ଣୟ, ଫସଲ ଯୋଜନା କ୍ଷେତ୍ରରେ ଏଆଇ ହସ୍ତକ୍ଷେପର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ।

### ଦଳରେ ପୋତି ହୋଇଗଲାଣି ପୋଖରୀ

## ବିଭାଗୀୟ ଉଦାସୀନତାରୁ ପାଣି ପାଇଁ ଲୋକେ ହନ୍ତସନ୍ତ

**ଝାରବନ୍ଧ, ୧୮।୨(ସମିସ):** ଝାରବନ୍ଧ ବ୍ଲକର ଲଉଡିଦରହା ଗାଁର ବିଶାଳ ୩୮ ଏକର ପୋଖରୀ ବୁରୋଝାଞ୍ଜି ଲତାର ଆବରଣରେ ଆଜି ଅଦୃଶ୍ୟ ପ୍ରାୟ। ଯେଉଁ ପୋଖରୀ କେବେ ଗାଁର ଜୀବନଧାରା ଥିଲା, ସେହି ପୋଖରୀ ଏବେ ଅବହେଳାର ମୂକସାକ୍ଷୀ ହୋଇ ରହିଛି। କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ଏହି ଜଳାଶୟର ପ୍ରାୟ ସମସ୍ତ ଅଂଶ ଦଳରେ ଢାଙ୍କି ହୋଇଛି। ଫଳରେ ସ୍ନାନ କରିବା କିମ୍ବା ପାଣି ଉପଯୋଗ କରିବା ଅସମ୍ଭବ ହୋଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଏହି ପୋଖରୀ ଅଞ୍ଚଳର ଦୈନିକ ଜଳ ଚାହିଦା, ଜଳସେଚନ ଓ ଅନ୍ୟାନ୍ୟ ଘରୋଇ କାମର ମୁଖ୍ୟ ଆଧାର। କିନ୍ତୁ



ବୁରୋଝାଞ୍ଜି ଲତାର ମାଡିଯିବା ଫଳରେ ଜଳଧାରଣ କ୍ଷମତା କମିବା ସହ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ କରିଛନ୍ତି ଯେ, ପ୍ରାୟ ୭ ବର୍ଷ ଧରି ଏହି ସମସ୍ୟା ଅବ୍ୟାହତ ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏକାଧିକ ଲିଖିତ ଅଭିଯୋଗ ଦିଆଯାଇଥିଲେ ମଧ୍ୟ ଫଳ ମିଳୁ ନଥିବାରୁ ଗ୍ରାମବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଗ୍ରୀଷ୍ମ ଋତୁ ନିକଟବର୍ତ୍ତୀ ହେଉଥିବାରୁ ଜଳସଙ୍କଟ ଆହୁରି ଭୀଷଣ ରୂପ ନେବାର ଆଶଙ୍କା ରହିଛି। ଏଣୁ ପୋଖରୀର ତୁରନ୍ତ ସଫେଇ ଓ ପୁନରୁଦ୍ଧାର କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

### ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଓକିଲ ସଂଘର ଉଦ୍‌ବେଗ

# ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ଆଇଜିଙ୍କୁ ଦାବିପତ୍ର

**ବରଗଡ଼, ୧୮।୨(ସମିସ)**

ବରଗଡ଼ର ଆଇନ ଶୃଙ୍ଖଳା ପରିସ୍ଥିତି ବିଷୟରେ ଉଦବେଗ ପ୍ରକାଶ କରି ବରଗଡ଼ ଜିଲ୍ଲା ଓକିଲ ସଂଘ ପକ୍ଷରୁ ବୁଧବାର ଏକ ପ୍ରତିନିଧି ମଣ୍ଡଳୀ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ଆଇଜିଙ୍କୁ ଦାବପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଓ ପୁଲିସ୍ ଆଇଜି ହିମାଂଶୁ ଲାଲଙ୍କୁ ତାଙ୍କ ସରକାରୀ ଅଫିସରେ ପୃଥକ୍ ପୃଥକ୍ ଭାବେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବା ସହ ବରଗଡ଼ ଜିଲ୍ଲା ତଥା ବିଶେଷ କରି ସହରର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ଜିଲ୍ଲା ଓକିଲ ସଂଘ ବରଗଡ଼ ଜିଲ୍ଲାରେ ଦେଖାଦେଇଥିବା ଉଦବେଗଜନକ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ଉଭୟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅପରାଧ ଏବଂ ଅପରାଧିକ କାର୍ଯ୍ୟକଳାପ ଉଦବେଗଜନକ ସ୍ତରକୁ ବୃଦ୍ଧି ପାଇଥିବା ଏବଂ ସାମଗ୍ରିକ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି ବୋଲି ସଂଘ ଗଭୀର ଚିନ୍ତା ପ୍ରକଟ କରିଥିଲା। ନିଶା ଏବଂ ନିଶାଦ୍ରବ୍ୟର ବର୍ଦ୍ଧିତ ବିପଦ, ଏହାକୁ ନିୟନ୍ତ୍ରଣ କରିବାରେ ସ୍ଥାନୀୟ ପୁଲିସ ପ୍ରଶାସନର ଅପାରଗତା ସହିତ ଉଦାସୀନତା ଜିଲ୍ଲାରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଯୁଦ୍ଧକାଳୀନ ଭିତ୍ତିରେ ଦୃଢ଼



ପ୍ରତିରୋଧୀ ପଦକ୍ଷେପ ଗ୍ରହଣ କରା ନ ଗଲେ, ସାଧାରଣ ନାଗରିକଙ୍କ ପାଇଁ ନିରାପଦ ଏବଂ ଶାନ୍ତିରେ ବଞ୍ଚିବା କଷ୍ଟକର ହୋଇଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସାଧାରଣ ଜନତା ଏବଂ ସଚେତନ ନାଗରିକମାନେ ମଧ୍ୟ ଅପରାଧ ନିୟନ୍ତ୍ରଣରେ ପୁଲିସ ପ୍ରଶାସନର ଦକ୍ଷତା ଉପରେ ଗମ୍ଭୀର ଭାବେ ପ୍ରଶ୍ନ ଉଠାଇଛନ୍ତି। ଯୁବପିଢ଼ିଙ୍କ ଅସାମାଜିକ କାର୍ଯ୍ୟକଳାପରେ, ବିଶେଷକରି ନିଶାଦ୍ରବ୍ୟର ସେବନ ଏବଂ ଚାଲାଣରେ ସମ୍ପୃକ୍ତି ବୃଦ୍ଧି ପାଉଛି। ଏହା ସେମାନଙ୍କ ଜୀବନକୁ ଅନ୍ଧକାର ଭିତରକୁ ଠେଲି ଦେଉଛି ବୋଲି ସଂଘ ପକ୍ଷରୁ ଆଲୋଚନା ସମୟରେ ଉଲ୍ଲେଖ କରାଯାଇଥିଲା। ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ କଲେକ୍ଟରଙ୍କୁ ପୂର୍ବରୁ ଏହି ଗମ୍ଭୀର ପରିସ୍ଥିତି ବିଷୟରେ ଅବଗତ କରାଯାଇଥିଲା। ଏହାସତ୍ତ୍ୱେ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଜିଲ୍ଲା ଓକିଲ ସଂଘ ବରଗଡ଼ ବିଭିନ୍ନ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲା। ସେଗୁଡିକ ହେଲା ବରଗଡ଼ର ବର୍ତ୍ତମାନର ପୁଲିସ ଅଧୀକ୍ଷକ (ଏସ୍‌ପି)ଙ୍କୁ ବଦଳାଇ ଦକ୍ଷ ପୁଲିସ ଅଧିକାରୀଙ୍କୁ ତୁରନ୍ତ ନିଯୁକ୍ତି ଦିଆଯାଉ, ଅସାମାଜିକ ତତ୍ତ୍ୱମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, କୌଣସି ଅନୁଗ୍ରହ ବିନା କଠୋର ଏବଂ ନିରପେକ୍ଷ ଭାବେ ଆଇନ ଶୃଙ୍ଖଳା ବଜାୟ କରାଯାଉ। ପ୍ରଶାସନ ପ୍ରତି ଜନସାଧାରଣଙ୍କ ଆସ୍ଥା ଏବଂ ବିଶ୍ୱାସ ଫେରାଇ ଆଣିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ତୁରନ୍ତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନିଅନ୍ତୁ, ଯାହାଦ୍ୱାରା ବରଗଡ଼ ଜିଲ୍ଲାର ଲୋକମାନେ ଏକ ନିରାପଦ, ଶାନ୍ତିପୂର୍ଣ୍ଣ ଏବଂ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିପାରିବେ। ଏହି ପ୍ରତିନିଧି ମଣ୍ଡଳୀରେ ସଭାପତି ଶ୍ରୀ ସରାଫଙ୍କ ସମେତ ଉପ ସଭାପତି ହେମନ୍ତ ପୁରୋହିତ, ସମ୍ପାଦକ ଲଲାଟେନ୍ଦୁ ବେହେରା, ଯୁଗ୍ମ ସମ୍ପାଦକ ବୈକୁଣ୍ଠ ଷଡଙ୍ଗୀ, ବରିଷ୍ଠ ସଦସ୍ୟ ତଥା କାର୍ଯ୍ୟକାରୀ କମିଟି ସଦସ୍ୟ ଶିରିଷ ବଲ୍ଲଭ ମିଶ୍ର, ଅଶୋକ ଯୋଶୀ, ମୋହିତ ମହାପାତ୍ର, ନିପନ ଦାଶ, ବୀରେନ ହାତୀ, ମୃତ୍ୟୁଞ୍ଜୟ ପଣ୍ଡା ପ୍ରମୁଖ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ହୋଇଥିଲେ।

## ଗନ୍ଧମାର୍ଦ୍ଦନ ପାହାଡ଼ରେ ପୁଲିସ ପକ୍ଷରୁ ପୋଷ୍ଟର

**ବରଗଡ଼, ୧୮।୨(ସମିସ):** ପୂର୍ବରୁ ଓଡ଼ିଶାକୁ ମାଓମୁକ୍ତ କରିବାକୁ ଅପରେସନ ଚାଲୁଛି। ଓଡ଼ିଶାର ବିଭିନ୍ନ ମାଓ ଅଧ୍ୟୁଷିତ ଅଞ୍ଚଳରେ ବର୍ତ୍ତମାନ ମାଓବାଦୀ ନଥିବା ବେଳେ ବରଗଡ଼ ଓ ବଲାଙ୍ଗିର ଗନ୍ଧମାର୍ଦ୍ଦନ ପାହାଡରେ କିଛି ସଂଖ୍ୟାରେ ମାଓବାଦୀ ଥିବା ଓଡ଼ିଶା ପୁଲିସ ପକ୍ଷରୁ ସୂଚନା ମିଳିଛି। ଗନ୍ଧମାର୍ଦ୍ଦନକୁ ମାଓମୁକ୍ତ କରିବାକୁ ପୁଲିସ ପକ୍ଷରୁ ରଣନୀତି ଚାଲିଛି। ଏନେଇ ବରଗଡ଼ ଓ ବଲାଙ୍ଗିର ପୁଲିସ ପକ୍ଷରୁ ଗନ୍ଧମାର୍ଦ୍ଦନ ପାହାଡ ତଥା ଆଖପାଖ ଜଙ୍ଗଲରେ ମାଓବାଦୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ପୋଷ୍ଟର ତଥା ବ୍ୟାନେର ମାଧ୍ୟମରେ ଆହ୍ୱାନ କରାଯାଇଛି।




ପୋଷ୍ଟରରେ ମାଓବାଦୀ ହିଂସାପଥ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବା ତଥା ଆତ୍ମସମର୍ପଣ କରିବାକୁ ଆହ୍ୱାନ କରିଛନ୍ତି।

**ମାଓବାଦୀଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ ହେବାକୁ ଆହ୍ୱାନ**

ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ପାଇଁ ରାଜ୍ୟ ସରକାର ଘୋଷଣା କରିଥିବା ଯୋଜନାରେ ଲାଭ ଉଠାଇ ନୂଆ ଜୀବନ ଆରମ୍ଭ କରିବାକୁ ପୋଷ୍ଟର ଓ ବ୍ୟାନର ହିନ୍ଦୀ, ଓଡ଼ିଆ ଓ ଇଂରାଜୀ ଭାଷାରେ ବାର୍ତ୍ତା ଦିଆଯାଇଛି।

## ଶିକ୍ଷକ ମିଳନ ପଟେଲଙ୍କ ପରଲୋକ

**ଅମ୍ବାଭୋନା, ୧୮।୨(ସମିସ):** ଜିଲ୍ଲାର ଅମ୍ବାଭୋନା ବ୍ଲକ ଅଧୀନ ବଡଦର୍ଲୀପାଲି ଗାଁର ଶିକ୍ଷକ ମିଳନ ପଟେଲ (୫୫)ଙ୍କ ହୃଦଘାତରେ ପରଲୋକ ଘଟିଛି। ସେ ଚିଚୋଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ସେ ଅନେକ ସ୍କୁଲରେ ଶିକ୍ଷକତା କରିଥିଲେ।



ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସେବା'ର ଜଣେ ପ୍ରତିଷ୍ଠାତା ଭାବେ ଜନସେବା କାର୍ଯ୍ୟ କରି ବେଶ ପରିଚିତ ହୋଇଥିଲେ। ତାଙ୍କର ଦେହାନ୍ତ ଖବର ପାଇ ଅମ୍ବାଭୋନା ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ଲାଲମୋହନ ସିଂହ ଓ ଅମ୍ବାଭୋନା ବ୍ଲକ ମିଳିତ ଶିକ୍ଷକ ସଂଘର ସଭାପତି ଡ.ରାଜ ବଘେଲ, ରମେଶ ଚନ୍ଦ୍ର ପଟେଲ, ଶିବ ଦାସ, ଜିତେନ୍ଦ୍ର ନାଏକ, ପରମେଶ୍ୱର ରଥ, ଚୌଧୁରୀ ପାତ୍ର, ସଞ୍ଜିବ ପଧାନ, ପ୍ରତାପ ସାହୁ, ସୁରେଶ ପଟେଲ, ଶ୍ୟାମ ଚରଣ ନାୟକ, ରମେଶ ଭୂଆଁ, ବେଣୁଧର ପଧାନ, ସୁବାଷ ପଟେଲ, ଅରୁଣ ପଟେଲ, ସିଦ୍ଧାର୍ଥ ପଧାନ, ତୁଷାର ପଧାନ, ଗୌରାଙ୍ଗ ସେଠ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଅଭିଭାବକ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନ ପହଞ୍ଚି ଶେଷ ଦର୍ଶନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ପୁତ୍ର ତାପସ ପଟେଲ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅତାବିରା ଏନ୍‌ଏସି ପକ୍ଷରୁ ବଡ଼ାଖାନା କାର୍ଯ୍ୟକ୍ରମ

**ଅତାବିରା, ୧୮।୨(ସମିସ):** ଅତାବିରା ଏନଏସି ପକ୍ଷରୁ ୱାର୍ଡ ନମ୍ବର୍ ୮ ଶାସ୍ତ୍ରୀ ନଗର କଲ୍ୟାଣ ମଣ୍ଡପ ଠାରେ ବଡାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବନମାଳୀ ବରିହା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ନରେନ୍ଦ୍ର ପ୍ରଧାନ ବିବରଣୀ ପାଠ କରିବା ସହ ସ୍ୱଚ୍ଛ ଅତାବିରା ବିଷୟରେ ସୂଚନା ଦେଇଥିଲେ। ଏବିଡିଓ ଗିରୀନ୍ଦ୍ର ସାହୁ, ଉପାଧକ୍ଷା ଅନୁସୟା ବିଶ୍ୱାଳ ସମେତ କାଉନସିଲର ପ୍ରମୁଖ ମଞ୍ଚାସୀନ ଥିଲେ। ସିଇଓ ତେଜସ୍ୱିନୀ ମହାରଣା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପରିମଳ କର୍ମଚାରୀ ମାନଙ୍କୁ ଗରିମା ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ବଡାଖାନା ଉପଲକ୍ଷେ ରନ୍ଧା ଖାଦ୍ୟକୁ ଏନଏସି ଇଓ ଓ କର୍ମଚାରୀ ମାନେ ପରସି ଥିଲେ। ସଫେଇ କର୍ମଚାରୀ, ସ୍ୱଚ୍ଛସାଥୀ, ଏସଏସସଜି ଓ ନିମନ୍ତ୍ରିତ ଅତିଥି ପ୍ରମୁଖ ଉପସ୍ଥିତ ଥିଲେ।

## ଗୌଡ଼ପାଲିରେ ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଭଟଲି, ୧୮।୨(ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକ ନାରଙ୍ଗପୁର ପଞ୍ଚାୟତ ଅଧୀନ ଗୌଡପାଲି ଗାଁରେ ମହାଶିବରାତ୍ରି ଅବସରରେ ଆୟୋଜିତ ୨୪ ପ୍ରହର ନାମଯଜ୍ଞ ଧୁମଧାମରେ ସମାପନ ହୋଇଯାଇଛି। ପ୍ରତିବର୍ଷ ମହାଶିବରାତ୍ରି ଦିନ ଏହି ନାମଯଜ୍ଞ ଚାରିଦିନ ଧରି ହୋଇଥାଏ। ଏହି ଅବସରରେ ଝାରବନ୍ଧ ଥାନା ଅନ୍ତର୍ଗତ ଗୌଡମାଲ, କୁଲ୍ଲୁପାଲି ଓ ଛତିଶଗଡ଼ର ଶଙ୍କରାରୁ ଆସିଥିବା ୩ଟି ଉଦଣ୍ଡ କୀର୍ତ୍ତନ ପାର୍ଟି ନଗର ପରିକ୍ରମା କରିଥିଲେ। ଗ୍ରାମବାସୀ ମାନଙ୍କ ପକ୍ଷରୁ ପ୍ରତିଦିନ ଭକ୍ତମାନଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ରେଳ ଧାରଣାରେ ଯୁବକଙ୍କ ମୃତଦେହ

**ବରପାଲି, ୧୮।୨(ସମିସ):** ବରପାଲି-ପୁରୀ ରାସ୍ତା ରେଳବାଇ ମୁଖ୍ୟଗେଟ ନିକଟସ୍ଥ ଧାରଣାରେ ବୁଧବାର ଜଣେ ଯୁବକଙ୍କ ମୃତଶରୀର ପଡ଼ିଥିବା ଦେଖିବାକୁ ମିଳିଥିଲା। ଆଜି ସକାଳେ ବରଗଡ଼ ପଟରୁ ଆସୁଥିବା ଏକ ମାଲଗାଡ଼ିର ଚାଳକ ସ୍ଥାନୀୟ ଷ୍ଟେସନରେ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ପରେ ବିଭାଗୀୟ କର୍ମଚାରୀଙ୍କ ସମେତ ରେଳବାଇ ପୁଲିସ ଓ ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଳମ୍ବିତ ରାତ୍ରିରେ କୌଣସି ଟ୍ରେନ ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ପୁଲିସ ସନ୍ଦେହ କରିଛି। ମୃତକ ଜଣକ ରେମତା ଗାଁର ଅରୁଣ ବାଗ ଏବଂ ବିବାହିତ ବୋଲି ଜଣାପଡ଼ିଥିଲା। ଅରୁଣଙ୍କ ଏକ ଦୁଇବର୍ଷର ପୁଅ ରହିଥିବା ବେଳେ ଝାରସୁଗୁଡ଼ାର ଏକ ଘରୋଇ କମ୍ପାନୀରେ ଗୃହରକ୍ଷୀ ଭାବେ କାର୍ଯ୍ୟରତ ଥିଲେ। ମଙ୍ଗଳବାର ସେ ନିଜ ଗାଁକୁ ଆସିଥିଲେ। ତେବେ କାହିଁକି ଓ କେଉଁ କାରଣରୁ ଅରୁଣଙ୍କ ସହ ଏପରି ଘଟଣା ଘଟିଲା ବର୍ତ୍ତମାନ ସୁଦ୍ଧା ତାହା ଅସ୍ପଷ୍ଟ ରହିଛି। ରେଳବାଇ ପୁଲିସ ଏକ ଅପମୃତ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

## ଦୁଷ୍କର୍ମ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବରଗଡ଼, ୧୮।୨(ସମିସ):** ଜିଲ୍ଲା ଅମ୍ବାଭୋନା ଥାନାରେ ୨୦୧୮ ରେ ଏକ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ଅଭିଯୋଗରେ ବରଗଡ଼ର ଅତିରିକ୍ତ ଜିଲ୍ଲା ଜଜ୍ ତଥା ପକ୍ସୋ କୋର୍ଟ ଡ.କିରଣ ପ୍ରଧାନଙ୍କ ଅଦାଲତରେ ଚାଲିଥିବା ମାମଲାରେ ଶୁଣାଣି କରି କୋର୍ଟ ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ ନଭେମ୍ବର ୧୩ରେ ମୁଣ୍ଡକଟି ଗାଁର ଜଣେ ନାବାଳିକା ଅମ୍ବାଭୋନା ଥାନାରେ ଅଭିଯୋଗ କରିଥିଲେ ଯେ ସମ୍ବରଧରା ଗାଁର ହୃଷୀକେଶ ପଧାନ ନାମକ ଜଣେ ଯୁବକ ବିବାହର ପ୍ରତିଶ୍ରୁତି ଦେଇ ୧ ବର୍ଷ ହେବ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଛି। ଅଭିଯୋଗ କ୍ରମେ ଅମ୍ବାଭୋନା ପୁଲିସ ପକ୍ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତ ହୃଷୀକେଶକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ସହ ୧୮ ଜଣ ସାକ୍ଷ୍ୟଙ୍କ ବୟାନ ଓ ଅନ୍ୟ ପ୍ରମାଣକୁ ଭିତ୍ତି କରି ବରଗଡ଼ ପକ୍ସୋ କୋର୍ଟ ଅଭିଯୁକ୍ତ ହୃଷିକେଶକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମକଦ୍ଦମାକୁ ବରିଷ୍ଠ ଆଇନଜୀବୀ ଶରଦ ପ୍ରଧାନ ଓ ସରୋଜ ଜେନା ପରିଚାଳନା କରିଥିଲେ।

## ପଞ୍ଚସଖା ଦିବ୍ୟାଙ୍ଗ ସେବା ସମିତିର ସଭା

**ପାଇକମାଳ, ୧୮।୨(ସମିସ):** ପାଇକମାଳ ବ୍ଲକ ଅଧୀନ ଛେଲିଆମାଳ ଗାଁରେ ଦିବ୍ୟାଙ୍ଗ ମାନଙ୍କ ପାଇଁ ପଞ୍ଚସଖା ଦିବ୍ୟାଙ୍ଗ ସେବା ସମିତି ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ସଂଘ ଉଦୋକ୍ତା ଶଙ୍କର୍ଷଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଟେମରୀ ପଞ୍ଚାୟତ ସରପଞ୍ଚ ଦିଲ୍ଲୀପ ବେହେରା, ସମ୍ମାନିତ ଅତିଥି ଭାବେ ବାସୁଦେବ ସାହା, ବାବା ଯଶୋଲାଲ, ରାଜ ବାଗ, ଅରବିନ୍ଦ ଗିରି, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟା ଓ ମୁଖ୍ୟବକ୍ତା ଭାବେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ପୂର୍ବତନ ଆବାହକ ତଥା ସାମ୍ବାଦିକ ଧିରେନ ମହାନ୍ତି ଯୋଗ ଦେଇଥିଲେ। ସରକାର ଦିବ୍ୟାଙ୍ଗ ମାନଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ପାଇଁ ଦାବି ହୋଇଥିଲା। ଏପରିକି ସମସ୍ତ ପ୍ରକାର ଦିବ୍ୟାଙ୍ଗ ଏକ ପ୍ରକାର ମାସିକ ୩୫ ଶହ ଟଙ୍କା ଭତ୍ତା ପ୍ରଦାନ ସହ ଅନ୍ତୋଦୟ ଯୋଜନାରେ ୩୫ କେଜି ଚାଉଳ ଯୋଗାଇ ଦେବାକୁ ଦାବି ଉଠିଥିଲା। ଆଗାମୀ ଦିନରେ ପଦ୍ମପୁର ଉପଖଣ୍ଡର ସମସ୍ତ ବ୍ଲକ ଅଞ୍ଚଳରେ ଥିବା ଦିବ୍ୟାଙ୍ଗ ମାନଙ୍କୁ ନେଇ ଏକ ବିରାଟ ସଭା କରାଯିବା ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ସଭାକୁ ଉମାକାନ୍ତ ବରିହା ପରିଚାଳନା କରିଥିବା ବେଳେ କମାଲ ବରିହା ସମାରୁ ସାହୁ, ଗୌର ସାହୁ, ଶାନ୍ତିଲାଲ, କ୍ଷୀର ସାଗର ପ୍ରଧାନ, ଚିନ୍ତାମଣି ବାଗ ଆଦି ପ୍ରମୁଖ ସହଯୋଗ କରିଥିଲେ। ଏଥିସହ ଛେଲିଆମାଳ ଗାଁର ଏକ ଦିବ୍ୟାଙ୍ଗ ମିନତୀ ବାଗଙ୍କୁ ଏକ ନୂତନ ଇଲେକ୍ଟ୍ରନିକ ସାଇକଲ ଦିଆ ଯାଇଥିଲା। ଶେଷରେ ବଳରାମ ବନଛୋର ଧନ୍ୟବାଦ ଦେଇଥିଲେ।

## ରୋଗୀ କଲ୍ୟାଣ ସମିତି କାର୍ଯ୍ୟନିର୍ବାହୀ ପରିଷଦର ବୈଠକ

**ପଦ୍ମପୁର, ୧୮।୨(ସମିସ):** ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ ପରିଷଦର ବୈଠକ ଉପଖଣ୍ଡ ଚିକିତ୍ସାଳୟ ପରିଷଦର ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ସ୍ନେହା ଅରୁଗୁଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ଚିକିତ୍ସାଧିକାରୀ ଡ.ଆଶୁତୋଷ ହୋତା ସମସ୍ତ



ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। ଉପଖଣ୍ଡ ଚିକିତ୍ସାଳୟ ପାଇଁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଚିକିତ୍ସାଳୟର ଉନ୍ନତିକରଣ ତଥା ରୋଗୀ ସେବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ସେଥିମଧ୍ୟରେ ସହରାଞ୍ଚଳ ହେଲଥ ସେଣ୍ଟର ନିର୍ମାଣ, ଚିକିତ୍ସାଳୟ ପରିସର ମଧ୍ୟରେ ଡ୍ରେନେଜ ବ୍ୟବସ୍ଥାର ଉନ୍ନତିକରଣ, ଅମ୍ଳଜନ ପାଇପ ଲାଇନର ପୁନଃରୁଦ୍ଧାର ଓ କାର୍ଯ୍ୟକ୍ଷମ, ଡାଏଲିସିସ ୟୁନିଟ ପାଇଁ ୪୦ କେଭି ଡିଜି ସେଟ ଯୋଗାଣ, ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାରେ ସୁଧାର, ଆବଶ୍ୟକୀୟ ଯନ୍ତ୍ରପାତିର ମରାମତି ତଥା ରୋଗୀ ସେବା ସମ୍ପର୍କିତ ବିଭିନ୍ନ ଜିନିଷର କ୍ରୟ, ହେଲ୍ପଡେସ୍କରେ ନିୟୋଜିତ କର୍ମଚାରୀଙ୍କ ଚାକିରି ନବୀକରଣ, ମହାପ୍ରୟାଣ ଗାଡି ଯୋଗାଣ ଓ ଚିକିତ୍ସାଳୟର ସୌନ୍ଦର୍ଯ୍ୟକରଣ ପାଇଁ ବୃକ୍ଷରୋପଣ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଏଥି ସହିତ କୌଣସି ବଦାନ୍ୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ କୌଣସି ଆର୍ଥିକ ସହାୟତା ଦେବା ପାଇଁ ଇଚ୍ଛୁକ ଥିଲେ ସେମାନେ ତାଙ୍କର ସହଯୋଗରାଶି ରୋଗୀ କଲ୍ୟାଣ ସମିତି ଜମା ଖାତାରେ ସିଧାସଳଖ ଜମା କରି ଆବଶ୍ୟକୀୟ ରସିଦ ନେଇ ପାରିବେ ବୋଲି କୁହାଯାଇଥିଲା। ବୈଠକରେ ଡ.ଯଦୁମଣି ସାହୁ, ଡ.ଗୀତା ପୀୟୂଷ ସିନ୍ଧୁ ମିଶ୍ର, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ଶେଖର ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ ପ୍ରତିନିଧିଙ୍କ ସମେତ ରୋଗୀ କଲ୍ୟାଣ ସମିତିର ସଦସ୍ୟ ସାମାଜିକକର୍ମୀ ନିରୋଜ ଦୋରା, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ମନୋରମା ମହାପାତ୍ର, ନବକିଶୋର ବରିହା ପ୍ରମୁଖ ଯୋଗ ଦେଇଥିଲେ। ଡାକ୍ତରଖାନା କର୍ମଚାରୀ ଲଳିତ କିଶୋର ନାଥ, ହସ୍ପିଟାଲ ମ୍ୟାନେଜର ଦିବ୍ୟକିଶୋର ମେହେର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସୋହେଲା କପ୍ କ୍ରିକେଟ ଉଦ୍‌ଘାଟିତ

**ସୋହେଲା, ୧୮।୨(ସମିସ):** ସୋହେଲା ଆଥଲେଟିକ ଆସୋସିଏସନ ଦ୍ୱାରା ସ୍ଥାନୀୟ ମିନି ଷ୍ଟାଡିୟମରେ ଆଜି ସୋହେଲା କପ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ସୋହେଲା ଥାନା ସଭାପତି ସତ୍ୟ ନାରାୟଣ ଦେବତା, ବରିଷ୍ଠ ପରାମର୍ଶ ଦାତା ବଳବୀର ସିଂ ଠାକୁର ଉପସ୍ଥିତ ଥିଲେ। ମ୍ୟାଚ୍ ପୂର୍ବରୁ ସୋହେଲା ପୂର୍ବତନ କ୍ରିକେଟ ଖେଳାଳି ଇନାୟତ ଖାଁ, ମୁବାରକ ଖାନ, ସତ୍ୟଜିତ



### ପ୍ରଥମ ଦିନରେ ଲରମ୍ବା ଓ ବଲାଙ୍ଗିର ବିଜୟୀ

ଆଇଆଇସି ହରିଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ସୋହେଲା ଆଥଲେଟିକ ଆସୋସିଏସନର କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆଥଲେଟିକ ଆସୋସିଏସନ ପଧାନ, ଜିତେନ ଭୋଇ, ମହମ୍ମଦ ଫିରୋଜ, ସମୀର ଝଙ୍କାର, ଜୟପ୍ରକାଶ ଅଗ୍ରୱାଲ, ଅଶ୍ୱିନୀ ପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଆଜିର ପ୍ରଥମ ମ୍ୟାଚ୍‌ରେ ଲରମ୍ବା ଦଳ ଜମଲା ଦଳକୁ ୨୪ରନରେ ପରାସ୍ତ କରି ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ବଲାଙ୍ଗିର ଦଳ ସିଂଧୋଲ ଦଳକୁ ୫୪ରନରେ ପରାଜିତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଆଜିର ମ୍ୟାଚ୍‌କୁ ଓସିଏ ଅମ୍ପାୟାର ଶୁଭମ ପାତ୍ର, ହନୁ ଅଗ୍ରୱାଲ ପରିଚାଳନା କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଲରମ୍ବା ଦଳର ଲୋକନାଥ ମହାପାତ୍ର ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ବଲାଙ୍ଗିର ଦଳର ରାଜେଶ ସିକ୍କାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରା ଯାଇଥିଲା। ସୋହେଲାର ସୁନାମ ଧନ୍ୟ କ୍ରିକେଟ ଖେଳାଳି ଡ.ରଞ୍ଜନ ମହାପାତ୍ରଙ୍କ ସ୍ମୃତିରେ ଆୟୋଜିତ ହେଉଥିବା ପ୍ରତିଯୋଗିତା ଶୁଭାରମ୍ଭ ପୂର୍ବରୁ ଡ.ମହାପାତ୍ରଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଆଜିର ମ୍ୟାଚ୍‌ରେ ସନ୍ତୋଷ ମେହେର ସ୍କୋରର ରହିଥିବା ବେଳେ ଚନ୍ଦ୍ରମଣି ଭଞ୍ଜ ଏବଂ ରିଙ୍କୁ ଧାରାବିବରଣୀ ପ୍ରଦାନ କରିଥିଲେ। ଆସନ୍ତା କାଲି ପ୍ରଥମ ମ୍ୟାଚ୍ ସୋହେଲା ବନାମ କେସିଙ୍ଗା ଏବଂ ଦ୍ୱିତୀୟ ମ୍ୟାଚ୍ ବଲାଙ୍ଗିର ଏବଂ ଲାଉମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହେବ।

# ଏନ୍‌ଏନ୍‌ସିସି କ୍ରିକେଟ କପ୍: ମେଲଛାମୁଣ୍ଡା ଚାମ୍ପିଅନ

**ପାଇକମାଳ, ୧୮।୨(ସମିସ)**

ବରଗଡ଼ ଜିଲ୍ଲା ପାଇକମାଳ ଏମ୍‌ଇ ସ୍କୁଲ ଖେଳ ପଡ଼ିଆ ଠାରେ ୫ଦିନ ଧରି ଚାଲିଥିବା ନୃସିଂହନାଥ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଖୁଣ୍ଟପାଲିକୁ ହରାଇ ମେଲଛାମୁଣ୍ଡା ଚାମ୍ପିଅନ ହୋଇଛି। ଫାଇନାଲରେ ମେଲଛାମୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ଦୁଇ ୱିକେଟ ହରାଇ ୧୪୪ରନ ସଂଗ୍ରହ କରିଥିଲା। ଅଭି ୧୯ ବଲରେ ୫୭, ଅମନ୍ ୧୮ ବଲରେ ୩୮ କରିଥିବା ବେଳେ ମାନସ ଦୁଇ ୱିକେଟ ହାସଲ କରିଥିଲେ। ୧୪୫ରନ ପିଛା କରି ଖୁଣ୍ଟପାଲି ଦଳ ୯ ୱିକେଟ ହରାଇ ୯୪ରନ କରି ୫୦ରନରେ ପରାଜିତ ହୋଇଥିଲେ। ମେଲଛାମୁଣ୍ଡା ଦଳର ଅଭି ୫୭ରନ କରିବା



ସହ ତିନି ୱିକେଟ ହାସଲ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସୁଶାନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସରୋଜ ସାମଲ, ସୁଶାନ୍ତ ନାଗ, ଆଶୁତୋଷ ସାହୁ, କୈଳାସ ଦିଶରୀ, ଆୟୁଷ ଅଗ୍ରୱାଲ, କବି ଅଗ୍ରୱାଲ, ପ୍ରିତିଶ ବଡପଣ୍ଡା ଓ ବିଷ୍ଣୁ ଗଡ଼ତିଆ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ମେଲଛାମୁଣ୍ଡା ଦଳର ରାକେଶଙ୍କୁ ପୁରସ୍କୃତ କରାଯାଇଥିଲା। ଆଜିର ଖେଳକୁ ରବୀନ୍ଦ୍ର ବେହେରା, ଓମ୍ ମହାନ୍ତି, ପପୁ ବେହେରା ଓ ଆଦିତ୍ୟ ସାହୁ ପରିଚାଳନା କରିଥିବା ବେଳେ ଅଟଳ ସରାଫ, ଦିଲୀପ ପ୍ରଧାନ, ଇଶାନ ମିଶ୍ର ସ୍କୋରର ଦାୟିତ୍ୱ ତୁଲାଇ ଥିଲେ ଏବଂ ଚନ୍ଦନ ପ୍ରଧାନ, ବବଲୁ ସାହୁ, ହେମାନନ୍ଦ ରାଜହଂସ ଓ ମହମ୍ମଦ ମୁସ୍ତାକିମ୍ ଧାରାବିବରଣୀ ପ୍ରଦାନ କରିଥିଲେ। ବିଜେତା ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ୮୦୦୦ ଟଙ୍କା ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟକୁ ଶୁଭେନ୍ଦୁ ପଣ୍ଡା, ଶିଶିର ସାହୁ, ଦୀପକ ମିଶ୍ର, ପ୍ରିନ୍ସ ବହିଦାର, ଶୁଭମ ପ୍ରଧାନ, ରାଣା ସାହୁ, ରୋନକ ସାହୁ, ଅମନ ସିଂ, ରବୀନ୍ଦ୍ର ପ୍ରଧାନ, ଏମଡି ଗୁଲାମ୍ ଆରୁଷ ସିଂ ଓ ଲୋକେଶ ମିର୍ଦ୍ଧା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମାନସରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

## ଯାଦବ ସାଂସ୍କୃତିକ ସମାଜର କର୍ମକର୍ତ୍ତା ନିର୍ବାଚନ

**ବରଗଡ଼, ୧୮।୨(ସମିସ):** ଜିଲ୍ଲା ଯାଦବ ସାଂସ୍କୃତିକ ସମାଜର କର୍ମକର୍ତ୍ତା ମନୋନୟନ ସଭା ଅନୁଷ୍ଠିତ ହୋଇଯାଇଛି। ସମାଜର ଜିଲ୍ଲା ସଭାପତି ରାଜୁ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ଉପସଭାପତି ଧନସିଂହ ଭୋଇ, ରାଜ୍ୟ ସମ୍ପାଦକ ପ୍ରଦୀପ୍ତ ଷାଣ୍ଡ, ଜିଲ୍ଲା ମହିଳା ସଭାନେତ୍ରୀ



ତଥା ପୌରାଧକ୍ଷା କଳ୍ପନା ମାଝୀ, ବରପାଲି ଏନଏସି ସଭାପତି ଖାଡିଆ ବରର୍ଷି, ବରଗଡ଼ ବ୍ଲକ ସଭାପତି ରାମ ନାରାୟଣ ଭୋଇ, ଜିଲ୍ଲା ଯୁବ ସଭାପତି ପ୍ରଦୀପ ଥପା, ଗାଇସିଲେଟ ବ୍ଲକ ସଭାପତି ସପ୍ତସିନ୍ଧୁ ବଗର୍ତ୍ତୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆସନ୍ତା ମାର୍ଚ୍ଚ ୨୩ ରୁ ୨୬ ପର୍ଯ୍ୟନ୍ତ ହେବାକୁ ଥିବା ବିଶ୍ୱଶାନ୍ତି ମହାଯଜ୍ଞ, ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବାକୁ ଆଲୋଚନା ହୋଇଥିଲା। ବିଭିନ୍ନ ବିଭାଗ ପାଇଁ ସବକମିଟି ମାନ ଗଠନ କରାଯାଇଥିଲା। ଏହାପରେ ଜିଲ୍ଲା କର୍ମକର୍ତ୍ତା ଉପସଭାପତି ରୂପେ ମନଫୁଲ ଭୋଇ, ଘନଶ୍ୟାମ ପୁଞ୍ଜି, ସନ୍ତୋଷ ଭୋଇ, ସମ୍ପଦ ରାଉତ, ପୂର୍ଣ୍ଣଚନ୍ଦ୍ର ସାଲମା, ପୂର୍ଣ୍ଣାନନ୍ଦ ବଢ଼େଇ ସାଧାରଣ ସମ୍ପାଦକ ରୂପେ ରାମ ନାରାୟଣ ଭୋଇ, ସମ୍ପାଦକ ରୂପେ ନୀଳାମ୍ବର ମଲ୍ଲିକ, ସପ୍ତସିନ୍ଧୁ ବଗର୍ଷି, ଗୋବିନ୍ଦ ଜୁଆଡି, ମୋହନ ବନଛୋର, ମାଲିକ ଭୋଇ, କୋଷାଧକ୍ଷ ରୂପେ ସଞ୍ଜୟ କାଣ୍ଡଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଜିଲ୍ଲା ସଭାପତିଙ୍କ ସମେତ ରାଜ୍ୟ କର୍ମକର୍ତ୍ତା ମାନେ ନୂତନ ଭାବେ ମନୋନୀତ କର୍ମକର୍ତ୍ତା ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସଭାରେ ବରଗଡ଼ ନଗର ସଭାପତି ଆନନ୍ଦ ବଗର୍ତ୍ତୀ, ଭେଡେନ ସଭାପତି ଚୂଡାମଣି ବାଗ, ଭଟଲି ସମ୍ପାଦକ ରବୀନ୍ଦ୍ର କୋକ, ଅତାବିରା ସମ୍ପାଦକ ମୋହନ କଠାର, ଯଦୁନାଥ ଖରସେଲ, ରାଧେଶ୍ୟାମ ପୋଡ଼, ମନବୋଧ ବନଛୋର, ଚନ୍ଦ୍ରମଣି ଷାଣ୍ଡ, ଝସକେତନ ବଗର୍ତ୍ତୀ, ଭୀମରାଉତ, ଭୀଷ୍ମ ବାଗ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱର ଖବରକାଗଜ ବିତରକ ସଂଘର କର୍ମଶାଳା

# ପାଠକଙ୍କ ବିଶ୍ୱାସଭାଜନ ହୋଇପାରିଛି 'ସକାଳ'

ବାଲେଶ୍ୱର,୧୮।୨(ସମିସ)

ଆଜିର ଡିଜିଟାଲ ଦୁନିଆରେ 'ସକାଳ' ଖବରକାଗଜ ଅନ୍ୟ ପ୍ରମୁଖ ଗଣମାଧ୍ୟମ ସହ ତାଳ ଦେଇ ପାଞ୍ଚ ବର୍ଷ ଅତିକ୍ରମ କରିଥିବା ବେଳେ ପାଠକଙ୍କ ବିଶ୍ୱାସଭାଜନ ହୋଇପାରିଛି। 'ସକାଳ' ଖବରକାଗଜରେ ସ୍ଥାନୀୟ ଖବରକୁ ଗୁରୁତ୍ୱ ଦିଆଯାଇ ସଠିକ୍ ଢଙ୍ଗରେ ଖବର ପ୍ରସାରଣ କ୍ଷେତ୍ରରେ ଅନନ୍ୟ ଭୂମିକା ଗ୍ରହଣ କରିଆସୁଛି। ବୁଧବାର 'ସକାଳ' ଉତ୍ତର ଓଡ଼ିଶା ସଂସ୍କରଣର ସମାବେଶ ଉପଲକ୍ଷେ ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ବାଲେଶ୍ୱର ଖବରକାଗଜ ବିତରକ ସଙ୍ଘର ଆୟୋଜିତ ଏକ କର୍ମଶାଳାରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି।



ଏହି ଅବସରରେ 'ସକାଳ' ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଖବରକାଗଜ ବିତରକ ସଂଘର ସଭାପତି ଅରୁଣ କୁମାର ସ୍ୱାଇଁ ଯୋଗଦେଇ କହିଛନ୍ତି, 'ସକାଳ' ଖବରକାଗଜ ଜନ୍ମ ନେବା ଠାରୁ ବାଲେଶ୍ୱର ବିତରକ ମାନଙ୍କୁ ସାହାଯ୍ୟ ସହଯୋଗର ହାତ ବଢ଼ାଇ ଆସିଥିବା ବେଳେ 'ସକାଳ' ଖବରକାଗଜ ପ୍ରତି ପାଠକଙ୍କ ବିଶ୍ୱାସ ଭାଜନ କରିବାରେ ବଳିଷ୍ଠ ଭୂମିକା ଗ୍ରହଣ କରିପାରିଛି। ଆଗାମୀ ଦିନରେ ମଧ୍ୟ 'ସକାଳ' ଖବରକାଗଜକୁ ସମସ୍ତ ପାଠକ ମାନଙ୍କ ପାଖରେ ପହଞ୍ଚାଇବାର ଦାୟିତ୍ୱ ଆମର ବୋଲି ପ୍ରକାଶ କରିଥିଲେ। 'ସକାଳ'ର ପ୍ରସାରଣ ବିଭାଗ ସହକାରୀ ପ୍ରବନ୍ଧକ ପ୍ରମୋଦ କୁମାର ନାୟକ, ପ୍ରସାରଣ ବିଭାଗ ସହ ପରିଚାଳକ ପ୍ରିୟବ୍ରତ ଦାସ ଉପସ୍ଥିତ ଥିଲେ। ଅନ୍ୟ ଅତିଥି ଭାବେ ବିତରକ ସଂଘର ସମ୍ପାଦକ ଅନିରୁଦ୍ଧ ଲେଙ୍କା, ଉପ ସଭାପତି ଅଭୟ କୁମାର ପ୍ରଧାନ , କୋଷାଧ୍ୟକ୍ଷ ଯୋଗେନ୍ଦ୍ର ତପସ୍ୱୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ହୋଇ 'ସକାଳ' ୫ ବର୍ଷ ପୂର୍ବେ ଜନ୍ମ ନେଇଥିବା କାଗଜ କିଭଳି ଭାବରେ ଆଗକୁ ବଢ଼ିବା ସହ ପାଠକଙ୍କ ପାଖରେ ପହଞ୍ଚି ପାରିବ ତାହା ଆମର କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ। 'ସକାଳ' ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି ମନୋଜ ପଣ୍ଡା, ବାଲେଶ୍ୱର ସଂସ୍କରଣ ବିଜ୍ଞାପନ ବିଭାଗ ମୁଖ୍ୟ ଧୃତି ସୁନ୍ଦର ପଣ୍ଡା, ବାଲେଶ୍ୱର ସ୍ୱତନ୍ତ୍ର ପ୍ରତିନିଧି ରୁଚିକ ରଞ୍ଜନ ମହାପାତ୍ର, ବାଲେଶ୍ୱର ସହର ପ୍ରତିନିଧି କଳିଙ୍ଗ କୁମାର ସାହୁ, ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ନନ୍ଦିଘୋଷ ଟିଭି ବ୍ୟୁରୋ ସୁବ୍ରତ ଦାସ, କ୍ୟାମେରା ପର୍ସନ ଭବାନୀ ଶଙ୍କର ବେହେରା, ବାଲେଶ୍ୱର ପ୍ରସାରଣ ବିଭାଗ ମୁଖ୍ୟ ରବି ଚରଣ ବେହେରା, ଅଫିସ ସହଯୋଗୀ ରମେଶ ଦାସଙ୍କ ସମେତ ଦକ୍ଷିଣ ବାଲେଶ୍ୱର ପ୍ରତିନିଧି ଅଶୋକ ପ୍ରଧାନ, ରେମୁଣା ପ୍ରତିନିଧି ସରୋଜ ସାହୁ, ଚାନ୍ଦିପୁର ପ୍ରତିନିଧି ସିଦ୍ଧାର୍ଥ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସମ୍ବର୍ଦ୍ଧିତ ହେଲେ ଖବରକାଗଜ ବିତରକ: ଅଭୟ ପ୍ରଧାନ, ଅଜୟ ପ୍ରଧାନ, ଅନନ୍ତ ହେବନି, ଅଜିତ ପାଲ, ଅନିରୁଦ୍ଧ ଲେଙ୍କା, ଅଜୟ ଲେଙ୍କା, ରାଜେଶ କୁମାର ନାୟକ, ଅରୁଣ ପରିଡା, ଅନିରୁଦ୍ଧ ଗୋଛାୟତ, ଅନୁପ କିଶୋର ରାଉତ, ଆଶିଷ କୁମାର ବର୍ଦ୍ଧନ, ବଳରାମ ପ୍ରଧାନ, ବିଜୟ କୁମାର ସେନ, ବିଜୟ କୁମାର ଲେଙ୍କା, ଚନ୍ଦନ ପ୍ରଧାନ, ଦିଲ୍ଲୀପ ଖଟୁଆ, ଗୋଲକ ଶେଖର ରାଉତ, ଗୋପାଳ କୃଷ୍ଣ ସେନ, ଗୌରହରି ମଲ୍ଲିକ, ଗୌରାଙ୍ଗ ଜେନା, ଗଜେନ୍ଦ୍ର ତପସ୍ୱୀ, ଗଙ୍ଗାନାଥ କର, ହରିହର ସାହୁ, ହରେନ୍ଦ୍ର ନାଥ ବାରିକ, ହରେନ୍ଦ୍ର ସେଠୀ, ଜ୍ୟୋତିର୍ମୟ ଦାସ, ଯୋଗେନ୍ଦ୍ର ତପସ୍ୱୀ, କମଳ ଲୋଚନ ରାଉତ, କରୁଣାକର ରାଉତ, କମଳାକାନ୍ତ ପ୍ରଧାନ, ମନୋରଞ୍ଜନ ସେନ, ମଣିଭଦ୍ର ମହାନ୍ତି, ମଙ୍ଗୁଲୁ ସିଂ, ଲକ୍ଷ୍ମଣ ଗୋଛାୟତ, ମଧୁସୂଦନ ରାଉତ, ନିତ୍ୟାନନ୍ଦ ସେନ, ନରେଶ ଲେଙ୍କା, ସୁବ୍ରତ ଲେଙ୍କା, ସୁକାନ୍ତ ଦାସ, ସୁରେଶ ହାଁସଦା, ସୁଶାନ୍ତ ଦାସ, ସନ୍ତୋଷ ପରିଡା, ଶିବ ଚରଣ ତରେଇ, ଶୀତଲ ବର୍ଦ୍ଧନ, ଶମ୍ଭୁନାଥ ବର୍ଦ୍ଧନ, ଶମ୍ଭୁନାଥ ଲେଙ୍କା, ଶଶିକାନ୍ତ କୁଅଁର, ସର୍ବେଶ୍ୱର ପଣ୍ଡା, ସୁନୀଲ କୁମାର ଦେ, ଶରତ ଲେଙ୍କା, ଶ୍ରୀକାନ୍ତ କୁଅଁର, ତପନ ରାଉତ, ତ୍ରିଲୋଚନ ସେଠୀ, ଉମାକାନ୍ତ ରାଉତ, ଉମେଶ ଲେଙ୍କା, ଉମାକାନ୍ତ ବେହେରା, ଗୌର ଗୋପାଳ ଦାସ, ଦେବବ୍ରତ ଲେଙ୍କା, ମଧୁସୂଦନ ରାଉତ, ପଦ୍ମଲୋଚନ ରାଉତ, ରେବୁ ବର୍ଦ୍ଧନ, ରବୀନ୍ଦ୍ର ପ୍ରଧାନ, ରମାକାନ୍ତ ବେହେରା, ରଞ୍ଜିତ ନାୟକ, ରତିକାନ୍ତ ରାଉତ, ସନାତନ ରାଉତ, ସନାତନ ଲେଙ୍କା, ସନ୍ୟାସୀ ତପସ୍ୱୀ, ମଦନ ମୋହନ ପ୍ରଧାନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

































# ଜିଲ୍ଲାସ୍ତରୀୟ କ୍ରୀଡ଼ା କାର୍ଯ୍ୟକ୍ରମ

ବାଲେଶ୍ୱର,୧୮।୨(ସମିସ): ମୋ ଭାରତ ଯୁବ କେନ୍ଦ୍ର ଦ୍ୱାରା ଜିଲ୍ଲାସ୍ତରୀୟ କ୍ରୀଡା କାର୍ଯ୍ୟକ୍ରମ ଜିଲ୍ଲା କାରାଗାର ବାଲେଶ୍ୱର ଓ ପୁରୁଣା ଷ୍ଟାଡିୟମ ଇଣ୍ଡୋର ହଲରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୋ ଭାରତ ଯୁବ ଅଧିକାରୀ ଏମ ବିଘ୍ନେଶ ସଭାପତିତ୍ୱ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ମ୍ୟୁନିସିପାଲିଟି ଅଧକ୍ଷା ସବିତା ସାହୁ ଯୋଗ ଦେଇଥିଲେ। କ୍ରୀଡା କୋଚ ବାସୁଦେବ ପଣ୍ଡା କ୍ରୀଡା ପରିଚାଳନା କରିଥିଲେ। ଅନ୍ୟତମ ଖେଳ ପ୍ରଶିକ୍ଷକ ତଥା ଜିଲ୍ଲା ପୋଲିସ କାର୍ଯ୍ୟରତ ବସନ୍ତ ମୁଦୁଲି, ମନୋରଞ୍ଜନ ବେହେରା, ସୁଜୟ ନାୟକ, ସତ୍ୟଜିତ ପରିଡା, ଜୟ ପ୍ରକାଶ ମଲ୍ଲିକ ଖେଳକୁ ତ୍ୱରାନ୍ୱିତ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ୨୦୦ ମିଟର ଦୌଡ଼(ପୁରୁଷ,ମହିଳା) ବଡ଼ମିଟନ (ପୁରୁଷ, ମହିଳା) କବାଡି(ମହିଳା), ଭଲିବଲ (ପୁରୁଷ) ପ୍ରତିଯୋଗିତା ହୋଇଥିଲା ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭିନ୍ନ ବ୍ଲକରୁ ଆସିଥିବା କ୍ଲବ ଓ ଯୁବ ଅନୁଷ୍ଠାନ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ, ସରକାରୀ ଆଇଟିଆଇ ପିଲାମାନେ ଅନ୍ତେବାସୀଙ୍କ ସହ ଖେଳିବାରେ ସୁଯୋଗ ପାଇଥିଲେ। ଏହି ଭଲିବଲ ଖେଳରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଥମ ହୋଇଥିବା




ବେଳେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ କାରାଗାର ଅନ୍ତେବାସୀ ଟିମ। ସେହିପରି କବାଡି ବାଳିକା ବର୍ଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ (ସଦର )ପ୍ରଥମ ହେଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ଶ୍ରୀ ଜଗନ୍ନାଥ ଏଜୁକାସେନ ଫାଉଣ୍ଡେସନ ଡିଗ୍ରୀ କଲେଜ ବରୁଣ ସିଂ (ରେମୁଣା)। ସଭାରେ ଜିଲା କାରାଗାର ଅଧିକ୍ଷକ ସୁଚିତ୍ରା ଦାସ, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ କୃତି ପ୍ରତିଯଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଜିଲ୍ଲା କାରାଗାର ଉପ ସହ କାରପାଳ ଅଭୟ କୁମାର ପଟନାୟକ ଏବଂ କାରାଗାର କାରା ମଙ୍ଗଳ ଅଧିକାରୀ ଅଧିକାରୀ ଜୟରାମ ମେହେର ଉପସ୍ଥିତ ଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା କ୍ଲବ ଓ ଜିଲ୍ଲା କାରାଗାର ଅନ୍ତେବାସୀଙ୍କୁ ମଧ୍ୟ ଖେଳ ସାମଗ୍ରୀ ବିତରଣ କରାଯାଇଥିଲା। ସନ୍ଧ୍ୟାରେ ବନ୍ଧୁତାପୂର୍ଣ୍ଣ ବ୍ୟାଡମିଟନ ମ୍ୟାଚ କାର୍ଯ୍ୟରତ ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶେଷରେ ଉକ୍ରଳା କଲଚୁରଲ ଅଧକ୍ଷ ବିକ୍ରମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଉକ୍ରଳା କଲଚୁରାଲର ଅଭିଜିତ ବେହେରା, ନେହା ପଟନାୟକ, ସୁବ୍ରତ ନାୟକ, ମନିଷ୍ଠା ଭଞ୍ଜ, ସମ୍ପଶ୍ରୀ ପାତ୍ର, ରସିଦା ଅକ୍ତର, ଅଜୟ ମାଝୀ, ଶୁଭ୍ରାଂଶୁ ଶେଖର ସାହୁ ପ୍ରମୁଖ ଯୋଗଦାନ କରିଥିଲେ।

## କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ

ବାଲେଶ୍ୱର,୧୮।୨(ସମିସ): ସିବିଏସଇ ଛାତ୍ରଛାତ୍ରୀଙ୍କ ସୃଜନାତ୍ମକ ଚିନ୍ତାଧାରାର ବିକାଶ ପାଇଁ କାର୍ଯ୍ୟ କରୁଥିବା ଭି. ଫାଉଣ୍ଡେସନର ଅଷ୍ଟମ ବ୍ରେନ୍ କ୍ରେଷ୍ଟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସହରର ଦୁଇ କେନ୍ଦ୍ରୀୟ ବିଦ୍ୟାଳୟ, ମଡର୍ଣ୍ଣ ପବ୍ଲିକ ସ୍କୁଲ, ସିଦ୍ଧି ବିନାୟକ ସ୍କୁଲ, ସୁଲଗ୍ନା ପବ୍ଲିକ ସ୍କୁଲ, ଝାଡେଶ୍ୱର ଇଣ୍ଟରନ୍ୟାସନାଲ୍ ସ୍କୁଲର ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭାର ଯୁଗ୍ମ ସଚିବ ସତୀଶ ମିଶ୍ର, ମୁଖ୍ୟ ବକ୍ତା ସମ୍ବାଦ ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଚିତ୍ତରଞ୍ଜନ ଚିରଞ୍ଜିତ ଏବଂ ସ୍ୱତନ୍ତ୍ର ବକ୍ତା ଭାବେ 'ପ୍ରତିଭାଶ୍ରୀ' ମୁଖ୍ୟ ପ୍ରଶାନ୍ତ ଦାସ ଯୋଗଦେଇ ପ୍ରତ୍ୟେକ ଶିକ୍ଷାର୍ଥୀ ଭିତରେ ଏକ ସୃଜନାତ୍ମକ ଭାବନା ଥାଏ ଏବଂ ତାହାକୁ ପ୍ରକାଶ କଲେ ଶିକ୍ଷାର୍ଥୀର ପରିଚୟ ସୃଷ୍ଟି ହୁଏ ବୋଲି ମତବ୍ୟକ୍ତ କରିଥିଲେ।


NACO
10001/66/2526
OSACS
ଯଦି ଆପଣ ଏଚ୍ଆଇଭି ପଜିଟିଭ୍ ତେବେ:
ଯଥାଶୀଘ୍ର ଚିକିତ୍ସା ଆରମ୍ଭ କରିବା ପାଇଁ ନିଜକୁ ନିକଟସ୍ଥ ଏଆରଟି କେନ୍ଦ୍ରରେ ପଞ୍ଜୀକରଣ କରନ୍ତୁ। ମନେ ରଖନ୍ତୁ
ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଡାକ୍ତର କିଛି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେବେ।
ରୋଗ ନିର୍ଣ୍ଣୟ ପରେ ଚିକିତ୍ସା ଆରମ୍ଭ ହେବ।
ଏଆରଟି ବେଳେ ଝାଡ଼ା, ଜ୍ୱର ଏବଂ ଥକ୍କାପଣ ଭଳି କିଛି ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ, କିନ୍ତୁ ସମୟ ସହିତ ସେଗୁଡ଼ିକ ଚାଲିଯାଏ।
ଯଦି ଆପଣ ଏହି ପାର୍ଶ୍ୱ ପ୍ରତିକ୍ରିୟା ଅନୁଭବ କରନ୍ତି ତେବେ ଆପଣଙ୍କର ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ କିନ୍ତୁ ଆପଣଙ୍କର ଚିକିତ୍ସା ଜାରି ରଖନ୍ତୁ।
ଏଆରଟି ଗ୍ରହଣ କରିବାର ଲାଭ:
1 ଏକ ସୁସ୍ଥ ଏବଂ ଦୀର୍ଘ ଜୀବନ ବଞ୍ଚିବାରେ ସାହାଯ୍ୟ କରେ।
2 CD4 ଗଣନା ବୃଦ୍ଧି ରୋଗ ପ୍ରତିରୋଧକ ଶକ୍ତିରେ ସାହାଯ୍ୟ କରେ।
3 ଭାଇରାଲ୍ ଲୋଡ୍ ହ୍ରାସ ହେବା ଦ୍ୱାରା ହୃଦୟ, ଯକୃତ ଏବଂ ମସ୍ତିଷ୍କ ପରି ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ କ୍ଷତିଗ୍ରସ୍ତ ହୁଏ ନାହିଁ।
4 ଯଦି ଭାଇରାଲ୍ ଭାର ଅଧିକ ନ ଥାଏ ଯୌନ ସମ୍ପର୍କ ସମୟରେ ସଂକ୍ରମଣ ହେବାର ଆଶଙ୍କା କମିଯାଏ, କିନ୍ତୁ ଯୌନ ସମ୍ପର୍କ ସମୟରେ ସର୍ବଦା କଣ୍ଡୋମ ବ୍ୟବହାର କରନ୍ତୁ।
5 କମ୍ ଭାଇରାଲ୍ ଲୋଡରେ ଗର୍ଭାବସ୍ଥାରେ କିମ୍ବା ସ୍ତନ୍ୟପାନ କରାଇବା ସମୟରେ ମା'ଠାରୁ ଶିଶୁକୁ ସଂକ୍ରମଣ ହେବାର ଆଶଙ୍କା କମିଯାଏ।
OIPR-10001/10060/2/25-26/0003
Follow us on : BREAKFREE https://breakfreeindia.org
AIDS Helpline 1097
ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ।

୧୮/୨/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୪୩,୧୫୬/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



**ସାଇବର ଠକେଇ**

# ଭକ୍ତ ନିବାସ ରୁମ୍ ବୁକିଂ ନାଁରେ ଠକେଇ

ପୁରୀ,୧୮।୨(ସମିସ)

ବିଭିନ୍ନ ଉପାୟରେ ଠକୁଛନ୍ତି ସାଇବର ଅପରାଧୀ। ସାଇବର ଠକେଇ ବଢ଼ି ଚାଲିଥିବାବେଳେ ପୁଣି ଏହି ଠକଙ୍କ ଶିକାର ହୋଇଛନ୍ତି ଜଣେ ଭକ୍ତ। ଶ୍ରୀମନ୍ଦିର ପ୍ରଶାସନ ପରିଚାଳିତ ଭକ୍ତ ନିବାସରେ ରୁମ୍ ବୁକିଂ କରିବାକୁ ଯାଇ ନକଲି ୱେବ୍‌ସାଇଟ୍ ଜରିଆରେ ଠକାମୀରେ ପଡ଼ିଛନ୍ତି। ନକଲି ୱେବ୍‌ସାଇଟ୍‌ରୁ ରୁମ୍ ବୁକ୍ କରି ହଇରାଣ ହୋଇଛନ୍ତି ଜଣେ ଅଣଓଡ଼ିଆ ଆଶୁତୋଷ ବର୍ମା। ଶ୍ରୀମନ୍ଦିର ପ୍ରଶାସନର ଭକ୍ତ ନିବାସରେ ରୁମ୍ ବୁକିଂକୁ ନେଇ ବିଭିନ୍ନ ସମୟରେ ସାଇବର ଠକେଇ ପଦାକୁ ଆସୁଛି। ଭକ୍ତନିବାସ ନାଁରେ ନକଲି ୱେବ୍‌ସାଇଟ୍ ଖୋଲିଛନ୍ତି ସାଇବର ଅପରାଧୀ। ସାଧାରଣ ଲୋକେ ଏହାର ଶିକାର ହେଉଛନ୍ତି। ଏହି ଠକମାନେ ଅତି ଚତୁରତାର ସହିତ ଭକ୍ତ ନିବାସର ଫଟୋ ଏବଂ ରୁମ୍‌ର ଫଟୋ ନକଲି ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରି ଠକେଇ କରୁଛନ୍ତି। ତେବେ ସାଇବର ଅପରାଧୀଙ୍କୁ ଧରିବାରେ ପୁଲିସ ବିଶେଷ ସଫଳତା ପାଉନାହିଁ। ଏବେ ପୁଣି ଜଣେ ଅଣଓଡ଼ିଆ ବ୍ୟକ୍ତି ଆଶୁତୋଷ ବର୍ମା ନକଲି ୱେବ୍‌ସାଇଟ୍‌ରେ ବୁକିଂ କରି ସାଇବର ଅପରାଧୀଙ୍କ ଦ୍ୱାରା ଠକେଇର ଶିକାର ହୋଇଛନ୍ତି। ଏ ନେଇ ସାଇବର ଥାନାରେ ଅଭିଯୋଗ ହେବା ପରେ ଘଟଣା ସାମ୍ନାକୁ ଆସିଛି।

ସୂଚନା ଅନୁସାରେ, ଆଶୁତୋଷ ଫେବୃଆରୀ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ସ୍ୱାଇପ୍ ନାମକ ଏକ ୱେବ୍‌ସାଇଟ୍‌ରେ ପୁରୀରେ ଥିବା ଭକ୍ତ ନିବାସର ରୁମ୍ ବୁକ୍ କରିଥିଲେ। ଗତ ଜାନୁଆରୀ ୨୭ ତାରିଖରେ ରୁମ୍ ବୁକ୍



କରି ଅନ୍‌ଲାଇନ୍‌ରେ ୧୪ ହଜାର ୬୦୦ ଟଙ୍କା ପୈଠ କରିଥିଲେ। ତେବେ ଟାଉନ୍ ଥାନା କଡ଼ରେ ଥିବା ନୀଳାଦ୍ରି ଭକ୍ତ ନିବାସରେ ସେ ପହଞ୍ଚିବା ପରେ ଜାଣିଲେ ତାଙ୍କ ନାମରେ ଭକ୍ତ ନିବାସରେ କୌଣସି ରୁମ୍ ବୁକ୍ ହୋଇନାହିଁ। ଏଣୁ ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ଆଶୁତୋଷ ପୁରୀ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସେପଟେ ହୋଟେଲ୍ ବୁକିଂ ଆଳରେ ପୁରୀ ସହରରେ ଥିବା ପ୍ରମୁଖ ହୋଟେଲଗୁଡ଼ିକର ନକଲି ୱେବ୍‌ସାଇଟ୍ ଖୋଲାଯାଇ ସାଇବର ଅପରାଧୀମାନେ ଲୋକଙ୍କୁ ଠକୁଥିବାବେଳେ ପୁଲିସ ପ୍ରଶାସନ ଏ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ସେବାୟତ ଓ ବୁଦ୍ଧିଜୀବୀ। ଅନ୍ତର୍ଜାତୀୟ ପର୍ଯ୍ୟଟନ ଏବଂ ଧାର୍ମିକ ସହର ପୁରୀ। ସେହିପରି ପୁରୀ ବେଳାଭୂମି ହେଉଛି ପୂର୍ବ ଭାରତର ଅନ୍ୟତମ ମନୋରମ ବେଳାଭୂମି।

**ହଟହଟା ହେଲେ ଅଣଓଡ଼ିଆ**

ତେଣୁ ପ୍ରତିଦିନ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ପୁରୀ ଆସିଥା'ନ୍ତି। ଏମାନଙ୍କ ଚାହିଦାକୁ ନଜରରେ ରଖି ପୁରୀ ସହରରେ ହଜାରରୁ ଊର୍ଦ୍ଧ୍ୱ ହୋଟେଲ, ଲଜ୍, ହଲିଡେ' ହୋମ୍ ରହିଛି। ଅଧିକାଂଶ ହୋଟେଲରେ ଅନ୍‌ଲାଇନ୍‌ରେ ରୁମ୍ ବୁକିଂ କରାଯାଉଛି। ଯାହାକୁ ଏକ ସୁଯୋଗ ଭାବରେ ନେଇ ସାଇବର ଅପରାଧୀମାନେ ସକ୍ରିୟ ଅଛନ୍ତି। ହୋଟେଲଗୁଡ଼ିକର ନକଲି ୱେବ୍‌ସାଇଟ୍ ଖୋଲି କମ୍ ଦାମ୍‌ରେ ରୁମ୍ ଉପଲବ୍ଧ ଥିବା ଦର୍ଶାଉଛନ୍ତି। ଫଳରେ ଲୋକମାନେ ଅଳ୍ପ ଦାମ୍‌ରେ ରୁମ୍ ମିଳୁଥିବାରୁ ଲୋଭର ବଶବର୍ତ୍ତୀ ହୋଇ ବିନା କୌଣସି ଯାଞ୍ଚରେ ଅନ୍‌ଲାଇନ୍‌ରେ ଥିବା ନକଲି ୱେବ୍‌ସାଇଟ୍‌ରେ ଟଙ୍କା ପୈଠ କରି ଠକେଇର ଶିକାର ହେଉଛନ୍ତି।

ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଭକ୍ତ ନିବାସ ସହିତ ପୁରୀରେ ଥିବା ନାମୀଦାମୀ ହୋଟେଲ ନାମରେ ନକଲି ୱେବ୍‌ସାଇଟ୍ ଖୋଲାଯାଇ ଭକ୍ତ ଓ ପର୍ଯ୍ୟଟକଙ୍କୁ ଠକେଇ କରାଯାଉଛି। ଏ ଦିଗରେ ଜନସାଧାରଣଙ୍କୁ ସରକାର ସଚେତନ କରାଇବା ଦରକାର। କେବଳ ସେତିକି ନୁହେଁ ସାଇବର ଥାନା କର୍ମଚାରୀମାନେ ତତ୍ପର ରହିବା ଉଚିତ୍। ସାଇବର ଠକେଇ ଅଭିଯୋଗ ଆସିଲେ ଯଥାଶୀଘ୍ର ତଦନ୍ତ କରାଯିବା ଆବଶ୍ୟକ। ଅନେକ ଲୋକ ଥାନାକୁ ବାରମ୍ବାର ଦୌଡୁଛନ୍ତି। କିନ୍ତୁ ସେମାନଙ୍କ ମାମଲା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସାଇବର ଥାନାକୁ ଆହୁରି ସୁଦୃଢ଼ କରିବା ଲାଗି ଏସ୍‌ପିଙ୍କୁ ଅନୁରୋଧ କରୁଛୁ ବୋଲି କହିଛନ୍ତି ବିନାୟକ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ ପାଢ଼ୀ କହିଛନ୍ତି, ସଚେତନତା ଅଭାବରୁ ଏଭଳି ସାଇବର ଠକେଇ ହେଉଛି। ଶ୍ରୀମନ୍ଦିର ଭକ୍ତ ନିବାସରେ ରୁମ୍ ବୁକ୍ କରିବାକୁ ଚାହୁଁଥିବା ଲୋକେ କେବଳ ଶ୍ରୀମନ୍ଦିର ପ୍ରଶାସନର ୱେବ୍‌ସାଇଟ୍‌କୁ ଯାଆନ୍ତୁ। ଟଙ୍କା ପୈଠ ପୂର୍ବରୁ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ଫୋନ୍ ନମ୍ବରରେ ଯୋଗାଯୋଗ କରି ଏବଂ ଉପଯୁକ୍ତ ଯାଞ୍ଚ କରି ଟଙ୍କା ପୈଠ କରନ୍ତୁ ବୋଲି ଅନୁରୋଧ କରିଛନ୍ତି ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଶ୍ରୀ ପାଢ଼ୀ।

**ଶ୍ରୀମନ୍ଦିରରେ ବେଣ୍ଟ ନୀତି**

# ମୃଗ ଶିକାର କଲେ ଶ୍ରୀରାମ



ପୁରୀ,୧୮।୨(ସମିସ): ଫାଲ୍‌ଗୁନ ଶୁକ୍ଳ ପ୍ରତିପଦା ତିଥିରେ ବୁଧବାର ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଶ୍ରୀରାମଚନ୍ଦ୍ର ବୀର ବେଶରେ ଜଗନ୍ନାଥବଲ୍ଲଭ ମଠରେ ବିଜେ ହୋଇ ମୃଗ ଶିକାର କରିଥିଲେ। ଠାକୁରଙ୍କ ପକ୍ଷରୁ ଲେଙ୍କା ସେବକ ଶର ବିନ୍ଧିବା ପରେ ଏହି ନୀତି ସମ୍ପନ୍ନ ହୋଇଥିଲା।

ଶ୍ରୀମନ୍ଦିରରେ ଠାକୁରଙ୍କ ମଙ୍ଗଳ ଆଳତି ସରିଗଲା ପରେ ଶ୍ରୀରାମ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ପାଲିଙ୍କିରେ ବିଜେ କରିଥିଲେ। ବିମାନବଡୁ ସେବକମାନେ ବିମାନକୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ନେଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ମୁଦିରସ୍ତଙ୍କ ଦ୍ୱାରା ରାଜ ବନ୍ଦାପନା ପରେ ଶ୍ରୀରାମଙ୍କୁ ମହାଜନଙ୍କ ହସ୍ତରେ ବେଣ୍ଟ ନିମନ୍ତେ ବେଣ୍ଟ ପୋଖରୀ କୂଳକୁ ବିଜେ ହୋଇଥିଲେ। ଭିତରଛ ତୀର କମାଣ ଶ୍ରୀଅଙ୍ଗରେ ଛୁଆଁଇବା ପରେ ଲେଙ୍କା ସେବକଙ୍କୁ ବଢ଼ାଇ ଦେଇଥିଲେ। ଲେଙ୍କା ମୃଗ ଜ୍ଞାନରେ ପଇଡ଼କୁ ବିଦ୍ଧ କରିଥିଲେ। ସେଠାରେ ରଖାଯାଇଥିବା ୬ଟି ପଇଡ଼ ମଧ୍ୟରୁ ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ମହାପ୍ରଭୁଙ୍କର ଏହା ଏକ ରାଜକୀୟ ଲୀଳାର ପରିପ୍ରକାଶ।

## ଶ୍ରୀମନ୍ଦିରରୁ ମହିଳା ଲୁଟେରା ଗିରଫ

ପୁରୀ,୧୮।୨(ସମିସ): ଶ୍ରୀମନ୍ଦିରରୁ ଜଣେ ମହିଳା ପକେଟ୍‌ମାରଙ୍କୁ ଗିରଫ କରିଛି ସିଂହଦ୍ୱାର ଥାନା ପୁଲିସ। ଅଭିଯୁକ୍ତ ହେଉଛନ୍ତି ପଶ୍ଚିମବଙ୍ଗ ହୁଗୁଳିର ଶିବାନୀ ପ୍ରସାଦ ରାମ (୬୦)। ସୂଚନା ଅନୁଯାୟୀ, ବୁଧବାର ଦେବଗଡ଼ ଜିଲ୍ଲାର ମନୋରମା ସାହୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ପୂର୍ବାହ୍ଣ ପ୍ରାୟ ୧୧ଟା ୪୦ରେ ବାହାରକାଠରେ ଦର୍ଶନ କରୁଥିବାବେଳେ ଭିଡ଼ର ସୁଯୋଗ ନେଇ ଅଭିଯୁକ୍ତ ଶିବାନୀ ତାଙ୍କ ଭ୍ୟାନିଟି ବ୍ୟାଗ୍ ଲୁଟ୍ କରି ଦୌଡ଼ି ପଳାଉଥିଲେ। ଡ୍ୟୁଟିରେ ଥିବା ପୁଲିସ କର୍ମଚାରୀ ତାଙ୍କୁ ମାଡ଼ି ବସିଥିଲେ। ତାଙ୍କଠାରୁ ଭ୍ୟାନିଟି ବ୍ୟାଗ୍ ଜବତ କରାଯାଇଥିଲା। ସେଥିରେ ୫,୫୦୦ ଟଙ୍କା, ମନୋରମାଙ୍କ ପ୍ୟାନ୍‌କାର୍ଡ, ଭୋଟର କାର୍ଡ ଏବଂ ବ୍ୟାଙ୍କ ପାସବୁକ୍ ରହିଥିଲା। ଏ ନେଇ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

**ଚକ୍ଷୁ ବିଶେଷଜ୍ଞଙ୍କ ନାଁରେ ଅଭିଯୋଗ**

## ତଦନ୍ତ କମିଟିର ସମ୍ମୁଖୀନ ହେଲେ

ପୁରୀ,୧୮।୨(ସମିସ): କୁହାଯାଏ ଡାକ୍ତର ହେଉଛନ୍ତି ଦ୍ୱିତୀୟ ଭଗବାନ। ଏମିତି କିଛି ଡାକ୍ତର ଅଛନ୍ତି ଯେଉଁମାନେ ରୋଗୀ ସେବାକୁ ବ୍ରତ ଭାବି ସେବା ଯୋଗାଇ ଆସୁଛନ୍ତି। ହେଲେ ଆଉ କିଛି ଡାକ୍ତର ଅଛନ୍ତି ଯେଉଁମାନେ ରୋଗୀସେବାକୁ ନୁହେଁ ନିଜ ସ୍ୱାର୍ଥରେ ଅନ୍ଧ ହୋଇ ରୋଗୀଙ୍କ ପ୍ରତି ଅନ୍ୟାୟ କରିଥା'ନ୍ତି। ସେହି ଡାକ୍ତରଙ୍କ ବିରୋଧରେ ନାନା ପ୍ରକାର ଅଭିଯୋଗ ଆସିଥାଏ। ଏମିତି ପୁରୀର ଜଣେ ଚକ୍ଷୁ ବିଶେଷଜ୍ଞଙ୍କ ନାଁରେ ଅଭିଯୋଗ ଆସିବା ପରେ ତାଙ୍କୁ ତଦନ୍ତକାରୀ କମିଟିର ସମ୍ମୁଖୀନ ହେବାକୁ ପଡ଼ିଛି। ସରକାରୀ ମେଡିକାଲରେ ଚିକିତ୍ସା ପରିବର୍ତ୍ତେ ଘରୋଇ ମେଡିକାଲକୁ ରୋଗୀ ପଠାଇ ଅସ୍ତ୍ରୋପଚାର କରାଇବା ଭଳି ସଙ୍ଗିନ ଅଭିଯୋଗ ତାଙ୍କ ନାଁରେ ଆସିଥିଲା। ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ନିକଟରେ ଏହି ଅଭିଯୋଗ ପହଞ୍ଚିବା ପରେ ବୁଧବାର ଜଗନ୍ନାଥ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଧ୍ୟକ୍ଷତାରେ ତଦନ୍ତ କରିଛି କମିଟି। ୬ ଜଣିଆ କମିଟିର ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି।

ଚକ୍ଷୁ ବିଶେଷଜ୍ଞ ଡା. ଲକ୍ଷ୍ମୀଧର ଜେନାଙ୍କ ବିରୋଧରେ ସିଏମ୍‌ଓ ଏବଂ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ନାଁରେ ଚାଲିଛି ବଡ଼ ରାକେଟ୍। ସୋସିଆଲ ମିଡିଆରେ ଏହି ଅଭିଯୋଗ ଭାଇରାଲ ହୋଇଛି। ପୁରୀ ମେଡିକାଲରେ ଚିକିତ୍ସା ପରିବର୍ତ୍ତେ ଘରୋଇ ମେଡିକାଲ ଗଲେ ଉନ୍ନତ ଚିକିତ୍ସା ଯୋଗାଇଦେବାକୁ ସମ୍ପୃକ୍ତ ଚକ୍ଷୁ ବିଶେଷଜ୍ଞ ପ୍ରତିଶ୍ରୁତି ଦେବା, ସରକାରୀ ଡାକ୍ତରଖାନାରୁ ମିଳୁଥିବା କମ୍ ମୂଲ୍ୟର ଲେନ୍ସ ପରିବର୍ତ୍ତେ ସ୍ୱାସ୍ଥ୍ୟ କାର୍ଡରେ ଅଧିକ ମୂଲ୍ୟର ଲେନ୍ସ ଲଗାଇବାକୁ ରୋଗୀଙ୍କୁ ପ୍ରବର୍ତ୍ତାଉଥିବାର ଭିଡିଓ ଭାଇରାଲ୍ ହେଉଛି। ଏହାକୁ ନେଇ ପୀଡ଼ିତ ରୋଗୀଙ୍କ ସମ୍ପର୍କୀୟ ଅନ୍‌ଲାଇନ୍ ପୋର୍ଟାଲରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଫେରାଦ୍ ହୋଇଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଅଫିସରୁ ତଦନ୍ତ ନିର୍ଦ୍ଦେଶ ଆସିଛି। ୬ ଜଣିଆ କମିଟି ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପର୍ଯ୍ୟାୟ କ୍ରମେ ଚାଲିବ ତଦନ୍ତ ପ୍ରକ୍ରିୟା। ପ୍ରଥମେ ଜଗନ୍ନାଥ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ଡା. ଜେନାଙ୍କୁ ୱାନ୍ ଟୁ ୱାନ୍ ଜେରା କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ କହିଛନ୍ତି, ଭାଇରାଲ ଭିଡିଓ ଏବଂ ରୋଗୀଙ୍କ ଡିସ୍‌ଚାର୍ଜ ସାର୍ଟିଫିକେଟ ଆଧାରରେ ସବୁ ଦିଗକୁ ନେଇ ତଦନ୍ତ କରାଯିବ। ଏହି ତଦନ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାକୁ ୨/୪ ଦିନ ସମୟ ଲାଗିଛି। କମିଟି ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଦୁଇ ବାଇକ୍ ଧକ୍କା; ଜଣେ ଗୁରୁତର

ପୁରୀ,୧୮।୨(ସମିସ): ବାଇକ୍‌କୁ ପିଟିଲା ବାଇକ୍। ଏହି ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ବୁଧବାର ମଙ୍ଗଳାଘାଟ କୃଷି ଭବନ ସମ୍ମୁଖରେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କର ମୁଣ୍ଡ, ଗୋଡ଼ ଏବଂ ହାତରେ ଗଭୀର ଆଘାତ ଲାଗିଥିଲା। ତାଙ୍କର ଅସ୍ତ୍ରୋପଚାର କରାଯାଇଥିବା ଜଣାପଡ଼ିଛି। ଦେଖଣାହାରୀଙ୍କ କହିବା ମୁତାବକ, ରାଜପଥ ସଂଲଗ୍ନ ଗଳିରୁ ଏକ ବାଇକ୍‌ରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଆସୁଥିଲେ। ସେହି ପାର୍ଶ୍ୱରେ ଆସୁଥିବା ଛତିଶଗଡ଼ ନମ୍ବର ଥିବା ଏକ ମଡେଲିଂ ବାଇକ୍ ଆସି ତାଙ୍କୁ ଜୋର୍‌ରେ ଧକ୍କା ଦେଇଥିଲା। ଫଳରେ ସେହି ବ୍ୟକ୍ତି ଜଣକ ରାସ୍ତାରେ ଛିଟିକି ପଡ଼ିବା ସହ ଗୁରୁତର ଭାବେ ଆହତ ହୋଇଥିଲେ।

## ପୁରୀ ବାର୍‌ରେ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ

ପୁରୀ,୧୮।୨(ସମିସ): ସ୍ୱାସ୍ଥ୍ୟ ହିଁ ସମ୍ପଦ। ଓକିଲାତି ପେସାରେ ଥାଇ ଓକିଲ ନିଜର କର୍ମମୟ ଜୀବନରେ ନିଜ ଶରୀରର ଯତ୍ନ ନେବାରେ ଅଣଦେଖା କରିଥା'ନ୍ତି। ଏଭଳି ସ୍ଥିତିରେ ଖେଳ ଜୀବନକୁ ମାନସିକ ଅବସାଦରୁ ମୁକ୍ତି ଦେଇଥାଏ। ଓକିଲମାନଙ୍କ ମଧ୍ୟରେ ଭାଇଚାରା ବଜାୟ ରଖି ଐକ୍ୟ ପ୍ରତିଷ୍ଠା କରେ ଖେଳ। ଏଭଳି ଆଭିମୁଖ୍ୟ ରଖି ପୁରୀ ଓକିଲ ସଂଘ ସବୁ ଆଇନଜୀବୀଙ୍କୁ ନେଇ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା କରିଥିଲା। ତେଣୁ ମହିଳା ଏବଂ ପୁରୁଷ ଆଇନଜୀବୀଙ୍କ ମଧ୍ୟରେ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ସଭାପତି ପ୍ରେମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ପରିବାର ଅଦାଲତ ବିଚାରପତି ସୁମିତା ଜେନା ମୁଖ୍ୟଅତିଥି, ପ୍ରଥମ ଜିଲ୍ଲା ଜଜ୍ ସୈକତ ପାତ୍ର, ତୃତୀୟ ଜିଲ୍ଲା ଜଜ୍ ଚିନ୍ମୟୀ ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ ରିପୋର୍ଟ ଉପସ୍ଥାପନ କରିଥିଲେ। ଶ୍ରାବଣୀ ଦାସଙ୍କ ରଚିତ ଓ ସ୍ୱର ସଂଯୋଜନାରେ ସଙ୍ଗୀତ ପରିବେଷଣ କରାଯାଇଥିଲା। ନିତା ସ୍ପୋର୍ଟ୍ସ ଏକାଡେମୀର ସତ୍ୟବ୍ରତ ଷଡ଼ଙ୍ଗୀ, ଚେସ୍ କୋଚ୍ ସୁବାସ ସାହୁ, ମଲ୍ଲ ଯୋଦ୍ଧା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ତୃପ୍ତିମୟୀ ମହାପାତ୍ର, ସବିତା ପ୍ରତିହାରୀ, ଭାଗବତ ପ୍ରସାଦ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ସମିର ଘୋଷ, ଅନୀଲ ସାହୁ, ତାପସ ବଳିଆରସିଂ, ଜ୍ୟୋତି ପ୍ରକାଶ ମହାନ୍ତି, ରାଜେଶ ମହାନ୍ତି, ମନୋରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଉପସଭାପତି ବିଭୁଦତ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମ୍‌ଓୟୁ

ପୁରୀ,୧୮।୨(ସମିସ): ଓଡ଼ିଶାର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ଏବଂ ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ମୁଖ୍ୟତଃ ବୈଜ୍ଞାନିକ ତଥା ଶିକ୍ଷାଗତ ସହଯୋଗ ମାଧ୍ୟମରେ ଉଭୟ ଅନୁଷ୍ଠାନର ଶୈକ୍ଷିକ ମାନଦଣ୍ଡକୁ ସୁଦୃଢ଼ କରିବା ଏହି ଚୁକ୍ତିର ମୂଳ ଲକ୍ଷ୍ୟ।



କାର୍ଯ୍ୟକ୍ରମରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜିଏସ୍‌ଭି ଦତ୍ତାତ୍ରେୟ ମୂର୍ତ୍ତି ଉପସ୍ଥିତ ରହି ଏହି ଦ୍ୱିପାକ୍ଷିକ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ପରୀକ୍ଷା ନିୟନ୍ତ୍ରକ ଡ. ବସନ୍ତ କୁମାର ମିଶ୍ର ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ଶୁଭେନ୍ଦୁ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ଆଗାମୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉଭୟ କୁଳପତି ସେମାନଙ୍କ ଅଭିଭାଷଣରେ କହିଛନ୍ତି ଯେ, ଏହି ସହଭାଗିତା ଦ୍ୱାରା ଓଡ଼ିଆ ଏବଂ ସଂସ୍କୃତ ଭାଷାର ପ୍ରାଚୀନ ଐତିହ୍ୟ ଓ ଆଧୁନିକ ଗବେଷଣା ମଧ୍ୟରେ ଏକ ସମନ୍ୱୟ ରକ୍ଷା କରାଯାଇପାରିବ। ଏହି ବୁଝାମଣା ଫଳରେ ଆଗାମୀ ଦିନରେ ମିଳିତ ଭାବେ ଜ୍ଞାନବର୍ଦ୍ଧକ କର୍ମଶାଳା, ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ ଏବଂ ବିଭିନ୍ନ ଶୈକ୍ଷିକ ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ, ଯାହା ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗବେଷକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଂସ୍କୃତ ଭାଷା ସାହିତ୍ୟର ଦୁର୍ଲ୍ଲଭ ପାଣ୍ଡୁଲିପି ସବୁ ଓଡ଼ିଆ ଭାଷାରେ ଅନୁବାଦ ହେବାର ଲକ୍ଷ୍ୟ ରଖାଯାଇଛି।

## ସ୍ୟାଣ୍ଡ ଆନିମେସନରେ ଶିବାଜୀଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ,୧୮।୨(ସମିସ): ଛତ୍ରପତି ଶିବାଜୀ ଜୟନ୍ତୀ ଅବସରରେ ପ୍ରସିଦ୍ଧ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ସ୍ୟାଣ୍ଡ ଆନିମେସନରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ବାଲୁକା ଆନିମେସନ ପ୍ରସ୍ତୁତି ଲାଗି ମାନସଙ୍କୁ ଦୁଇ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ତେବେ ଏହି କଳାକୃତିରେ ମହାନ୍ ମରାଠା ଯୋଦ୍ଧା ଶିବାଜୀ ମହାରାଜଙ୍କ ସାହସ, ନେତୃତ୍ୱ ଏବଂ ଦୃଷ୍ଟିକୋଣକୁ ସୁନ୍ଦର ଭାବେ ଚିତ୍ରଣ କରିଥିଲେ ମାନସ। ବିସ୍ତୃତ ବାଲୁକା ଦୃଶ୍ୟ ମାଧ୍ୟମରେ ଛତ୍ରପତିଙ୍କ ସାହସ, ଦେଶପ୍ରେମ ଏବଂ ସ୍ୱରାଜ୍ୟର ବିଷୟବସ୍ତୁକୁ ଦର୍ଶାଇଥିଲେ।




## ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର

ପୁରୀ,୧୮।୨(ସମିସ): ଗୋରୁଆଳ ନୂଆପାଟଣାସ୍ଥିତ ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟରେ ବୁଧବାର ଓଡ଼ିଶାର ପ୍ରଥମ କଳା ଇତିହାସ ବିଭାଗର ବିଶିଷ୍ଟ ଐତିହାସିକ ଓ ଗବେଷକ ଗୁରୁଜୀ ଡ. ଅଲେଖ ଚରଣ ସାହୁଙ୍କ ଦ୍ୱାରା "ଶାନ୍ତି ନିକେତନ ସ୍କୁଲ ଅଫ୍ ଆର୍ଟ" ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳା ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗାମାଧବ କର ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଡ. ସାହୁଙ୍କ ସୁଗୁଣକୁ ବଖାଣିଥିଲେ। ଏଥିରେ ଚିତ୍ରକଳା ବିଭାଗର ଅଧ୍ୟାପକ ଉଦ୍ଧବ ନାୟକ, ବାଣିଜ୍ୟ କଳା ବିଭାଗର ଅଧ୍ୟାପକ ଅନନ୍ତ ପ୍ରଧାନ, ଇଂରାଜୀ ଅଧ୍ୟାପିକା ତୃପ୍ତି ରେଖା ମିଶ୍ର ଓ ଶୁଭସ୍ମିତା କର ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କର ଧନ୍ୟବାଦ ଅର୍ପଣ କରିଥିଲେ।

# ବିପୁଳ ପରିମାଣର ନିଷିଦ୍ଧ ତମାଖୁ ଓ ପାନ ମସଲା ଜବତ

ପୁରୀ,୧୮।୨(ସମିସ)

ନିଷିଦ୍ଧ ତମାଖୁ ଓ ପାନ ମସଲା ବେଆଇନ ଭାବେ ମହଜୁଦ୍ ରଖିବା ଏବଂ ବିକ୍ରି କରିବା ସଂକ୍ରାନ୍ତରେ ବିଶେଷ ସୂତ୍ରରୁ ସୂଚନା ପାଇ ପୁରୀ ପୁଲିସ ମଙ୍ଗଳବାର ସନ୍ଧ୍ୟାରେ ସହରର ବିଭିନ୍ନ ଜାଗାରେ ଚଢ଼ଉ କରିଥିଲା। ଅପରେସନ ଚକ୍ର ଅଧୀନରେ ଏହି ସ୍ୱତନ୍ତ୍ର ଅଭିଯାନରେ ପୁଲିସକୁ ମିଳିଛି ବିଶେଷ ସଫଳତା। ନିଷିଦ୍ଧ ତମାଖୁ କାରବାରକୁ ରୋକିବା ପାଇଁ ବିଭିନ୍ନ ପାଇକାରୀ ଦୋକାନ ଏବଂ କ୍ଷୁଦ୍ର ଖୁଚୁରା ଦୋକାନରେ ଚଢ଼ଉ କରାଯାଇଥିଲା। ଏ ସଂକ୍ରାନ୍ତରେ କୁମ୍ଭାରପଡ଼ା ଥାନା ଏବଂ ବାସେଳି ସାହି ଥାନାରେ ନିଷିଦ୍ଧ ତମାଖୁ ଉତ୍ପାଦ ବେଆଇନ ଭାବେ ଗଚ୍ଛିତ ରଖିବା ଏବଂ ବିକ୍ରୟ ପାଇଁ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଛି। କୁମ୍ଭାରପଡ଼ା ଥାନାରେ ରୁଜୁ ମାମଲା (ନଂ.୯/୨୬)ରେ ଜାଇଗଡ଼ ଜଗା ଅଞ୍ଚଳରେ ଚଢ଼ଉ କରାଯାଇ ପ୍ରାୟ ୨ ଲକ୍ଷ ଟଙ୍କା ମୂଲ୍ୟର ନିଷିଦ୍ଧ ତମାଖୁ ଏବଂ ଗୁଟ୍‌ଖା ଜବତ କରାଯାଇଛି। ଏହି ମାମଲାରେ ଘୋଡ଼ାବଜାର ଅଞ୍ଚଳର ଆର୍. ଲୋକନାଥ ରେଡ୍ଡୀ (୫୪)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେହିପରି ବାସେଳିସାହି ଥାନାରେ ରୁଜୁ ମାମଲା (ନଂ.୫୩/୨୬)ରେ ଅଭିଯୁକ୍ତ ନରେନ୍ଦ୍ରକୋଣ ଜଗନ୍ନାଥ ନଗରର ରାମଚନ୍ଦ୍ର ମାଲୁ (୬୧)ଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ବିପୁଳ ପରିମାଣରେ ନିଷିଦ୍ଧ ତମାଖୁ ଓ ପାନମସଲା ଜବତ ହୋଇଛି। ଆଇନ ଅନୁସାରେ ଅଧିକ ତଦନ୍ତ ଏବଂ ପରୀକ୍ଷା ପାଇଁ ସମସ୍ତ ଜବତ ଉତ୍ପାଦଗୁଡ଼ିକୁ ଖାଦ୍ୟ ସୁରକ୍ଷା ବିଭାଗକୁ ପଠାଇ ଦିଆଯାଇଛି। ଏହି ଅଭିଯାନ ସମୟରେ ଅନେକ ଛୋଟ ଦୋକାନ ଯାଞ୍ଚ କରାଯାଇଥିଲା ଏବଂ ନିଷିଦ୍ଧ ତମାଖୁ ଉତ୍ପାଦ ମହଜୁଦ କିମ୍ବା ବିକ୍ରୟ ନ କରିବା ପାଇଁ କଡ଼ା ଚେତାବନୀ ଦିଆଯାଇଛି। ଦୋକାନ ମାଲିକ ଓ ବିତରକମାନଙ୍କୁ ତୁରନ୍ତ ଏପରି ବେଆଇନ କାର୍ଯ୍ୟକଳାପ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନଚେତ୍ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।



**ଅପରେସନ ଚକ୍ର**




## ଅଚଳ ହୋଇ ପଡ଼ିଛି ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ

# ଆଗକୁ ଖରାଦିନ; ପାଣି ପାଇଁ ପରିସ୍ଥିତି ଜଟିଳ ହେବ

ଭଦ୍ରକ,୧୮।୨(ସମିସ)

ଭଦ୍ରକ ଜିଲ୍ଲାରେ ଭୂତଳ ଜଳସ୍ତର କମିବାରେ ଲାଗିଛି। ବିଶେଷ କରି ଖରା ଦିନରେ ଭୂତଳ ଜଳସ୍ତର ବହୁତ କମି ଯାଉଛି। ଅଧିକାଂଶ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇ ପଡ଼ିଥିବା ଜଣାଯାଇଛି। ମୁଖ୍ୟତଃ ଜିଲ୍ଲାର ବାସୁଦେବପୁର, ତିହିଡ଼ି, ଚାନ୍ଦବାଲି ଓ ଧାମନଗର ବ୍ଲକରେ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଗାଁରେ ଭୂତଳ ଜଳସ୍ତର ଲବଣାକ୍ତ ହୋଇଥିବାବେଳେ ଜଳସ୍ତର କମିବା ଘଟଣା ଚିନ୍ତା ବଢ଼ାଇଛି। ବିକଳ୍ପ ବ୍ୟବସ୍ଥା କିଛି ନ କରାଯାଇଛି। କେତେକ ସ୍ଥାନରେ ପ୍ରକଳ୍ପ ଆରମ୍ଭରୁ ଅଚଳ ହୋଇପଡ଼ିଥିବା ବେଳେ ଅନେକ ପ୍ରକଳ୍ପର ପାଇପ୍ ଫାଟିଯିବା ସହ ଷ୍ଟାଣ୍ଡପୋଷ୍ଟ ଭାଙ୍ଗିଯାଇଛି। ନଳକୂଅ ଓ କୂଅରୁ ଲୁଣାଜଳ ବାହାରୁଥିବା ବେଳେ ପାନୀୟ ଜଳ ପ୍ରକଳ୍ପ ଅଚଳ ହେବା ଲୋକଙ୍କ ସମସ୍ୟା ବଢ଼ାଇଛି। ୧୦ ବର୍ଷ ପୂର୍ବେ ଜିଲ୍ଲାର ଏହିସବୁ ଅଞ୍ଚଳରେ କୂଅରୁ ୧୦ରୁ ୧୨ ଫୁଟ୍ ଗଭୀରତାରୁ ମଧୁର ଜଳ ବାହାରୁଥିଲା। ନଳକୂଅ ଖନନ ବେଳେ ୫୦ରୁ ୬୦ ଫୁଟ୍ ଗଭୀରରୁ ମଧୁର ଜଳ ବାହାରୁଥିଲା। ଏବେ ୧୦୦ରୁ ୧୫୦ ଫୁଟ୍ ଖୋଳିଲେ ମଧ ମଧୁର

**● ଜିଲ୍ଲାରେ କମିବାରେ ଲାଗିଛି ଭୂତଳ ଜଳ**
**● ୪୦୦ରୁ ଅଧିକ ଗାଁରେ ମିଳୁନି ମଧୁର ଜଳ**

ଥିବାରୁ ଲୋକେ ଲୁଣାଜଳ ପିଇବାକୁ ବାଧ ହେଉଥିବା ପରିଲକ୍ଷିତ ହୋଇଛି। ଭୂତଳ ଜଳ ଲୋକଙ୍କ ଶୋଷ ମେଣ୍ଟାଇପାରୁ ନ ଥିବାରୁ ୨୦୧୦ରୁ ଏସବୁ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ପାନୀୟ ଜଳ ପ୍ରକଳ୍ପ ବ୍ୟବସ୍ଥା କରାଯାଇଥିଲା।

୨୦୧୦ରୁ ୨୦୨୫ ମସିହା ୧୫ ବର୍ଷ ଭିତରେ ଏହିସବୁ ବ୍ଲକ୍‌ରେ ୨୦୦ କୋଟି ଟଙ୍କାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଜଳ ବାହାରୁନି। ଜଳସ୍ତର ନିମ୍ନଗାମୀ ହେଉଥିବା ବେଳେ ଆଗାମୀ ଦିନରେ ଆହୁରି ତଳକୁ ଖସିବ ବୋଲି ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କୁହାଯାଇଛି। ଜିଲ୍ଲାର ଧାମନଗର, ତିହିଡ଼ି, ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ୍ ଅଞ୍ଚଳରେ ଭୂତଳ ଜଳସ୍ତର ଲବଣାକ୍ତ। ବାର୍ଷିକ ବୃଷ୍ଟିପାତ କମ୍ ରହିଥିବାବେଳେ ଜିଲ୍ଲାରେ ଭୂତଳ ଜଳ ବ୍ୟବହାର ମାତ୍ରାଧିକ ରହିଛି।



ରାଜ୍ୟରେ ହାରାହାରି ୨୫ ପ୍ରତିଶତ ଭୂତଳ ଜଳ ବିନିଯୋଗ ହେଉଥିବାବେଳେ ଭଦ୍ରକ ବ୍ଲକ୍‌ରେ ସର୍ବାଧିକ ୬୮ ପ୍ରତିଶତ ଭୂତଳ ଜଳ ବିନିଯୋଗ କରାଯାଉଛି। ସେହିପରି ଭଣ୍ଡାରିପୋଖରୀ ବ୍ଲକ୍‌ରେ ୬୬ ପ୍ରତିଶତ, ବାସୁଦେବପୁର ବ୍ଲକ୍‌ରେ ୪୫ ପ୍ରତିଶତ, ବନ୍ତ ବ୍ଲକ୍‌ରେ ୪୭ ପ୍ରତିଶତ, ଧାମନଗର ବ୍ଲକ୍‌ରେ ୫୮ ପ୍ରତିଶତ, ତିହିଡ଼ିରେ ୪୨ ପ୍ରତିଶତ ଭୂତଳ ଜଳ ବ୍ୟବହାର କରାଯାଉଛି। ଅଧିକାଂଶ ସ୍ଥାନରେ ଘରୋଇ ନଳକୂଅ ଖନନ କରାଯାଇ ଭୂତଳ ଜଳ ବ୍ୟବହାର କରାଯାଉଛି। ସେହିପରି କୃଷି ପାଇଁ ଏଲ୍‌ଆଇ ପଏଣ୍ଟ ବସାଯାଇ ଭୂତଳ ଜଳ ବ୍ୟବହାର କରାଯାଉଛି। ଭୂତଳ ଜଳକୁ ଅଧିକ ବ୍ୟବହାର ନ କରି ନଦୀଜଳକୁ ବିଶୋଧନ କରି ଲୋକଙ୍କୁ ଯୋଗାଣ ପାଇଁ କେନ୍ଦ୍ରୀୟ ଭୂତଳ ଜଳ ନିର୍ଦ୍ଦେଶକଙ୍କର ନିର୍ଦ୍ଦେଶ ରହିଥିଲେ ମଧ ଏହା ବାସ୍ତବରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଭଦ୍ରକ ସହର ଓ ଉପକଣ୍ଠ ଅଞ୍ଚଳର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୧୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଏହା ଶେଷ ହୋଇପାରୁ ନାହିଁ। ବିଭାଗର ଆନ୍ତରିକତା ଅଭାବରୁ କାମ ସମ୍ପୂର୍ଣ୍ଣ ହୋଇପାରୁନି ବୋଲି ଅଭିଯୋଗ ହୋଇଛି। ସେହିପରି ବନ୍ତ ବ୍ଲକ୍ ଓଡ଼ଙ୍ଗ ପଞ୍ଚାୟତ ସରମରା ଗାଁରେ ପ୍ରତିଷ୍ଠା କରାଯାଇଥିବା ପାନୀୟ ଜଳ ପ୍ରକଳ୍ପ ଆରମ୍ଭରୁ ଅଚଳ ହୋଇ ପଡ଼ିରହିଛି। ଏହି ପ୍ରକଳ୍ପ ପାଇଁ ପ୍ରାୟ କୋଟିଏ ଟଙ୍କା ଖର୍ଚ୍ଚ ହୋଇଥିଲା। ଅନେକ ସ୍ଥାନରେ ପାଇପ୍ ଫାଟି ଯାଇଥିବାବେଳେ ଷ୍ଟାଣ୍ଡପୋଷ୍ଟ ସବୁ ଭାଙ୍ଗି ଯାଇଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଖରାଦିନ ପୂର୍ବରୁ ଏ ଦିଗରେ ପ୍ରଶାସନ ଗୁରୁତ୍ୱର ସହ ଦୃଷ୍ଟି ନ ଦେଲେ ପରିସ୍ଥିତି ଭୟଙ୍କର ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରିବନି ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ମହୁମାଛି ଆକ୍ରମଣରେ ୩ ଛାତ୍ରୀ ଆହତ



ବାରିକପୁର,୧୮।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ହାଟଡିହି କେନାଲ ବନ୍ଧ ଉପରେ ବାଘୁଆ ମହୁମାଛି ଆକ୍ରମଣ କରିବାରୁ ୩ ଜଣ ଛାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ବୁଧବାର ସକାଳ ପ୍ରାୟ ୧୦ଟାରେ ପିଲାମାନେ ସ୍କୁଲ ଆସୁଥିବାବେଳେ ହଠାତ୍ ମହୁମାଛି ସେମାନଙ୍କୁ ଆକ୍ରମଣ କରିଥିଲା। ପରେ ଛାତ୍ରୀମାନଙ୍କୁ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁଅଣାଯାଇଥିବାବେଳେସମସ୍ତଙ୍କୁପ୍ରାଥମିକଚିକିତ୍ସାକରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣକୁ ଭଦ୍ରକ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



ବନ୍ତ/ଆଗରପଡ଼ା,୧୮।୨(ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତର ରାଜନୈତିକ ଚାଣକ୍ୟ ତଥା ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପଣ୍ଡାଙ୍କ ସୋମବାର କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ତାଙ୍କ ମରଶରୀରକୁ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ନିଜ ଗ୍ରାମ ପାନପଦୀକୁ ଅଣାଯାଇଥିଲା। ବାସଭବନରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ପରେ ସ୍ୱର୍ଗତ ପଣ୍ଡାଙ୍କ ମରଶରୀରକୁ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ବିରାଟ ଶୋଭାଯାତ୍ରାରେ ଗ୍ରାମ ବଜାର ପରିକ୍ରମା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ତାପସ ରଞ୍ଜନ ପଣ୍ଡା ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟ ସମୟରେ ଲାକ୍ଷାନୁ ରଞ୍ଜନ ପଣ୍ଡା, କୃଷ୍ଣ ପଣ୍ଡା, ସୁଦର୍ଶନ ପଣ୍ଡା, ପ୍ରଜ୍ଞା ପାରମିତା ପାଢ଼ୀ, ରୂପାଲି ଅପରାଜିତା ପଣ୍ଡା, ଶ୍ରୀକାନ୍ତ ପାଢ଼ୀ, ସନ୍ତୋଷ ପାଢ଼ୀ, ଅରବିନ୍ଦ ପଣ୍ଡା, ନାରଣ ଦାଶ, ପ୍ରଭୁ କଲ୍ୟାଣ ପଣ୍ଡା, ତିଲୋତ୍ତମା ମିଶ୍ର, ସତ୍ୟଭାମା ପଣ୍ଡା, ରମାମଣି ସୁଆର ଏବଂ ସମସ୍ତ ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଦୁର୍ଯ୍ୟୋଧନ ୧୯୮୭ ମସିହାରେ ରାମଚନ୍ଦ୍ରପୁର ପଞ୍ଚାୟତର ପ୍ରଥମ ସରପଞ୍ଚ ହୋଇଥିଲେ ଏବଂ ପରେ ୧୯୯୨ ଓ ୧୯୯୭ ପୁନର୍ବାର ସରପଞ୍ଚ ହୋଇଥିଲେ। ୧୯୯୨ ମସିହାରେ ଶିକ୍ଷାର ବିକାଶ ପାଇଁ ବଳଭଦ୍ରପୁର ବାଳିକା ଉଚ୍ଚ ବିଦ୍ୟାଳୟ ନିର୍ମାଣ କରିଥିଲେ। ତତ୍‌ସହିତ କୃଷି, ଗମନାଗମନ ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସ୍ଥାନୀୟ ଅଞ୍ଚଳରେ ତାଙ୍କର ଅନେକ ଅବଦାନ ରହିଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳ ସହିତ ବନ୍ତ ବ୍ଲକ୍‌ରେ ଶୋକର ଛାୟା ଖେଳିଯାଇଛି।

## ବିଦ୍ୟୁତ୍ ଆଘାତରେ ହାଇୱା ଚାଳକଙ୍କ ମୃତ୍ୟୁ



ଧାମନଗର,୧୮।୨(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ପଦ୍ମପୋଖରୀ ଗାଁର ଯୁବକ ଭୋଳାନାଥ କବି(୨୭)ଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଭୋଳାନାଥ ମଙ୍ଗଳବାର ରାତିରେ ଚଳାଉଥିବା ହାଇୱା(ଓଡି ୨୨ ଜେ ୧୧୬୭) ନେଇ ବାରିକପୁର ନିକଟସ୍ଥ ପାଇମହୁରା ଅଞ୍ଚଳକୁ ଯାଉଥିବାବେଳେ ହାଇୱାଟି ଇଲେଭେନ୍ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ଏହା ଦ୍ୱାରା ସେ ଗୁରୁତର ହୋଇ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧାମନଗର ପୁଲିସ ଖବର ପାଇ ଭଦ୍ରକ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ପଦ୍ମପୋଖରୀ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏ ସଂକ୍ରାନ୍ତରେ ଧାମନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଆଇଆଇସି ସୁଭ୍ରଜିତ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ସୁଜିତ୍ ରାଉତ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

## ମା’ କୋହ୍ଲକୋହ୍ଲଣୀଙ୍କ ବାର୍ଷିକୋତ୍ସବ



ବନ୍ତ/ଆଗରପଡ଼ା,୧୮।୨(ସମିସ): ବନ୍ତ ବ୍ଲକ୍ ନିମପଲ୍ଲୀ ଗାଁରେ ଥିବା ମା’ କୋହ୍ଲ କୋହ୍ଲଣୀଙ୍କ ପୀଠରେ ୨ ଦିନବ୍ୟାପୀ ଅନୁଷ୍ଠିତ ହୋଇଆସୁଥିବା ୫୬ତମ ବାର୍ଷିକୋତ୍ସବ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଗାଁରେ ଥିବା ଆରାଧ୍ୟ ଦେବୀ ମା’ କୋହ୍ଲ କୋହ୍ଲଣୀଙ୍କୁ ଶକ୍ତିର ସ୍ୱରୂପ ଭାବେ ପୂଜା କରାଯାଏ। ଲୋକକଥା ଅନୁସାରେ ମା’ ଅତ୍ୟନ୍ତ ପ୍ରତ୍ୟକ୍ଷ। ଗାଁର ରକ୍ଷାକାରିଣୀ ଦେବୀ ଭାବେ ମନାଯାଇଥାଏ। ଯେଉଁମାନେ ଶ୍ରଦ୍ଧା ଓ ଭକ୍ତିର ସହକାରେ ମା’ଙ୍କ ପାଖରେ ପ୍ରାର୍ଥନା ଓ ମାନସିକ କରିଥା’ନ୍ତି, ସେମାନଙ୍କର ଦୁଃଖ କଷ୍ଟ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ପ୍ରତ୍ୟେକ ବର୍ଷ ମା’ କୋହ୍ଲ କୋହ୍ଲଣୀଙ୍କ ପୀଠରେ ଏହି ଉତ୍ସବକୁ ପାଳନ କରାଯାଉଥିବାବେଳେ ଚଳିତ ବର୍ଷ ମହାସମାରୋହରେ ଏହି ଉତ୍ସବକୁ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମା’ଙ୍କୁ ଦର୍ଶନ କରିବା ସହ କରୁଣା ଲାଭ କରିବା ପାଇଁ ଆଖପାଖ ଅଞ୍ଚଳରୁ ଶହଶହ ଭକ୍ତଙ୍କ ସମାଗମ ହୋଇଥିବାବେଳେ ଭକ୍ତିମୟ ପରିବେଶ ମଧ୍ୟରେ ଉତ୍ସବ ଉଦ୍‌ଯାପିତ ହୋଇଥିବା ଦେଖିବାକୁ ମିଳିଛି।

## ବାସି ଭୋଜି ଖାଇ ମୋବାରକପୁରର ୨୦ ଅସୁସ୍ଥ



ଭଣ୍ଡାରିପୋଖରୀ,୧୮।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ମୋବାରକପୁର ଗେଙ୍ଗୁଟିଆ ଆଦିବାସୀ ବସ୍ତି ବାସିନ୍ଦା ବାସି ଭୋଜି ଖାଇ ମଙ୍ଗଳବାର ପ୍ରାୟ ୨୦ ଜଣ ଅସୁସ୍ଥ ହୋଇ ପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଆକ୍ରାନ୍ତ ଅର୍ଜୁନ ମୁଣ୍ଡା(୬୧) ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଆକ୍ରାନ୍ତ ହୋଇଥିବା ଅର୍ଜୁନଙ୍କ ପତ୍ନୀ ଶକୁନ୍ତଳା ଚିକିତ୍ସିତ ହୋଇ ଘରକୁ ବୁଧବାର ଫେରିଥିବା ଜଣାଯାଇଛି। ଆକ୍ରାନ୍ତ ହୋଇଥିବା ଗ୍ରାମର ଅନ୍ୟ ୧୮ ଜଣ କ୍ରମେ କ୍ରମେ ସୁସ୍ଥ ହେଉଛନ୍ତି। ପରିସ୍ଥିତି ନିୟନ୍ତ୍ରଣାଧୀନ ଅଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ସରୋଜ କୁମାର ରାଉଳ ସୂଚନା ଦେଇଛନ୍ତି। ଡା. ରାଉଳଙ୍କ ନେତୃତ୍ୱରେ ଡା. ଆଦିତ୍ୟ କୁମାର ସାହୁ, ବିପିଏମ୍ ରଶ୍ମିରେଖା ପୃଷ୍ଟି ପ୍ରମୁଖ ଗ୍ରାମକୁ ଯାଇ ଆକ୍ରାନ୍ତଙ୍କୁ ଚିକିତ୍ସା କରିବା ସହ ବ୍ଲିଚିଂ ପାଉଡର ଦ୍ୱାରା ଶୋଧନ ବ୍ୟବସ୍ଥା କରିଥିଲେ। ନଳକୂଅଆଦି ପାନୀୟଜଳ ଉତ୍ସଗୁଡ଼ିକୁ ମଧ ବିଶୋଧନ କରାଯାଇଛି। ଜିଲ୍ଲା ସଂକ୍ରାମକ ରୋଗ ବିଶେଷଜ୍ଞ ପାର୍ଥସାରଥି ନାୟକ ଆଦିବାସୀ ବସ୍ତିକୁ ଆସି ପରିସ୍ଥିତି ଅନୁଧ୍ୟାନ କରିବା ସହ ଆକ୍ରାନ୍ତଙ୍କ କାରଣ, ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ସାହିରେ ମେଡିକାଲ ଦଳ ମୁତୟନ ରହିଛନ୍ତି।

ପ୍ରକାଶ ଯେ, ପାଟୁଳିର ଜନୈକ ବ୍ୟକ୍ତି ସୋମବାର ଭୋଜିର ବଳକା ଖାଦ୍ୟ ଆଦିବାସୀ ବସ୍ତି ଲୋକଙ୍କୁ ବିତରଣ କରିଥିଲେ। ଏହି ଖାଦ୍ୟ ଗ୍ରହଣ କରିବା ପରେ ସାହିର ବହୁ ଲୋକ ଆକ୍ରାନ୍ତ ହୋଇ ମଙ୍ଗଳବାର ଅପରାହ୍ଣରୁ ପେଟ କାଟିବା, ଲାଳଝାଡ଼ା ହେବା ଭଳି ରୋଗରେ ପୀଡ଼ିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କେତେକ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ମଙ୍ଗଳବାର ସନ୍ଧ୍ୟାରୁ ଗ୍ରାମରେ ସ୍ଥାନୀୟ ମେଡିକାଲ ଦଳ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିଲେ। ବୁଧବାର ସ୍ଥିତିରେ ସୁଧାର ଆସିଥିବା ଜଣାଯାଇଛି।

**ଗାଁରେ ପହଞ୍ଚିଲେ ଡାକ୍ତରୀ ଦଳ; ସ୍ଥିତି ନିୟନ୍ତ୍ରଣାଧୀନ**

## ନାହୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବନ୍ତ/ଆଗରପଡ଼ା,୧୮।୨(ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ରାମକୃଷ୍ଣପୁର ପଞ୍ଚାୟତ ନାହୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଧରିତ୍ରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧୀର କୁମାର ରାଉତ, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନଶିକ୍ଷକ ରୋହିତ କୁମାର ଜେନା, ସମ୍ମାନିତ ଅତିଥି ବାଲୁଙ୍କେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ମଲିକ, ଚାରିଡିରା କାଜିପୋଖରୀ ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ପହି, ନାଏବ ସରପଞ୍ଚ ପଦ୍ମାଳୟା ଦାସ, ବାଲୁଙ୍କେଶ୍ୱର ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିରୁଦ୍ଧ ମଙ୍ଗଳ, ଶିକ୍ଷାବିତ୍ ନିରଞ୍ଜନ ବିଶ୍ୱାଳ, ଅଭିମନ୍ୟୁ ପ୍ରଧାନ, ଶେଷଦେବ ନାୟକ, ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପର୍ଶୁରାମ ନାୟକ, କୌଶଲ୍ୟା ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ସାହୁ, କୁଣ୍ଡୁଳା ବିଦ୍ୟାଳୟ ପ୍ରଧାନଶିକ୍ଷକ ଶରତ କୁମାର ନାୟକ, ପରିଚାଳନା କମିଟି ସଭାପତି ସୁଧାକର ଦାସ, ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କରୁଣାକର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ସୁକାନ୍ତି ଟୁଡୁ ବାର୍ଷିକ ବିବରଣୀ ପଠନ ଓ ଶିକ୍ଷୟିତ୍ରୀ ସାଗରିକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ ସମସ୍ତ ଛାତ୍ରଛାତ୍ରୀ ଭାଗନେଇଥିବା ବେଳେ ସେଥିମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିଗ୍ରହଣ କରିଥିବା ୪୮ ଜଣ ଛାତ୍ରଛାତ୍ରୀଙ୍କ ସମେତ କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ସୁବାସ ଦେହୁରୀ, ସାଗର ସାହୁ, ମନୋରଞ୍ଜନ ମଲ୍ଲିକ, ଦେବବ୍ରତ ପାଢ଼ୀ, ଦିବାକର ଭଞ୍ଜ, ସମରେନ୍ଦ୍ର ନାୟକ, ମିନତୀ ମଲ୍ଲିକ, ଡମ୍ବରୁଧର ବିଶ୍ୱାଳ, ଅଜୟ ଜେନା, ଗୋଲକ ଚନ୍ଦ୍ର ଦେହୁରୀ, ଜେନାମଣି ବାରିକ୍, ଶରତ ବାହାଲିଆ, ଅଖୁଜୀ ଦାସ, ତୁଳସୀ ଲେଙ୍କାଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ/ସଦସ୍ୟା, ଅଭିଭାବକ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ପଛାଲୋ ସରକାରୀ ନୋଡାଲ ୟୁପି ସ୍କୁଲର ବାର୍ଷିକ ଉତ୍ସବ

ଅସୁରାଳି,୧୮।୨(ସମିସ): ଧାମନଗର ବ୍ଲକ୍ ବମକୁରା ଶିକ୍ଷା ସାଧନ କେନ୍ଦ୍ର ଅଧୀନ ପଛାଲୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଧାମନଗର ଶିକ୍ଷା ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ ସତ୍ୟସୁନ୍ଦର ପରିଡ଼ା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମାକାନ୍ତ ପରିଡ଼ା ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷକ ସତ୍ୟପ୍ରିୟ ପାଣିଗ୍ରାହୀ, ସିଆର୍‌ସିସି ସଞ୍ଜୟ ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରେନ୍ଦ୍ର ମହାନ୍ତି, ପ୍ରାକ୍ତନ ସରପଞ୍ଚ ଅଜୟ ବଳ, ପ୍ରଧାନଶିକ୍ଷୟିତ୍ରୀ ଭାରତୀ ମଲ୍ଲିକ, ଶିକ୍ଷକ ସତ୍ୟବ୍ରତ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ସହକାରୀ ଶିକ୍ଷକ ଭରତ ଚନ୍ଦ୍ର କରଙ୍କୁ ବିଦ୍ୟାଳୟ ତରଫରୁ କୃତୀ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଶିକ୍ଷାବିତ୍ ଅଶୋକ ନାୟକ, ଶ୍ରୀକାନ୍ତ ଦାସ, ଅକ୍ଷୟ ସେଠୀ, ପରିଚାଳନା କମିଟି ସଭାପତି ସନାତନ ରାଉଳ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟସଦସ୍ୟାଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ ପଣ୍ଡିତ ଅକ୍ଷୟ ମହାରାଜ। ଏହି ଉତ୍ସବ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁଳାମଣୀ ରଣା, ଗୌରୀ ନାୟକ, ଶୁଭସ୍ମିତା ବେହେରା, ଶିକ୍ଷକ ପ୍ରଶାନ୍ତ ମାଝୀ, ଅର୍ଜୁନ ନାଥ, କ୍ରୀଡ଼ା ଶିକ୍ଷକ ଶେଷଦେବ ସୁତାର, କଳା ଶିକ୍ଷକ ଜିତେନ୍ ପଣ୍ଡା ପ୍ରମୁଖ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ଏବଂ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।



## ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତା ଖୋଲା ଶିବିର

ବନ୍ତ/ଆଗରପଡ଼ା,୧୮।୨(ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ତଥା ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତା ଖୋଲା ଶିବିର ବନ୍ତ ବ୍ଲକ୍ ମହତାବ ଏମ୍‌ଇ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଡାକ ମୁଖ୍ୟ ଅଧିକାରୀ, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ, ଲିଡ୍ ବ୍ୟାଙ୍କ୍ ମ୍ୟାନେଜର, ଆର୍ଥିକ ସାକ୍ଷରତା କାଉନ୍‌ସିଲ୍, ସାଇବର ଥାନା ଅଧିକାରୀ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ୍ କୁମାର ରାୟ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ମ୍ୟାନେଜର, ସିଏଫ୍‌ଏଲ୍ ଓ ମହତାବ ଏମ୍‌ଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଯୋଗଦେଇଥିବା ଅଭିଭାବକ, ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତାଙ୍କୁ ଆର୍ଥିକ ସାକ୍ଷରତା ଆବଶ୍ୟକତା ସମ୍ପର୍କରେ ଅବଗତ କରାଇବା ସହ ବ୍ୟାଙ୍କ ଓ ଡାକଘରେ ଉପଲବ୍ଧ ଥିବା ସମସ୍ତ ସଞ୍ଚୟ ଓ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଜିଲ୍ଲା ଡାକ ମୁଖ୍ୟ ଅଧିକାରୀ ବିଭିନ୍ନ ସଞ୍ଚୟ ଯୋଜନାଗୁଡ଼ିକ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଲିଡ୍ ବ୍ୟାଙ୍କ୍ ମ୍ୟାନେଜର ଲୋକମାନଙ୍କୁ ସାଇବର ଠକେଇରୁ ଦୂରେଇ ରହିବା ସମ୍ପର୍କରେ ସଚେତନ କରିଥିଲେ। ପଦ୍ମନ୍ କୁମାର ରାୟ ଲୋକମାନଙ୍କୁ ଚିଟ୍‌ଫଣ୍ଡ ଫ୍ରଡ୍‌ମାନଙ୍କଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେବା ସହ ବ୍ୟାଙ୍କ୍ ଓ ଡାକଘରେ ନିବେଶ କରିବା ପାଇଁ ପରାମର୍ଶ ଦେଇଥିଲେ। ସାଇବର ଥାନା ଅଧିକାରୀ ସାଇବର ଠକଙ୍କ ବିଭିନ୍ନ ଠକାମୀ ସମ୍ପର୍କରେ ଆଲୋଚନା କରିବା ସହ ଲୋକମାନଙ୍କୁ ଏହିପରି ଠକାମିର ଶିକାର ହେବାରୁ ବଞ୍ଚିବାର ଉପାୟ ସମ୍ପର୍କରେ ସଚେତନ କରାଇଥିଲେ। ଶେଷରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଅଭିଭାବକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁକନ୍ୟା ଅନ୍ତର୍ଭୁକ୍ତୀକରଣ ଶିବିରରେ ଟିଲୋ ଓ ତାରାପୁର କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ୧୦ବର୍ଷରୁ କମ୍ କନ୍ୟାମାନଙ୍କ ଅଭିଭାବକମାନେ ବହୁମାତ୍ରାରେ ଯୋଗଦେଇ ତାଙ୍କ କନ୍ୟା ପାଇଁ ସୁକନ୍ୟା ଖାତା ଖୋଲିଥିଲେ। ଏଥିସହ ଆଧାର ନ ଥିବା ଛାତ୍ରଛାତ୍ରୀମାନଙ୍କୁ ଆଧାରରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଅନୁଷ୍ଠିତ ଶିବିରରେ ମୋଟ୍ ୧୫୦ ଜଣ କର୍ମକର୍ତ୍ତା ଯୋଗଦେଇଥିଲେ।



**ଆଦିବାସୀ ଦମ୍ପତିଙ୍କୁ ପକ୍କାଘର ସାତସପନ**

## ଭଙ୍ଗା କୁଡ଼ିଆରେ ଅସହାୟ ଜୀବନ

ବାରିକପୁର,୧୮।୨(ସମିସ)

ସମସ୍ତ ଗରିବ ଓ ଅସହାୟ ଲୋକଙ୍କୁ ପକ୍କା ଘର ଯୋଗାଇଦେବାକୁ ସରକାର ଘୋଷଣା କରୁଥିଲେ ମଧ ତାହା ସଫଳ ରୂପାୟଣ ହେଉନାହିଁ। ବିଶେଷ କରି ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଲୋକମାନଙ୍କୁ ଯୋଜନାରେ ସାମିଲ୍ କରିବାକୁ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ ହେଉଛି। ଏ ଦିଗରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ସଠିକ୍ ଲୋକ ଯୋଜନାରୁ ବାଦ୍ ପଡ଼ିବା ପରିତାପର ବିଷୟ ପାଲଟିଛି। ଏବେ ବି ମଧ ଲୋକେ ଅସହାୟ ଭାବରେ ଭଙ୍ଗା କୁଡ଼ିଆରେ ଜୀବନ ଅତିବାହିତ କରୁଛନ୍ତି। ଯାହାର ନିଚ୍ଛକ ଚିତ୍ର ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ଗ୍ରାମର ଦାସ ସାହି ନିକଟସ୍ଥ ଆଦିବାସୀ ବସ୍ତିରେ। ଗାଁର ମଠ ପଡ଼ିଆଠାରେ ଦୀର୍ଘ ବର୍ଷ ହେବ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ବୃଦ୍ଧ ଦମ୍ପତି ନନ୍ଦ କିଶୋର ସୋରେନ ଓ ସୁମତୀ ସୋରେନ। ସ୍ୱାମୀ-ସ୍ତ୍ରୀଙ୍କ ବୟସ ୬୦ରୁ ଅଧିକ ହୋଇଥିବାବେଳେ ଭୋଟର ତାଲିକା ତ୍ରୁଟି ଯୋଗୁଁ ମାସିକିଆ ଭତ୍ତାରୁ ସେମାନେ ବଞ୍ଚିତ ହୋଇଛନ୍ତି। ସରକାରୀ ଭାବେ କେବଳ ଚାଉଳ ମୁଠେ ପାଉଥିବାବେଳେ ମୁଣ୍ଡ ଗୁଞ୍ଜିବାକୁ ସେମାନଙ୍କ ପାଖରେ ଘର ଖଣ୍ଡିଏ ନାହିଁ। ପଲିଥିନ ଘେରା ଭଙ୍ଗା ଦଦରା ବଖରାଏ ଘରେ ବିତୁଛି ଦମ୍ପତିଙ୍କ ଜୀବନ। ପକ୍କା ଘରେ ରହିବା ସେମାନଙ୍କ ପାଇଁ ସାତସପନ ପାଲଟିଛି। ସରକାରୀ ଯୋଜନାରେ ପକ୍କା ଘର ନିର୍ମାଣ ପାଇଁ ସେମାନେ ଗୁହାରି କରୁଥିଲେ ସୁଦ୍ଧା କେହି ଶୁଣୁନାହାନ୍ତି। ୧୯୯୯ ମସିହା କଚ୍ଚା ଘର ଆବଣ୍ଟନରେ ନନ୍ଦଙ୍କ ନାଁ ନ ଥିବା କହି ତାଙ୍କୁ ପକ୍କା ଘର ମିଳୁନାହିଁ। ନୂତନ ନିୟମ ଅନୁଯାୟୀ, ୨୦୧୨ ମସିହା ପରେ ଗରିବ ଓ ଅସହାୟ ଲୋକଙ୍କୁ ପ୍ରଥମେ ପକ୍କା ଯୋଗାଇଦେବାକୁ ବ୍ୟବସ୍ଥା ରହିଥିବାବେଳେ ଏଠି ନିରୀହ ଆଦିବାସୀ ଦମ୍ପତିଙ୍କୁ ସମସ୍ତେ ଠକି ଦେଉଥିବା ଅନୁମାନ ହେଉଛି। ବର୍ଷ ବର୍ଷେ ଧରି ପଞ୍ଚାୟତସ୍ତରୀୟ ନେତାଙ୍କଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନ କେହି ଏମାନଙ୍କ ଉପରେ ଦୃଷ୍ଟି ଦେଉ ନାହାନ୍ତି। ଯାହା ଫଳରେ ବାସଗୃହ ବିନା ଅତି ଦୟନୀୟ ଅବସ୍ଥାରେ ଦୁହେଁ ଜୀବନ ଅତିବାହିତ କରୁଛନ୍ତି। ପରିଣତ ବୟସରେ ଉପନୀତ ହୋଇଥିବା ନନ୍ଦ ଓ ସୁମତୀଙ୍କୁ ଭତ୍ତା ସହିତ ପକ୍କା ଘରଟିଏ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।



● ଦେଢ଼ମାସ ହେଲା ନଳକୂପ ଅଚଳ

## ସମସ୍ୟା ଭୋଗୁଛନ୍ତି ୪ଶହ ଲୋକ

ଶଗଡ଼ା,୧୮ ।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶିମିଳି ପଦର ପଞ୍ଚାୟତ ଅଧୀନ କିର୍ଲା ଗାଁମୁଣ୍ଡରେ ଥିବା ନଳକୂପଟି ଦେଢ଼ ମାସ ହେବ ଅଚଳ ହୋଇପଡ଼ିଛି । ଗାଁର ୭୦ ପରିବାର ୨୦୦ ଜଣ ଲୋକ ବସବାସ କରୁଥିବା ବେଳେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି । ଗ୍ରାମରେ ଆଗାମୀ ୨୨ ତାରିଖରେ ହେବାକୁ ଥିବା ନାମଯଜ୍ଞ ହେବାକୁ ଥିବା ବେଳେ ନଳକୂପ ଅଚଳକୁ ନେଇ ଗ୍ରାମବାସୀ ଚିନ୍ତାରେ ପଡ଼ି ଯାଇଛନ୍ତି । ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ଏହାର ମରାମତି କରିବାକୁ ସରକାରୀ ନିର୍ଦ୍ଦେଶ ଥିଲେ ସୁଦ୍ଧା ଜଳ ଓ ପରିମଳ ବିଭାଗ ଏହାକୁ ବେଖାତିର କରୁଥିବା ଅଭିଯୋଗ ହୋଇଛି । ଖରା ଆରମ୍ଭ ନ ହେଉଣୁ ଜଳ ଯନ୍ତ୍ରଣା ଦେଖା ଦେଇଥିବା ବେଳେ ଆଗକୁ ପରିସ୍ଥିତି ଆହୁରି ଅସମ୍ଭାଳ ହେବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି । ଅଚଳ ନଳକୂପକୁ ଖୁବ୍‌ଶୀଘ୍ର ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।



ମେଗା ପାନୀୟ ଜଳ ପ୍ରକଳ୍ପ ଅଚଳ

# କମସରା ଗ୍ରାମକୁ ୧୬ ଦିନ ହେଲା ଜଳ ଯୋଗାଣ ଠପ୍

ତରଭା,୧୮ ।୨(ସମିସ)

ସୋନପୁର ଜିଲ୍ଲା ତରଭା ବ୍ଲକ କମସରା ପଞ୍ଚାୟତସଦର ଗ୍ରାମରେ ଥିବା ମେଗା ପାନୀୟ ପ୍ରକଳ୍ପ ଅଚଳ ହୋଇପଡିଥିବାରୁ ୧୬ ଦିନ ହେଲା ପାନୀୟ ଜଳ ଯୋଗାଣ ଠପ୍ ହୋଇଛି । ଫଳରେ ଗ୍ରାମବାସୀ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଛଅଟି ୱାର୍ଡ ବିଶିଷ୍ଟ ଏହି ଗ୍ରାମର ଜନସଂଖ୍ୟା ପାଖାପାଖି ୨୫୦୦ ରହିଛି । ଗ୍ରାମର ସମସ୍ତ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ କମସରା ପଞ୍ଚାୟତସଦରରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ



କରାଯାଇଛି । ସତୁରି ହଜାର ଲିଟର ଧାରଣକ୍ଷମତା ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ କରାଯାଇଛି । ଏପରିକି ପ୍ରତ୍ୟେକଙ୍କ ଘରକୁ ପାନୀୟ ଜଳ ଯୋଗାଣ ପାଇପ୍ ସଂଯୋଗ କରାଯାଇଛି । କିନ୍ତୁ ତାହା ଏବେ ଅଚଳ ହୋଇପଡିଥିବାରୁ ଜଳଯୋଗାଣ ଠପ୍ ହୋଇପଡିଛି । ପ୍ରକଳ୍ପ ଅଚଳ ହୋଇପଡିଥିବାରୁ ଜଳ ଯୋଗାଣ ପାଇଁ ବିଛା ଯାଇଥିବା ପାଇପ୍ ନଷ୍ଟ ହେବାକୁ ବସିଥିବା ଦେଖିବାକୁ ମିଳିଛି । ଏପରିକି ଟ୍ୟାପ୍ ଗୁଡିକ ମଧ୍ୟ ଭାଙ୍ଗିବାକୁ ବସିଲାଣି । ତଥାପି ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଆଗକୁ ଖରାଦିନ ଥିବା ବେଳେ ଏହା ପୂର୍ବରୁ ପାନୀୟ ଜଳ ସମସ୍ୟାର ସମାଧାନ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମାବାସୀ ଦାବି କରିଛନ୍ତି । ଏନେଇ ଆରଡବ୍ଲ୍ୟୁଏସଏସ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ସାହୁଙ୍କୁ ପଚାରିବାରୁ ବସୁଧା ଯୋଜନାରେ ଭୂତଳରୁ ଯେଉଁ ପାଣି ବାହାରିବା ସୋର୍ସ ଥିଲା ତାହା ଧସି ଯିବାରୁ ସମସ୍ୟା ସୃଷ୍ଟି ହୋଇଛି । ଅନ୍ୟ ଏକ ସୋର୍ସ ବାହାର କରି ଓଭରହେଡ ଟ୍ୟାଙ୍କକୁ ପାଇପ ସଂଯୋଗ କରାଯାଇଛି, ହେଲେ ବିଜୁଳି ସଂଯୋଗ ହୋଇନଥିବାରୁ ବିଳମ୍ବ ହେଉଛି । କମସରାରେ ବର୍ତ୍ତମାନ ୨୧ଟି ନଳକୂପ କାର୍ଯ୍ୟ କରୁଛି । ଏଣୁ ପିଇବା ପାଣିର ଅସୁବିଧା ନାହିଁ । ୫ରୁ ୬ ଦିନ ମଧ୍ୟରେ ପାଇପ ଯୋଗେ ଘରମାନଙ୍କୁ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ସେ କହିଛନ୍ତି ।

## ଗଛକୁ ଧକ୍କା ଦେଇ ବାଇକ୍ ଦୁର୍ଘଟଣା, ଦୁଇ ଗୁରୁତର

ଜହ୍ନାପଙ୍କ,୧୮ ।୨(ସମିସ): ବୌଦ୍ଧ ଜିଲ୍ଲା ଟିକରପଡ଼ା ପଞ୍ଚାୟତ ଫୁରୁଡା ନିକଟରେ ବାଇକ ଦୁର୍ଘଟଣାରେ ଦୁଇ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ସେମାନଙ୍କୁ ଉଦ୍ଧାର କରି ବୌଦ୍ଧ ଅଗ୍ନିଶମ ବାହିନୀ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଛି । ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ ବୌଦ୍ଧ ଥାନା ବିରିଗଡ଼ ଗ୍ରାମର ବାବୁଲି ନାଏକ ଓ ଜହ୍ନାପଙ୍କ ଗ୍ରାମର ଅନ୍ୟ ଜଣେ ଯୁବକ ସହ ଏକ ବାଇକ ଯୋଗେ ବଘିଆପଡା ପଟୁ ବିରିଗଡ଼ ଅଭିମୁଖେ ଯାଉଥିଲେ । ରାତି ପ୍ରାୟ ୩ଟା ସମୟରେ ଫୁରୁଡା ନିକଟରେ ବାଇକ ଭାରସାମ୍ୟ ହରାଇ ରାସ୍ତାକଡ଼ର ଏକ କଦମ୍ବ ଗଛକୁ ଧକ୍କା ଦେଇଥିଲେ । ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ । ସକାଳେ ସ୍ଥାନୀୟ ଲୋକେ ଦେଖିବା ପରେ ବୌଦ୍ଧ ଅଗ୍ନିଶମ ବାହିନୀକୁ ଖବର ପାଇ ବଘିଆପଡ଼ା ପୁଲିସ ଓ ଅଗ୍ନିଶମବାହିନୀ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଉଭୟଙ୍କ ଅବସ୍ଥା ଗୁରୁତର ଥିବା ଯୋଗୁଁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିବା ବଘିଆପଡ଼ା ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ ସୂଚନା ଦେଇଛନ୍ତି ।

## ସାମ୍ବାଦିକଙ୍କ ପିତା କୃଷ୍ଣଚନ୍ଦ୍ର ମଲିକଙ୍କ ବିୟୋଗ

ପଲଶାଗୋରା,୧୮ ।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଘୁଲୁଘୁଲାପଦର ଗ୍ରାମର ସାମ୍ବାଦିକ ଦେବାଶିଷ ମଲିକଙ୍କ ପିତା ଧର୍ମପରାୟଣ ବ୍ୟକ୍ତି କୃଷ୍ଣଚନ୍ଦ୍ର ମଲିକଙ୍କ ୯୮ ବର୍ଷ ବୟସରେ ବୁଧବାର ମୃତ୍ୟୁ ଘଟିଛି । ଶ୍ରୀ ମଲିକ ଜଣେ ଧର୍ମ ପରାୟଣ ବ୍ୟକ୍ତି ଥିବାବେଳେ ପଲଶାଗୋରା ପ୍ରସିଦ୍ଧ ମକର ମେଳା କମିଟି ର ଦୀର୍ଘବର୍ଷ ଧରି ସଦସ୍ୟ ଥିଲେ । ସେ ଆଗରୁ ଶଗଡ଼ ଗାଡି ତିଆରିରେ ତାଙ୍କର ସୁନାମ ରହିଥିଲା । ତାଙ୍କ ବିୟୋଗ ସମୟରେ ତାଙ୍କ ପରିବାର ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ । ବଡ଼ ପୁଅ ଶିକ୍ଷକ ରାମଚନ୍ଦ୍ର ମୁଖାଗ୍ନି ଦେଇଥିଲେ ।



## ଭାର୍ଗବୀ ମେହେରଙ୍କ ପରଲୋକ

ଡୁଙ୍ଗୁରିପାଲି,୧୮ ।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଅଞ୍ଚଳର ଜଣାଶୁଣା ବ୍ୟବସାୟୀ ଯୁଧିଷ୍ଠିର ମେହେରଙ୍କ ପତ୍ନୀ ଭାର୍ଗବୀ ମେହେର (୮୦)ଙ୍କ ପରଲୋକ ଘଟିଛି । ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଆଜି ପରଲୋକ ହୋଇଛି । ସେ ଜଣେ ଧର୍ମପରାୟଣ ମହିଳା ଭାବରେ ଜଣାଶୁଣା ଥିଲେ । ମୃତ୍ୟୁଶଯ୍ୟା ନିକଟରେ ବଡ଼ ପୁଅ ଜଗଦୀଶ ମେହେର, ମୁକୁନ୍ଦ ମେହେର, ସାନପୁଅ ରବି ମେହେର, ତିନି ପୁତ୍ରବଧୂ କବିତା, ସୁରେଖା, କମଳିନି, ଝିଅ ପଦ୍ମିନୀ, ସଂଜ୍ଞା ଓ ସଭ୍ୟା, ନାତି ଓମ, ମିଳନ, ଅରେଇୟନ, ଅଙ୍କିତ, ଆଦିତ୍ୟ, ନାତୁଣୀ ଖୁସି , ମୋନିକା, ମାନସୀ, ଆକାଂକ୍ଷା,ଅଦ୍ୟସା ସମସ୍ତ ଭାଇ ଓ ପୁତୁରା, ଭଣଜା, ଭିଣୋଇଙ୍କ ସହ ବନ୍ଧୁ ପରିଜନ, ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପାର୍ଥିବ ଶରୀର ଡୁଙ୍ଗୁରିପାଲି ବାସଭବନରେ ପହଞ୍ଚିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ବଡ଼ପୁଅ ଜଗଦୀଶ ମୁଖାଗ୍ନି ଦେଇଥିଲେ ।



## ବ୍ଲକ୍‌ସ୍ତରୀୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ତରଭା,୧୮ ।୨(ସମିସ): ତରଭା ବ୍ଲକ୍ ଅନ୍ତର୍ଗତ ତୁଲୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଓଡିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ଓ ନୂତନ ପାଠ୍ୟପୁସ୍ତକ ସଞ୍ଚାଳନ ନିମନ୍ତେ ବ୍ଲକ୍‌ସ୍ତରୀୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଞ୍ଚଦିନିଆ ପ୍ରଶିକ୍ଷଣ ଶିବିର 'ପ୍ରବୋଧନ' ବୁଧବାର ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ତରଭା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର, ସମ୍ମାନିତ ଅତିଥିଭାବେ ତୁଲୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ନନ୍ଦ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ସୁବର୍ଣ୍ଣପୁର ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଶିବିରରେ ଉପସ୍ଥିତ ରହି ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ନୂତନ ଶିକ୍ଷାନୀତି ୨୦୨୦ ସମ୍ପର୍କିତ ଆଲୋଚନା କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଜାତୀୟ ଶିକ୍ଷାନୀତି ୨୦୨୦, ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫, ଭାରତୀୟ ଜ୍ଞାନ ପରମ୍ପରା, ବ୍ୟକ୍ତିର ପଞ୍ଚକୋଷାତ୍ମକ ସମଗ୍ର ବିକାଶ, ଦକ୍ଷତାଭିତ୍ତିକ ଶିକ୍ଷଣ ଓ ଆକଳନ, ଆଧାର ପର୍ଯ୍ୟାୟ ଶିକ୍ଷଣ, ଓଡ଼ିଆ, ଇଂରାଜୀ, ହିନ୍ଦୀ, ସଂସ୍କୃତ, ଭାଷା ଶିକ୍ଷଣ, କଳା ଶିକ୍ଷା, ଗଣିତ ଶିକ୍ଷଣ, ପରିବେଶ ଶିକ୍ଷଣ, ବିଜ୍ଞାନ ଶିକ୍ଷଣ, ଶାରୀରିକ ଶିକ୍ଷା ଓ ସୁସ୍ଥତା, ସାମାଜିକ ପାଠ ଶିକ୍ଷଣ, ବୃତ୍ତିଗତ ଶିକ୍ଷା ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ଆସନ୍ତା ଶିକ୍ଷାବର୍ଷଠାରୁ ପ୍ରଚଳିତ ହେବାକୁଥିବା ନୂତନ ପାଠ୍ୟପୁସ୍ତକ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷକ ଜ୍ୟୋତି ପ୍ରକାଶ ସାହୁ, ଅରବିନ୍ଦ ରଣା, ସଞ୍ଜୀବ କୁମାର ସାହୁ, ଶିକ୍ଷୟିତ୍ରୀ ବିଣାପାଣି କୁଅଁର, ଭାରତୀ ବେହେରା ପ୍ରମୁଖ ପ୍ରଶିକ୍ଷଣ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ । ସାଧନକର୍ମୀ ଭାବେ ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି, ଶିକ୍ଷକ ରବି ନାରାୟଣ ସାହୁ, ସୁଶାନ୍ତ କୁମାର ମେହେର, ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଦୁବୁଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅର୍ଜୁନ ନାଗ ସହାୟତା କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ତରଭା ଏନଏସି ସିଆରସିସି ଜୟନ୍ତ କୁମାର ମେହେର, ଶୁକ୍ରୁ ମିଶ୍ର, ଅଶୋକ ସାହୁ ପ୍ରମୁଖ ସହଯୋଗ କରିଥିଲେ । ପ୍ରଦ୍ୟୁମ୍ନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଏମ୍‌ଶ୍ରୀ କୁଶଳେଶ୍ୱର ହାଇସ୍କୁଲରେ ଚକ୍ଷୁ ପରୀକ୍ଷା ଶିବିର

ତରଭା,୧୮ ।୨(ସମିସ): ସୋନପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଡୁଙ୍ଗୁରିପାଲି ପିଏମ୍‌ଶ୍ରୀ କୁଶଳେଶ୍ୱର ହାଇସ୍କୁଲରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ୍‌ର ୫ ଟି କ୍ଲଷ୍ଟରର ମୋଟ ୧୮୪ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେଥିମଧ୍ୟରୁ ୫୩ ଜଣଙ୍କୁ ଚଷମା ପାଇଁ ଚିହ୍ନଟ କରାଯାଇଥିଲା । ୧୩ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ପଠାଯାଇଥିଲା । ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ସହାୟକ, ମହାନଦୀ ନେତ୍ର ଚିକିତ୍ସାଳୟ ଏବଂ ତ୍ରିଲୋଚନ ନେତ୍ରାଳୟର ଚକ୍ଷୁ ସହାୟକ ଶିବିରରେ ଚକ୍ଷୁ




ପରୀକ୍ଷା କରିଥିଲେ । କାର୍ଯ୍ୟକ୍ରମକୁ ସମ୍ବଳ ଶିକ୍ଷକ ମିଳନ କୁମାର ଷଡ଼ଙ୍ଗୀ ପରିଚାଳନା କରିଥିବା ବେଳେ ସମ୍ବଳ ଶିକ୍ଷକ ରଞ୍ଜନ ସା, ସିଆରସିସି ବିଶିମୁଣ୍ଡା, ମଲ୍ଲିକମୁଣ୍ଡା, ଖାରୀ, ନାରାୟଣପୁର, ଖରଜୁରା ଏବଂ ସିଏଚସି ନାଇକେନପାଲିର ଏମଏଚଟି ଟିମ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ବ୍ଲକର ୪ ଟି ସ୍ଥାନରେ ଅନୁଷ୍ଠିତ ହୋଇଥିବା ବେଳେ ମୋଟ ୩୩୪ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ପ୍ରଦାନ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି ।

## ବୀରମହାରାଜପୁର ଅଞ୍ଚଳରେ ବେଆଇନ୍ ବାଲି ଚୋରାଚାଲାଣ

ବୀରମହାରାଜପୁର,୧୮ ।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ତହସିଲ ଅଞ୍ଚଳରେ ବେଆଇନ୍ ବାଲି ଚୋରାଚାଲଣ ସହ ବାଲି ମାଫିଆମାନଙ୍କ ରାଜୁତି ଚାଲିଥିବା ଦେଖିବାକୁ ମିଳିଛି । ବୀରମହାରାଜପୁର ତହସିଲ ଅଧୀନରେ ଥିବା ମହାନଦୀର ଖାମେଶ୍ୱରିପାଲି, ରଥ ପୁର ,ଦେଉଳି, କୁମୋରସିଂହକ୍ଷ, ନୂଆଗଡ, କେଉଟିପାଲି, କେଲଗା, ସୁବଳୟା, ଦୂର୍ଦୁରା, ପିତାମହୁଲ, ଡୁଲେଶ୍ୱର୍ ଏବଂ ହରିହରଯୋର୍‌ର ବାଗବର, ଜଟେସିଂହା, କୁଡ଼ାପଡ଼ା, ତେନ୍ତୁଳିମହାଦା ଆଦି ରାଜସ୍ୱ ଅଞ୍ଚଳରୁ ପ୍ରତିଦିନ ଦିନରାତି ବାଲି ମାଫିଆମାନେ ହାଇୱା ଓ ଟ୍ରାକ୍ଟର ଯୋଗେ ବାଲି ଚୋରି କରି ବାହାର ଜିଲ୍ଲାକୁ ନେଉଥିବା ଅଭିଯୋଗ ହେଉଛି । ଏହି ବାଲି ମାଫିଆମାନଙ୍କ ପାଇଁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟି ଅନେକ ଜୀବନ ହାନି ହୋଇଥିବା ନଜିର ରହିଛି । କିନ୍ତୁ ଦାୟିତ୍ୱରେ ଥିବା ଖଣିବିଭାଗ ଓ ବିଭାଗୀୟ ଅଧିକାରୀମାନେ ସବୁ ଜାଣିଶୁଣି ନିରବଦ୍ରଷ୍ଟା ସାଜିବାକୁ ନେଇ ଏବେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ବେଆଇନ୍ ଚୋରା ବାଲି ହାଇୱା ଗାଡିମାନଙ୍କୁ ଛାଡ଼ି ରାଜସ୍ୱ ଆଦାୟ ନାମରେ କିଛି ଟ୍ରାକ୍ଟରକୁ ଧରି ଖଣି ବିଭାଗ ବାହାବା ନେଉଥିବା ଅଭିଯୋଗ ହୋଇଛି ।

ବୀରମହାରାଜପୁର ଅଞ୍ଚଳର ଗରିବ ଲୋକମାନେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ପାଇଁ ବାଲି ପାଉନଥିବା ବେଳେ ବାଲି ମାଫିଆମାନେ ମହାନଦୀରୁ ପ୍ରତିଦିନ ଶହ ଶହ ହା । ଇୱାରେ ବାଲି ଚୋରି କରି ବାହାର ଜିଲ୍ଲାକୁ ନେଉଥିଲେ ମଧ୍ୟ ସେମାନଙ୍କୁ କାବୁ କରିବାକୁ ଖଣି ବିଭାଗ, ଜିଲ୍ଲା ପ୍ରଶାସନ ଓ ପୋଲିସ ପାଖରେ ସହାସ ନଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । ଜିଲ୍ଲାପ୍ରଶାସନ ଓ ଖଣି ବିଭାଗର ନିରବତା ଦେଖି ଖଣି ବିଭାଗ ଏବଂ ବାଲି ମାଫିଆମାନଙ୍କ ମଧ୍ୟରେ ସଲା ସୁତୁରା ଚାଲିଥିବା ନେଇ ମଧ୍ୟ ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି । ବେଆଇନ୍ ବାଲି ଚାଲାଣ ପାଇଁ ହାଇୱା ପିଛା ମାସିକ ୫ହଜାର ଟଙ୍କାରେ ପୁଲିସ ଓ ଖଣି ବିଭାଗ ସହ ଦର ଧାର୍ଯ୍ୟ ହୋଇଥିବା ଆଲୋଚନା ହେଉଛି । ଯେଉଁ ହାଇୱା ଓ ଟ୍ରାକ୍ଟର ମାଲିକ ଟଙ୍କା ଦେଉନାହିଁ ତାକୁ ବିଭିନ୍ନ ବାହାନାରେ ହଇରାଣ ହରକତ କରାଯାଉଥିବା ଅଭିଯୋଗ ହୋଇଛି । ଏବିଷୟରେ ଜିଲ୍ଲା ଖଣି ବିଭାଗ ଅଧିକାରୀଙ୍କୁ

### ବଢୁଛି ବାଲି ମାଫିଆଙ୍କ ରାଜୁତି; ପ୍ରଶାସନ ନିରବଦ୍ରଷ୍ଟା

ପଚାରିଲେ ଖଣି ବିଭାଗ କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ନ ଥିବା ର ଆଳ ଦେଖାଇ ଟାଳି ଦେଉଥିବା ଶୁଣିବାକୁ ମିଳିଛି । ଦୁର୍ଦୁରା ମହାନଦୀ ବାଲିଘାଟ ଟେଣ୍ଡର ହୋଇଥିଲେ ହେଁ ଟେଣ୍ଡର ହୋଇଥିବା ବାଲିଘାଟରୁ ବାଲି ଉଠାଣ ବନ୍ଦ ରହିଛି । କିନ୍ତୁ ସେଠାରୁ ବେଆଇନ୍ ଭାବେ ବାଲି ଚାଲାଣକୁ ପରୋକ୍ଷରେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିବା ଶୁଣିବାକୁ ମିଳିଛି । ଜିଲ୍ଲା ଖଣି ବିଭାଗ, ପୋଲିସ ଅଧିକାରୀ ତୁରନ୍ତ ବାଲି ଚୋରା ଚାଲାଣ ଉପରେ ଲଗାମ ନ ଲଗାଇଲେ ସରକାରଙ୍କ ବିପୁଳ ଟଙ୍କା ର ରାଜସ୍ୱ ହାନି ହେବା ସହ ମହାନଦୀର ପ୍ରକୃତି ନଷ୍ଟ ହେବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି । ଏ ବିଷୟରେ ସୁବର୍ଣ୍ଣପୁର ଜିଲ୍ଲା ଖଣି ଅଧିକାରୀ ସମ୍ୟକ୍ କୁମାର ଦାସଙ୍କୁ ପଚାରିବାରୁ ପରେ କଥା ହେବା କହି ଫୋନ ବନ୍ଦ କରିଦେଇଥିଲେ । ତୁରନ୍ତ ମହାନଦୀ ଓ ହରିହର ଜୋର୍‌ରେ ବାଲି ମାଫିଆମାନଙ୍କ ରାଜ ଓ ଚୋରା ଚାଲାଣକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ସଚିବାଳୟ ସହକାରୀ ଉପ ବିଭାଗୀୟ ଅଧିକାରୀଙ୍କୁ ନେଇ ବୈଠକ

ବୌଦ୍ଧ,୧୮ ।୨(ସମିସ): ବୌଦ୍ଧ ଜିଲ୍ଲାକୁ ଆସିଥିବା ଓଡିଶା ସଚିବାଳୟର ସହକାରୀ ଉପ ବିଭାଗୀୟ ଅଧିକାରୀଙ୍କ ଏକ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାକୁ ଷ୍ଟଡିଟୁରରେ ଆସିଥିବା ଉକ୍ତ ଅଧିକାରୀ ମାନଙ୍କ ସହ ଆସିଥିବା ରାଜ୍ୟ ଗୃହ ବିଭାଗର ସହକାରୀ ସଚିବଙ୍କ ସମେତ ୩୮ ଜଣିଆ ଟିମକୁ ଜିଲ୍ଲାପାଳ ସ୍ୱାଗତ କରିବା ସହ ସମସ୍ତଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତୀ ବଳିୟାରସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଶାନ, ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା, ସହକାରୀ ନିର୍ଦ୍ଦେଶକ, (ବୟନ ଶିଳ୍ପ) ସୁଶାନ୍ତ ନାଏକ , ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରୋଗ୍ରାମ ଅଫିସର ରୀନା ମହାନ୍ତି, ଗୀତାଞ୍ଜଳି ଦଲାଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପଧାନ, ସହକାରୀ ନିର୍ଦ୍ଦେଶକ (ଉଦ୍ୟାନ ବିଭାଗ) ଯୋଗୀନ୍ଦ୍ରନାଥ ମହାପାତ୍ର ପ୍ରମୁଖ ନିଜ ନିଜ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକାରିତା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ ।

ସହକାରୀ ଉପ ବିଭାଗୀୟ ଅଧିକାରୀ ଦିବ୍ୟଜ୍ୟୋତି ଦାଶ, ଜନ୍ମେଞ୍ଜୟ ବେହେରା ଏବଂ ରମେଶ ମହାନ୍ତି ନିଜ ନିଜ ଅନୁଭୂତି ବଖାଣି ଥିଲେ । ଡେପୁଟି କଲେକ୍ଟର ଅଙ୍କିତା ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଡେପୁଟି କଲେକ୍ଟର ଜ୍ୟୋତିରଞ୍ଜନ ଭୁଏ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ବରିଷ୍ଠ ନାଗରିକ ସଂଗଠନର ଶପଥ ପାଠ ଉତ୍ସବ

ବୀରମହାରାଜପୁର,୧୮ ।୨(ସମିସ): ବରିଷ୍ଠ ନାଗରିକ ସଂଗଠନ ବୀରମହାରାଜପୁରର ନବ ନିର୍ବାଚିତ ତଥା ମନୋନୀତ କର୍ମକର୍ତ୍ତାମାନଙ୍କର ଶପଥ ଗ୍ରହଣ ଉତ୍ସବ ବୁଧବାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ସାଧାରଣ ସଭାରେ ନିର୍ବାଚିତ ସଭାପତି ଦୟାନିଧି ହୋତା ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ ଶପଥ ପାଠ କରାଇଥିଲେ । ସଭାରେ ସଭାପତି ଭାବେ ଦୟାନିଧି ହୋତା, ଉପସଭାପତି ଦିଲ୍ଲୀପ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ରାଧେଶ୍ୟାମ ପୁରୋହିତ, ସଂପାଦକ ଡ. ଦ୍ୱିତୀକୃଷ୍ଣ ପଣ୍ଡା, ସହ ସଂପାଦକ ଜୀତେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର, ସମୀକ୍ଷକ ଦୀନବନ୍ଧୁ ମେହେର, କାର୍ଯ୍ୟକାରିଣୀ ସଦସ୍ୟ ଚମରା ମହାକୁର, ଚମ୍ପେଶ୍ୱର ଦାଶ, କୃଷ୍ଣଚନ୍ଦ୍ର ପାଢ଼ୀ, ଭଗବାନ ମିଶ୍ର, ସନ୍ତୋଷ ଷଡ଼ଙ୍ଗୀ, ଜ୍ଞାନେନ୍ଦ୍ର ତ୍ରିପାଠୀ, ସୁରୁ ସାହୁ, ଉପଦେଷ୍ଟା ସଦସ୍ୟ ସୌମିତ୍ରୀ ମେହେର, ଅକ୍ରୂର ଦନ୍ତା ପ୍ରମୁଖ ଶପଥ ଗ୍ରହଣ କରିଥିଲେ । ବୈଠକରେ ଉମେଶ ପ୍ରସାଦ ରଥ, ଧନୁ ପ୍ରଧାନ, ପ୍ରକାଶ ହୋତା, ପ୍ରଶାନ୍ତ ସେଠୀ, ସତ୍ୟ ନାରାୟଣ ନାୟକ, ଜୟଦେବ ସାହୁ, ତ୍ରିନାଥ ମିଶ୍ର, ନାରାୟଣ ପ୍ରସାଦ ନାୟକ, ଧର୍ମ ଦତ୍ତ ପାଢ଼ୀ, ଭୂଷଣ ପାତ୍ର, ରବି ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଅକ୍ଷୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



## ୩ କୁଇଣ୍ଟାଲ ଗଞ୍ଜେଇ ଜବତ; ବେପାରୀ ଫେରାର

କଣ୍ଟାମାଳ,୧୮ ।୨(ସମିସ): ବୌଦ୍ଧ ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ କଣ୍ଟାମାଳ ଥାନା ଅଧିକାରୀ ବସୁଦେବ ଭୋଇ ଓ ପୁଲିସ ପକ୍ଷରୁ ଚନ୍ଦନିଆମୁଣ୍ଡା ପାଖ ବେନାଜୋର ଫରେଷ୍ଟ ରିଜର୍ଭ ଜଙ୍ଗଲଠାରେ ଚଢ଼ଉ କରାଯାଇଥିଲା । ଏହି ସମୟରେ ତିନି କୁଇଣ୍ଟାଲ କୋଡିଏ କେଜି ଗଞ୍ଜେଇ ଜବତ ହୋଇଥିବା କଣ୍ଟାମାଳ ଥାନା ଅଧିକାରୀ ବସୁଦେବ ଭୋଇ ସୂଚନା ଦେଇଛନ୍ତି । ଏଥିରେ ସମ୍ପୃକ୍ତ ବ୍ୟବସାୟୀ ଫେରାର ହୋଇଯାଇଥିବା ଜଣାପଡ଼ିଛି । ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ମାଫିଆକୁ ଧରାହେବ ବୋଲି ଥାନା ଅଧିକାରୀ କହିଛନ୍ତି ।

# ବେଆଇନ କ୍ଲିନିକ୍ ଓ ପାଥୋଲୋଜି ଉପରେ କାର୍ଯ୍ୟାନୁଷ୍ଠାନ ଦାବି

### ସଚେତନ ନାଗରିକ ଓ ଯୁବ ସମାଜର ଦାବିପତ୍ର

ଡୁଙ୍ଗୁରିପାଲି,୧୮ ।୨(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅଞ୍ଚଳରେ ଦୀର୍ଘ ଦିନ ହେବ ସରକାରଙ୍କ ବିନା ସ୍ୱୀକୃତିପ୍ରାପ୍ତରେ ବେଆଇନ ଭାବେ ଘରୋଇ କ୍ଲିନିକ ଓ ପାଥୋଲୋଜି ଖୋଲି ଚାଲୁ ରହିଛି । ଉକ୍ତ ବେଆଇନ୍ କ୍ଲିନିକ୍ ଓ ପାଥୋଲୋଜି ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଡୁଙ୍ଗୁରିପାଲି ଅଞ୍ଚଳର ସଚେତନ ନାଗରିକ ଓ ଯୁବ ସମାଜ ଦାବି କରିଛି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ଅଧୀକ୍ଷକଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି । ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ଏକ ସୀମାନ୍ତବର୍ତ୍ତୀ ଅଞ୍ଚଳ । ତିନୋଟି ଜିଲ୍ଲାର ସୀମାନ୍ତରେ ଅବସ୍ଥିତ ହେତୁ ବହୁ ଲୋକ ଏହା ଉପରେ ନିର୍ଭର କରନ୍ତି । ଏଠାରେ ଥିବା ଏକ ମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବହୁ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଅସମର୍ଥ ଥିବାରୁ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଏହାର ସୁଯୋଗ ନେଇ ବେଆଇନ କ୍ଲିନିକ ଖୋଲିବା ସହିତ ପାଥୋଲ୍ୟାବ ଖୋଲି ମାଲେମାଲ ହେଉଥିବା ଦେଖିବାକୁ ମିଳିଛି । ଏହାଦ୍ୱାରା ଜନସାଧାରଣ ଠକାମିର ଶିକାର ହେଉଥିବା ଆଶଙ୍କା କରାଯାଉଛି । ଏଠାରେ ଥିବା ସମସ୍ତ ଘରୋଇ କ୍ଲିନିକ ଓ ପାଥୋଲୋଜି ଗୁଡିକୁ ତୁରନ୍ତ ଯାଞ୍ଚ କରି ବିନା ଅନୁମତିରେ ଚାଲୁଥିବା କ୍ଲିନିକ୍ ଓ ପାଥୋଲୋଜିକୁ ବନ୍ଦ କରାଯାଉ । ଯେଉଁମାନେ ଭୁଲ ଭାବେ ଚିକିତ୍ସା କରୁଛନ୍ତି ସେମାନଙ୍କ ବିରୋଧରେ କଡା ପଦକ୍ଷେପ ଗ୍ରହଣ କରି ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ନିୟମିତ ଡ୍ରଗ ଇନ୍ସପେକ୍ଟରଙ୍କ ନିରୀକ୍ଷଣ ବ୍ୟବସ୍ଥା କରାଯିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି । ଦାବିପତ୍ର ପ୍ରଦାନ ବେଳେ ଅରବିନ୍ଦ ମିଶ୍ର, ପ୍ରଶାନ୍ତ ସେଠ, ଘନଶ୍ୟାମ ମେହେର, ଯଦୁମଣି କୁଦେଇ, ସରୋଗା ପଧାନ, ସତ୍ୟମ ବିଶ୍ୱାଳ, ଜ୍ୟୋତ୍ସ୍ନା ବାରିକ, ଶିଶୁପାଳ ଖମାରୀ, ମେଘନାଥ ପଧାନ, ନିତା ପଟେଲ, ପ୍ରଜ୍ଞାପରମିତା ତ୍ରିପାଠୀ, ରୋହିତ ସାହୁ, ବିକାଶ ହାତୀ, ଧ୍ରେନ ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ଅଧୀକ୍ଷକ ନ ଥିବାରୁ କାର୍ଯ୍ୟାଳୟର ବିଜୟ କୁମାର ଭୋଇଙ୍କୁ ଦାବିପତ୍ର ସଦସ୍ୟମାନେ ପ୍ରଦାନ କରିଛନ୍ତି ।




ସକାଳ
THE SAKALA



## କେନ୍ଦ୍ରାପଡ଼ାରେ ମାଟ୍ରିକ ପରୀକ୍ଷା ପ୍ରସ୍ତୁତି

# ୧୦୭ କେନ୍ଦ୍ରରେ ୧୯,୮୧୬ ପରୀକ୍ଷାର୍ଥୀ

କେନ୍ଦ୍ରାପଡା,୧୮।୨(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲାରେ ୧୯ ତାରିଖ ଅର୍ଥାତ ଆଜିଠାରୁ ଆରମ୍ଭ ହେବାକୁ ଥିବା ବାର୍ଷିକ ମାଟ୍ରିକ୍ ପରୀକ୍ଷା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପରୀକ୍ଷା ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ଜିଲ୍ଲାର ୧୦୭ଟି ପରୀକ୍ଷା କେନ୍ଦ୍ରରେ ସର୍ବମୋଟ ୧୯,୮୧୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏହି ପରୀକ୍ଷାରେ ୧୯,୨୮୮ ଜଣ ରେଗୁଲାର, ୫୦ ଜଣ ଏକ୍ସ-ରେଗୁଲାର, ୨୩୧ ଜଣ ମଧ୍ୟମା ଓ ୨୯୪ ଜଣ ରାଜ୍ୟ ଓପନ ସ୍କୁଲ ପରୀକ୍ଷାର୍ଥୀ ଅଂଶଗ୍ରହଣ କରୁଛନ୍ତି। ରେଗୁଲାର, ଏକ୍ସ-ରେଗୁଲାର ଓ ମଧ୍ୟମା ପରୀକ୍ଷା ପାଇଁ ୧୦୫ଟି କେନ୍ଦ୍ର ଓ ଓପନ ସ୍କୁଲ ପାଇଁ ୨ଟି ସ୍ୱତନ୍ତ୍ର କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରିଚାଳନା ପାଇଁ ପ୍ରତ୍ୟେକ କେନ୍ଦ୍ରରେ ଜଣେ କରି ସୁପରିନଟେଣ୍ଡେଣ୍ଟ ଓ ଡେପୁଟି ସୁପରିନଟେଣ୍ଡେଣ୍ଟ ନିଯୁକ୍ତି ହୋଇଥିବା ବେଳେ ୧୦୭ ଜଣ ଶିକ୍ଷା ନିରୀକ୍ଷକ, ୧୦୭ ଜଣ ରିଲିଭର ଓ ୨୫୦ ଜଣ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି। କପି ରୋକିବା ନିମନ୍ତେ ୫ଟି ସ୍କ୍ୱାର୍ଡ ଗଠନ କରାଯାଇଥିବା ବେଳେ ମାଧ୍ୟମିକ ଶିକ୍ଷା ବୋର୍ଡ, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଫ୍ଲାଇଙ୍ଗ ସ୍କ୍ୱାର୍ଡ ନିଯୁକ୍ତି ହେବେ। ସେହିପରି ଏକଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ ମଧ୍ୟ ନିଯୁକ୍ତି ପାଇବେ। ପ୍ରଶ୍ନପତ୍ର ସୁରକ୍ଷିତ ରଖିବା ପାଇଁ ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଞ୍ଚଳକୁ ଆବରଣ କରି ୯ଟି ନୋଡାଲ ସେଣ୍ଟର ବା ପ୍ରଶ୍ନପତ୍ର ହବ୍ ସ୍ଥାପନ କରାଯାଇଛି। ଏହି ହବ୍‌ଗୁଡ଼ିକୁ ୨୪ ଘଣ୍ଟିଆ ପୁଲିସ ସୁରକ୍ଷା ବଳୟରେ ରଖାଯାଇଛି। ପ୍ରଶ୍ନପତ୍ରକୁ ପରୀକ୍ଷା କେନ୍ଦ୍ରକୁ ପହଞ୍ଚାଇବା ପାଇଁ ୪୦ ଜଣ ଶିକ୍ଷକଙ୍କୁ ଡେସପାଚ୍ ଟିମରେ ନିଯୁକ୍ତି ଦିଆଯାଇଛି। ପରୀକ୍ଷାର ସ୍ୱଚ୍ଛତା ଓ ଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ୧୦୭ଟି ପରୀକ୍ଷା କେନ୍ଦ୍ରକୁ ସିସିଟିଭି ସର୍ଭେଲାନ୍ସରେ ରଖାଯାଇଛି। ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ ଫୋନ ନେବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଶାନ୍ତି ଶୃଙ୍ଖଳା ଓ ସୁରକ୍ଷା ନିମନ୍ତେ ପ୍ରତ୍ୟେକ କେନ୍ଦ୍ରରେ ପୋଲିସ ବଳ ମୁତୟନ କରାଯିବ। ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ କହିଛନ୍ତି ଯେ, ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାକୁ ସୁଚାରୁ ଓ କପିମୁକ୍ତ ଭାବେ ପରିଚାଳନା ପାଇଁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରାଯାଇଛି। ପ୍ରଶାସନ, ଶିକ୍ଷା ବିଭାଗ ଓ ପୋଲିସ ବିଭାଗର ସମନ୍ୱୟରେ ପରୀକ୍ଷାକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳାବଦ୍ଧ ଭାବେ ସମ୍ପନ୍ନ କରାଯିବାକୁ ବ୍ୟବସ୍ଥା ହୋଇଛି। ଚଳିତ ବର୍ଷ ପରୀକ୍ଷା ପାଇଁ ଜିଲ୍ଲା ପ୍ରଶାସନର ସୁଚିନ୍ତିତ ପଦକ୍ଷେପ ଓ କଡ଼ା ସୁରକ୍ଷା ବ୍ୟବସ୍ଥା ଦେଖି ଏଥର ପରୀକ୍ଷା ଶୃଙ୍ଖଳିତ ଓ କପିମୁକ୍ତ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

### ୯ ପ୍ରଶ୍ନପତ୍ର ହବ୍, ସିସିଟିଭି ନଜରରେ ରହିବ କେନ୍ଦ୍ର

## +୨ ପରୀକ୍ଷା ଆରମ୍ଭ: ୧୭ଟି କେନ୍ଦ୍ରରେ ୯୨୦ ପରୀକ୍ଷାର୍ଥୀ

କେନ୍ଦ୍ରାପଡ଼ା,୧୮।୨(ସମିସ): କେନ୍ଦ୍ରାପଡା ସହରର କେନ୍ଦ୍ରାପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ବୁଧବାର ଠାରୁ +୨ ବାର୍ଷିକ ପରୀକ୍ଷା ଶୃଙ୍ଖଳିତ ପରିବେଶରେ ଆରମ୍ଭ ହୋଇଛି କ୍ଷ ମାର୍ଚ୍ଚ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷାର ପ୍ରଥମ ଦିନରେ ଛାତ୍ରଛାତ୍ରୀ ଉତ୍ସାହର ସହ ପରୀକ୍ଷା ଦେଇଥିବା ଦେଖାଯାଇଛି। ଏହି କେନ୍ଦ୍ରରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧୀନରେ କେନ୍ଦ୍ରାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ୮ଟି ଘରୋଇ ଆବାସିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ପ୍ରଥମ ଦିନରେ +୨ ବିଜ୍ଞାନ ଶ୍ରେଣୀର ଏମ୍ଆଇଏଲ୍ (ଓଡ଼ିଆ) ବିଷୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷା କେନ୍ଦ୍ରର ୧୭ଟି ପରୀକ୍ଷା ହଲରେ ସର୍ବମୋଟ ୯୨୦ ଜଣ ପରୀକ୍ଷାର୍ଥୀ ଶାନ୍ତିପୂର୍ଣ୍ଣ ଭାବେ ପରୀକ୍ଷା ଦେଇଥିଲେ।



ପରୀକ୍ଷାର ସୁଚାରୁ ପରିଚାଳନା ପାଇଁ କେନ୍ଦ୍ରାପଡା କଲେଜର ୫୨ ଜଣ ଅଧ୍ୟାପକ ଓ ଅଧ୍ୟାପିକା ନିରୀକ୍ଷକ, ରିଲିଭର ଓ ଗେଟ୍ ଚେକିଂ ସୁପରଭାଇଜର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ ଭାବେ ଅଧ୍ୟାପକ ସେକ ହବିବ୍ ଓ ଉପଅଧୀକ୍ଷକ ଭାବେ ଅଧ୍ୟାପକ ସୁଦର୍ଶନ ପାତ୍ର ଦାୟିତ୍ୱରେ ରହିଥିବା ବେଳେ, ଉପଅଧୀକ୍ଷିକା ଡ. ବାସନ୍ତୀ ଶୁକ୍ଳା ପରୀକ୍ଷାର ସମନ୍ୱୟ କରୁଛନ୍ତି। ପରୀକ୍ଷା ସମୟରେ ସମସ୍ତ ବ୍ୟବସ୍ଥା ସୁଚାରୁ ଓ ଶୃଙ୍ଖଳିତ ଥିବା ସେ ସୂଚନା ଦେଇଛନ୍ତି। ଆସନ୍ତା କାଲି ଏହି କେନ୍ଦ୍ରରେ ଧନ୍ଦାମୂଳକ ଶିକ୍ଷା ବିଭାଗର ପଦାର୍ଥବିଜ୍ଞାନ ବିଷୟରେ ପରୀକ୍ଷା ହେବ। ଏଥିରେ ୪୫ ଜଣ ରେଗୁଲାର ଓ ୫ ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଅଂଶଗ୍ରହଣ କରିବେ। ପରୀକ୍ଷାର ପ୍ରଥମ ଦିନ ସୁଚାରୁ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଥିବା ବେଳେ ଆଗାମୀ ଦିନଗୁଡିକରେ ମଧ୍ୟ ଏହି ଶୃଙ୍ଖଳା ଜାରି ରହିବ ବୋଲି ଆଶା କରାଯାଉଛି।

## ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପକ୍ଷରୁ ନୂତନ ଅଧିକାରୀଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,୧୮।୨(ସମିସ): ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଟାଉନ ଥାନା, ସଦର ଥାନା ଓ ନିକିରାଇ ଥାନାରେ ନୂତନ ଭାବେ ଯୋଗଦେଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ପଦ୍ମାଳୟା ପ୍ରଧାନ ଓ ବିମଲ୍ କୁମାର ମଲ୍ଲିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପୁଲିସ ଓ ସମାଜର ମଧ୍ୟରେ ସମ୍ପର୍କ, ନୂତନ ଆଇନ ବ୍ୟବସ୍ଥା ଓ ବର୍ତ୍ତମାନର ସାମାଜିକ ପରିସ୍ଥିତି ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ପୁଲିସ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀମାନେ ଯୁବପିଢ଼ିଙ୍କୁ ଆଇନ ସଚେତନତା ଓ ନାଗରିକ କର୍ତ୍ତବ୍ୟ ପାଳନରେ ସକ୍ରିୟ ଭାଗ ନେବାକୁ ଆହ୍ୱାନ କରିଥିଲେ। ସମାଜରେ ଶାନ୍ତି, ଶୃଙ୍ଖଳା ଓ ନ୍ୟାୟ ପ୍ରତିଷ୍ଠା ପାଇଁ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସହଯୋଗ ଅତ୍ୟନ୍ତ ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପକ୍ଷରୁ ଗଣେଶ ଚନ୍ଦ୍ର ପ୍ରଧାନ, ସସ୍ମିତା ପ୍ରିୟଦର୍ଶିନୀ କୁଣ୍ଡୁ, ଭାଗ୍ୟଲକ୍ଷ୍ମୀ ପଣ୍ଡା, ଶିବ ନାରାୟଣ ଦାସ, ଶୁଭ୍ର ଶୁଭଙ୍କର ବିଶ୍ୱାଳ, ଶିବଶ୍ରିତ ଦେହୁରୀ, ଅସିମ୍ ରଞ୍ଜନ ନାୟକ, ପ୍ରିୟବ୍ରତ ମହାନ୍ତି, କାଳୀ ପ୍ରସନ୍ନ ଦାସ, ସୁବୋଧ ସତ୍ୟଜିତ୍, ଅଭିଜିତ୍ ପ୍ରଧାନ ଓ ସତ୍ୟରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପରଲୋକ

ଆଳି,୧୮।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ କଳସପୁର ଗ୍ରାମର ବରିଷ୍ଠ ରାଜନୀତିଜ୍ଞ, ଆଳି ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ତଥା ଅବିଭକ୍ତ ଭୂଇଁପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ଧଳଙ୍କର ଗତକାଲି ବିଳମ୍ବିତ ରାତ୍ରିରେ ୯୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ପରଲୋକ ଖବର ପାଇ ପିସିସି ସମ୍ପାଦିକା ତଥା ଜିଲ୍ଲା କଂଗ୍ରେସ ସଭାପତି ଦେବସ୍ମିତା ଶର୍ମା, ଜିଲ୍ଲାପରିଷଦ ଉପାଦକ୍ଷ ଭୀଷ୍ମ ମହାନ୍ତି, ବିଜେପି ଜିଲ୍ଲା ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଭୂଇଁପୁର ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ପାତ୍ର, କଳସପୁର ସରପଞ୍ଚ ସୁଧୀର ମଲିକ, ସମାଜସେବୀ କଳ୍ପତରୁ ଦାସ ପ୍ରମୁଖ ସ୍ୱର୍ଗତଙ୍କ ଶ୍ରୀ ଧଳଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ଶ୍ରୀ ଧଳ ଦୁଇ ଦୁଇ ଥର ଆଳି ପଞ୍ଚାୟତ ସମିତିର ଅଧ୍ୟକ୍ଷ ଥିବାବେଳେ ଦୁଇଥର ସରପଞ୍ଚ ମଧ୍ୟ ଥିଲେ। ସେ ପରୋପକାରୀ, ମେଳାପୀ, ଧର୍ମପରାୟଣ ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗରେ କଳସପୁର ପଞ୍ଚାୟତ ସମେତ ସମଗ୍ର ଆଳିରେ ଶୋକର ଛାୟା ଖେଳି ଯାଇଛି। ବଡ଼ ପୁଅ ପ୍ରସନ୍ନ କୁମାର ଧଳ ମୁଖାଗ୍ନି ଦେଇଥିବାବେଳେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି।



## ବିଧୁଭୂଷଣଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସର ମନରେଗା ସଂଯୋଜକ ଦାୟିତ୍ୱ



କେନ୍ଦ୍ରାପଡ଼ା,୧୮।୨(ସମିସ): ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ଓ ଆଇନଜୀବୀ ବିଧୁଭୂଷଣ ମହାପାତ୍ରଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚିତ ଯୋଜନା (ମନରେଗା)ର ଜିଲ୍ଲା ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି। ତାଙ୍କର ଦୀର୍ଘଦିନର ସାଂଗଠନିକ ଅଭିଜ୍ଞତା ଓ ସକ୍ରିୟତାକୁ ଦୃଷ୍ଟିରେ ରଖି ଦଳ ଏହି ଦାୟିତ୍ୱ ଦେଇଥିବା କୁହାଯାଉଛି। ବିଧୁଭୂଷଣ ମହାପାତ୍ର ଜଣେ ଶୃଙ୍ଖଳିତ ଓ ନିଷ୍ଠାବାନ କଂଗ୍ରେସ କର୍ମୀ ଭାବେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। କେବଳ ରାଜନୀତିକ କ୍ଷେତ୍ରରେ ନୁହେଁ, ସାମାଜିକ ଓ ଲୋକହିତକାରୀ କାର୍ଯ୍ୟରେ ମଧ୍ୟ ଶ୍ରୀ ମହାପାତ୍ରଙ୍କ ସଂପୃକ୍ତି ଉଲ୍ଲେଖନୀୟ। ସେ ଦୀର୍ଘ ୨୦ ବର୍ଷ ଧରି ରାଜ୍ୟ ସଡ଼କ ସୁରକ୍ଷା ସମିତିର ସଦସ୍ୟ ଭାବେ କାମ କରି ଅନେକ ମୂଲ୍ୟବାନ ପରାମର୍ଶ ଦେଇଛନ୍ତି। ତାଙ୍କ ନିଯୁକ୍ତି ଫଳରେ ଜିଲ୍ଲାରେ ବିରୋଧୀ ଦଳ ଭାବେ କଂଗ୍ରେସର ସଂଗଠନ ଆହୁରି ସକ୍ରିୟ ହେବ ବୋଲି ମତ ପ୍ରକାଶ ପାଇଛି। ବିଧୁଭୂଷଣ ମହାପାତ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଦଳ ତାଙ୍କ ଉପରେ ଯେଉଁ ଭରସା ରଖିଛି, ସେ ତାହାକୁ ସମ୍ମାନ କରି ନିଷ୍ଠା ଓ ସତ୍ୟନିଷ୍ଠା ସହ କାର୍ଯ୍ୟ କରିବେ। ମନରେଗା ଯୋଜନା ମାଧ୍ୟମରେ ଗ୍ରାମୀଣ ଲୋକଙ୍କ ଅଧିକାର ସୁନିଶ୍ଚିତ କରିବା ସହ ଯେଉଁଠାରେ ଅନିୟମିତତା ରହିଛି, ସେଠାରେ ଦଳ ପକ୍ଷରୁ ସ୍ୱର ଉଠାଯିବ ବୋଲି ସେ କହିଛନ୍ତି।

## ସାଇକଲକୁ ଧକ୍କାଦେଲା ହାଇୱା; ଛାତ୍ରୀ ଗୁରୁତର

ଆଳି,୧୮।୨(ସମିସ): ଆଳି ଥାନା କଟକ-ଚାନ୍ଦବାଲି ରାସ୍ତାର ବାଳକାଟି ଖଣ୍ଡିଆପାଟଣା ଛକ ନିକଟରେ ରାଜକନିକାରୁ ଟ୍ୟୁସନ ସାରି ଫେରୁଥିବା ଜଣେ କଲେଜ ଛାତ୍ରୀଙ୍କୁ ଏକ ଦ୍ରୁତଗାମୀ ହାଇୱା ଧକ୍କା ଦେବା ଫଳରେ ଛାତ୍ରୀ ଜଣକ ଗୁରୁତର ହୋଇଛନ୍ତି। ପ୍ରକାଶ ଥାଉକି ଆଳି ଥାନା ବାଳକାଟୀ ଗ୍ରାମ ତଥା ରାଜକନିକା ଏସ୍ଏନ୍ କଲେଜର ଯୁକ୍ତ ଦୁଇ ଛାତ୍ରୀ ପ୍ରୀତି ସାହୁ (୨୨) ଟ୍ୟୁସନ ସାରି ସାଇକଲ ଯୋଗେ ଘରକୁ ଫେରୁଥିବା ବେଳେ ପଛପଟୁ ଏକ ଦ୍ରୁତଗାମୀ ହାଇୱା ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡ଼ିଥିଲେ। ତାଙ୍କ ପଛ ପଟ ମୁଣ୍ଡ ମାଡ଼ ହୋଇଥିବା ବେଳେ ସେ ରାସ୍ତାରେ ପଡ଼ି ଛଟପଟ ହେଉଥିଲେ। ଖବର ପାଇ ସଡ଼କବନ୍ଧୁ ସୁଶାନ୍ତ ତରାଇ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏକ କାର୍ ଯୋଗେ ତାଙ୍କୁ ଆଳି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ।



## ରମାକାନ୍ତ ଜେନା ରାଜନଗର ବ୍ଲକ୍ ଦଳିତ କଂଗ୍ରେସ ସଭାପତି



ରାଜନଗର,୧୮।୨(ସମିସ): ରାଜନଗର ବ୍ଲକ୍ ଦଳିତ କଂଗ୍ରେସ ସଭାପତି ଭାବେ ରମାକାନ୍ତ ଜେନାଙ୍କୁ ଦଳ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଏଥିସହିତ ରାଜନଗର ବ୍ଲକ୍‌ରୁ ଜିଲ୍ଲା କମିଟିରେ ନିଯୁକ୍ତ ପାଇଥିବା ଜିଲ୍ଲା ଦଳିତ ଉପସଭାପତି ବାବନ କୁମାର ଜେନା, ଜିଲ୍ଲା ସମ୍ପାଦକ ଭାବେ ଲଚ୍ଛମନ ସେଠୀଙ୍କୁ ନିଯୁକ୍ତି ଦିଆଯାଇଛି। ଆଜି ବ୍ଲକ୍ କଂଗ୍ରେସ କାର୍ଯ୍ୟାଳୟଠାରେ ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତ ଦଳିତ ନେତାଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦାମୋଦର ବିଶ୍ୱାଳ, ଜିଲ୍ଲା ସମ୍ପାଦକ ନାଗେଶ୍ୱର ସାହୁ, ଯୁବ ନେତା ସୁଶୀଲ କୁମାର ପ୍ରଧାନ, ବିଜୟ କୁମାର ରାଉତ, କୈଳାସ କୁମାର ସାମଲ, ଶଶଧର ସେଠୀ, ବିକା ସେଠୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ବ୍ଲକ୍‌ର ଦଳିତ କଂଗ୍ରେସ ସଭାପତି ଭାବେ ଶ୍ରୀ ଜେନା ନିଯୁକ୍ତି ପାଇବା ପରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ପ୍ରଦେଶ, କଂଗ୍ରେସ କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, ରାଜ୍ୟ ଦଳିତ କଂଗ୍ରେସ ସଭାପତି ମାନସ କୁମାର ମଲ୍ଲିକ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଦଳିତମାନଙ୍କ ନ୍ୟାଯ୍ୟ ଅଧିକାର ପାଇଁ ମଧ୍ୟ ସଂଗ୍ରାମ ଜାରି ରହିବ ବୋଲି ମତ ରଖିଛନ୍ତି।

## ପଟ୍ଟାମୁଣ୍ଡାଇ କଲେଜର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

ପଟ୍ଟାମୁଣ୍ଡାଇ,୧୮।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତମ କଲେଜ ପଟ୍ଟାମୁଣ୍ଡାଇ ଅଞ୍ଚଳର ଗୌରବମୟ ଇତିହାସର ମୂକସାକ୍ଷୀ ପଟ୍ଟାମୁଣ୍ଡାଇ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ୫୦ବର୍ଷ ପୂର୍ତ୍ତି ଉତ୍ସବକୁ ମନୋରମ କରିବା ପାଇଁ କଲେଜ କର୍ମଚାରୀ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୩ରୁ ୫ ତାରିଖ ୩ ଦିନ ଧରି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହେବାର କାର୍ଯ୍ୟକ୍ରମ ରହିଛି।

ଏ ନେଇ ବିଭିନ୍ନ କମିଟି ଗଠନ କରାଯାଇଛି। ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଅନ୍ୟ ଏକ ବୈଠକ ଆସନ୍ତା ୨୫ ତାରିଖରେ କଲେଜ ପରିସରରେ ଅନୁଷ୍ଠିତ ହେବ। ଏଥିରେ ଉପସ୍ଥିତ ରହି ପୁରାତନ ଛାତ୍ରଛାତ୍ରୀ ପରିଷଦ ଗଠନ କରିବାରେ ସହଯୋଗ କରିବାକୁ ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ଅନୁରୋଧ କରିଛନ୍ତି।

## ପଟ୍ଟାମୁଣ୍ଡାଇ ସବ୍‌ରେଜିଷ୍ଟ୍ରାରଙ୍କୁ ରାଜନଗର ବିଡିଓ ଦାୟିତ୍ୱ

ରାଜନଗର,୧୮।୨(ସମିସ): ରାଜନଗର ବ୍ଲକ୍‌ରେ ଦୀର୍ଘ ଦୁଇବର୍ଷ ହେଲା ଅଚଳାବସ୍ଥା ଲାଗି ରହିଛି। ଜଣେ ଅଧିକାରୀ ଅଞ୍ଚଳ ବିଷୟରେ ଜାଣିବା ପୂର୍ବରୁ ଆଉ ଜଣେ ଦାୟିତ୍ୱ ନେଉଛନ୍ତି। ମାତ୍ର ୨୦ମାସରେ ରାଜନଗର ବ୍ଲକରେ ୮ ଜଣ ବିଡିଓ ଦାୟିତ୍ୱରେ ରହିବା ଏହାର ଜ୍ୱଳନ୍ତ ଉଦାହରଣ। ସ୍ୱଳ୍ପ ସମୟ ଅବଧି ମଧ୍ୟରେ ବିଡିଓ କିପରି ଉନ୍ନୟନ କାମ କରିପାରିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ରାଜନଗର ବ୍ଲକ୍‌ରେ ଉନ୍ନୟନ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇପଡ଼ିଛି। ଦୁଇମାସ ତଳେ ଯୋଗ ଦେଇଥିବା ମହିଳା ବିଡିଓଙ୍କୁ ଅଫିସ ଭିତରେ ଆକ୍ରମଣ କରିବା ନେଇ ସାରା ରାଜ୍ୟରେ ଚର୍ଚ୍ଚା ହୋଇଥିଲା। ବିଜେପି ନେତା ଲଳିତ କୁମାର ବେହେରା ବିଡିଓଙ୍କ କାର୍ଯ୍ୟାଳୟ ମଧ୍ୟରେ ପଶି କମ୍ପ୍ୟୁଟର ଉଠାଇ ଆକ୍ରମଣ କରିବା ଘଟଣାରେ ୬ ଦିନ ଧରି ରାଜନଗର ବ୍ଲକ୍‌ରେ ତାଲା ଝୁଲିଥିଲା। ଶେଷରେ ବିଡିଓ ତିଳୋତ୍ତମା ପୃଷ୍ଟିଙ୍କୁ ମାହଙ୍ଗା ବ୍ଲକ୍‌କୁ ବଦଳି କରାଯାଇଥିଲା। ବିଡିଓ ତିଳୋତ୍ତମା ପୃଷ୍ଟିଙ୍କୁ ମାହଙ୍ଗା ବ୍ଲକକୁ ବଦଳି କରାଯାଇଥିଲେ ମଧ୍ୟ ରାଜନଗର ବ୍ଲକରେ ବିଡିଓ ଭାବେ କାହାରିକୁ ନିଯୁକ୍ତି ଦିଆଯାଇ ନ ଥିଲା। ବିଡିଓ ଶ୍ରୀମତୀ ପୃଷ୍ଟିଙ୍କୁ ରିଲିଭ୍ କରିଦିଆଯିବା ପରେ କାମଚଳା ବିଡିଓ ଭାବେ ପଟ୍ଟାମୁଣ୍ଡାଇ ସବ୍‌ରେଜିଷ୍ଟ୍ରାର ଅଶୋକ କୁମାର ମହାନ୍ତିଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାୟିତ୍ୱ ଦିଆଯାଇଛି। ଆଜି ଶ୍ରୀ ମହାନ୍ତି ରାଜନଗର ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।



### ଗାଇଦଣ୍ଡା ରାସ୍ତା ପୋଲ ନିର୍ମାଣ ନିମ୍ନମାନର

## ସୂଚନା ଫଳକ ନାହିଁ, ଅଧିକାରୀଙ୍କ ଦେଖା ମିଳୁନି



ପଞ୍ଚୁପାଣ୍ଡବ,୧୮।୨(ସମିସ): ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ବେଲାର ପୁର ଗ୍ରାମରେ ଥିବା ଗାଇଦଣ୍ଡା ରାସ୍ତାକୁ ଯିବା ଆସିବା କରିବା ପାଇଁ ଦୀର୍ଘଦିନ ହେଲା ଏକ ପୋଲ ନିର୍ମାଣ କରିବା ପାଇଁ ଚାଷୀମାନେ ଦାବି କରିଥିଲେ। ଏହି ଦାବିକୁ ନେଇ ଜଳ ସମ୍ପଦ ବିଭାଗ ପକ୍ଷରୁ ଏକ ପୋଲ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଜଣେ ଠିକାଦାର କିଛିଦିନ ତଳେ ଏକ ପୋଲ ନିର୍ମାଣ କରିଥିବା ଦେଖିବାକୁ ମିଳୁଛି। ହେଲେ ପୋଲକୁ ସଂଯୋଗ କରିଥିବା ରାସ୍ତାକୁ ଅତି ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି। ଠିକାଦାର ଜଣଙ୍କ ମାଟି ବାହାରୁ ନ ଆଣି ପୋଲ ନିକଟରୁ ମାଟି ଉଠାଇ ରାସ୍ତାରେ ପକାଇଥିବା ଅଭିଯୋଗ ହେଉଛି। ପୋଲର ଦୁଇ ପାର୍ଶ୍ୱରେ ଥିବା ବାଡ଼ ଛୋଟ ହୋଇଥିବାରୁ ଅସରାଏ ବର୍ଷା ହେଲେ ରାସ୍ତାରେ ପଡ଼ିଥିବା ମାଟିର ଅତଡ଼ା ଖସି ଧୋଇ ହୋଇ ଯିବ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଏହି ପୋଲର ଦୁଇ ପାର୍ଶ୍ୱରେ ଛୋଟ ପଥର ପ୍ୟାକିଙ୍ଗ କରିଥିବା ଦେଖିବାକୁ ମିଳୁଛି। ଏହିପୋଲ ନିମ୍ନମାନର ନିର୍ମାଣ କାର୍ଯ୍ୟ କରୁଥିବା ବେଳେ କାମରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ହଜାର ହଜାର ଚାଷୀ ଯିବା ଆସିବା କରୁଥିବା ବେଳେ ହଳବଳଦ ଓ ଟ୍ରାକ୍ଟର ଚାଷ ଜମିକୁ ଯିବା ଆସିବା କରୁଛି। ଏହାର ତଦନ୍ତ କରାଯାଇ ସୂଚନା ଫଳକ ଲଗାଇବା ସହିତ ନିର୍ମାଣ କାର୍ଯ୍ୟ ଠିକ ଭାବେ କରିବା ପାଇଁ ଶତାଧିକ ଚାଷୀ ଦାବି କରିଛନ୍ତି।

### ଜିଲ୍ଲାସ୍ତରୀୟ ଆଶା ଓ ଆରୋଗ୍ୟ ସମିତି ସମ୍ମିଳନୀ

## ଶ୍ରେଷ୍ଠ ଆଶା କର୍ମୀ ଓ ସମିତିକୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୧୮।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ତୃଣମୂଳସ୍ତରରେ ସ୍ୱାସ୍ଥ୍ୟ ସେବାରେ ଆଶା କର୍ମୀ ଓ ସମିତିଗୁଡ଼ିକର ଉତ୍ସର୍ଗୀକୃତ ଭୂମିକାକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର ଓ ଶ୍ୟାମ ସୁନ୍ଦର ଟୁଡୁ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ମେଡିକାଲ ଅଧିକାରୀ ନିରଞ୍ଜନ କର, ଏନ୍ଏଚ୍ଏମ୍ ଡିପିଏମ୍ ଡ. ମନୋରଞ୍ଜନ ସାହୁ ଓ ଆର୍ଥିକ ଅଧିକାରୀ ଆଶୁତୋଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୨୫-୨୬ ବର୍ଷ ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଶ୍ରେଷ୍ଠ ଆଶା କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡେରାବିଶର ନିରୁପମା ସେଠୀ, ଆଳିର ସରସ୍ୱତୀ ମଲ୍ଲୀକ, ଇନ୍ଦୁପୁରର କାନ୍ତିପ୍ରଭା ନାୟକ, ମହାକାଳପଡ଼ାର କାଦମ୍ବିନୀ ଖଟୁଆ, ମାର୍ଶାଘାଇର କବିତା ନାୟକ, ପାଟକୁରାର ଝରଣା ମହାନ୍ତି, ରାଜନଗରର କବିତା ରାଉତ, ରାଜକନିକାର ମମତା ନାୟକ, ପଟ୍ଟାମୁଣ୍ଡାଇର ଲିଜାରାଣୀ ପଣ୍ଡା ଓ କେନ୍ଦ୍ରାପଡ଼ା ସହରାଞ୍ଚଳର ଅମ୍ବିକାବାଳା ନାଥଙ୍କୁ ଶ୍ରେଷ୍ଠ ଆଶା ଭାବେ ସମ୍ମାନିତ କରାଯାଇଥିଲା।



ସେହିପରି ଶ୍ରେଷ୍ଠ ଜନ ଆରୋଗ୍ୟ ସମିତି ଭାବେ ଡେରାବିଶର ଖମରବେଲରପା, ଆଳିର ମାଳପାଟଣା, ଇନ୍ଦୁପୁରର ଘାଗରା, ମହାକାଳପଡ଼ାର ଦେଉଳପଡ଼ା, ମାର୍ଶାଘାଇର ଦରବଛା, ପାଟକୁରାର ବିଚଣା, ରାଜନଗରର ମହୁଲିଆ, ରାଜକନିକାର ବରଡ଼ିଆ ଓ ପଟ୍ଟାମୁଣ୍ଡାଇର ଖଡ଼ିଅନ୍ତ ସମ୍ବର୍ଦ୍ଧିତ ହୋଇଥିଲେ। ଏହା ସହ ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି ଭାବେ ଲକ୍ଷ୍ମୀନାରାୟଣପୁର, ଖରିଅନ୍ତ, ଚକ୍ରଡା, ବରକଲିଖଳା, ଶାସିନୀପଡା, ନୂଆପଡ଼ା, ତାରପଡା, ବଣିଡିହପାଟଣା ଓ ଗୋପୀତାରା ସମିତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଡେପୁଟି ମ୍ୟାନେଜର ଡ଼. ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଗ୍ରୀଷ୍ମ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

# ଜଳକ୍ଲିଷ୍ଟ ଅଞ୍ଚଳରେ ଜଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ

ଅନୁଗୋଳ, ୧୮ ।୨(ସମିସ)



ଚଳିତ ବର୍ଷ ଗ୍ରୀଷ୍ମ ମୁକାବିଲା ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ବୁଧବାର ପୂର୍ବାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଗ୍ରୀଷ୍ମ ମୁକାବିଲା ନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିବା ସହ ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମ ଋତୁରେ ଯେପରି ପାନୀୟ ଜଳର ସମସ୍ୟା ରହିବ ନାହିଁ, ଅଚଳ ନଳକୂପଗୁଡିକର ତୁରନ୍ତ ମରାମତି ଏବଂ ହାଟବଜାର, ବଷ୍ଟାଣ୍ଡ ତଥା ଜନଗହଳି ସ୍ଥାନମାନଙ୍କରେ ଜଳଛତ୍ର ବ୍ୟବସ୍ଥା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରି ସମ୍ପୃକ୍ତ ଅଧିକାରୀମାନଙ୍କୁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରମିକମାନେ କାର୍ଯ୍ୟ କରୁଥିବା ସ୍ଥାନରେ ପାନୀୟଜଳ ଓ ଆଶ୍ରୟସ୍ଥଳ ବନ୍ଦୋବସ୍ତ କରାଯିବା ସହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଟାଣ ଖରାରେ କାମ ନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ସହିତ ପର୍ଯ୍ୟାପ୍ତ ପରିମାଣରେ ଓ.ଆର.ଏସ୍ ପାଉଡର, ସାଲାଇନ ବ୍ୟବସ୍ଥା ସହ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମ ପ୍ରବାହ ସମୟରେ ଯାତ୍ରୀବାହୀ ଗାଡିଗୁଡିକରେ ପର୍ଯ୍ୟାପ୍ତ ପାନୀୟ ଜଳ, ଓ.ଆର.ଏସ୍ ପ୍ୟାକେଟ ରଖିବା ଏବଂ ବସ୍ ରହଣୀ ସ୍ଥାନମାନଙ୍କରେ ବିଶ୍ରାମସ୍ଥଳୀ ଓ ଜଳଛତ୍ର ଖୋଲିବା ପାଇଁ ବିହିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକରେ ଶିକ୍ଷାଦାନ ସମୟ ନିର୍ଦ୍ଧାରଣ କରିବା ସହିତ ପାନୀୟ ଜଳ ଉପଲବ୍ଧ କରିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏତଦବ୍ୟତୀତ ପଶୁସମ୍ପଦ ପାଇଁ ପିଇବା ପାଣିର ବ୍ୟବସ୍ଥା କରିବା ଉପରେ ବୈଠକରେ ବିଶଦଭାବେ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଏମ୍‌ସିଏଲ୍, ନାଲ୍‌କୋ, ଏନ୍‌ଟିପିସି ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।

## ବିଭିନ୍ନ ସ୍ଥାନରେ ଚଢ଼ଉ: ବିପୁଳ ପଲିଥିନ ଜବତ

ଅନୁଗୋଳ, ୧୮ ।୨(ସମିସ): ଅନୁଗୋଳ ସହରର ବିଭିନ୍ନ ସ୍ଥାନରେ ବୁଧବାର ଚଢ଼ଉ କରାଯାଇ ବିପୁଳ ପଲିଥିନ ଓ ଥର୍ମକୁଲ ପାତ୍ର ଜବତ କରାଯାଇଛି । ହରିମହୁରୀ ଛକରେ ଏକ ଗୋଦାମରୁ ପ୍ରାୟ ୨୫୦ କେଜି ପଲିଥିନ ଜବତ୍ କରାଯାଇ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା କରାଯାଇଛି । ଅନୁଗୋଳ ମହିଳା କଲେଜ ନିକଟ ଏକ ଦୋକାନରୁ ମଧ୍ୟ ବିପୁଳ ପଲିଥିନ ଜବତ କରାଯାଇଛି । ତେବେ ମାଲିକ ନ ଥିବାରୁ ତାଙ୍କୁ ଫାଇନ କରାଯାଇ ପାରିନାହିଁ । ମାଛ ମାର୍କେଟରେ ଅଧିକାଂଶ ଦୋକାନୀଙ୍କୁ ଅବୈଧ ପଲିଥିନ ବ୍ୟବହାର ନେଇ ୫୦୦ ଟଙ୍କା ଲେଖାଏଁ ଫାଇନ କରାଯାଇଛି । ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ଏକ ଦୋକାନରୁ ମଧ୍ୟ ପଲିଥିନ ଜବତ୍ କରାଯାଇଛି । ମୋଟ ୬୨, ୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି । ଚଢ଼ଉରେ ପୌରପାଳିକା ଟାସ୍କ ଫୋର୍ସ ସହ ପ୍ରଦୂଷଣ ବିଭାଗ ଅଧିକାରୀ ଓ ପୁଲିସ ଅଧିକାରୀ ସାମିଲ ହୋଇଥିଲେ ।

## ଅଢ଼େଇ କୁଇଣ୍ଟାଲ ଗଞ୍ଜେଇ ସହ ବନ୍ଧୁକ ଜବତ

**୬ ଗିରଫ**

ଅନୁଗୋଳ, ୧୮ ।୨(ସମିସ): ଅନୁଗୋଳ ପୁଲିସକୁ ଏକ ବଡ଼ ସଫଳତା ମିଳିଛି । ଚଢ଼ଉ କରି ପୁଲିସ ୨୬୪.୮୨୦ କିଲୋ ଗଞ୍ଜେଇ ସହ ଏକ ଦେଶୀ ବନ୍ଧୁକ ଜବତ କରିଛି । ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରିଛି । ବିଶ୍ୱସ୍ତ ସୂଚନା ଆଧାରରେ ପୁରୁଣାକୋଟ ଥାନା ପୁଲିସ ଓ ସ୍ପେଶାଲ୍ ସ୍କ୍ୱାଡ୍ କନ୍ଧକୋଇଲି ଗାଁରେ ମିଳିତ ଚଢ଼ଉ କରିଥିଲେ । ଚଢ଼ଉ ବେଳେ ୨୬୪.୮୨୦ କିଲୋଗ୍ରାମ ଗଞ୍ଜେଇ, ଗୋଟିଏ ଦେଶୀ ବନ୍ଧୁକ, ଗଞ୍ଜେଇ ଚାଲାଣରେ ବ୍ୟବହୃତ ଏକ ବାଇକ୍ ଏବଂ ୫ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

## ବ୍ରାଉନସୁଗର ଜବତ, ୬ ଗିରଫ

ତାଳଚେର, ୧୮ ।୨(ସମିସ): ତାଳଚେର ଟାଉନ ପୁଲିସ୍ ମଙ୍ଗଳବାର ସନ୍ଧ୍ୟାରେ ସାପ୍ତାହିକ ହାଟରେ ଆତର୍କିତ ଚଢ଼ଉ କରି ୧୨.୫୬ ଗ୍ରାମ ବ୍ରାଉନସୁଗର ଜବତ କରିଛି । ଏହାର ମୂଲ୍ୟ ୧ଲକ୍ଷ ୩୦ହଜାର ଟଙ୍କା ହେବ । ଏଥିସହ ପୁଲିସ ଗୋଟିଏ ବାଇକ୍, ଦୁଇଟି ମୋବାଇଲ ଫୋନ, ୧୦ ହଜାର ଟଙ୍କା ଜବତ କରିଛି । ଏହି ନିଶା କାରବାରରେ ସମ୍ପୃକ୍ତି ଅଭିଯୋଗରେ ପୁଲିସ ତାଳଚେର ବାଘୁଆବୋଲ ସ୍କୁଲ ସାହିର ଆନନ୍ଦ ନାଏକ (୩୨), ବାଘୁଆବୋଲ ଅଞ୍ଚଳର ପ୍ରଶାନ୍ତ ସାହୁ (୩୮), ନୁହୁରା ସାହିର ପ୍ରମୋଦ ବେହେରା (୩୫), କୋଲିୟରୀ ଅଞ୍ଚଳର ସାୟନ୍ତୀ ଜେନାମଣି (୪୧), ଦେଉଳବେଢ଼ା ଅଞ୍ଚଳର ଅନିତା ସାମଲ (୩୨) ଓ କଲଭିନ୍ଦର କୌରଙ୍କ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଘର ଭସ୍ମୀଭୂତ, ୫ ଲକ୍ଷରୁ ଅଧିକ ଟଙ୍କାର କ୍ଷତି



କଣିହାଁ, ୧୮ ।୨(ସମିସ): କଣିହାଁ ବ୍ଲକ କମରେଇ ଗ୍ରାମରେ ବୁଧବାର ସକାଳ ପ୍ରାୟ ସାଢ଼େ ୯ଟାରେ ଅଗ୍ନିକାଣ୍ଡ ଘଟି ହରିହର ବେହେରାଙ୍କ ଘର ଭସ୍ମୀଭୂତ ହୋଇଛି । କୌଣସି ବ୍ୟକ୍ତି ନିଆଁ ଲଗାଇ ଦେଇଥିବା ସନ୍ଦେହ ପ୍ରକାଶ ପାଇଛି । କଣିହାଁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ହାବିଲଦାର ଏସ୍. ମିଶ୍ରଙ୍କ ନେତୃତ୍ୱରେ ଫାୟାରମ୍ୟାନ୍ ଏସ୍. ପ୍ରଧାନ ଓ ଡ୍ରାଇଭର ଟିପି ସାମଲ ନିଆଁଲିଭା କାର୍ଯ୍ୟରେ ସାମିଲ ହୋଇଥିଲେ । ଅଗ୍ନିକାଣ୍ଡରେ ଘର ସହ ସମସ୍ତ ଆସବାବପତ୍ରକୁ ମିଶାଇ ପ୍ରାୟ ୫ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିଲା । କୁହାଯାଇଛି । ଏ ସମ୍ପର୍କରେ ହରିହର କଣିହାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ବ୍ରାହ୍ମଣୀଦେଇ ଗ୍ରାମରେ ଭାଗବତ ନାମଯଜ୍ଞ

କିଶୋରନଗର, ୧୮ ।୨(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବ୍ରାହ୍ମଣୀଦେଇ ଗ୍ରାମରେ ଭାଗବତ ନାମଯଜ୍ଞ ଅନୁଷ୍ଠିତ ହୋଇଛି । ମଙ୍ଗଳବାର ସକାଳ ୮ଟାରେ କଳସଯାତ୍ରା ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ । ଅପରାହ୍ନ ୩ଟାରେ ପୂଜା ଆରମ୍ଭ ହୋଇ ଭୋର ୫ଟାରେ ପୂର୍ଣ୍ଣାହୁତି ପଡ଼ିଥିଲା । ପୂଜକ ଆକାଶ ଦାସଙ୍କ ମନ୍ତ୍ର ପାଠରେ ଭକ୍ତିମୟ ସୃଷ୍ଟି ସୃଷ୍ଟି ହୋଇଥିଲା । କର୍ତ୍ତା ଭାବେ ଉମାକାନ୍ତ ନାୟକ କାର୍ଯ୍ୟ ନିର୍ବାହ କରିଥିଲେ । ଏଥିରେ ୮ ଦଳ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ । ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା । ଗ୍ରାମ ସଭାପତି କୁଶ କୁମାର ନାୟକଙ୍କ ନେତୃତ୍ୱରେ ଉପସଭାପତି ପ୍ରଦୀପ ପ୍ରଧାନ, ସମ୍ପାଦକ ଶାଶ୍ୱତ ପ୍ରଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

### ● ତାଳଚେରରେ ଥମୁନି ବାୟୁ ପ୍ରଦୂଷଣ

## ଜନଜୀବନ ଅସ୍ତବ୍ୟସ୍ତ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର



ତାଳଚେର, ୧୮ ।୨(ସମିସ): ପ୍ରଦୂଷଣରେ ତାଳଚେର ୧ ନମ୍ବରରେ ରହୁଛି । ତେବେ ଏହାର ପ୍ରତିକାର ପାଇଁ କାହାର ହେଲେ ସାମାନ୍ୟ ଉଦ୍ୟମ ନାହିଁ । ତାଳଚେର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୩୫୫ ଛୁଇଁଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଏନଏସଏସ୍ ଆକ୍ଟ ଲାଗୁ କରାଯାଇଥିଲା । ସରକାରଙ୍କ ନିର୍ଦ୍ଦେଶ ମୁତାବକ ଜାତୀୟ ରାଜପଥ ଓ ଅନ୍ୟାନ୍ୟ ରାସ୍ତାଗୁଡ଼ିକରେ ଦିନକୁ ତିନିଥର ପାଣି ସିଞ୍ଚନ ସହ ରାସ୍ତାରୁ ଧୂଳି ହଟାଇବାକୁ ଏମସିଏଲକୁ କୁହାଯାଇଥିଲା । ପ୍ରାୟ ୩ରୁ ୫ଦିନ ରାସ୍ତାରେ ପାଣି ସିଞ୍ଚନ ହେବା ଫଳରେ ଏକ୍ୟୁଆଇ ୨୫୫କୁ ଖସି ଆସିଥିଲା । ହେଲେ ଏବେ ଜାତୀୟ ରାଜପଥ ସମେତ ଅନ୍ୟାନ୍ୟ ରାସ୍ତାରେ ସଠିକ୍ ଭାବେ ପାଣି ସିଞ୍ଚନ ହେଉ ନ ଥିବାରୁ ଧୂଳିଧୂଆଁରେ ଅଞ୍ଚଳବାସୀ ଅଣନିଃଶ୍ୱାସୀ ହୋଇ ତ୍ରାହିତ୍ରାହି ଡାକ ଦେଉଛନ୍ତି । ନିକଟରେ ଜିଲ୍ଲାପାଳ କୋଇଲା ପାଉଁଶ ମିଶ୍ରିତ ଗୁଣ୍ଡ ରାସ୍ତାରୁ ସଫା କରିବାକୁ ଏମସିଏଲକୁ ନିର୍ଦ୍ଦେଶ ଦେଇଥିଲେ । ଗୋଟିଏ ଦିନରେ ପୌର ପରିଷଦ ପକ୍ଷରୁ ୧୨ଜଣ ସଫେଇ କର୍ମଚାରୀଙ୍କୁ ଲଗାଇ ତାଳଚେର ବାଇପାସ୍ ଟ୍ରାଫିକଠାରୁ ୨ ଶହରୁ ୩ଶହ ମିଟର ରାସ୍ତା ସଫା କରାଯାଇଥିଲା । ପରେ ଏହା ପୁଣି ବନ୍ଦ ହୋଇଯାଇଛି । ଏଠାରୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ନେଉଥିଲେ ମଧ୍ୟ ତାଳଚେରବାସୀଙ୍କୁ କାହିଁକି ମୃତ୍ୟୁଖକୁ ଠେଲୁଛନ୍ତି ତାକୁ ନେଇ ଅଞ୍ଚଳବାସୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବର୍ତ୍ତମାନ ୧୪୯ ନମ୍ବର ଜାତୀୟ ରାଜପଥ ଗୋଡ଼ିବନ୍ଧଠାରୁ ବହ୍ଲର ପର୍ଯ୍ୟନ୍ତ ପ୍ରଚୁର ଧୂଳିଧୂଆଁ ଯୋଗୁଁ ଲୋକେ ଯାତାୟାତ କରିବାକୁ ନିରାପଦ ମଣୁନାହାନ୍ତି । ପୁନଶ୍ଚ ଯେଉଁ ସମୟରେ ଏକ୍ୟୁଆଇ ୩୫୫ ରହିଥିଲା ସେ ସମୟରେ କେନ୍ଦ୍ର ଓ ରାଜ୍ୟ ଉଭୟ ସରକାର ଏମସଏଲ ଓ ପୌରପରିଦେ ସମେତ ଜିଲ୍ଲାପାଳ, ସ୍ଥାନୀୟ ଉପଜିଲ୍ଲପାଳଙ୍କୁ ତୁରନ୍ତ ଏହାର ପ୍ରତିକାର ପାଇଁ କଡ଼ାକଡ଼ି ନିର୍ଦ୍ଦେଶ ଦେଇଥିଲେ । ସେହି ନିର୍ଦ୍ଦେଶନାମାକୁ ନଜରରେ ରଖି ପ୍ରାୟ ୩ରୁ ୫ଦିନ ତାଳବେଡ଼ାଠାରୁ ବହ୍ଲର ଛକ ଓ ପୌରପରିଷଦ ବଡ଼ଦାଣ୍ଡ ସାହିଠାରୁ ହାଣ୍ଡିଧୂଆଁ ପର୍ଯ୍ୟନ୍ତ ସଫେଇ ସହ ଜଳସିଞ୍ଚନ ଦିନକୁ ୩ଥର ହେଉଥିଲା । ମାତ୍ର ଏବେ ନା ସିଞ୍ଚନ ହେଉଛି ପାଣି ନା ସଫେଇ ହେଉଛି ଧୂଳି । ଏଥିପ୍ରତି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଦୃଢ଼ ପଦକ୍ଷେପ ନ ନେଲେ ଅଗାମୀ ଦିନରେ ପରିସ୍ଥିତି ଆହୁରି ଜଟିଳ ହେବ ବୋଲି ପରିବେଶବିତ୍ ଆଶଙ୍କା କରିଛନ୍ତି ।

## ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ, ୧୮ ।୨(ସମିସ): ସାମାଜିକ ସଂଗଠନ 'ସ୍ପନ୍ଦନ' ତରଫରୁ ଏବଂ ଜିଲ୍ଲା ବୈଧ ମାପ ଓଜନ, ଯୁଗ୍ମ ନିୟନ୍ତ୍ରକ ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା ଦିବସ ୨୦୨୬ ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମକୁ ସରପଞ୍ଚ ଜ୍ୟୋସ୍ନାମୟୀ ପ୍ରଧାନ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଖାଉଟି ମାନେ ସବୁ ସମୟରେ ଶୋଷଣର ଶୀକାର ହେବ । ସଙ୍ଗେ ସଙ୍ଗେ ନାର୍ଯ୍ୟ ଅଧିକାରରୁ ସବୁ ସମୟରେ ଉପକ୍ଷିତ ହେଉଛନ୍ତି, ତେଣୁ ପ୍ରତି ସଚେତନ ଖାଉଟି ଏଥିପାଇଁ ସ୍ୱର ଉତ୍ତୋଳନ କରିବା ଉପରେ ଗରୁତ୍ୱାରୋପ କରିଥିଲେ ।ଅଧର ପ୍ରସାଦ ବିଶ୍ୱାଳ, ସହକାରୀ ଯୋଗାଣ ବିଭାଗ ଅଧିକାରୀ, ଅନୁଗୋଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ତାଙ୍କ ବିଭାଗରେ ଖାଉଟିମାନଙ୍କ କଲ୍ୟାଣତଥା ଠକାମୀରଶିକାରନହେବାନିମନ୍ତେନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିବା ସହିତ ଆଜିର ଯୁବ ସମାଜ ଜାଗ୍ରତ ହେଲେ ଗ୍ରାହକ ମାନେ ଠକାମୀର ଶିକାରରୁ ମୁକ୍ତି ପାଇପାରିବେ ବୋଲି ଅଭିହିତ କରିଥିଲେ । ସାଧନ କର୍ମୀ ଭାବେ ଜିଲ୍ଲା ଖାଉଟି ବିବାଦ ବିଚାର କମିଶନର ପୂର୍ବତନ ଅଧ୍ୟକ୍ଷ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ଖାଉଟି ମାନଙ୍କର ବିଭିନ୍ନ ସମସ୍ୟା, ସମସ୍ୟାର ଆରମ୍ଭ, ଅଧିକାର, ଆମ ଦେଶରେ ଏହି ଆଇନର ଆରମ୍ଭ, ଅନୁମୋଦନ, ସଂଶୋଧନ, ଲଘୁକରଣ, ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଭାବେ ବର୍ଣ୍ଣନା କରିବା ସହିତ ଜନସାଧରଣଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେଝରଷିରାଜ ସ୍ୱାଇଁ, ପ୍ରବନ୍ଧକ, ଗ୍ରାମୀଣ ବ୍ୟାଙ୍କ ଯୋଗ ଦେଇ ଖାଉଟି ମାନେ ସବୁ ସ୍ତରରେ ଠକାମୀର ଶୀକାର ହେଉଛନ୍ତି, ତେଣୁ ଏହି ଡିଜିଟାଲ ଯୁଗରେ ସମସ୍ତେ ସତର୍କତାର ସହିତ ଜିନିଷ ପତ୍ର କିଣିବା ସହିତ ଜାଗ୍ରତ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ । ରସାନନ୍ଦ



ସାହୁ, ନାଇବ ସରପଞ୍ଚ, ରେଣୁବାଳା ସାହୁ, ସମତି ସଭ୍ୟା ଇତ୍ୟାଦି ଯୋଗ ଦେଇ ପ୍ରସଙ୍ଗ ଭିତିକ ଆଲୋଚନା କରିଥିଲେ । ସ୍ପନ୍ଦନର ସଦସ୍ୟ ବିଭୁ ଶତପଥି ଅତିଥି ପରିଚୟ ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଏହି ଦିବସ ପାଳନ ଉପଲକ୍ଷେ ପଞ୍ଚାୟତର ମହିଳାମାନଙ୍କୁ ନେଇ ହୋଇଥିବା ମ୍ୟୁଜିକ ଚେୟାର ପ୍ରତୀଯୋଗିତାରେ ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ଉପହାର ପ୍ରଦାନ କରାଯାଇଥିଲା । ସ୍ପନ୍ଦନର ସଦସ୍ୟ ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଂଗ୍ରାମ ପ୍ରଧାନ, ତ୍ରଲୋକ୍ୟ ସାହୁ, ଶ୍ରୀନିବାସ ସାହୁ, ପ୍ରଫୁଲ୍ଲ ପ୍ରଧାନ, ପ୍ରମୋଦ ବେହେରା, ଜଗନ ସାହୁ ଏବଂ ସୌଭାଗ୍ୟ ମାଝୀ ପ୍ରମୁଖ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ ।

## କ୍ଷୀରୋଦଙ୍କ ୬୫ତମ ରକ୍ତଦାନ

ତାଳଚେରସହର, ୧୮ ।୨(ସମିସ): ତାଳଚେରର ସମାଜସେବୀ କ୍ଷୀରୋଦ ସାହୁ ସାମାଜିକ କାର୍ଯ୍ୟରେ ୩୦ବର୍ଷର ପୂରଣ କରିବା ପରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ପୁରୀ ମେଡିକାଲ ରକ୍ତଭଣ୍ଡାରରେ ୬୫ତମ ରକ୍ତଦାନ କରିଛନ୍ତି ।



ଏହି ରକ୍ତଦାନ ସମୟରେ କ୍ଷୀରୋଦଙ୍କ ମାଆ ମାଳତୀ ସାହୁ ଉପସ୍ଥିତ ଥିଲେ । ପୂର୍ବରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ହେଉଥିବା ରକ୍ତଦାନ ଶିବିରରେ ସେ ରକ୍ତଦେବା ସହ ରକ୍ତ ଅଭାବ ସମୟରେ ରୋଗୀଙ୍କୁ ଦେଇଥାନ୍ତି । ପୂର୍ବରୁ ଅନୁଗୋଳ, ଢେଙ୍କାନାଳ, କଟକ, ଭୁବନେଶ୍ୱର, ବାଲେଶ୍ୱର, କୋରାପୁଟ ଜିଲ୍ଲାରେ ରକ୍ତଦାନ କରି ବହୁ ମୂଲ୍ୟବାନ ଜୀବନ ବଞ୍ଚାଇବାରେ ସହାୟକ ହେଉଥିବାରୁ ବିଧାୟକ, ସାଂସଦ, ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି । କ୍ଷୀରୋଦ ୧୯୯୫ରୁ ସାମାଜିକ କାର୍ଯ୍ୟ ଜାରି ରଖିଛନ୍ତି ।

## କିଶୋରୀମାନଙ୍କ ପାଇଁ ଦକ୍ଷତା ବିକାଶ ତାଲିମ ଶିବିର

ଅନୁଗୋଳ, ୧୮ ।୨(ସମିସ): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ସମାଜ ମଙ୍ଗଳ ବୈଠକ ଗୃହରେ କିଶୋରୀମାନଙ୍କ ନିମନ୍ତେ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ



ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଏଲଡିଏମ ଚୌଧୁରୀ ଦୀପକ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାରୁ ମୋଟ ୭୨ ଜଣ କିଶୋରୀ ବାଳିକା ଏହି ଶିବିରରେ ଯୋଗଦେଇ କମ୍ପ୍ୟୁଟର ଶିକ୍ଷା ଓ ଦକ୍ଷତା ବିକାଶ ଶିକ୍ଷା ନିଯୁକ୍ତି ବିଷୟରେ ପ୍ରଶିକ୍ଷଣ ନେଇଥିଲେ । ଏହି କର୍ମଶାଳାରେ ଜିଲ୍ଲା ଦକ୍ଷତା ବିକାଶ ସଂଯୋଜକ ବିଶ୍ୱଜିତ୍ ପଣ୍ଡା ଜିଲ୍ଲାରେ କୃତିତ୍ୱ ଅର୍ଜନ କରିଥିବା କିଶୋରୀମାନଙ୍କ ଉଦାହରଣ ଦେଇ ଦକ୍ଷତା ବିକାଶ ତାଲିମ ନୂତନ ବାଟ ଦେଖାଇବ ବୋଲି କହିଥିଲେ । ସେହିପରି ମହିଳା ସୁରକ୍ଷା ଅଧିକାରୀ ରୁନୁ ପ୍ରଧାନ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହେବାକୁ କିଶୋରୀମାନଙ୍କୁ କହିଥିଲେ । ଶିବିରକୁ ୟୁନିସେଫ ଜିଲ୍ଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ ସଂଯୋଜନା କରିଥିବା ବେଳେ ଜିଲ୍ଲା ମହିଳା ସଶକ୍ତୀକରଣ ଅଧିକାରୀ ବିଦ୍ୟାଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବକ ସଂଘ ପକ୍ଷରୁ ଜଳଛତ୍ର ଓ ଦହିପାଣି ବଣ୍ଟନ



ତାଳଚେର, ୧୮ ।୨(ସମିସ): ଅନୁଗୋଳ ଜିଲ୍ଲା କଣିହା ବ୍ଲକ ତାଳପଦା ଗ୍ରାମରେ ମହାଶିବରାତ୍ରି ଉତ୍ସବ ଭକ୍ତି ଓ ଉତ୍ସାହର ସହ ପାଳିତ ହୋଇଛି । ଗ୍ରାମର ପ୍ରାଚୀନ ଶିବମନ୍ଦିର ପରିସରେ ଭକ୍ତମାନଙ୍କ ଭିଡ଼ରେ ସାରା ଅଞ୍ଚଳ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଏହି ପବିତ୍ର ଶିବରାତ୍ରି ଅବସରରେ ସିଂହେଶ୍ୱର ଯୁବକ ସଂଘ ପକ୍ଷରୁ ଜଳଛତ୍ର ଓ ଦହିପାଣି ବଣ୍ଟନର ବ୍ୟବସ୍ଥା କରାଯାଇଥିଲା । ଦିନସାରା ଭକ୍ତମାନେ ଉପବାସ ରହି ପ୍ରଭୁ ମହାଦେବଙ୍କ ଦର୍ଶନ ପାଇଁ ଧାଡ଼ି ଲଗାଇଥିଲେ । ଦୀପ ପ୍ରଜ୍ୱଳନ, ବେଲପତ୍ର ଅର୍ପଣ, ଫୁଲମାଳ ଓ ଜଳାଭିଷେକ କରି ଭକ୍ତମାନେ ପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ । ହର ହର ମହାଦେବ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ସନ୍ଧ୍ୟାରେ ଭଜନ-କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସ୍ଥାନୀୟ ଶିଳ୍ପୀମାନଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ଓ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା ।

## ସହାୟକ ଉପକରଣ ବଣ୍ଟନ ଶିବିର

ଅନୁଗୋଳ, ୧୮ ।୨(ସମିସ): ଅନୁଗୋଳ ବ୍ଲକ ଆନୁକୂଲ୍ୟରେ ରନ୍ତଲେଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ମାଧ୍ୟମରେ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକମାନଙ୍କୁ ସହାୟକ ଉପକରଣ ବଣ୍ଟନ ଶିବିର ଆୟୋଜିତ ହୋଇଛି । ଶିବିରରେ ୭୯ ଜଣଙ୍କୁ



ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ ସହଯୋଗରେ ଚିହ୍ନଟ କରାଯାଇ ସହାୟକ ଉପକରଣ ପ୍ରଦାନ ହୋଇଛି । ଶିବିରରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ବିଡିଓ ଡ. ବିଶ୍ୱଭୂଷଣ, ରନ୍ତଲେଇ ସରପଞ୍ଚ ମିନାକ୍ଷୀ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଶାନ୍ତ ପୃଷ୍ଟି, ଓଡ଼ିଶା ଜଳବିଦ୍ୟୁତ ନିଗମ ଲିମିଟେଡର ସାଧାରଣ ପ୍ରବନ୍ଧକ ସୁବ୍ରତ କୁମାର ଷଡ଼ଙ୍ଗୀ, ଅବସରପ୍ରାପ୍ତ ଡିଜିଏମ ପ୍ରଦୀପ କୁମାର ପ୍ରଧାନ, ଇଲେକ୍ଟ୍ରିକାଲ ଡିଜିଏମ ଘନଶ୍ୟାମ ଗିରି, ଏଚଆର ଆଶିଷ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରମୋଦ ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତ୍ରିଦିବେଶ ଦଳବେହେରା, ନୂଆମୌଜା ସରପଞ୍ଚ ବିକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂତନ ମହାଦେବ ମନ୍ଦିରର ରତ୍ନମୁଦ ଉତ୍ସବ



ଅନୁଗୋଳ, ୧୮ ।୨(ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଓଗି ପଞ୍ଚାୟତ ସୁରଙ୍ଗ ଗ୍ରାମରେ ନିର୍ମିତ ମହାଦେବଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ବୁଧବାର ସମ୍ପନ୍ନ ହୋଇଛି । ହଜାର ହଜାର ଭକ୍ତଙ୍କ ଦ୍ୱାରା କଳସ ଯାତ୍ରା ହୋଇଥିଲା । ଭକ୍ତମାନେ ମନ୍ଦିର ଦଧିନଉତିରେ ଧାନ ଢାଳିବା ସହ ଦୀପ ଜାଳି ଉଜାଗର ରହିଥିଲେ । ଏହି ଅବସରରେ ପୁରାଣ ପାଠ, ଶିବ ମହିମା ଗାନ, ପ୍ରଭୁ ହରିହର ଭେଟ, ଭଜନ ଜଣାଣ ଓ ନାମସଂକୀର୍ତ୍ତନ ସହ ସାମୂହିକ ଅନ୍ନ ପ୍ରସାଦ ସେବନ କରାଯାଇଥିଲା । ନୀତି ନିର୍ଘଣ୍ଟ ଅନୁଯାଇ ନିର୍ଦ୍ଧାରିତ ସମୟରେ ହୋମଯଜ୍ଞ ଘଣ୍ଟଘଣ୍ଟା, ଢୋଲ ବାଦ୍ୟ, ହରିବୋଲ ହୁଳହୁଳି ଆଦି ମଧ୍ୟରେ ରତ୍ନମୁଦ ଅନୁଷ୍ଠିତ ହୋଇଥିଲା । ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ । ଆଞ୍ଚଳିକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପାନୀୟ ଜଳ ଓ ଚିକିତ୍ସା ଷ୍ଟଲ ପକାଇ ଲୋକଙ୍କୁ ସେବା ଯୋଗାଇ ଦିଆଯାଇଥିଲା । ତୁକୁଡ଼ା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା ।

### ନାଲକୋ ସ୍ମେଲଟର ସମ୍ପ୍ରସାରଣ ପ୍ରସଙ୍ଗ

# ପରିବେଶ ମଞ୍ଜୁରୀ ଜନଶୁଣାଣି ଶିବିର

ଅନୁଗୋଳ, ୧୮ ।୨(ସମିସ)



**ଜମିର ଉଚିତ ମୂଲ୍ୟ ପ୍ରଦାନ ଏବଂ ସ୍ଥାୟୀ ନିଯୁକ୍ତି ଦାବି**

୮୦ ଦଶକରେ ପ୍ରତିଷ୍ଠିତ ଅନୁଗୋଳସ୍ଥିତ ନାଲକୋ ସ୍ମେଲଟର ପ୍ଲାଣ୍ଟ ଗୁଣବତ୍ତାର ଆଲୁମିନିୟମ ଉତ୍ପାଦନରେ ରେକର୍ଡ ବଜାୟ ରଖି କ୍ରମାଗତ ଭାବେ ବର୍ଷ ବର୍ଷ ଧରି ଲାଭ କରିଆସୁଛି । ଭାରତ ସରକାରଙ୍କ ଉଦ୍ୟୋଗ ନାଲକୋ ନବରତ୍ନ ମାନ୍ୟତାରୁ ଊର୍ଦ୍ଧ୍ୱକୁ ଯିବାକୁ ଚେଷ୍ଟା କରୁଛି । ନବରତ୍ନରୁ ମହାରତ୍ନ ମାନ୍ୟତା ପ୍ରାପ୍ତ ହେବାକୁ ନାଲକୋ ତା'ର ବାଣିଜ୍ୟିକ ଭିତ୍ତିଭୂମି ସୁଦୃଢ଼ କରୁଛି । ଆଲୁମିନିୟମ ଉତ୍ପାଦନ ସ୍ମେଲଟର ପ୍ଲାଣ୍ଟ ସମ୍ପ୍ରସାରଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ପାଇଁ ସରକାରୀ ମଞ୍ଜୁରୀ ରହିଥିବା ବେଳେ ଏଥିଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ପରିବେଶ ମଞ୍ଜୁରୀ ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଉପସ୍ଥିତ ଥିଲେ । କୁଲାଡ଼, ବେନ୍ତପୁର, କାଙ୍ଗୁଲା ପଞ୍ଚାୟତବାସୀ ଉପସ୍ଥିତ ଥିଲେ । ୩୧ଜଣ ଗ୍ରାମବାସୀ ସେମାନଙ୍କ ମତ ଉପସ୍ଥାପନ କରିଥିଲେ । ପ୍ରାୟତଃ କମ୍ପାନୀ ନିର୍ମାଣ ସପକ୍ଷରେ ବହୁ ମତ ପ୍ରକାଶ କରିଥିଲେ । ନାଲକୋ ଦ୍ୱାରା ଅଧିଗ୍ରହଣ ହେବାକୁ ଥିବା ପ୍ରାୟ ୮୨ ଏକର ଜମିର ଉଚିତ ମୂଲ୍ୟ ପ୍ରଦାନ ସହ ଜମିହରା ପରିବାର ସଦସ୍ୟଙ୍କୁ ନାଲକୋରେ ସ୍ଥାୟୀ ନିଯୁକ୍ତି ପାଇଁ ସର୍ତ୍ତ ମୂଳକ ମତାମତ ଗ୍ରାମବାସୀ ପ୍ରକାଶ କରିଥିଲେ । କେତେକ ଗ୍ରାମବାସୀ ନାଲକୋ ଦ୍ୱାରା ଅବହେଳିତ, ବିଭିନ୍ନ ସମସ୍ୟାକୁ ଅବଗତ କରାଇଥିଲେ । ନାଲକୋ ଆସପାଣ୍ଡ ପାଉଁଶରେ ଆଖପାଖ ଅଞ୍ଚଳ ପ୍ରଦୂଷିତ ହେଉଥିବା ବେଳେ ପ୍ଲାଣ୍ଟ ନିକଟ କୁଲାଡ଼ ଗ୍ରାମର ୧ ହଜାର ଏକରରୁ ଊର୍ଦ୍ଧ୍ୱ ଜମି ଜମି ପ୍ଲାଣ୍ଟ ନିଷ୍କାସିତ ଜଳ ଯୋଗୁଁ ପ୍ରଭାବିତ ହୋଇଛି ବୋଲି ଶିବିରରେ ଉପସ୍ଥାପନ ହୋଇଥିଲା । ନାଲକୋ ଅଧୀନରେ ନିଯୁକ୍ତ ଠିକା ସଂସ୍ଥାରେ ଠିକା ଶ୍ରମିକ ନିଯୁକ୍ତିରେ ଲକ୍ଷ ଲକ୍ଷ ଟଙ୍କା ଲାଞ୍ଚ କାରବାର ହେଉଥିବା ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଉପେକ୍ଷା କରି ବାହାର ଅଞ୍ଚଳରୁ ଆସୁଥିବା ଲୋକଙ୍କୁ ଅଧିକ ସୁଯୋଗ ଦିଆଯାଉଥିବା ଅନେକ ଗ୍ରାମବାସୀ ଅଭିଯୋଗ କରିଥିଲେ ।

ଶିବିରରେ ନାଲକୋ କର୍ତ୍ତୃପକ୍ଷ ନିଜ ପକ୍ଷ ରଖି ନାଲକୋ ଦ୍ୱାରା ବିଭିନ୍ନ ଉନ୍ନୟନ ଯୋଜନାକୁ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ । ସାମ୍ପ୍ରତିକ ସମୟରେ ପ୍ରଦୂଷଣ ପ୍ରାଣୀ ଜଗତ ପାଇଁ ଉଦବେଗର ବିଷୟ ହୋଇଥିବା ବେଳେ ନାଲକୋ ଉନ୍ନତ ଜ୍ଞାନକୌଶଳ, ଆଧୁନିକ ଯାନ୍ତ୍ରପାତିରେ ଯଥା ସମ୍ଭବ ପ୍ରଦୂଷଣ ନିୟନ୍ତ୍ରଣ କରିପାରିଛି । ସମ୍ପ୍ରସାରଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମୟରେ ଅବା ପରବର୍ତ୍ତୀ ସମୟରେ ଏ ଅଞ୍ଚଳର ପରିବେଶ ସୁରକ୍ଷା ଦିଗରେ ନଲକୋ ଯତ୍ନଶୀଳ ପଦକ୍ଷେପ ନେବ । ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ବର୍ଜ୍ୟ ବସ୍ତୁ ପରିଚାଳନା, ରାସାୟନିକ ପ୍ରୟୋଗର ସଠିକ ପରିଚାଳନା କରିବାକୁ ନାଲକୋ ପ୍ରତିବଦ୍ଧ ବୋଲି ନାଲକୋ ଏସ ଆଣ୍ଡ ପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଜେନା ପ୍ରକାଶ କରିଥିଲେ । ପାରିପାର୍ଶ୍ୱିକ ଗ୍ରାମବାସୀଙ୍କ ପାଇଁ ନାଲକୋ ଦ୍ୱାରା ବିଭିନ୍ନ ଯୋଜନା ମଧ୍ୟରେ ରାସ୍ତା, ଭ୍ରାମ୍ୟମାଣ ଚିକିତ୍ସା, ବହିଃ ଚିକିତ୍ସା କେନ୍ଦ୍ର, ପାନୀୟ ଜଳଯୋଗାଣ, ନାଲକୋ କି ଲାଡ୍‌ଲି ଇତ୍ୟାଦି ସମ୍ପର୍କରେ ନାଲକୋ ଏଚଆରଡି ବିଭାଗ ମହାପ୍ରବନ୍ଧକ ରାଜରାମ ମିଶ୍ର ଉପସ୍ଥାପନ କରିଥିଲେ । ଏହି ଜନଶୁଣାଣି ଶିବିରରେ ନାଲକୋ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟଜିତ ଧଳ, ଅନୁଗୋଳ ଉପଜିଲ୍ଲାପାଳ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ । ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ ।







**କଟକରେ ଜଣ୍ଡିସ୍ ଆତଙ୍କ**

# ଶେଖ୍‌ବଜାର ଓ ମାନସିଂହପାଟଣା ସ୍ଥିତି ଗମ୍ଭୀର

କଟକ,୧୮।୨(ସମିସ):

ସିଲଭର ସିଟି କଟକରେ ଜଣ୍ଡିସ ପୁଣି ଥରେ ନିଜର କାୟା ବିସ୍ତାର କରିବା ଆରମ୍ଭ କରିଛି, ଯାହା ସହରବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ବିଶେଷ କରି କଟକ ମହାନଗର ନିଗମର ୧୦ ଏବଂ ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ଶେଖବଜାର, ମାନସିଂହପାଟଣା, ମସ୍ତରାମ ମଠ ରୋଡ୍ ଏବଂ ରାମଗଡ଼ ଅଞ୍ଚଳରେ ଅନେକ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ପାଖାପାଖି ୨୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି ଏବଂ ସେମାନେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରୋଗ ବ୍ୟାପୁଥିଲେ ମଧ୍ୟ ପ୍ରଶାସନ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର କୌଣସି ଟେର ପାଇ ନ ଥିଲା। ମଙ୍ଗଳବାର ସିଏମସି ମେୟର, କମିସନର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲା ବେଳେ ବୁଧବାର ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ରରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇ ପ୍ରାୟ ୬୦ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ମୋବାଇଲ୍ ହେଲଥ ୟୁନିଟ୍ ଟିମ୍ ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ସେମାନଙ୍କୁ ସଚେତନ କରୁଛନ୍ତି। ମଙ୍ଗଳବାର ସଂଗୃହୀତ ନମୁନା ମଧ୍ୟରୁ ଆଉ ଜଣେ ନୂଆ ରୋଗୀ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ଅଧିକ ସତର୍କ ହୋଇଛି। ଜଣ୍ଡିସର ମୁଖ୍ୟ କାରଣ ଦୂଷିତ ଜଳ ହୋଇଥିବାରୁ ୱାଟକୋ ପକ୍ଷରୁ ପ୍ରତ୍ୟେକ ଘରର ପାନୀୟଜଳ ନମୁନା ପରୀକ୍ଷା କରାଯାଉଛି। ଅନେକ ପାଇପ୍ ଲାଇନ୍ ଡ୍ରେନ୍ କିମ୍ବା ନାଳ ମଧ୍ୟ ଦେଇ ଯାଇଥିବାରୁ ସେଗୁଡ଼ିକୁ ତୁରନ୍ତ ଉପରକୁ ଉଠାଇବା କାର୍ଯ୍ୟ ଜାରି ରହିଛି। ସିଏମସି ପକ୍ଷରୁ ପ୍ରଭାବିତ ସାହିଗୁଡ଼ିକରେ ବ୍ଲିଚିଂ ପାଉଡର ପକାଯିବା ସହ ପ୍ରତି ଘରେ କ୍ଲୋରିନ୍ ବଟିକା ବଣ୍ଟନ କରାଯାଉଛି। ନାଳ ସଫା ନ ହେବା ଓ ପାଇପ୍ ଫାଟି ନାଳ ପାଣି ମିଶିବା ଯୋଗୁଁ ଏହି ସମସ୍ୟା ଉପୁଜିଥିବା ଲୋକମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସୁଦ୍ଧା କେଉଁ ନିର୍ଦ୍ଦିଷ୍ଟ କାରଣରୁ ବା କେଉଁ ଉତ୍ସରୁ ଏହି ରୋଗ ଏତେ ବ୍ୟାପକ ଭାବେ ବ୍ୟାପିଲା, ସେନେଇ କୌଣସି ବିଭାଗ ସ୍ପଷ୍ଟ ସୂଚନା ଦେଇନାହାନ୍ତି।

**ସ୍ୱାସ୍ଥ୍ୟ ଶିବିରରୁ ରକ୍ତ ନମୁନା ସଂଗ୍ରହ**

**୨୦ ଆକ୍ରାନ୍ତଙ୍କ ମଧ୍ୟରୁ ୫ ଗୁରୁତର**

**ଡ୍ରେନ୍‌ରୁ ପାଣି ପାଇପ୍ ଉଠାଇବା କାର୍ଯ୍ୟ ଆରମ୍ଭ**

## ସ୍ଥିତି ଅନୁଧ୍ୟାନ କଲେ ବିଧାୟିକା ସୋଫିଆ

କଟକ ମହାନଗର ନିଗମର ୱାର୍ଡ ନଂ ୧୦ ଓ ୧୨ ଅନ୍ତର୍ଗତ ଶେଖବଜାର ଏବଂ ମାନସିଂହପାଟଣା ଅଞ୍ଚଳରେ ଜଣ୍ଡିସ ବ୍ୟାପିବା ଘଟଣାକୁ ନେଇ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋଷ ସ୍ଥିତି ଅନୁଧ୍ୟାନ କରିବା ସହ ସଂକ୍ରମିତ ବ୍ୟକ୍ତି ଓ ସେମାନଙ୍କ ପରିବାରବର୍ଗଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ରୋଗୀଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସହାୟତା ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ପରିଦର୍ଶନ ସମୟରେ ବିଧାୟିକା ଅଞ୍ଚଳର ଅପରିଷ୍କାର ଡ୍ରେନ ଓ ପରିମଳ ବ୍ୟବସ୍ଥା ଦେଖି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦୂଷିତ ଜଳ ଯୋଗୁଁ ଜଣ୍ଡିସ ସଂକ୍ରମଣ ବଢୁଥିବାରୁ ତୁରନ୍ତ ପୁରୁଣା ପାଣି ପାଇପଗୁଡ଼ିକୁ ବଦଳାଇବା ସହ ନାଳନର୍ଦ୍ଦମା ସଫା କରି ପ୍ରତି ଗଳିରେ ବ୍ଲିଚିଂ ପାଉଡର ପକାଇବାକୁ ସେ ସିଏମସି ଏବଂ ୱାଟକୋ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ସ୍ଥିତି ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି। ବିଧାୟିକାଙ୍କ ସହ କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଓ ଅନ୍ୟ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ପରିମଳ ବ୍ୟବସ୍ଥାକୁ ନେଇ ଅସନ୍ତୋଷ**



## ସିଟି ହସ୍ପିଟାଲରେ ଜରୁରିକାଳୀନ ଜଣ୍ଡିସ ୱାର୍ଡ ପାଇଁ ଦାବି



କଟକ ସହରର ବିଭିନ୍ନ ୱାର୍ଡ ତଥା ସାହି ବସ୍ତିରେ ଜଣ୍ଡିସ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ଏହାର ପ୍ରତିକାର ପାଇଁ ସାମାଜିକ ସଂଗଠନ "ଭଏସ ଅଫ କଟକ' ଆଗେଇ ଆସିଛି। ଆକ୍ରାନ୍ତ ରୋଗୀଙ୍କୁ ସଠିକ୍ ଓ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ସଂଗଠନ ପକ୍ଷରୁ କଟକ ସିଟି ହସ୍ପିଟାଲ ଅଧୀକ୍ଷକ ଡାକ୍ତର ଚନ୍ଦନ ଗଡ଼ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସହରରେ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ହସ୍ପିଟାଲରେ ଏକ ସ୍ୱତନ୍ତ୍ର "ଜଣ୍ଡିସ ଜରୁରିକାଳୀନ ୱାର୍ଡ' ସ୍ଥାପନ କରିବା ସହ ସେଠାରେ ପର୍ଯ୍ୟାପ୍ତ ସଂଖ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ କରିବାକୁ ସଂଗଠନ ପକ୍ଷରୁ ଜୋରଦାର ଦାବି ହୋଇଛି। ଏହି ଅବସରରେ ସଂଗଠନର ସଭାପତି ସିଦ୍ଧାର୍ଥ ମହାନ୍ତି, ସମ୍ପାଦକ ସୌମ୍ୟଦୀପ ଘୋଷ ଏବଂ ଉପସଭାପତି ସିଦ୍ଧାର୍ଥ ନନ୍ଦ ଜଣ୍ଡିସ ସ୍ଥିତି ସମ୍ପର୍କରେ ଅଧୀକ୍ଷକଙ୍କ ସହ ଆଲୋଚନା କରିଥିଲେ। ଡାକ୍ତରଖାନାରେ ଆବଶ୍ୟକୀୟ ଔଷଧ ଓ ରକ୍ତ ପରୀକ୍ଷା ସୁବିଧା ଯେପରି ରୋଗୀଙ୍କୁ ସହଜରେ ମିଳିପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଥିଲା। ଉପଦେଷ୍ଟା ଜଗତଜ୍ୟୋତି ପଟ୍ଟନାୟକ, ରୁଦ୍ରମୋହନ ମହାପାତ୍ର, ବିବେକାନନ୍ଦ ସାହୁ, ଅମିତ ମହାନ୍ତି, ସାଗର କାହାଳି, ଏମଡି ସାବୀର ଆନସାର, ସୁମିତ ରାଏ ଓ ମନୋଜ ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ସହରବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସଂଗଠନର ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

**ଅଧୀକ୍ଷକଙ୍କୁ ଭେଟିଲା 'ଭଏସ୍ ଅଫ କଟକ'**

---

**ହାଇକୋର୍ଟରେ ଚିକିତ୍ସା ଅବହେଳାର ତଦନ୍ତ ମାମଲା**

## ସ୍ଥିତି ଜଣାଇବାକୁ ମଙ୍ଗଳାବାଗ ପୁଲିସକୁ ନିର୍ଦ୍ଦେଶ

କଟକ,୧୮।୨(ସମିସ): କଟକ ରାଣୀହାଟସ୍ଥିତ ଏକ ଘରୋଇ ହସ୍ପିଟାଲରେ ଜଣେ ମହିଳାଙ୍କ ଅସ୍ତ୍ରୋପଚାର ସମୟରେ ହୋଇଥିବା ଚିକିତ୍ସା ଅବହେଳା ମାମଲାକୁ ହାଇକୋର୍ଟ ଗୁରୁତର ସହ ଶୁଣାଣି କରୁଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ପରେ ବି ଏହି ଅଭିଯୋଗ ସମ୍ପର୍କିତ ତଦନ୍ତର ସ୍ଥିତି ସମ୍ପର୍କରେ ସମ୍ପୃକ୍ତ ପୁଲିସ ଅଧିକାରୀ ଅବଗତ ନ କରାଇବା ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ମାମଲାର ଶୁଣାଣି କରି ଜଷ୍ଟିସ୍ ସାବିତ୍ରୀ ରଥ ମଙ୍ଗଳାବାଗ ଥାନା ପୁଲିସକୁ ପରବର୍ତ୍ତୀ ଶୁଣାଣି ବେଳେ ତଦନ୍ତର ସ୍ଥିତି ସମ୍ପର୍କରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି; ନଚେତ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ନିର୍ଦ୍ଦେଶ ଜାରି କରାଯିବା ସହ ଡିସିପିଙ୍କୁ ରିପୋର୍ଟ ତଲବ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ ଉକ୍ତ ହସ୍ପିଟାଲରେ ଆବେଦନକାରୀଙ୍କର ଏକ ଅସମ୍ପୂର୍ଣ୍ଣ ଗର୍ଭପାତ ପାଇଁ ହୋଇଥିବା ଅସ୍ତ୍ରୋପଚାରରେ ଡାକ୍ତରମାନେ ଅବହେଳା କରିଥିଲେ। ଏହି ଘଟଣାକୁ ଚାପି ଦେବା ପାଇଁ ତାଙ୍କୁ ଏବଂ ତାଙ୍କ ସ୍ୱାମୀଙ୍କୁ ଟଙ୍କାର ପ୍ରଲୋଭନ ଦେଖାଯାଇଥିବା ସେ ଦର୍ଶାଇଛନ୍ତି। ଏପରିକି ହସ୍ପିଟାଲର 'ରିସ୍କ ବଣ୍ଡ' କାଗଜପତ୍ରରେ ତାଙ୍କର ଓ ତାଙ୍କ ମା'ଙ୍କର ଜାଲ୍ ଦସ୍ତଖତ କରାଯାଇଥିବା ନେଇ ମଧ୍ୟ ସେ ଅଭିଯୋଗ କରିଛନ୍ତି। ମଙ୍ଗଳାବାଗ ପୁଲିସ ଏହି ମାମଲାର ସଠିକ୍ ତଦନ୍ତ କରୁ ନ ଥିବା ଦର୍ଶାଇ ଆବେଦନାକରୀ ଏହାର ତଦନ୍ତ କ୍ରାଇମବ୍ରାଞ୍ଚ ଦ୍ୱାରା କରାଇବାକୁ ହାଇକୋର୍ଟରେ ଆବେଦନ କରିଛନ୍ତି। କଟକ ସହର ଭିତରେ ମଙ୍ଗଳାବାଗ ଥାନା ଅବସ୍ଥିତ ହୋଇଥିଲେ ସୁଦ୍ଧା ତଦନ୍ତ ସମ୍ପର୍କିତ ସୂଚନା କୋର୍ଟଙ୍କୁ ନ ମିଳିବାକୁ ନେଇ ଅଦାଲତ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

## ଜେଇ ମୁଖ୍ୟ ପରୀକ୍ଷାରେ ନାଳନ୍ଦା ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀଙ୍କ ରେକର୍ଡ ସଫଳତା

**ଛାତ୍ର ହିତେଶ ଗୋଦରା ୯୯.୯୩ ଶତକଡ଼ା ନମ୍ବର ରଖି ଜିଲ୍ଲା ଟପ୍ପର**






କଟକ,୧୮।୨(ସମିସ): ସର୍ବ ଭାରତୀୟ ଜେଇ ମୁଖ୍ୟ ପରୀକ୍ଷାରେ ନାଳନ୍ଦା ପବ୍ଲିକ ସ୍କୁଲକୁ ମିଳିଛି ଅଭୂତ ସଫଳତା। ଏହି ସ୍କୁଲର ଛାତ୍ର ହିତେଶ ଗୋଦରା ୯୯.୯୩ ପ୍ରତିଶତ ନମ୍ବର ରଖି କଟକ ଜିଲ୍ଲା ଟପ୍ପର ହୋଇଥିବାରୁ ପ୍ରତିଷ୍ଠାତା ଅଧ୍ୟକ୍ଷା ସୁଶ୍ରୀ ଯଶସ୍ୱିନୀ ପଟ୍ଟନାୟକ ଖୁସି ବ୍ୟକ୍ତ କରିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେହିପରି ଉକ୍ତ ବିଦ୍ୟାଳୟର କୃତିତ୍ୱ ଲାଭ କରିଥିବା ଛାତଛାତ୍ରୀଙ୍କ ମଧ୍ୟରେ ସାନଭି ସାହୁ ୯୮.୯୯ ପ୍ରତିଶତ, ଓଜାସ ପାଣ୍ଡେ ୯୮.୭୩ ପ୍ରତିଶତ ଓ ଅଂଶୁମାନ ଜୟଦୁର୍ଗା ୯୭.୪୭ ପ୍ରତିଶତ ମାର୍କ ରଖି ସର୍ବଭାରତୀୟ ଜେଇ ମୁଖ୍ୟ ପରୀକ୍ଷାରେ ନାଳନ୍ଦା ପବ୍ଲିକ ସ୍କୁଲର ଗରିମା ବୃଦ୍ଧି କରିଛନ୍ତି। ସେମାନଙ୍କର ଏହି ସଫଳତା ବିଦ୍ୟାଳୟର ଶୈକ୍ଷିକ ପରିବେଶ, ଅଭିଭାବକଙ୍କ ଗାଇଡାନ୍ସ ଓ ବିଦ୍ୟାର୍ଥୀଙ୍କ କଠିନ ପରିଶ୍ରମର ଫଳ ଯାହା କନିଷ୍ଠଙ୍କୁ ପ୍ରେରଣା ଦେବ ବୋଲି ଅଧ୍ୟକ୍ଷା ସୁଶ୍ରୀ ପଟ୍ଟନାୟକ କହିଛନ୍ତି। ସଫଳତା ପାଇଥିବା ଛାତ୍ରଛାତ୍ରୀମାନେ ନାଳନ୍ଦା ପବ୍ଲିକ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କର ଶିକ୍ଷାଦାନ ପଦ୍ଧତି, ସଂସ୍କାର ଓ ପରିବେଶ ଆଜି ସେମାନଙ୍କୁ ଶୀର୍ଷରେ ପହଞ୍ଚାଇ ପାରିଛି ବୋଲି କହିଛନ୍ତି।

**ନୂଆପଡ଼ା ଗୁଳିମାଡ଼ ଘଟଣା**




ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ ଟିମ୍‌ର ଅନୁଧ୍ୟାନ

## ଦୋକାନ ଘର ଦଖଲ ପାଇଁ ରାତିଅଧିଆ ଷଡ଼ଯନ୍ତ୍ର ପଣ୍ଡ

**ପୁଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର; ଜଣେ ଗିରଫ, ୩ ଫେରାର**

କଟକ,୧୮।୨(ସମିସ): କଟକରେ ଜମିବାଡ଼ି ବିବାଦକୁ ନେଇ ଜଣେ ବ୍ୟବସାୟୀଙ୍କୁ ଧମକ ଦେବା ସହ ପୁଲିସ ଉପରେ ଆକ୍ରମଣ କରିବା ଭଳି ଏକ ସାଙ୍ଘାତିକ ଘଟଣା ସାମ୍ନାକୁ ଆସିଛି। ଚାଉଳିଆଗଞ୍ଜ ଥଟ୍ଟାରୀସାହିର ଗଜାନନ ସାହୁଙ୍କ ଏକ ଭଡ଼ା ଦୋକାନ ଘରକୁ ଜବରଦସ୍ତ ଦଖଲ କରିବା ପାଇଁ ଜମି ଖରିଦକାରୀ ଓ ତାଙ୍କ ସହଯୋଗୀମାନେ ମଙ୍ଗଳବାର ରାତି ସାଢ଼େ ୧୨ଟାରେ ସେଠାରେ ପହଞ୍ଚିଥିଲେ। ଦୋକାନ ଆଗରେ ତିନି ଟ୍ରିପ୍ ବାଲି ଗଦାଇବା ସହ ବ୍ୟବସାୟୀଙ୍କୁ ଗାଳିଗୁଲଜ କରି ଘର ଖାଲି ନ କଲେ ଭାଙ୍ଗିଦେବାକୁ ଧମକ ଦେଇଥିଲେ। ଘଟଣାର ମୂଳ କାରଣ ହେଉଛି ୨୦୦୬ ମସିହାରେ ହୋଇଥିବା ଏକ ୩୦ ବର୍ଷିଆ ଚୁକ୍ତିନାମା। ଗଜାନନ ସାହୁ ୨୦୩୬ ମସିହା ପର୍ଯ୍ୟନ୍ତ ବିଶ୍ୱନାଥ ସାହୁଙ୍କଠାରୁ ଦୁଇଟି ପ୍ଲଟ୍ ଭଡ଼ାସୂତ୍ରରେ ନେଇଥିଲେ। ମାତ୍ର ପରିବାର ମଧ୍ୟରେ ଜମି ଭାଗବଣ୍ଟା ହେବା ପରେ ଜଣେ ସଦସ୍ୟ ନିଜ ଭାଗର ପ୍ଲଟ୍‌କୁ ବିକ୍ରି କରିଦେଇଥିଲେ। ନୂତନ ଖରିଦକାରୀ କୋର୍ଟଙ୍କ ଶୃଙ୍ଖଳା ରକ୍ଷା ନିର୍ଦ୍ଦେଶକୁ ଅମାନ୍ୟ କରି ଜବରଦସ୍ତ ଦଖଲ ପାଇଁ ଗୁଣ୍ଡାଗର୍ଦ୍ଦିର ସାହାରା ନେଇଥିଲେ। ଗଜାନନଙ୍କ ଅଭିଯୋଗ ପାଇ ସିଆରଆରଆଇ ଥାନା ଏସଆଇ ଝୁନୁଲତା ବେହେରା ପହଞ୍ଚିବାରୁ ଅଭିଯୁକ୍ତମାନେ ତାଙ୍କୁ ଠେଲାପେଲା କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳି ଦେଇଥିଲେ। ଖବର ପାଇ ଥାନା ଆଇଆଇସି ପିଟି ଗଣେଶ ସାହୁ ପହଞ୍ଚିବା ପରେ ଜଣେ ଅଭିଯୁକ୍ତ "ବରିଷ୍ଠ ଅଧିକାରୀ ମୋ ସହ ଅଛନ୍ତି' କହି ଖୋଦ୍ ଥାନା ଅଧିକାରୀଙ୍କୁ ନାଲି ଆଖି ଦେଖାଇଥିଲା। ସ୍ଥିତି ବିଗିଡ଼ିବା ଦେଖି ଚାଉଳିଆଗଞ୍ଜ ଥାନା ଅଧିକାରୀ ଚିନ୍ତେଶ୍ୱର ମୁଣ୍ଡା ଅତିରିକ୍ତ ବଳ ସହ ପହଞ୍ଚିଥିଲେ। ପୁଲିସ ଚଢ଼ଉ ବେଳେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣ ଖସି ପଳାଇବାରେ ସଫଳ ହୋଇଥିବା ବେଳେ ପୁଲିସ ଚେତନ ଶର୍ମା ନାମକ ଜଣେ ଯୁବକକୁ ମାଡ଼ି ବସିଥିଲା। ଚେତନର ଘର ଚାଉଳିଆଗଞ୍ଜ ଅଞ୍ଚଳରେ ବୋଲି ଜଣାପଡ଼ିଛି। ପୁଲିସକୁ କାର୍ଯ୍ୟରେ ବାଧା ଦେବା ଏବଂ ଆକ୍ରମଣ କରିବା ଅଭିଯୋଗରେ ତାଙ୍କୁ କୋର୍ଟ ଚାଲାଣ କରାଯାଇ ଜେଲ ହାଜତକୁ ପଠାଯାଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଥିବା ଜୋନ୍ ଏସିପି ସୁଧାଂଶୁ ଭୂଷଣ ଜେନା ସୂଚନା ଦେଇଛନ୍ତି।

---

## ବାରିଷ୍ଟର ରଞ୍ଜିତ ମହାନ୍ତି ଓ ସତ୍ୟବ୍ରତ ମହାପାତ୍ର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜିଠୁ



କଟକ,୧୮।୨(ସମିସ): ବୋର୍ଡ ଅଫ୍ ରେଭେନ୍ୟୁ ବାର୍ ଆସୋସିଏସନ ଆନୁକୂଲ୍ୟରେ ଆସନ୍ତା ଫେବୃଆରୀ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ୧୧ତମ ବାରିଷ୍ଟର ରଞ୍ଜିତ ମହାନ୍ତି ଓ ସତ୍ୟବ୍ରତ ବେହେରା ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ସମସ୍ତ ମ୍ୟାଚ୍ ଟି-୨୦ ଫର୍ମାଟରେ ଏବଂ ଆଇସିସି ନିୟମ ଅନୁଯାୟୀ ଡ୍ୟୁସ୍ ବଲ୍‌ରେ କଟକର ଗତିରାଉତପାଟଣା ଏବଂ ବସୁନ୍ଧରା ପଡିଆରେ ଖେଳାଯିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୮ଟି ଦଳକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି। ବୋର୍ଡ ଅଫ ରେଭିନ୍ୟୁ ବାର, ଏମଭି ଲୟର ବାର, ସିଏଟି ବାର, ବାଲେଶ୍ୱର ବାର, ହାଇକୋର୍ଟ ବାର, କଟକ ବାର, ଭୁବନେଶ୍ୱର ବାର ଓ ଗଞ୍ଜାମ ବାର ଆସୋସିଏସନ ପ୍ରମୁଖ ଅଂଶଗ୍ରହଣ କରିବେ। ସାମ୍ବାଦିକ ସମ୍ମିଳନୀରେ ସଭାପତି ଜ୍ଞାନରଞ୍ଜନ ପଟ୍ଟନାୟକ, ଜ୍ଞାନେନ୍ଦ୍ର ପରିଡା, ଜ୍ୟୋତିର୍ମୟ ମହାପାତ୍ର, ଦେବାଶିଷ ପାଣିଗ୍ରାହୀ, ରାଜେନ୍ଦ୍ର ପ୍ରଧାନ, ଶୁଭେନ୍ଦୁ ମହାନ୍ତି, ପ୍ରଭାସ ମହାନ୍ତି, ସୁଜିତ ସ୍ୱାଇଁ ଓ ଶୁଭାଶିଷ ପ୍ରିୟଦର୍ଶୀ ପ୍ରମୁଖ ଉପସ୍ଥିତ ଥିଲେ।

## ରେଭେନ୍ସାରେ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ

କଟକ, ୧୮।୨ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଯୁବ ରେଡ କ୍ରସ୍ ପକ୍ଷରୁ "ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପ୍ରସ୍ତୁତି: ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ" ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ବିଶିଷ୍ଟ ସର୍ଜନ୍ ଡା. ଜ୍ୟୋତିର୍ମୟ ନାୟକ ଓ ଦନ୍ତ ଚିକିତ୍ସକ ଡା. ଅଙ୍କିତା ଗିରି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଡା. ନାୟକ ବିଭିନ୍ନ ଆପତକାଳୀନ ସ୍ଥିତି ଯଥା ଜଳିଯିବା, ଜଳ ଦୁର୍ଘଟଣା, ହୃଦ୍‌ଘାତ ଓ ନାକରୁ ରକ୍ତସ୍ରାବ ସମୟରେ କିଭଳି ସଠିକ୍ ପଦକ୍ଷେପ ନିଆଯିବ, ସେ ନେଇ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବିଶେଷ କରି ଜୀବନ ରକ୍ଷାକାରୀ କୌଶଳ ଯଥା ସିପିଆର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟତମ ବକ୍ତା ଡା. ଅଙ୍କିତା ଗିରି ମୁଖ ସ୍ୱାସ୍ଥ୍ୟ ଓ ଦାନ୍ତର ଯତ୍ନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ପ୍ରାରମ୍ଭରେ ଯୁବ ରେଡକ୍ରସ୍ ସଂଯୋଜକ ଡ. ମନୋରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ବିକ୍ରମ କେଶରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜା କିଶୋର ପୃଷ୍ଟି ଧନ୍ୟବାଦ ଦେଇଥିଲେ। ବିଶ୍ୱବିଦ୍ୟାଳୟର ବହୁ ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ।

**ବିବୁଧେନ୍ଦ୍ର ମିଶ୍ରଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**

## ବିବୁଧେନ୍ଦ୍ର ଥିଲେ ଦେଶପ୍ରେମ ଓ ତ୍ୟାଗର ପ୍ରତୀକ: ଜଷ୍ଟିସ୍ ଟଣ୍ଡନ

କଟକ,୧୮।୨(ସମିସ):




ନେତାଜୀ ସୁଭାଷ ବୋଷଙ୍କ ଅନୁଗାମୀ ହିସାବରେ ଦେଶ ପାଇଁ ଲଢ଼ି ବିବୁଧେନ୍ଦ୍ର ମିଶ୍ର ବ୍ରିଟିଶ ସରକାରଙ୍କ ଏନିମି ଏଜେଣ୍ଟ ଅର୍ଡିନାନ୍‌ସ ଆକ୍ଟରେ ଗିରଫ ହୋଇଥିଲେ। ଏହି ଆକ୍ଟର ଦଣ୍ଡ ଥିଲା ଫାଶୀ ହେଲେ ବିବୁଧେନ୍ଦ୍ରଙ୍କ ପାଇଁ ଦେଶ ଥିଲା ସବୁ କିଛି। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ଓ ବିବୁଧେନ୍ଦ୍ର ମିଶ୍ର ସ୍ମାରକୀ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ହାଇକୋର୍ଟ ବାର୍ ପରିସରରେ ଆୟୋଜିତ ପୂର୍ବତନ କେନ୍ଦ୍ର ଆଇନମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିବୁଧେନ୍ଦ୍ର ମିଶ୍ରଙ୍କ ଚତୁଃଦେଶତମ ଶ୍ରାଦ୍ଧବାର୍ଷିକୀ ଓ ସ୍ମାରକୀ ବକ୍ତୃତା ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ଟଣ୍ଡନ କହିଲେ, ବିବୁଧେନ୍ଦ୍ର ଥିଲେ ତ୍ୟାଗର ଅବତାର, ସେ ଆଇନ ସେବା ସହିତ ଦେଶ ସ୍ୱାଧୀନତା ଓ ଜାତୀୟସ୍ତରୀୟ ଖବର କାଗଜ ପ୍ରକାଶ ଭଳି ଗୁରୁ ଦାୟିତ୍ୱ ତୁଲାଇଥିଲେ। ଏହା ଜାତିପ୍ରେମ ଓ ନିର୍ଭୀକତାର ଜ୍ୱଳନ୍ତ ପ୍ରମାଣ। ତାଙ୍କ ଆଦର୍ଶକୁ ଯୁବପିଢ଼ି ଅନୁକରଣ କରି ଦେଶସେବାରେ ବ୍ରତୀ ହେବାକୁ ନ୍ୟାୟମୂର୍ତ୍ତି ହରିଶ ଟଣ୍ଡନ ବକ୍ତବ୍ୟରେ କହିଥିଲେ। ବିବୁଧେନ୍ଦ୍ରଙ୍କ ପୁତ୍ର ମାନବେନ୍ଦ୍ର ମିଶ୍ର ଓ କନ୍ୟା ତାପଶି ମିଶ୍ର ବାପାଙ୍କ ସ୍ମୃତିଚାରଣ କରି ନିଜକୁ ଧନ୍ୟ ମନେ କରିଥିଲେ। ମୁଖ୍ୟଅତିଥି ମୁଖ୍ୟବିଚାରପତି ହରିଶ ଟଣ୍ଡନ ଓ ହାଇକୋର୍ଟ ବାର୍ ସଭାପତି ମନୋଜ କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସ୍ମୃତିସଭାରେ ଅଧ୍ୟକ୍ଷତା କରି ହାଇକୋର୍ଟ ବାର ଆସୋସିଏସନ ସଭାପତି ମନୋଜ ମିଶ୍ର କହିଲେ ଯେ, ନୀତି ଓ ଆଦର୍ଶ ସହ ବିବୁଧେନ୍ଦ୍ର ମିଶ୍ର କେବେ ସାଲିସ୍ କରି ନ ଥିଲେ। କେନ୍ଦ୍ର ଆଇନମନ୍ତ୍ରୀ କାର୍ଯ୍ୟକାଳ ସରିବା ପରେ ସେ ଆଇନବୃତ୍ତିକୁ ଛାଡ଼ି ନ ଥିଲେ ବୋଲି ସଭାପତି ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ବିବୁଧେନ୍ଦ୍ର ମିଶ୍ର ସ୍ମାରକୀ ଟ୍ରଷ୍ଟର ଆବାହକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଅତିଥି ପରିଚୟ, ସ୍ୱାଗତ ଭାଷଣ ଦେବା ସହ ବିବୁଧେନ୍ଦ୍ରଙ୍କ ସଂକ୍ଷିପ୍ତ ଜୀବନୀ ଉପରେ ଆଲୋକପାତ କରିଥିଲେ। ଭାରତର ଶତାୟୁ ଶିଶୁ ଯତ୍ନ ଅନୁଷ୍ଠାନ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ୬ ଜଣ ଅନ୍ତେବାସୀ ରମାଇ ଟୁଡୁ, ପୂର୍ଣ୍ଣଚନ୍ଦ୍ର ସୋରେନ୍, ଚନ୍ଦ୍ର ହେମ୍ବ୍ରମ୍, ଲକ୍ଷ୍ମଣ ଛତର, କୁନାଲ ଛତର, ସୁରଜ ବିରୁଆଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ବିଚାର ବିଭାଗୀୟ ଅଧିକାରୀ, ବରିଷ୍ଠ ଆଇନଜୀବୀଙ୍କ ସମେତ ସମ୍ପାଦକ ଅଭିଜିତ ପଟ୍ଟନାୟକ, ଯୁଗ୍ମ ସମ୍ପାଦିକା ପଦ୍ମାଳୟା ମହାପାତ୍ର, ସୁଶାନ୍ତ ବରାଳ, ଅଭିଜିତ ଦାସ, ପ୍ରତାପ କେଶରୀ ଦେଓ, ସପନ ପାଲ, ସୌଭାଗ୍ୟ ଦାଶ, ଅଭିଷେକ ମହାନ୍ତି, ଜିତୁ ସାହୁ, ଅନ୍ନପୂର୍ଣ୍ଣା ପଣ୍ଡା, ସତ୍ୟ ରଞ୍ଜନ ଆଚାର୍ଯ୍ୟ, ଆଶିଷ ମହାନ୍ତି, ସୁରେନ୍ଦ୍ର ଦାସ, ସତ୍ୟ ଗୋପାଳ ପରିଜା, ପ୍ରତାପ କେଶରୀ ଦେଓ, ବିଭୁ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହାଇକୋର୍ଟ ବାର ଆସୋସିଏସନ୍ ଉପସଭାପତି ସିଦ୍ଧାର୍ଥ ଦାସ ଧନ୍ୟବାଦ ଦେଇଥିଲେ।

ସକାଳ THE SAKALA

www. sakalaepaper.com

● ଆଜି ମାଟ୍ରିକ୍ ବୋର୍ଡ ପରୀକ୍ଷା

# ୧୧ କେନ୍ଦ୍ରରେ ପରୀକ୍ଷା ଦେବେ ୨୨୧୪ ପରୀକ୍ଷାର୍ଥୀ

ବୋରିଗୁମ୍ମା, ୧୮।୨ (ସମିସ): ଗୁରୁବାର ଆରମ୍ଭ ହେଉଛି ଚଳିତ ବର୍ଷର ମାଟ୍ରିକ ପରୀକ୍ଷା। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ୧୯ ତାରିଖ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ। ବୋରିଗୁମ୍ମା ବ୍ଲକ୍ ମହକୁମା ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ହୋଇଥିବା ବେଳେ ବ୍ଲକର ମୋଟ ୧୧ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୨୨୧୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ବୋରିଗୁମ୍ମା ଉଚ୍ଚ ବିଦ୍ୟାଳୟରେ ୨୨୭ ଜଣ ଛାତ୍ରଛାତ୍ରୀ, ସସାହାଣ୍ଡି ଉଚ୍ଚ ବିଦ୍ୟାଳୟରେ ୩୮୮ ଜଣ ଛାତ୍ରଛାତ୍ରୀ, ବିଜାପୁର ଉଚ୍ଚ ବିଦ୍ୟାଳୟରେ ୧୭୩ ଜଣ, ପର୍ଲି ଉଚ୍ଚ ବିଦ୍ୟାଳୟରେ ୨୦୦ ଜଣ, ଚଳାନଗୁଡା ଯେଜି ଉଚ୍ଚ ବିଦ୍ୟାଳୟ ରେ ୧୬୮ ଜଣ, କୁମୁଲି ଉଚ୍ଚ ବିଦ୍ୟାଳୟରେ ୧୯୮ ଜଣ, କାମତା ଉଚ୍ଚ ବିଦ୍ୟାଳୟରେ ୧୯୪ ଜଣ, ବିସିଙ୍ଗପୁର ଉଚ୍ଚ ବିଦ୍ୟାଳୟରେ ୧୭୫ ଜଣ, ଏସଏସଡ଼ି ନୂଆଗାଁରୁ ୧୬୩ ଜଣ, ହର୍ଦଲୀ ଉଚ୍ଚ ବିଦ୍ୟାଳୟରେ ୧୬୮ ଜଣ, ସର୍ଗିଗୁଡା ଉଚ୍ଚ ବିଦ୍ୟାଳୟରେ ୧୬୦ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେବେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ତଥା ନୋଡାଲ ସେଣ୍ଟର ଇନଚାର୍ଜ ଟି.ଶୈଳଜା ଦୋରା ସୂଚନା ଦେଇଛନ୍ତି। ପରୀକ୍ଷାକୁ ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ କରିବା ପାଇଁ ଜିଲ୍ଲା ସ୍ତରୀୟ ଓ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯିବା ସହ ସ୍ଥାନୀୟ ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ନୋଡାଲ ସେଣ୍ଟର ନିରୀକ୍ଷକ କହିଛନ୍ତି।

# ଜଙ୍ଗଲରେ ନିଆଁ ନିୟନ୍ତ୍ରଣ ପାଇଁ ସଜାଗ




ଜୟପୁର,୧୮।୨(ସମିସ) : ଜୟପୁର ବନଖଣ୍ଡ ବିଭାଗ ପକ୍ଷରୁ ସ୍ଥାନୀୟ ଡିଏଫଓ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସନ୍ତା ପତ୍ରଝଡା ସମୟରେ ବିଭିନ୍ନ ଜଙ୍ଗଲରେ କିଛି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥାଆନ୍ତି। ତେଣୁ ଏଥିନେଇ ବନ ବିଭାଗ ପକ୍ଷରୁ ସତର୍କ ରହିଥିବା ନେଇ ଆଜି ସାମ୍ବାଦିକ ସମ୍ମିଳନୀରେ ଡିଏଫଓ ଶୁଭେନ୍ଦୁ କୁମାର ବେହେରା ସୂଚନା ଦେଇଛନ୍ତି। ଜୟପୁର ବନଖଣ୍ଡ ଅଧିନରେ ୬ଟି ବନାଞ୍ଚଳର ରହିଛି। ଏଥିରୁ ନିଆଁ ଲାଗିବା ସମ୍ଭାବନା ଜଙ୍ଗଲ ମଧ୍ୟରେ ୪୧୮ କିଲୋ ମିଟର ଆରକେଏମ ଯାହା ୩୭.୭୯୦ ହେକ୍ଟର ମଧ୍ୟରେ ଲାଗିଥିବା ନିଆଁକୁ କାବୁ କରି ଏହାକୁ ୩୪.୧୪ ପ୍ରତିଶତ ହ୍ରାସ ପାଇଛି। ଜୟପୁର ବନାଞ୍ଚଳରେ ମଧ୍ୟରେ ଜଙ୍ଗଲରେ ନିଆଁ ଲିଭାଇବା ପାଇଁ ୪୪୨ ଟି ରାସ୍ତା ନିରୂପଣ କରାଯାଇଥିଲା ଚଳିତ ବର୍ଷ ଏହା ହ୍ରାସପାଇ ୪୧୮ ହୋଇଛି ଜଙ୍ଗଲରେ ନିଆଁ ଲାଗିବା ମାତ୍ରେ ତୁରନ୍ତ ପହଞ୍ଚିବା ପାଇଁ ୬ଟି ଯାନ ନିୟୋଜିତ କରାଯାଇଛି। ଜୟପୁର ବନଖଣ୍ଡ ୬ଟି ରେଞ୍ଜରେ ପୂର୍ବରୁ ନିଆଁ ଲାଗିବା ସମ୍ଭାବନା ଅଞ୍ଚଳ ୮୬୭ ହ୍ରାସ ପାଇ ୫୭୧ ହୋଇଛି। ଅତ୍ୟଧିକ ନିଆଁ ଲାଗିବା ସମ୍ଭାବନା ଥିବା ଅଞ୍ଚଳ ୬୦ ଟି ଜଙ୍ଗଲ ମଧ୍ୟରେ ୩୩ ଗୋଟି ଜଙ୍ଗଲ ବାହାରେ ୨୭ଟି ରହିଛି। ଏହା ଜଙ୍ଗଲ ବିଭାଗ କର୍ମଚାରି ମାନଙ୍କ ଆପ୍ରାଣ ଉଦ୍ୟମ ଯୋଗୁଁ ସମ୍ଭାବନା ହୋଇଛି। ଆଗ୍ନିକ ଏବଂ ବନ ସୁରକ୍ଷା ସମିତି ମାନଙ୍କ ପାଇଁ ଡ୍ରେସ, ଜୋତା, ଜାକେଟ, କୀଟ ବେଗ, ହେଡ୍ ଲାଇଟ, ଟର୍ଚ୍ଚ, ଟୋପି, ପ୍ରାଥମିକ ଚିକିତ୍ସା କୀଟ, ପିଇବ ପାଣି, ହୁକ, ଗ୍ଲବସୋ ଇତ୍ୟାଦି ପ୍ରସ୍ତୁତ କରାଯାଇଛି ଏବଂ ୮୬ଟି ଅଗ୍ନି ନିର୍ବାପକ ଯନ୍ତ୍ର ରହିଛି। ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତ୍ୟେକ ରେଞ୍ଜ ପାଇଁ ପଚାଶ ହଜାର ଟଙ୍କା ଏବଂ ପ୍ରଶିକ୍ଷଣ ପାଇଁ ଦଶ ହଜାର ଟଙ୍କା ଲେଖାଏଁ ରାଶି ପ୍ରଦାନ କରାଯିବ ବୋଲି ଡିଏଫଓ କହିଥିଲେ। ସାଧାରଣ ଲୋକଙ୍କୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ସଚେତନ କରିବାକୁ ସମସ୍ତ ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ ପ୍ରସନ୍ନ କୁମାର ମିଶ୍ର, ଚନ୍ଦ୍ରସେନ ପୁଜାରୀ ଭାରପ୍ରାପ୍ତ ରେଞ୍ଜର ଦେବେନ୍ଦ୍ର ମାଝି ଏବଂ ମାନସ ରଞ୍ଜନ ନାୟକ ଫରେଷ୍ଟର ପି ଶ୍ରୀନିବାସ ରାଓ, ଶଶାଙ୍କ ମହାରଣା,ଗୌତମ ସ୍ୱାଇଁ ପ୍ରମୁଖଙ୍କ ଉପସ୍ଥିତ ରହିଛି।

## କୋରାପୁଟ ଚାଷୀଙ୍କୁ ମିଳିଲା ଆନ୍ତଃରାଜ୍ୟ ବଜାର

# ବାହାର ରାଜ୍ୟକୁ ଗଲା ଅଦା ଓ କଳାଜିରା ଚାଉଳ

କୋରାପୁଟ,୧୮।୨(ସମିସ): କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ଅଦା ଓ କଳାଜିରା ଚାଉଳ ଅନ୍ୟ ରାଜ୍ୟକୁ ପ୍ରେରଣ କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତି ଆନୁକୁଲ୍ୟରେ ଜୈବିକ ଶ୍ରୀ ଏବଂ କୃଷି ଉତ୍ପାଦକ କମ୍ପାନୀ ଦ୍ୱାରା କର୍ଣ୍ଣାଟକ, ପଞ୍ଜାବ ଏବଂ ହରିଆଣା ରାଜ୍ୟକୁ କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ଅଦା ଏବଂ କଳାଜିରା ଚାଉଳ ପ୍ରେରଣ କରାଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉଦ୍ୟାନ ଉପ ନିର୍ଦ୍ଦେଶକ ସୁଦାମ ବିଶ୍ୱାଳ ଏବଂ ପ୍ରଗତିର ସଂପାଦକ ପ୍ରଭାକର ଅଧିକାରୀ ଉପସ୍ଥିତ ଥିଲେ। କୋରାପୁଟର ଜୈବିକ ଶ୍ରୀ କୃଷକ ଉତ୍ପାଦକ କମ୍ପାନୀ ଦ୍ୱାରା ସଂଗୃହୀତ ୧୦୦ କ୍ୱିଣ୍ଟାଲ ଶୁଖିଲା ଅଦା ବେଙ୍ଗାଲୁରୁକୁ, ୨୪୦ କ୍ୱିଣ୍ଟାଲ କଞ୍ଚା ଅଦା ପଞ୍ଜାବକୁ ଏବଂ ୬୦ କ୍ୱିଣ୍ଟାଲ ଉନ୍ନତମାନର 'କଳାଜିରା' ଚାଉଳ ହରିୟାଣା ବଜାରକୁ ପଠାଯାଇଛି। ସିଧାସଳଖ ବଜାର ସଂଯୋଗୀକରଣ କାରଣରୁ ଚାଷୀମାନେ ବର୍ତ୍ତମାନର ବଜାର ଦର ଅପେକ୍ଷା ପ୍ରାୟ ୩୦ ରୁ ୪୦ ପ୍ରତିଶତ ଅଧିକ ଲାଭ ପାଇବେ, ଯାହା ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହ ସାମୂହିକ ବିପଣନ ପ୍ରତି ବିଶ୍ୱାସ ଜନ୍ମାଇବ ବୋଲି କୁହାଯାଇଛି। ଜନଜାତି ଚାଷୀଙ୍କ ସ୍ଥାୟୀ ଆୟ ବୃଦ୍ଧିର ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ସ୍ଥାନୀୟ କୃଷି ଅର୍ଥନୀତିକୁ ଏହା ତ୍ୱରାନ୍ୱିତ କରିବ ବୋଲି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କହିଛନ୍ତି। ପାଲାଡିୟମର ବୈଷୟିକ ମାର୍ଗଦର୍ଶନ ସହ ପ୍ରଗତି ଏନଜିଓ ଦ୍ୱାରା ପରିଚାଳିତ ଜୈବିକ ଶ୍ରୀ କୃଷକ ଉତ୍ପାଦକ କମ୍ପାନୀର ମିଳିତ ସମନ୍?ୟ ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୁଦାମ ଚନ୍ଦ୍ର ବିଶ୍ୱାଳ କହିଛନ୍ତି। ଚାଷୀଙ୍କୁ ଉତ୍ପାଦର ଉଚିତ୍ ମୂଲ୍ୟ ପ୍ରଦାନ ପାଇଁ ବଜାର ସଂଯୋଗୀକରଣ ହେଉଛି ମୁଖ୍ୟ ମାଧ୍ୟମ ଏବଂ ଆଗାମୀ ଦିନରେ କୃଷକ ଉତ୍ପାଦକ କମ୍ପାନୀଗୁଡ଼ିକୁ ଅଧିକ ଶକ୍ତିଶାଳୀ କରିବା ସହ କୋରାପୁଟର ଜନଜାତି ଚାଷୀଙ୍କୁ ଦେଶର ବୃହତ ବଜାର ସହିତ ଯୋଡ଼ିବା ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।



# ମୋଟର ସାଇକଲ୍ ଚୋରି

ଡାବୁଗାଁ,୧୮।୨(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ଥାନାରେ ମୋଟରସିକେଲ ଚୋରୀ ହୋଇଥିବା ନେଇ ବୁଧବାର ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ,ଝରିଗାଁ ବ୍ଲକ ଅଧୀନ ପୁପୁଗାଁ ଗ୍ରାମର ଘାସିରାମ ଭତ୍ରା ୧୬.୨.୨୬ ତାରିଖ ସୋମବାର ଦିନ ଅପରାହ୍ନ ରେ ନିଜ ପରିବାର ସହ ମୋଟରସାଇକେଲ ନଂ ଓଡି ୨୪ ଜି ୧୨୯୨ ଯୋଗେ ଡାବୁଗାଁ ବ୍ଲକ ଅଧୀନ ବୁଟିଆଗୁଡା ଗ୍ରାମର ଶିବ ମନ୍ଦିରକୁ ଶିବରାତ୍ରି ଯାତ୍ରା ଦେଖିବାକୁ ଆସିଥିଲେ। ମନ୍ଦିର ପାଖାପାଖି ନିଜ ମୋଟରସାଇକେଲ ରାଖୀ ମନ୍ଦିର ଭିତରକୁ ଠାକୁର ଦର୍ଶନ ପାଇଁ ଯାଇଥିଲେ। ମନ୍ଦିର ଭିତରେ ଠାକୁର ଦର୍ଶନ ସାରି ଯାତ୍ରା ବୁଲାବୁଲି କରି ସନ୍ଧ୍ୟରେ ଘରକୁ ଫେରିବାକୁ ନିଜ ମୋଟରସାଇକେଲ ରଖିଥିବା ସ୍ଥାକୁ ଯାଇ ଦେଖିଥିଲେ ଯେ ମୋଟରସାଇକେଲ ସେଠାରେ ନାହିଁ। ସେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ଶେଷରେ ବୁଧବାର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା କେସ ନଂ ୩୦/୨୬ ରେ ଏକ ମାମଲା ରୁଜୁ କରାଯାଇଛି।

● ମାଛ ଧରିବାକୁ ଯାଇ ପରିବାର ନିଖୋଜ ଘଟଣା

# ସାବରୀ ନଦୀରୁ ଦୁଇ ଗଳିତ ଶବ ଉଦ୍ଧାର

ବୈପାରୀଗୁଡ଼ା,୧୮।୨(ସମିସ): ବୈପାରୀଗୁଡା ଥାନା ଅନ୍ତର୍ଗତ ଗୁପ୍ତେଶ୍ୱର ପଂଚାୟତ ବାଦୁଡି ପାହାଡ ନିକଟରେ ଥିବା ସାବରୀନଦୀ କୂଳରୁ ଆଜି ଅପରାହ୍ନରେ ସ୍ଥାନୀୟ ଅଗ୍ନିଶମ ଓଡ୍ରାଫ ବାହିନୀ ଦୁଇଟି ଗଳିତ ଶବ ଉଦ୍ଧାର କରିଛନ୍ତି। ଆସନ୍ତା କାଲି ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ଦେଲେ ଥାନା ଅଧିକାରୀ। ମୃତକ ଦଣ୍ଡାବାଡ଼ି ଗାଁ ର ଲଳିତ ପୂଜାରୀ ଏବଂ ତାଙ୍କ ଚାରି ବର୍ଷୀୟ ସାନ ଝିଅ ଗେଲି ପୂଜାରୀ ବୋଲି ଜଣାପଡିଛି। ମାଛ ଧରିବାକୁ ଯାଇ ବାଦୁଡ଼ି ପାହାଡ଼ରେ ନିଖୋଜ ଥିଲେ ପୁରା ପରିବାର। ଚାରି ସଦସ୍ୟ ମଧ୍ୟରୁ ବାପା ଓ ସାନ ଝିଅଙ୍କ ଶବ ମିଳିଥିବା ବେଳେ ସାତ ମାସର ଗର୍ଭବତୀ ମାଆ ଓ ବଡ଼ ଝିଅରେ ପତ୍ତା ମୁଳୁନି। ସେପଟେ ଅଗ୍ନିଶମ ବାହିନୀ, ପୋଲିସ ପ୍ରଶାସନ , ଓ ଗ୍ରାମବାସୀ ଘଟଣା ସ୍ଥଳରେ ଖୋଜା ଜାରି ରଖିଛନ୍ତି। ସୂଚନା ଥାଉକି, ଦଣ୍ଡାବାଡ଼ି ଗାଁ ର ଲଳିତ ପୂଜାରୀ ଗତ ଫେବୃଆରୀ ଏକ ତାରିଖ ଦିନ ନିଜ ସ୍ତ୍ରୀ ଓ ଦୁଇ ନାବାଳିକଙ୍କୁ ନେଇ ମାଛ ଧରିବାକୁ ବାଦୁଡିପାହାଡକୁ ଯାଇଥିଲେ। ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ଏବଂ ଗ୍ରାମବାସୀ ଖୋଜାଖୋଜି ଆରମ୍ଭ କଲେ କ୍ଷ ଏହି ସମୟରେ ବାଦୁଡି ପାହାଡ଼ ନିକଟରେ ଥିବା ସାବରୀ ନଦୀ କୂଳରେ ନିଖୋଜ ଚାରି ସଦସ୍ୟଙ୍କ ପୋଷାକ, ଲୁଙ୍ଗି, ଶାଢୀ, ଚପଲ, ମୋବାଇଲ, ଆଧାର କାର୍ଡ ଏବଂ ମାଛ ଜାଲ ପଡିଥିବା ଦେଖିବାକୁ ପାଇଥିଲେ। ଏନେଇ ଥାନା ଦ୍ୱାରସ୍ଥ ହୋଇଥିଲେ ସ୍ଥାନୀୟ ସରପଞ୍ଚ ଛେଣ୍ଡିଆ ଖିଲଙ୍କ ସମତ ପରିବାର ଲୋକେ। ଥାନା ଅଧିକାରୀ ଡମ୍ବୁରୁ ବର୍ଡିଆଙ୍କ ନେତୃତ୍ୱରେ ନିଖୋଜଙ୍କୁ ଖୋଜିବା ପାଇଁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏଥିରେ ବୈପାରୀଗୁଡା ତହସିଲଦାର, ରାମଗିରି ଫାଣ୍ଡି ଅଧିକାରୀ ବିଷ୍ଣୁ ମାଡକାମୀ, କୋରାପୁଟ ପୋଲିସ ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର, ଏବଂ ମଧ ସାମିଲ ଥିଲେ କ୍ଷ ଆଜି ଅଗ୍ନିଶମ ବାହିନର ଓଡ୍ରାଫ ଟିମ ଖୋଜିବା ସମୟରେ ବାପା ଓ ସାନ ଝିଅ ଶବ ଉଦ୍ଧାର ହୋଇଛି, ଆସନ୍ତା କାଲି ପୁଣି ସ୍ୱତନ୍ତ୍ର ବୋଟ ସାହାଯ୍ୟରେ ମାଆ ଓ ବଡ଼ ଝିଅ କୁ ଖୋଜା ହେବ ବୋଲି ଜଣା ପଡିଛି।

# କଂଗ୍ରେସରୁ ଇସ୍ତଫା ଦେଲେ ପୂର୍ବତନ ସାଂସଦ ଜୟରାମ ପାଙ୍ଗି

ପଟାଙ୍ଗି, ୧୮।୨(ସମିସ)କୋରାପୁଟ ଜିଲ୍ଲାର ପୂର୍ବତନ ସାଂସଦ ଜୟରାମ ପାଙ୍ଗି ଆଜି କଂଗ୍ରେସ ଦଳ ର ପ୍ରାଥମିକ ସଭ୍ୟତା ପଦରୁ ଇସ୍ତଫା ଦେଇଛନ୍ତି। ସୂଚନା ଅନୁଯାୟୀ ପୂର୍ବତନ ସାଂସଦ ଶ୍ରୀ ପାଙ୍ଗି ଭାରତୀୟ ଜାତୀୟ କଂଗ୍ରେସ ଓଡିଶା ରାଜ୍ୟ କଂଗ୍ରେସ କମିଟିର ସଭାପତିଙ୍କୁ ଲିଖିତ ଭାବେ ତାଙ୍କର କଂଗ୍ରେସ ଦଳ ର ପ୍ରାଥମିକ ସଭ୍ୟତା ପଦରୁ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଇସ୍ତଫା ପତ୍ରରେ ସେ ଭାରତୀୟ ଜାତୀୟ କଂଗ୍ରେସ ଦଳ ମତେ ସମ୍ମାନର ସହ ଗ୍ରହଣ କରି ଓଡିଶା ରାଜ୍ୟ ଆଦିବାସୀ



କଂଗ୍ରେସ ଅଧକ୍ଷ ଭଳି ଗୁରୁତ୍ୱ ପୂର୍ଣ ପଦବୀ ଦେଇଥିଲେ। ସଂଗଠନ ପାଇଁ ସମୟ ଦେଇପାରି ନଥିବାରୁ ସେତେବେଳେ ସେ ଇସ୍ତଫା ଦେଇଥିଲି। ବର୍ତ୍ତମାନ ଦଣ୍ଡକାରଣ୍ୟ ପାର୍ବତମାଳା ବିକାଶ ପରିଷଦ ଗଠନ କରି ଏହାର ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ସମୟର ଅଭାବ ଦୃଷ୍ଟିରୁ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରୁଥିବା ଲେଖିଛନ୍ତି।

# ଛୁରା ମାଡ଼ରେ ଶଢ଼ୁ ଓ ସ୍ତ୍ରୀ ଆହତ, ଜଣେ ଗିରଫ

ଉମରକୋଟ ୧୮।୨(ସମିସ): ପାରିବାରିକ କଳହ ଯୋଗୁଁ ହତ୍ୟା ଉଦ୍ୟମ। ସୂଚନା ପ୍ରକାରେ: ଉମରକୋଟ ସହରରେ ବସବାସ କରୁଥିବା ହରି ରାମ ଗୌଡ଼(୩୬)। ହରିରାମଙ୍କ ପ୍ରକୃତ ଘର ଦେଓଭୋଗ ଥାନା ଅଧୀନରେ ଥିବା ଦେନମୁଣ୍ଡା ଗ୍ରାମ ଠାରେ। ସେ ଉମରକୋଟର ଏକ ହୋଟେଲ ଠାରେ କାମ କରୁଥିଲେ। ଗତକାଲି ରାତ୍ର ପ୍ରାୟ ୮ ଘଟିକା ସମୟରେ ମଦ ପିଇ ନିଜ ସ୍ତ୍ରୀ କୁମାରୀ ଗୌଡ଼ଙ୍କ ସହ ଝଗଡା କରୁଥିଲେ। ଏହି ସମୟରେ ଉମରକୋଟ ସହରର ଗୁଲିପାଟଣା ସାହିରେ ରହୁଥିବା ସଢ଼ୁ ବିଦ୍ୟାଧର ଗୌଡ଼ କଳହକୁ ବୁଝାସୁଝା ପାଇଁ ଯାଇଥିଲେ। ଏହି ସମୟରେ ହରିରାମ ଉତକ୍ଷିପ୍ତ ହୋଇ ଘରେ ଥିବା ଏକ ଛୁରୀ ସାହାଯ୍ୟରେ ନିଜ ସ୍ତ୍ରୀ ଓ ସଢ଼ୁଙ୍କୁ ଆକ୍ରମଣ କରିଥିଲେ। ହରିରାମ ଙ୍କ ଛୁରା ଆକ୍ରମଣରେ ସ୍ତ୍ରୀ କୁମାରୀ ଗୌଡ଼ ଓ ସଢ଼ୁ ବିଦ୍ୟାଧର ଗୌଡ଼ଙ୍କୁ ଆକ୍ରମଣର ଶିକାର ହୋଇଥଲା ଦୁହେଁ ଆହତ ଅବସ୍ଥାରେ। ଉଭୟଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବିଦ୍ୟାଧରଙ୍କ ବାମ ହାତ ଓ ପେଟରେ ଛୁରା ବାଜିଥିବା ବେଳେ କୁମାରୀ ଗୌଡ଼ଙ୍କ ହାତରେ ଛୁରା ବାଜିଥିଲା। ଏନେଇ ନିଦ୍ୟାଧର ଗୌଡ଼ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିରି କରି ପୋଲିସ ଏସ ଆଇ ସଞ୍ଜୟ ମଣ୍ଡଳ ଘଟଣା ସ୍ଥଳରେ ପହଞ୍ଚି ଆକ୍ରମଣରେ ବ୍ୟବହୃତ ହୋଇଥୁବା ଛୁରାକୁ ଜବତ କରିବା ସହ ଘର ଠାରୁ କିଛି ଦୂରରୁ ଅଭିଯୁକ୍ତ ହରିରାମ ଗୌଡ଼ କୁ ଗିରଫ କରିଥିଲେ। ଅଭିଯୁକ୍ତ ହରିରାମ ଗୈଡକୁ ପୋଲିସ କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ପ୍ରସୂତି ମହିଳାଙ୍କ ମୃତ୍ୟୁ

ଲକ୍ଷ୍ମୀପୁର,୧୮।୨(ସମିସ) ରାୟଗଡ଼ାର ଏକ ଘରୋଇ କ୍ଲିନିକରେ କାନନ ମଣ୍ଡଳ ନାମକ ଜଣେ ମହିଳାର ଏକ ଶିଶୁକନ୍ୟା ଅପରେସନ ଦ୍ୱାରା ପ୍ରସୂତି ହୋଇ ଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ରାୟଗଡ଼ାରୁ କୋରାପୁଟ ଯିବା ବାଟରେ ମହିଳାର ଅବସ୍ଥା ଅଧିକ ଗୁରୁତର ହେବାରୁ ତାକୁ ଲକ୍ଷ୍ମୀପୁର ମେଡିକାଲରେ ପ୍ରଥମିକ ଚିକିତ୍ସା ପାଇଁ ଭର୍ତ୍ତି କରାଇ ଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ରାୟଗଡ଼ା ଥାନାରେ ମୃତ ମହିଳାଙ୍କ ସ୍ୱାମୀ ପ୍ରଭଞ୍ଜନ ମହାନ୍ତି କରିଛନ୍ତି। ରାୟଗଡ଼ା ପୋଲିସ୍ ଏହାର ତଦନ୍ତ କରୁ ଥିବା ଜଣାପଡ଼ିଛି। ଏହି ଘଟଣାରେ ଡାକ୍ତର ଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ।

● ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର ଅଭିଯୋଗ

# ଶିକ୍ଷକଙ୍କୁ ବଦଳି ପାଇଁ ବିଇଓଙ୍କୁ ଦାବିପତ୍ର

କୋଷାଗୁମୁଡା,୧୮।୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ଏମ-କେରାଗାଁ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକଙ୍କ ବଦଳି ଦାବି କରିଛନ୍ତି ଅଭିଭାବକ। ଛାତ୍ରୀଙ୍କୁ ସେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏହି ଘଟଣା କୁନେଇ ସ୍ଥାନୀୟ ସରପଞ୍ଚ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଅଭିଭାବକ ଜଣାଇଥିଲେ। ପରେ ଏହି ଘଟଣା କୁନେଇ ଶିକ୍ଷକ ଶ୍ରୀ ଡାକୁଆ ଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ କୋଷାଗୁମୁଡା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ଏକ ଅଭିଯୋଗ ପତ୍ର ଦେଇଥିଲେ। ଏହି ଅଭିଯୋଗ ପତ୍ର ସ୍ଥାନୀୟ ସରପଞ୍ଚ, ୱାର୍ଡମେମ୍ବରଙ୍କ ସହ ଅଭିବାବକ ମାନେ ସ୍ୱାକ୍ଷର ସହ ଷ୍ଟାମ ଲଗାଇ ଦେଇଥିଲେ। ଯାହାକି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯାଳୟରୁ ଜଣାପଡିଛି। ଏପଟେ ଏହି ଘଟଣା ହେବା ଦିନରୁ ଶିକ୍ଷକ ଶ୍ରୀ ଡାକୁଆ ବିଦ୍ୟାଳୟରୁ ଘର କୁ ଚାଲିଯାଇଥିବା ଜଣାପଡିଛି। ଏହି ଘଟଣା କୁନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୈମେନ୍ଦ୍ର ଭୌମିକ ବିଦ୍ୟାଳୟକୁ ଗସ୍ତ କରି ଘଟଣା ସମ୍ପର୍କରେ ଆଲୋଚନା କରିଥିବା ସହ ବିଦ୍ୟାଳୟର ସିସି କେମେରା କାହିଁକି ବନ୍ଦ ଅଛି ବୋଲି ପଚାରିଥିବା ଜଣାପଡିଛି। ଏପଟେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଘଟଣା ସମ୍ପର୍କରେ ଜାଣିନଥିବା ସହ ସରପଞ୍ଚ କହିବା ଯୋଗୁଁ ଜାଣିଲି ବୋଲି କହିଛନ୍ତି। ଏହି ଘଟଣା ସମ୍ପର୍କରେ ଶିକ୍ଷକ ଶ୍ରୀ ଡାକୁଆଙ୍କୁ ପଚାରି ପାଇଁ ଫୋନ କରିଥିଲେ ସୁଦ୍ଧା ସେ କଲ୍ ଉଠାଇ ଚୁପ ରହିବା ଯୋଗୁଁ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ତଦାରଖ କଲେ ଜିଲ୍ଲାପାଳ

ଜୟପୁର,୧୮।୨(ସମିସ): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଆଜି ଜୟପୁର ବ୍ଲକ ଗସ୍ତ କରିବା ସହିତ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟ ଗୁଡିକକୁ ନିଜେ ଘଟଣାସ୍ଥଳକୁ ଯାଇ ବୁଲିଦେଖିବା ସହିତ ତଦାରଖ କରିଥିଲେ। ଏହି ଅବସରରେ ରାଣିଗଡ ଗ୍ରାମିଣ ହାଟ, ତେଲେଙ୍ଗିରି ଡ୍ୟାମ ନିକଟରେ ଭ୍ୟୁ ଟାୱାଲ ନିର୍ମାଣ ନେଇ ତୁରୁନ୍ତ ଏନେଇ ପର୍ଯ୍ୟଟନ ବିଭାଗକୁ ପ୍ରସ୍ତାବ ପ୍ରଦାନ କରିବାକୁ ଉପସ୍ଥିତ ବିଡିଓ ଶକ୍ତି ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମାଳିଗୁଡା ଟନେଲ ନିକଟରେ ରେଳ ବିଭାଗ ପକ୍ଷରୁ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ଯୋଗୁଁ ତୁରନ୍ତ କାର୍ଯ୍ୟ ସାରିବାକୁ ରେଳବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ରେଳ ବିଭାଗର କାର୍ଯ୍ୟ ଶେଷହେବା ପରେ ମାଳିଗୁଡା ଟନେଲ ନିକଟରେ ପର୍ଯ୍ୟଟକଙ୍କ ନିମନ୍ତେ ଏକ ଭ୍ୟୁ ଟାୱାର ଏବଂ ଆଶ୍ରୟସ୍ଥଳ ନିର୍ମାଣ କରାଯିବ ବୋଲି କହିଥିଲେ। ଏହିପରି ଆମ୍ବାଗୁଡା ଓ ରାଣିଗଡ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ସମୀକ୍ଷା ବୈଠକ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର,ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ, କନିଷ୍ଠ ଯନ୍ତ୍ରୀ ରଞ୍ଜିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ମାଟ୍ରିକ୍ ପରୀକ୍ଷା

ଜୟପୁର,୧୮।୨(ସମିସ): ଆଜି ସାରା ଓଡିଶାରେ ଚଳିତ ବର୍ଷର ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ପରିଚାଳିତ ଦଶମ ତଥା ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଜୟପୁର ବ୍ଲକ ଓ ପେ?ରାଞ୍ଚଳରେ ସମୁଦାୟ ୧୨ଟି କେନ୍ଦ୍ରରେ ୨୭୦୩ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସ୍ଥାନୀୟ ଆଞ୍ଚଳିକ ବୋର୍ଡ କାର୍ଯ୍ୟାଳୟର ସୂଚନା ଅନୁଯାୟୀ ସରକାରୀ ବାଳିକା ବିଦ୍ୟାଳୟ ନୋଡାଲ କେନ୍ଦ୍ରରୁ ୬ରୁ ସାଢେ ୬ଟା ସୁଦ୍ଧା ପ୍ରଶ୍ନପତ୍ର ଓ ଉତ୍ତରଖାତା ନେଇ ପରୀକ୍ଷାକେନ୍ଦ୍ରକୁ ସ୍ୱତନ୍ତ୍ର ଦଳ ପୁଲିସର କଡା ସୁରକ୍ଷା ମଧ୍ୟରେ ଯାତ୍ରା କରିବେ। ପୂର୍ବାହ୍ନ ସାଢେ ୭ଟା ସୁଦ୍ଧା ପ୍ରତ୍ୟେକ କେନ୍ଦ୍ରରେ ପ୍ରଶ୍ନପତ୍ର ପହଁଚିବ ଏବଂ ପୂର୍ବାହ୍ନ ୮ଟାରେ ଛାତ୍ରଛାତ୍ରୀ ମାନେ ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କରିବେ। ପୂର୍ବାହ୍ନ ୯ ଟା ଠାରୁ ସାଢେ ୧୧ ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବା ନେଇ ନିର୍ଦ୍ଧାରିତ ହୋଇଛି। ସେହିପରି ପରୀକ୍ଷା ଶେଷ ହେବା ପରେ ପ୍ରଶ୍ନପତ୍ର ଓ ଉତ୍ତରଖାତା ପୁଣି ସଂଗ୍ରହ କରିବା ପରେ ନୋଡାଲ କେନ୍ଦ୍ରକୁ ଫେରାଇ ଅଣାଯିବ। ସୂଚନା ଯୋଗ୍ୟ ଚଳିତବର୍ଷ ଜିଲ୍ଲାରେ ୧୮ ହଜାର ୩୦୮ ଜଣ ପରୀକ୍ଷାର୍ଥୀଙ୍କ ସେ ଭିତରୁ ରେଗୁଲାରରେ ୧୮ ହଜାର ୧୬୭, ଏକ୍ସରେଗୁଲାରରେ ୧୧୭, ୧୪ ଜଣ ମଧ୍ୟମା ଓ ପତ୍ର ବିନିମୟରେ ପରୀକ୍ଷା ଦେବେ ୧୦ଜଣ ପିଲା। ସେମାନଙ୍କ ଲାଗି ୮୭ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା ରହିଛି।

# ୨ ବିଦ୍ୟାଳୟରେ +୨ ପରୀକ୍ଷା ଆରମ୍ଭ

ଡାବୁଗାଁ, ୧୮।୨(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ସଦରମହକୁମାସ୍ଥିତ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ବିଜ୍ଞାନ ପରୀକ୍ଷା ବୁଧବାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ରେଗୁଲାର ୧୨୨ ଜଣ ଛାତ୍ରୀଛାତ୍ର ପଞ୍ଜିକୃତ କରି ୧୨୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏକ୍ସ- ରେଗୁଲାର ୩ ଜଣ ଛାତ୍ରୀଛାତ୍ର ପଞ୍ଜିକୃତ କରି ୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ମୋଟ ୧୨୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିରେ ସୁପରିଟେଣ୍ଡେଣ୍ଟ ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାହାକ, ଡେପୁଟି ସୁପରିଟେଣ୍ଡେଣ୍ଟ ଭାବେ ସନ୍ତୋଷ କୁମାର ସିଂଲାଲ ଓ ଇନଭିଜିଲେଟର ୩ ଜଣ ପରୀକ୍ଷା ପରିଚାଳନା ଦାୟିତ୍? ରେ ରହିଥିଲେ। ସେହି ପରି ଡାବୁଗାଁ (ଏସଏସଡି) ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ବିଜ୍ଞାନ ପରୀକ୍ଷା ହୋଇଛି। ପ୍ରଥମ ଦିନରେ ରେଗୁଲାର ୧୨୫ ଜଣ ଛାତ୍ରୀ ପଞ୍ଜିକୃତ କରି ୧୨୫ ଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ଏକ୍ସ- ରେଗୁଲାର ୨ ଜଣ ଛାତ୍ରୀ ପଞ୍ଜିକୃତ କରି ୨ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ମୋଟ ୧୨୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିରେ ସୁପରିଟେଣ୍ଡେଣ୍ଟ ଭାବେ ବିଦ୍ୟାଳୟର ଅଧ୍ୟକ୍ଷା କିରଣମାଳା ତିର୍କୀ, ଡେପୁଟି ସୁପରିଟେଣ୍ଡେଣ୍ଟ ଭାବେ ବିବେକ କୁମାର ଭୋଇ ଓ ଇନିଭିଜିଲେଟର ୭ ଜଣ ପରୀକ୍ଷା ପରିଚାଳନା ଦାୟିତ୍ୱରେ ରହିଥିଲେ।

# ବାଇକ୍ ଦୁର୍ଘଟଣା, ଜଣେ ମୃତ

ଜୟପୁର,୧୮।୨(ସମିସ): ଜୟପୁର ଗ୍ଲୋକାଲ ଚିକିତ୍ସାଳୟରୁ ଜଗନ୍ନାଥ ସାଗରକୁ ସଂଯୋଗ କରୁଥିବା ବାଇପାସ ରାସ୍ତା ନିକଟରେ ବାଇକ ଦୁର୍ଘଟଣାରେ ବାଇକ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି ଏବଂ ଅନ୍ୟଜଣେ ଯୁବକଙ୍କ ଗୁରୁତର ଅବସ୍ଥାରେ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତକ ଜୟପୁର ସଦରଥାନା ପାତ୍ରପୁଟ ଗ୍ରାମର ଘାସିରାମ ଗଲୋରୀ (୪୮) ଏବଂ ଗୁରୁତର ଯୁବକ କୋଟପାଡ ଥାନା କୁସୁମି ଗ୍ରାମର କ୍ରିସ କୁମାର ନାଗ (୨୨)। ପୁଲିସ ସୂଚନା ଅନୁଯାୟୀ ଆଜି ଅପରାହ୍ନ ୪ଟା ସମୟରେ ବାଇପାସ ରୋଡ ନିକଟରେ ଜୟପୁର ଅଭିମୁଖେ ଦୁଇଜଣ ଏକ ବାଇକରେ ଆସୁଥିବା ସମୟରେ ସ୍ଥାନୀୟ ଦେଖଣାହାରୀଙ୍କ କହିବା ଅନୁଯାୟୀ ଏକ ଅଜଣାଗାଡି ଧକ୍କା ଦେବା ଫଳରେ ବାଇକର ନିୟନ୍ତ୍ରଣ ହରାଇ ରାସ୍ତା ପାଶ୍ୱର୍ରେ ପଡିଯାଇଥିଲା। ଫଳରେ ମୃତକଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା ଏବଂ ସେହିପରି ଗୁରୁତରଙ୍କୁ ମଧ୍ୟ ଗଭୀର ଆଘାତ ଲାଗିଥିଲା ଫଳରେ ସେ ଅଚେତ ହୋଇ ପଡିରହିଥିଲେ। ସୂଚନା ପାଇବା ପରେ ପୁଲିସ ପେଟ୍ରୋଲିଂ ଦଳ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିବା ପରେ ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ କିନ୍ତୁ ଡାକ୍ତର ସେଠାରେ ଜଣକୁ ମୃତ ଘୋଷଣା କରିଥିବା ବେଳେ ଗୁରୁତରଙ୍କ ଚିକିତ୍ସା ଆରମ୍ଭ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷା ଅଧିକାରୀଙ୍କ ପରଲୋକ

କୋରାପୁଟ,୧୮।୨(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ବିଶିଷ୍ଟ ଶିକ୍ଷାବିତ ଡକ୍ଟର ଅମୂଲ୍ୟ ରଞ୍ଜନ ମହାପାତ୍ରଙ୍କ ଧର୍ମପତ୍ନୀ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟା ମହାପାତ୍ରଙ୍କ ବୁଧବାର ଅପରାହ୍ନରେ ପରଲୋକ ହୋଇଛି।



ଶ୍ରୀମତୀ ମହାପାତ୍ର ଆଜି ସକାଳେ ଅଚାନକ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତୁରନ୍ତ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପ୍ରଚାର ହେବା ପରେ ସହରରେ ଶୋକର ଛାୟା ଖେଳି ଯାଇଛି। ଶ୍ରୀମତୀ ମହାପାତ୍ର କୋରାପୁଟ ବାଳିକା ଉଚ୍ଚ ବିଦ୍ୟାଳୟ, ଡୁମୁରିପୁଟ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟ କରିବା ସହ ସେମିଳିଗୁଡା, ନନ୍ଦପୁର ଓ ଲମତାପୁଟ ବ୍ଲକରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ଚାକିରି କରିଥିଲେ। ତାଙ୍କ ବିୟୋଗରେ ଡୁମୁରିପୁଟ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ, ବୀର ସୁରେନ୍ଦ୍ର ସାଏ ପାଠାଗାର ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

କୋରାପୁଟ,୧୮।୨(ସମିସ): ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ କାର୍ଯ୍ୟାଳୟ ନିକଟ ହାଇସ୍କୁଲ ପଡ଼ିଆ ଠାରେ ଆୟୋଜିତ ଦୁଇ ଦିନିଆ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦଘାଟିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ



ଯୋଜନାକୁ ନେଇ ଷ୍ଟଲ ଗୁଡ଼ିକରେ ପ୍ରଦର୍ଶିତ କରାଯାଇଥିଲା। କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ ଏବଂ ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ରହିଥିବା ବିଭିନ୍ନ ଯୋଜନା ସଂପର୍କରେ ଚାଷୀ ମାନଙ୍କୁ ଅବଗତ କରିବା ପାଇଁ ବ୍ଲକ ଏବଂ ଜିଲ୍ଲାସ୍ତରରେ ମେଳା ଆୟୋଜନ କରାଯାଉଛି। ଏହି ମେଳାରେ ଚାଷୀ ମାନେ ଯୋଜନା ଏବଂ ସବସିଡି ସଂପର୍କରେ ସୂଚନା ପାଆନ୍ତି ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ କହିଛନ୍ତି। ଏହି ଅବସରରେ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦର ଚାଷୀ ମାନଙ୍କୁ ଚେକ ପ୍ରଦାନ କରାଯାଇଥିଲା। ପି ସନ୍ତୋଷୀ ଆଚାରୀ ଓ ସୁଜାତା ଆଚାରୀ ଯୋଗଦେଇ ମଞ୍ଚ ପରିଚାଳନା କରିଥିଲେ। କୋରାପୁଟ, କୋଟପାଡ, ବୋରିଗୁମ୍ମା, କୁନ୍ଦ୍ରା, ବୈପାରିଗୁଡା, ଲକ୍ଷ୍ମୀପୁର ଏବଂ ପଟାଙ୍ଗୀ ବ୍ଲକର ଚାଷୀ ମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଭିଓ ଡାକ୍ତର ପ୍ରକାଶ ମହାନ୍ତି ଓ ଡାକ୍ତର ପରୀକ୍ଷିତ କୁଣ୍ଡୁ, କୋରାପୁଟ ଏସଡିଭିଓ ଡାକ୍ତର ସୁଦର୍ଶନ ସାହୁ, ଜୟପୁର ଏସଡିଭିଓ ଡାକ୍ତର ବିଶ୍ୱଜିତ ରାୟ, ଉପ ନିର୍ଦ୍ଦେଶକ ଡାକ୍ତର ଅକ୍ଷୟ କୁମାର ଜେନା ଯୋଗଦେଇ ପରିଚାଳନା କରିଥିଲେ। ରାଜ୍ୟ ସରକାରଙ୍କ ଠାରୁ ଜିଲ୍ଲାସ୍ତରୀୟ ମେଳା ନିମନ୍ତେ କେତେ ଅର୍ଥ ରାଶି ଆସିଛି ବୋଲି ପ୍ରଶ୍ନ ହେବାରୁ ଦୁଇ ଅଧିକାରୀଙ୍କ ଉତ୍ତରରେ ତାରତମ୍ୟ ରହିଥିବା ଜଣାପଡିଛି। ପ୍ରାଣୀ ଚିକିତ୍ସାଧିକାରୀ ୨୬ ଲକ୍ଷ ଟଙ୍କା ଆସିଥିବା କହୁଥିବା ବେଳେ ମତ୍ସ୍ୟ ଅଧିକାରୀ ୨୮ ଲକ୍ଷ ଟଙ୍କା ଆସିଥିବା କହିଛନ୍ତି।

**ଆଜି ମାଟ୍ରିକ ପରୀକ୍ଷା**

# ଜିଲ୍ଲାରେ ୧୪୮ କେନ୍ଦ୍ରରେ ୨୭, ୬୮୫ ପରୀକ୍ଷାର୍ଥୀ

ଯାଜପୁର, ୧୮।୨(ସମିସ)

ଆସନ୍ତାକାଲି ଠାରୁ ସାରା ରାଜ୍ୟରେ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ପ୍ରତ୍ୟେକ ଜିଲ୍ଲାସ୍ତରରେ ଏହାକୁ ସଫଳ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଯାଜପୁର ଜିଲ୍ଲାର ୧୦ଟି ବ୍ଲକ ଓ ୨ଟି ପୌରପାଳିକାରେ ଶାନ୍ତିଶୃଙ୍ଖଳାରେ ମାଟ୍ରିକ ପରିକ୍ଷା ପରିଚାଳନା କରିବାକୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଚଳିତ ବର୍ଷ ଜିଲ୍ଲାରେ ୨୬, ୭୧୬ ଜଣ ଉଭୟ ରେଗୁଲାର ଓ ଏକ୍ସରେଗୁଲାର ପରିକ୍ଷାର୍ଥୀ ଥିବା ବେଳେ ୫୯୬ ଜଣ ମଧ୍ୟମା, ୩୫୩ ଜଣ ଏଓଏସସି (ପ୍ରଥମ) ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିପାଇଁ ଜିଲ୍ଲାରେ ମୋଟ ୧୦ଟି ନୋଡାଲ ସେଣ୍ଟର ଖୋଲାଯାଇଥିବା ବେଳେ ୩୪ଟି ଡେସ୍‌ପାଚ ଟିମ୍ ରହିଛନ୍ତି। ସେହିପରି ମୋଟ ୧୫୧ଟି ପରୀକ୍ଷା କେନ୍ଦ୍ର ପାଇଁ ଜଣେ ଲେଖାଏଁ କେନ୍ଦ୍ର ଅଧିକ୍ଷକ ଏବଂ ପର୍ଯ୍ୟବେକ୍ଷକ ନିଯୁକ୍ତ ଅଛନ୍ତି। ଏମାନଙ୍କ ବାଦ (ଡିଇଓ) ଜିଲ୍ଲା ସ୍ତରରେ ୩ଟି ଫ୍ଲାଇଂ ସ୍କ୍ୱାର୍ଡ ଏବଂ ଜିଲ୍ଲା ପ୍ରଶାସନର ଗୋଟିଏ ସ୍କ୍ୱାଡ ଗଠନ ହୋଇଛି। ସେହିପରି ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ଗୋଟିଏ କେନ୍ଦ୍ରୀୟ ସ୍କ୍ୱାଡ ମଧ୍ୟ ଗଠନ ହୋଇଛି। ଚଳିତ ବର୍ଷ ମାଟ୍ରିକ ପରିକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର। କୌଣସି ପ୍ରକାର ଚାପର ବଶବର୍ତ୍ତି ନ ହେବାକୁ ପରାମର୍ଶ ଦେଇଛନ୍ତି। ସେହିପରି ମାଟ୍ରିକ ପରିକ୍ଷାକୁ ଶାନ୍ତିଶୃଙ୍ଖଳରେ ଶେଷ କରିବା ପାଇଁ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ଙ୍କୁ ସହଯୋଗ କରିବାକୁ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଅନୁରୋଧ କରିଛନ୍ତି।

## ବଡ଼ଚଣାର ୨୧ଟି କେନ୍ଦ୍ରରେ ୩୦୫୦ ଛାତ୍ରଛାତ୍ରୀ

ବଡଚଣା, ୧୮।୨(ସମିସ): ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଛି ୨୦୨୬ ବର୍ଷର ମାଟ୍ରିକ ପରୀକ୍ଷା। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ବଡ଼ଚଣାରେ ଚଳିତ ବର୍ଷ ୨୧ଟି କେନ୍ଦ୍ରରେ ଦଶମ ଶ୍ରେଣୀରେ ୩୦୦୪ ଓ ମଧ୍ୟମାରେ ୪୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବଡଚଣା ବ୍ଲକ ଶିକ୍ଷା ଅଧିକାରୀ ଅଭୟ କୁମାର ବେହେରା ଜଣାଇଛନ୍ତି। ବଡଚଣା ସ୍ଥିତ ମହାବିନାୟକ ବିଦ୍ୟାୟନକୁ ନୋଡାଲ କେନ୍ଦ୍ର ଭାବରେ ସ୍ଥିର କରାଯାଇଅଛି। ଏଠାରେ ପ୍ରଶ୍ନପତ୍ର ଓ ଉତ୍ତର ଖାତା ଗୁଡିକ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯିବା ସହିତ ୨୪ ଘଣ୍ଟିଆ ସିସି କ୍ୟାମେରା ନଜରରେ ରଖାଯାଇଛି। ଏଥିସହିତ ବଡ଼ଚଣାର ସୀମାନ୍ତବର୍ତ୍ତି ରଇପୁର ଉଚ୍ଚ ବିଦ୍ୟାଳୟ ଓ ସାଉଡ଼ିଆ ଉଚ୍ଚ ବିଦ୍ୟାଳୟ ପାଇଁ ନିକଟସ୍ଥ ବରୀ ନୋଡାଲ କେନ୍ଦ୍ରରୁ ପ୍ରଶ୍ନପତ୍ର ଯୋଗାଇ ଦିଆଯିବ ବୋଲି ଶ୍ରୀ ବେହେରା କହିଛନ୍ତି। ପରୀକ୍ଷାକୁ ଶୃଙ୍ଖଳିତ, କପିମୁକ୍ତ ଓ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରିବା ପାଇଁ ପରୀକ୍ଷା କେନ୍ଦ୍ର ପରିଚାଳକ, ପର୍ଯ୍ୟବେକ୍ଷକ ଓ ପ୍ରଶ୍ନପତ୍ର ଯୋଗାଣ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶ୍ନପତ୍ର ଯୋଗାଣ ଅଧିକାରୀ ସତ୍ୟବାଦୀ ପଣ୍ଡା, ସହକାରୀ କେନ୍ଦ୍ର ପରିଚାଳକ ଶ୍ରୀକାନ୍ତ କୁମାର ନନ୍ଦ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମହାବିନାୟକ ନୋଡାଲ କେନ୍ଦ୍ରର ମୁଖ୍ୟ ବାସନ୍ତୀଲତା ଦେଈ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରର ମୁଖ୍ୟ ସୁବାସ ଚନ୍ଦ୍ର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।



## ବିଞ୍ଝାରପୁରରେ ୧୪କେନ୍ଦ୍ରରେ ୨୬୩୮ ପରୀକ୍ଷାର୍ଥୀ

ବିଞ୍ଝାରପୁର, ୧୮।୨(ସମିସ): ଚଳିତ ବର୍ଷ ବିଞ୍ଝାରପୁର ଶିକ୍ଷାମଣ୍ଡଳରେ ମୋଟ ୧୪ଟି ପରୀକ୍ଷାକେନ୍ଦ୍ର ନିର୍ଦ୍ଧାରିତ ହୋଇଅଛି। ଏହି ୧୪ଟି ପରୀକ୍ଷା କେନ୍ଦ୍ରରେ ୨୬୩୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏ ନେଇ ନୋଡାଲ ଅଧିକାରୀ ସାଗରୀକା ନାଥ ସୂଚନା ଦେଇଛନ୍ତି। ପରୀକ୍ଷା ସୂଚାରୁ ଓ ଶୃଙ୍ଖଳାବଦ୍ଧ ଭାବେ ଆୟୋଜନ ପାଇଁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଥିବା ସେ କହିଛନ୍ତି। ଏହି ବ୍ଲକ ଅଧୀନରେ ଥିବା ଅଙ୍ଗାଲୋ ହାଇସ୍କୁଲ, ଏସି ହାଇସ୍କୁଲ ଫଳପୁର, ବିସିଜେ ହାଇସ୍କୁଲ ଜରି, ବରୁଣେଇ ହାଇସ୍କୁଲ ଫତେପୁର, ବାରୁଣେଶ୍ୱର ହାଇସ୍କୁଲ, ଅରେଇ, ବ୍ରଜସୁନ୍ଦର ସରକାରୀ ହାଇସ୍କୁଲ ସୟଦପୁର, ଜିସି ହାଇସ୍କୁଲ ଆଉଁରୀ, ଆର୍‌ସି ହାଇସ୍କୁଲ ତାଉଁନ୍ତରା, ରଙ୍ଗାଧର ହାଇସ୍କୁଲ କଣ୍ଟିପୁର, ଏସ୍‌ଜି ହାଇସ୍କୁଲ କପିଳା, ସିଂହପୁର ହାଇସ୍କୁଲ, ସିଂହପୁର, ଶ୍ରୀବନ୍ତ ହାଇସ୍କୁଲ, କଲ୍ୟାଣପୁର, ତାଳବନ୍ଧ ସରକାରୀ ହାଇସ୍କୁଲ, ତଳବନ୍ଧ ଓ ଉତ୍ତଙ୍ଗରା ହାଇସ୍କୁଲ, ଉତ୍ତଙ୍ଗରା ଠାରେ ସ୍ଥିର କରାଯାଇଛି। ଏହି ପରୀକ୍ଷା କେନ୍ଦ୍ରଗୁଡିକରେ ପର୍ଯ୍ୟାପ୍ତ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିବା ସହ ଆବଶ୍ୟକ ମୌଳିକ ସୁବିଧା, ପାନୀୟ ଜଳ ଓ ବିଦ୍ୟୁତ୍ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ଚଳିତବର୍ଷ ପ୍ରଥମଥର ପାଇଁ ସମସ୍ତ ୧୪ଟି କେନ୍ଦ୍ରରେ ଏଆଇ କ୍ୟାମେରା ସ୍ଥାପନ କରାଯାଇଥିବାରୁ ପରୀକ୍ଷା ଉପରେ କଡା ନଜର ରହିବ। ବିଦ୍ୟାଳୟ ନିକଟରେ ସନ୍ଦେହଜନକ ଗହଳଚହଳକୁ ଚିହ୍ନଟ କରିବା ପାଇଁ ଏହି ବ୍ୟବସ୍ଥା କରାଯାଇଥିବା ବୋଲି ପ୍ରଶାସନ ପକ୍ଷରୁ ଜଣାପଡ଼ିଛି। ସୁରକ୍ଷା ଦୃଷ୍ଟିରୁ ପୁଲିସ ବ୍ୟବସ୍ଥା ସହ କଡ଼ାକଡ଼ି ନିୟମାବଳୀ ଅନୁସରଣ କରାଯିବା ସହିତ ଶାନ୍ତିପୂର୍ଣ୍ଣ ପରିବେଶରେ ପରୀକ୍ଷା ଆୟୋଜନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣା ପଡ଼ିଛି।

**● ନାବାଳିକାକୁ ପ୍ରସବ କରାଇବା ଘଟଣା**

## ନ୍ୟାୟ ଦାବି କଲା ମହିଳା ସଙ୍ଗଠନ

ବ୍ୟାସନଗର, ୧୮।୨(ସମିସ): ବ୍ୟାସନଗର ଅଞ୍ଚଳରେ ଜନୈକ ନାବାଳିକା ମା' ହେବା ଘଟଣା ପରେ ସାରା ରାଜ୍ୟର ନଜର୍ ଏବେ ଏଠି ରହିଛି। ଏହି ପରିପ୍ରେକ୍ଷୀରେ ନାବାଳିକାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆଗେଇ ଆସିଛି ନାରୀ ନ୍ୟାୟ ବାହିନୀ ସଙ୍ଗଠନ। ଭୁବନେଶ୍ୱରସ୍ଥିତ ଏହି ସଂଗଠନର କର୍ମକର୍ତ୍ତାମାନେ ବୁଧବାର ଯାଜପୁର ରୋଡ୍ ଥାନାରେ ପହଞ୍ଚିବା ପରେ ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କୁ ସାକ୍ଷାତ କରି ପୀଡ଼ିତା ନାବାଳିକାଙ୍କୁ ନ୍ୟାୟ ପ୍ରଦାନ କରିବା ସହ ତାଙ୍କ ଥଇଥାନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ଦାବି ଜଣାଇଥିଲେ। ଏଥିସହିତ ବର୍ତ୍ତମାନ ସୁଦ୍ଧା ଫେରାର ରହିଥିବା ସମ୍ପୃକ୍ତ ଡାକ୍ତରଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଏଭଳି ଏକ ଘଟଣାକୁ ସଂଗଠନର କର୍ମକର୍ତ୍ତାମାନେ ନିନ୍ଦା କରିବା ସହ ଏହା ସଭ୍ୟ ସମାଜ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ଘଟଣା ବୋଲି କହିଛନ୍ତି। ଏହି ଘଟଣାରେ ପ୍ରସବ କରିଥିବା ନାବାଳିକା ଉଦ୍ଧାର ହୋଇ ସଖୀ ଗୃହରେ ରହିଥିବା ବେଳେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ଯାଜପୁର ରୋଡ୍ ପୋଲିସ। ଏହି ପ୍ରତିନିଧି ଦଳରେ ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ସଂଯୋଜିକା, ନାରୀ ନ୍ୟାୟ ବାହିନୀ, ମଧୁମିତା ଦାସ, ସଦସ୍ୟା ପ୍ରମୁଖ ଉପସ୍ଥିତ ରହିବା ସହିତ ନାରୀ ନ୍ୟାୟ ବାହିନୀ ପକ୍ଷରୁ ନ୍ୟାୟ ଦାବି କରାଯାଇଛି।

## ବନ୍ଧଡିହ ଅଞ୍ଚଳର ଦୁଇଟି ସ୍ଥାନରୁ ଚୋରି

ବ୍ରହ୍ମବରଦା, ୧୮।୨ (ସମିସ): ବ୍ରହ୍ମବରଦା ଥାନା ଅଧୀନସ୍ଥ ବନ୍ଧଡିହ ପଞ୍ଚାୟତ ସେହି ଗ୍ରାମର ଦୁଇ ଜଣଙ୍କ ଘରୁ ଗତକାଲି ରାତିରେ ଚୋରି ହୋଇଥିବା ନେଇ ବ୍ରହ୍ମବରଦା ଥାନାରେ ଅଭିଯୋଗ ହୋଇଛି। ଗତକାଲି ବିଳମ୍ବିତ ରାତିରେ ବନ୍ଧଡିହ ଗ୍ରାମର ବିପିନ ମଲ୍ଲିକ ଓ ତାଙ୍କ ପରିବାର ଲୋକେ ଶୋଇଥିବା ବେଳେ କେହି ଦୁର୍ବୃତ ଘରେ ଥିବା ଡିଲକ୍ସ ଗାଡି ନମ୍ବର ଓଡି୦୪ଏଲ ୩୨୫୧ ସହିତ ପାଣି ମଟର ଓ ପାଇପ ଚୋରି କରି ନେଇଥିବା ନେଇ ବ୍ରହ୍ମବରଦା ଥାନାରେ ଅଭିଯୋଗ ହୋଇଛି। ସେହିପରି ସେହି ଗ୍ରାମର ଶରତ ମଲ୍ଲିକଙ୍କ ଘରେ ପଶି ତାଙ୍କ ଘରୁ ଏକ ମୋବାଇଲ ଚୋରି କରି ନେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ବ୍ରହ୍ମବରଦା ଥାନା ପୁଲିସ ଉକ୍ତ ସ୍ଥାନରେ ପହଞ୍ଚି ତଦନ୍ତ କରି ଫେରିଥିବା ଜାଣିବାକୁ ମିଳିଛି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଦଶରଥପୁର, ୧୮।୨(ସମିସ): ଦଶରଥପୁର ବ୍ଲକ ମାଲିକପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶୁକଦେବ ପାଣିନି(୯୫)ଙ୍କ ପରଲୋକ ହୋଇଯାଇଛି। ବୟସ ଗତ କାରଣରୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ହେଉଥିବା ସମୟରେ ପରଲୋକ ହୋଇଥିଲା। ସ୍ୱର୍ଗତ ପାଣିନୀ ମହାନ୍ତିପାଟଣା ଗ୍ରାମର ଜଗନ୍ନାଥଜିଉ ବିଦ୍ୟାଳୟର ପ୍ରଧାନଶିକ୍ଷକ ଥିଲେ। ସେ କର୍ତ୍ତବ୍ୟ ନିଷ୍ଠା ଭାବେ ନିଜର କାର୍ଯ୍ୟ ତୁଲାଇ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ଅଞ୍ଚଳର ବିଭିନ୍ନ ସାମାଜିକ ଏବଂ ଶିକ୍ଷାନୁଷ୍ଠାନ ସହ ଜଡିତ ରହି କାର୍ଯ୍ୟ କରୁଥିଲେ। ପରେ ସରପଞ୍ଚ ଭାବେ ନିର୍ବାଚିତ ହୋଇ ଦକ୍ଷତାର ସହ ନିଜ ଦାୟିତ୍ୱ ସମ୍ପାଦନା କରିଥିଲେ। ତାଙ୍କ ମର ଶରୀର ଗାଁରେ ପହଞ୍ଚିବା ପରେ ସମଗ୍ର ଅଞ୍ଚଳ ଶୋକାକୁଳ ପରିବେଷ ସୃଷ୍ଟି ହୋଇଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିବା ବେଳେ ବଡ଼ ପୁଅ ଦେବବ୍ରତ ପାଣିନୀ ମୁଖାଗ୍ନି ଦେଇଥିଲେ। ସାନ ପୁଅ ପ୍ରିୟବ୍ରତ ପାଣିନୀ, ନାତି ସୁବ୍ରଜିତ ଦାଶଙ୍କ ସହ ପରିବାର ବର୍ଗ ଉପସ୍ଥିତ ଥିଲେ।

**ଖରଡ଼ି ଗ୍ରାମରେ ଉତ୍ତେଜନା**

## ଥାନା ଘେରିଲେ ଦଳିତ ମହିଳା

ଦାନଗଦି/ବ୍ୟାସନଗର, ୧୮।୨(ସମିସ): ଗତ ସୁକିନ୍ଦା ଶିଳ୍ପ ମହୋତ୍ସବ ସମୟରେ ଘଟିଥିବା ଗଣ୍ଡଗୋଳ ଧୀରେ ଧୀରେ ଉଗ୍ରରୂପ ଧାରଣ କରିବାରେ ଲାଗିଛି। ଉକ୍ତ ଶତ୍ରୁତାକୁ କେନ୍ଦ୍ର କରି ସଂଘବଦ୍ଧ ଭାବେ ଜଣେ ଦଳିତ ଯୁବକକୁ ଟେକି ନେଇ ପରିସ୍ରା ପିଆଯାଇଥିବା ଅଭିଯୋଗ ଆଣି ଦଳିତ ମହିଳାମାନଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରିବା ସହ ଆଜି ଥାନା ଫାଟକ ସାମ୍ନାରେ ଧାରଣା ଦିଆଯାଇଥିଲା। ଯାଜପୁର ରୋଡ୍ ଆଇଆଇସିଙ୍କ ସହ ଏସ୍‌ଡିପିଓଙ୍କ ହସ୍ତକ୍ଷେପ ଲୋଡ଼ିବା ପରେ ପୁଲିସ ପକ୍ଷରୁ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ପୁଲିସ ପଇଁତରା ମାରିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯାଜପୁର ରୋଡ୍ ଥାନା ଅଧୀନ ଦାନଗଦି ଫାଣ୍ଡି ଅଧୀନ ଖରଡ଼ି ଗାଁର ନାଲୁ ପ୍ରଧାନଙ୍କ ପୁଅ ଦେବା ପ୍ରଧାନ, କାଳିଆ ପ୍ରଧାନ, ଚଗୁଲୁ ଗେଡ଼ିଙ୍କ ସହ ୪୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯଖପୁରା ଥାନା ଅଧୀନ ମଙ୍ଗଳପୁର ଗାଁ ରଞ୍ଜନ ମଳିକଙ୍କ ସହ ଅନ୍ୟଜଣେ ଯୁବକକୁ ଏକ ସ୍କୋର୍ପିଓ ଗାଡିରେ ଖରଡ଼ି ଛକରୁ ଉଠାଇ ନେଇ ଖରଡ଼ି ମଙ୍ଗଳା ମନ୍ଦିର କ୍ଲବ ଘର ଭିତରେ ଚାବି ପକାଇ ନିସ୍ତୁକ ମାଡ଼ ମାରିବା ସହ ପରିସ୍ରା ପିଆଇ ଦେଇଥିବା ଅଭିଯୋଗ ଆଣି ମଙ୍ଗଳପୁର ଦଳିତ ଦଳିତ ସାହି ମହିଳାମାନେ ଯାଜପୁର ରୋଡ୍ ଥାନା ଘେରଉ କରି ଧାରଣା ଦେଇଥିବା ଦେଖିବାକୁ ମିଳିଛି। ନାଲୁ ପ୍ରଧାନଙ୍କ ପୁଅ ମେଳି କରି ମଙ୍ଗଳପୁର ଦଳିତ ବର୍ଗଙ୍କୁ ଆକ୍ରମଣ କରୁଥିବା ନେଇ ଅଭିଯୋଗ ଉଠିଛି। ଉକ୍ତ ଘଟଣାକୁ ନେଇ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଏକାଧିକ ମାମଲା ମଧ୍ୟ ରୁଜୁ ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସିଭିଲ ସୋସାଇଟିର ସମ୍ପାଦକ ତଥା ମାନବାଧିକାର କର୍ମୀ ବିଶ୍ୱନାଥ ପାତ୍ର, ମୂଳ ନିବାସୀ ୟୁନାଇଟେଡ୍ ଫ୍ରଣ୍ଟ ସଭାପତି ସହଦେବ ଜେନା, ଭୀମ ଆର୍ମିର ଜଗବନ୍ଧୁ ମଲ୍ଲିକ, ରଞ୍ଜିତ ଜାମୁଡା, ଜଗନ୍ନାଥ ମଳିକ, ସନ୍ଧ୍ୟା ମଳିକ, ଚମ୍ପା ମଳିକ, ବଉଳ ମଳିକଙ୍କ ସହଯୋଗରେ ଦଳିତ ମହିଳାମାନେ ଆଜି ଯାଜପୁରରୋଡ୍ ଥାନା ଗେଟ ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରିଥିଲେ। ଘଟଣାସ୍ଥଳରେ ଯାଜପୁର ରୋଡ୍ ଆଇଆଇସି ଏବଂ ଏସଡିପିଓ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।



**● ଧରାପଡ଼ିଲା ଲଙ୍କା ଗୁଣ୍ଡ ପକାଇ ଟଙ୍କା ଲୁଟ୍ ନାଟକ**

## ନିଜ ଜାଲରେ ନିଜେ ପଡ଼ିଲେ ବ୍ୟବସାୟୀ

କବାଟବନ୍ଧ, ୧୮।୨(ସମିସ): ଜେନାପୁର ଥାନା ଅଞ୍ଚଳରେ ଗତ ୧୬ ତାରିଖରେ ଜଣେ କଦଳୀ ଗୋଦାମ ବ୍ୟବସାୟୀ ତଥା କର୍ମଚାରୀଙ୍କ ଠାରୁ ଟଙ୍କା ଲୁଟ ଘଟଣାର ପର୍ଦାଫାସ କରିଛି ପୁଲିସ। ନିଜେ ଟଙ୍କା ଆତ୍ମସାତ କରି ଲୁଟ୍‌ର ରୂପ ଦେବା ପାଇଁ ଚେଷ୍ଟା କରି ନିଜ ଜାଲରେ ନିଜେ ଛନ୍ଦି ହୋଇଛି ଅଭିଯୁକ୍ତ। ଏନେଇ ଯାଜପୁର ରୋଡ୍ ଏସ୍‌ଡିପିଓ ଶରତ ପାତ୍ର ଏକ ପ୍ରେସ୍‌ମିଟ୍ କରି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଜେନାପୁର ଥାନା ଅଧୀନ କବାଟବନ୍ଧର ହାଡିବନ୍ଧୁ ବେହେରା (କାଳିଆ) ସ୍ଥାନୀୟ ଏଣ୍ଡଲବା ଅଞ୍ଚଳର ବ୍ୟବସାୟୀ ନିରଞ୍ଜନ ମଲ୍ଲିକ ପାଖରେ ମ୍ୟାନେଜର ଭାବେ ଚାକିରି କରିଥିଲେ। ମାଲିକ ନିରଞ୍ଜନ ମଲ୍ଲିକ ସୋମବାର ଅପରାହ୍ନରେ କନ୍ତପଡ଼ା ଛକରେ ଥିବା ବ୍ୟବସାୟ ପ୍ରତିଷ୍ଠାନରୁ ମ୍ୟାନେଜରଙ୍କୁ ନଗଦ ୨ ଲକ୍ଷ ୬୫ ହଜାର ଟଙ୍କା ଡିପୋଜିଟ କରିବା ପାଇଁ ଦେବା ସହିତ ଫୋନ୍ ପେ' ମାଧ୍ୟମରେ ୨୫ହଜାର ଟଙ୍କା ଦେଇଥିଲେ। ମାତ୍ର ୫ ଶହ ମିଟର ଯିବା ପରେ ହାଡିବନ୍ଧୁଙ୍କୁ ରାସ୍ତାରେ ତାଙ୍କୁ ଦୁଇ ଜଣ ଯୁବକ ଲଙ୍କାଗୁଣ୍ଡ ପକାଇ ଟଙ୍କା ନେଇ ଯାଇଥିବା କହିଥିଲେ। ସଙ୍ଗେ ସଙ୍ଗେ ହାଡିବନ୍ଧୁଙ୍କୁ ଚିକିତ୍ସା ପାଇଁ ଧର୍ମଶାଳା ମେଡିକାଲ ପରେ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ବ୍ୟବସାୟୀ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଜେନାପୁର ପୁଲିସ କେସ ନମ୍ବର ୪୧/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚଢ଼େଇଧରା ଫାଣ୍ଡି ଅଧିକାରୀ ମନୋରଞ୍ଜନ ସେଠୀ ତଦନ୍ତକାରୀ ଅଧିକାରୀ ତଦନ୍ତ ଆରମ୍ଭ କରିଥିଲେ। ପୁଲିସ ତଦନ୍ତ ବେଳେ କାଳିଆ କଥାରେ କୌଣସି ତାଳମେଳ ରହି ନ ଥିଲା ଏବଂ ତଦନ୍ତରେ କାଳିଆ ମଧ୍ୟ ପୁଲିସକୁ ସହଯୋଗ ନ କରିବାରୁ ପୁଲିସର ସନ୍ଦେହ ଉପୁଜିଥିଲା। ପୁଲିସ ଥାନାରେ ତାଙ୍କୁ ଅଧିକ ପଚରାଉଚରା ପରେ କାଳିଆ ସତ ମାନିଥିଲେ। ପୁଲିସର ମାରାଥନ ଜେରା ପରେ ନିଜେ ଟଙ୍କା ରଖି ଡକାୟତି ହୋଇଥିବା ନାଟକ ରଚିଥିବା କାଳିଆ ସ୍ୱୀକାର କରିଥିଲେ। ଯାହାକୁ ନେଇ ପୁଲିସ କାଳିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ନଗଦ ୨ ଲକ୍ଷ ୬୫ ହଜାର ଟଙ୍କା ସହିତ ମୋବାଇଲ ଫୋନ, ବାଇକ ସହିତ ଅବଶିଷ୍ଟ ଲଙ୍କା ଗୁଣ୍ଡକୁ ମଧ ଜବତ କରିଛି। ଏ ନେଇ ସାମ୍ବାଦିକ ସମ୍ମିଳନୀ ଜରିଆରେ ପୁଲିସ ସମସ୍ତ ଘଟଣାର ଫର୍ଦ୍ଦଫାସ କରିଛି।

## ଅଲେଖେଶ୍ୱର ପୀଠରେ ଯଜ୍ଞ ଉଦ୍‌ଯାପିତ

ପ୍ରୀତିପୁର, ୧୮।୨(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅଳକୁଣ୍ଡ ସ୍ଥିତ ଅଲେଖେଶ୍ୱର ମହାଦେବ ମନ୍ଦିରରେ ତିନିଦିନ ବ୍ୟାପୀ ରୁଦ୍ରଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇ ଯାଇଛି। ସକାଳେ କଳସ ବୁଡାଯାଇ ତୃତୀୟ ଦିବସର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। ଏହି ତିନିଦିନ ପ୍ରତ୍ୟହ ମହାଦେବ ଅଲେଖେଶ୍ୱରଙ୍କୁ ଅଭିଷେକ କରାଯିବା ସହିତ ଜାଗର ଦିନ ବଡ଼ସିଂହାର ବେଶ ଓ ସନ୍ଧ୍ୟାରୁ ଚଉପ୍ରହରି ନାମ ସଙ୍କୀର୍ତ୍ତନ କରାଯାଇଥିଲା। ମନ୍ଦିର ପୂଜକ ସିଦ୍ଧାର୍ଥ ପତିଙ୍କ ସହିତ ସହଯୋଗୀମାନେ ମନ୍ଦିରରେ ପୂଜାନୀତି ସମ୍ପାଦନ କରିଥିଲେ। ଯଜ୍ଞ ପୁରୋଧା ପଣ୍ଡିତ ଦୁର୍ଲଭାନନ୍ଦ ଶତପଥିଙ୍କ ସମେତ ହୋତାମାନେ ଯଜ୍ଞ କାର୍ଯ୍ୟ ନିର୍ବାହ କରିଥିବା ବେଳେ ମହେନ୍ଦ୍ର ଦାସ କର୍ତ୍ତା ଓ ଜାନକୀ ଦାସ କାସତ୍ତୀ ହୋଇଥିଲେ। ସହସ୍ରାଧିକ ଶ୍ରଦ୍ଧାଳୁ ଶିବରାତ୍ରି ରେ ମହାଦେବ ଅଲେଖେଶ୍ୱରଙ୍କର ଦର୍ଶନ ଲାଭ କରିଥିବା ବେଳେ ସ୍ୱେଚ୍ଛାସେବୀମାନେ ଶୃଙ୍ଖଳିତ ଦର୍ଶନରେ ସହାୟତା କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଗୁଡିକୁ ଅଲେଖେଶ୍ୱର ମନ୍ଦିର ପରିଚାଳନା ସଙ୍ଘର କୋଷାଧ୍ୟକ୍ଷ ସୁଧୀର ଭୂୟାଁ ପରିଚାଳନା କରିଥିଲାବେଳେ ସମ୍ପାଦକ ଘନଶ୍ୟାମ ପାତ୍ର ଓ କାର୍ଯ୍ୟ ନିର୍ବାହୀ ସଦସ୍ୟ ସୁରେନ୍ଦ୍ର ଦାସ, ଦୀନବନ୍ଧୁ ପଣ୍ଡା, ରମେଶ ଧଳ ସହାୟତା କରିଥିଲେ। ସଭାପତି ନାରାୟଣ ଧଳ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କ ସମସ୍ୟା ଆଲୋଚନା ପାଇଁ ସମୟ ମାଗିଲା ସଙ୍ଘ

ପ୍ରୀତିପୁର, ୧୮।୨(ସମିସ): ବିଞ୍ଝାରପୁର ବ୍ଲକରେ ଶିକ୍ଷକମାନେ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ପଡ଼ିଥିବା ବେଳେ ଏହାର ସମାଧାନ ପାଇଁ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ବ୍ୟର୍ଥ ହୋଇଥିବାକୁ ନେଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ବିଞ୍ଝାରପୁର ବ୍ଲକ ଶାଖା ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ସଙ୍ଘ ପକ୍ଷରୁ ଆଜି ଏକ ପ୍ରତିନିଧି ଦଳ ବିଇଓଙ୍କୁ ସାକ୍ଷାତ କରି ମିଳିତ ଆଲୋଚନା ପାଇଁ ଅନୁରୋଧ କରାଯାଇଥିଲା। ପ୍ରକାଶ ଯେ ୨୦୨୫ ସେପ୍ଟେମ୍ବର ମାସରୁ ବିଞ୍ଝାରପୁର. ବ୍ଲକରେ ସ୍ଥାୟୀ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ଖାଲିପଡ଼ିଛି। କାମ ଚଳାଇବା ପାଇଁ ଶ୍ରୀବନ୍ତ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟବ୍ରତ ମିଶ୍ରଙ୍କୁ ବିଦ୍ୟାଳୟ ସହିତ ବିଇଓ ଭାବରେ ଦାୟିତ୍ୱ ନିର୍ବାହ କରିବା ପାଇଁ ବିଭାଗୀୟ ନିର୍ଦ୍ଦେଶନାମା ଜାରି ହୋଇଥିଲା।

ତେବେ ସ୍ଥାନୀ ବିଇଓ ନ ଥିବାରୁ ବ୍ଲକରେ ଶିକ୍ଷକମାନଙ୍କର ସମସ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ବିଦ୍ୟାଳୟ ମାନଙ୍କରେ ପୋଷାକ ବଣ୍ଟନ, ଦଶବର୍ଷିଆ ବଦଳି ଭଳି ସମସ୍ୟା ବିଇଓଙ୍କୁ ବିବାଦୀୟ କରିତୋଳିଛି। ଦଶ ବର୍ଷରୁ ଅଧିକ ସମୟ ଗୋଟିଏ ସ୍କୁଲରେ କାମ କରିଥିବା ବହୁ ଶିକ୍ଷକଙ୍କୁ ନିୟମିତ, ପଦୋନ୍ନତି ଓ ଡେପୁଟେସନ ସମୟକୁ ଢାଲ କରି ସେମାନଙ୍କ ବଦଳି ଟାଳିଦେଇ ଅଫିସର ଜନୈକ କର୍ମଚାରୀ ବେଶ ହାତ ଚିକ୍କଣ କରିଥିବା କଥା ଅଭିଯୋଗ କରାଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଫେଡେରେସନ ବିଞ୍ଝାରପୁର ବ୍ଲକ ଶାଖା ସଭାପତି ରବିନାରାୟଣ ମହାନ୍ତିଙ୍କ ପତ୍ନୀ ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇ ଭେଲୋରକୁ ଚିକିତ୍ସା ପାଇଁ ଯାଇଥିବା ବେଳେ ଉଦ୍ଦେଶ୍ୟମୂଳକ ଭାବରେ ତାଙ୍କର ବଦଳି ସ୍ଥାନର ପୁନର୍ବିଚାରକୁ ଝୁଲାଇ ରଖାଯାଇଛି ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି। ସେହିପରି ପୋଷାକ ବଣ୍ଟନ ଦାୟିତ୍ୱ ନେଇଥିବା ସଂସ୍ଥାମାନେ ମିଥ୍ୟାରେ ସ୍ୱୟଂସହାୟିକା ମୁଖାପିନ୍ଧି ପ୍ରଶାସନକୁ ଭୁଆଁ ବୁଲାଇଛନ୍ତି ବୋଲି ସଙ୍ଘ ତରଫରୁ ଦାବି କରାଯାଇଛି। ଏହି ଭଳି ଶିକ୍ଷକମାନଙ୍କ ବହୁ ସମସ୍ୟା ସମ୍ପର୍କରେ ମିଳିତ ଆଲୋଚନା ପାଇଁ ସଂଘ ପକ୍ଷରୁ ବିଞ୍ଝାରପୁର ବ୍ଲକ ଶାଖା ଉପସଭାପତି ରତନଲାଲ ଭୂୟାଁ, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ସଂଯୋଜକ ସଂଗ୍ରାମ କେଶରୀ ସାମଲ, ସହସମ୍ପାଦକ ଦେବେନ୍ଦ୍ର ନାୟକ, ରଶ୍ମିରଞ୍ଜନ ଧଳ, ମିଡିଆ ସଂଯୋଜକ ବିଦ୍ୟାସାଗର ବେହେରାଙ୍କ ସମେତ ସଙ୍ଘର କର୍ମକର୍ତ୍ତାମାନେ ବିଇଓଙ୍କୁ ଲିଖିତ ଭାବେ ଅନୁରୋଧ କରିଥିଲେ। ବିଇଓ ଶ୍ରୀ ମିଶ୍ର ସଙ୍ଘୀୟ କର୍ମକର୍ତ୍ତା ଅନୁରୋଧର ତ୍ୱରିତ ଶୁଣାଣିକୁ ଏଡ଼ାଇ ଦେଇ ସମୟ ସ୍ଥିର କରି ଜଣାଇବେ ବୋଲି କହିଥିଲେ।

**ରସୁଲପୁର ବ୍ଲକ ୯ ପଞ୍ଚାୟତ ବିଜେଡିର ସାଂଗଠନିକ ବୈଠକ**

## ଧାନକିଣା, ଭତ୍ତା, ଆଇନ ଶୃଙ୍ଖଳାକୁ ନେଇ ବର୍ଷିଲେ ନେତା

କୁଆଖିଆ, ୧୮।୨(ସମିସ)

ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଏବେଠାରୁ ଧର୍ମଶାଳା ବିଜୁ ଜନତା ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଧର୍ମଶାଳା ନିର୍ବାଚନ ମଣ୍ଡଳିରେ ଦେଖାଦେଇଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ପ୍ରସଙ୍ଗ କରି ସାଧାରଣ ଲୋକଙ୍କ ପାଖକୁ ଯିବ ବିଜେଡି। ନିର୍ବାଚନ ପ୍ରତିଶ୍ରୁତି ଅନୁସାରେ ସରକାର ସମସ୍ତଙ୍କୁ ୩୫୦୦ ଟଙ୍କା ଭତ୍ତା ଦେଲେନାହିଁ। ଧାନରେ ବୋନସ ଘୋଷଣା କରିଦେଇ ଚୁପଚାପ୍ ବସିଗଲେ। ଚାଷୀ ମଣ୍ଡିରେ ଚାଷୀ ଧାନ ବିକ୍ରି କରିପାରୁନାହିଁ। କଟ୍‌ନୀ ଛଟ୍‌ନୀ ଏତେ ହେଉଛି ଯେ ଚାଷୀମାନେ ହତାଶ ହେଉଛନ୍ତି। ଡବଲ ଇଞ୍ଜିନ ସରକାର ସବୁ କ୍ଷେତ୍ରରେ ବିଫଳ ବୋଲି ଆଜି ରାହାମ୍ବା ପଞ୍ଚାୟତର କୋଳଥଳ ଠାରେ ଧର୍ମଶାଳା ବିଜେଡିର ଏକ ସାଂଗଠନିକ ବୈଠକରେ ଯୋଗଦେଇ ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ସରକାରୀ ଦଳ ଉପରେ ଖୁବ ବର୍ଷିଥିଲେ। ଧର୍ମଶାଳା ନିର୍ବାଚନ ମଣ୍ଡଳିରେ ବିଧାନସଭା ନିର୍ବାଚନ ପରଠାରୁ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି। ବାଲି, ପଥର ଭଳି ଲଘୁଖଣିଜ ଦ୍ରବ୍ୟ ଖୋଲାଖୋଲି ଲୁଟ୍ ହେଉଥିଲେ ବି ସାଧାରଣ ଲୋକ ଭୟରେ ମୁହଁ ଖୋଲିପାରୁନାହାନ୍ତି। ତେଣୁ ଏବେଠାରୁ ସରକାରଙ୍କ ବିଫଳତାକୁ ନେଇ ଲୋକଙ୍କ ପାଖକୁ ଯିବାକୁ ପ୍ରଣବ ଉପସ୍ଥିତ କର୍ମୀ ଓ ସଂଗଠକ ମାନଙ୍କୁ ପରାମର୍ଶ ଦେଇଥିଲେ। ସାଂଗଠନିକ ବୈଠକ ଆଳରେ ଆଜି ବିଜେଡି ପକ୍ଷରୁ ପଞ୍ଚାୟତ ନିର୍ବାଚନ ପାଇଁ ଆଗୁଆ ପ୍ରସ୍ତୁତି ହୋଇଥିବା କୁହାଯାଉଛି। ପୂର୍ବତନ ଜିଲ୍ଲା ବିଜେଡି ସଭାପତି ନରେଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ପଣ୍ଡା, ଲୋକନାଥ ପଣ୍ଡା, ଧ୍ରୁବାନନ୍ଦ ଦେଓ, ସୂର୍ଯ୍ୟମଣୀ ପଣ୍ଡା, ଅନନ୍ତ ସ୍ୱାଇଁ, ବିମ୍ବାଧର ବିଶ୍ୱାଳ, ଅମୂଲ୍ୟ ଦାସ, ବିକ୍ରମ ନାୟକ, ନିହାର ରଞ୍ଜନ ଦାସ, ଆର୍ତ୍ତତ୍ରାଣ ବେହେରା, ରବୀନ୍ଦ୍ର ପ୍ରତିହାରୀ, ତୀର୍ଥବାସୀ ପଣ୍ଡା, ସମରଜିତ୍ ଦାଶ, ସବ୍ୟସାଚୀ ଦାଶ, ଚୈତନ୍ୟ ଚରଣ ସାହୁ, ଗୋଲଖ ବିହାରୀ ପଣ୍ଡା, ସୁବାସ ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ରାଉତ, ମନୋଜ ରାଉତ, କୁନା ରାଉତ, ବିଶ୍ୱଜ୍ୟୋତି ପତି, ପର୍ଶୁରାମ ଦାସ, ପ୍ରସନ୍ନ ରାଉତ, ଜିତେନ୍ଦ୍ର ନାୟକ, ବିକ୍ରମ ନାୟକ ପ୍ରଭୃତି ବହୁ ସଂଗଠକ, ସରପଞ୍ଚ ଓ ଛାମୁଆକର୍ମୀ ବକ୍ତବ୍ୟ ରଖିଥିଲେ। ଦଳକୁ ସଂଗଠିତ କରି ଆଗାମୀ ପଞ୍ଚାୟତ ନିର୍ବାଚନରେ ସରକାରୀ ଦଳ ସହ ଜୋରଦାର ମୁକାବିଲା ପାଇଁ ଆହ୍ୱାନ ଦେଇଥିଲେ। ଏଥିପାଇଁ ପ୍ରତି ୱାର୍ଡ ଓ ବୁଥରେ କମିଟି ଗଠନ କାର୍ଯ୍ୟ ଶୀଘ୍ର ସାରିବାକୁ ପରାମର୍ଶ ଦିଆଯାଇଥିଲା। ସରକାରୀ ଦଳର ଗୁଣ୍ଡାରାଜ ଓ ଅଗଣତାନ୍ତ୍ରିକ କାର୍ଯ୍ୟକୁ ପ୍ରତି କ୍ଷେତ୍ରରେ ବିରୋଧ କରାଯିବ ଆଜିଠାରୁ ଏହି କାର୍ଯ୍ୟ ଆରମ୍ଭ ହେଲା ବୋଲି ସୁରେନ୍ଦ୍ର ପଣ୍ଡା କହିଥିଲେ। ଶେଷରେ ଅଭୟ ଦାସ ଧନ୍ୟବାଦ ଦେଇଥିଲେ।





NACO
10001/66/2526
OSACS

ଯଦି ଆପଣ ଏଚ୍‌ଆଇଭି ପଜିଟିଭ୍ ତେବେ:

ଯଥାଶୀଘ୍ର ଚିକିତ୍ସା ଆରମ୍ଭ କରିବା ପାଇଁ ନିଜକୁ ନିକଟସ୍ଥ ଏଆରଟି କେନ୍ଦ୍ରରେ ପଞ୍ଜୀକରଣ କରନ୍ତୁ। ମନେ ରଖନ୍ତୁ

- ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଡାକ୍ତର କିଛି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେବେ।
- ରୋଗ ନିର୍ଣ୍ଣୟ ପରେ ଚିକିତ୍ସା ଆରମ୍ଭ ହେବ।
- ଏଆରଟି ବେଳେ ଝାଡ଼ା, ଜ୍ୱର ଏବଂ ଥକ୍କାପଣ ଭଳି କିଛି ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ, କିନ୍ତୁ ସମୟ ସହିତ ସେଗୁଡ଼ିକ ଚାଲିଯାଏ।
- ଯଦି ଆପଣ ଏହି ପାର୍ଶ୍ୱ ପ୍ରତିକ୍ରିୟା ଅନୁଭବ କରନ୍ତି ତେବେ ଆପଣଙ୍କର ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ କିନ୍ତୁ ଆପଣଙ୍କର ଚିକିତ୍ସା ଜାରି ରଖନ୍ତୁ।

ଏଆରଟି ଗ୍ରହଣ କରିବାର ଲାଭ:

1. ଏକ ସୁସ୍ଥ ଏବଂ ଦୀର୍ଘ ଜୀବନ ବଞ୍ଚିବାରେ ସାହାଯ୍ୟ କରେ।
2. CD4 ଗଣନା ବୃଦ୍ଧି ରୋଗ ପ୍ରତିରୋଧକ ଶକ୍ତିରେ ସାହାଯ୍ୟ କରେ।
3. ଭାଇରାଲ୍ ଲୋଡ୍ ହ୍ରାସ ହେବା ଦ୍ୱାରା ହୃଦୟ, ଯକୃତ ଏବଂ ମସ୍ତିଷ୍କ ପରି ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ କ୍ଷତିଗ୍ରସ୍ତ ହୁଏ ନାହିଁ।
4. ଯଦି ଭାଇରାଲ୍ ଭାର ଅଧିକ ନ ଥାଏ ଯୌନ ସମ୍ପର୍କ ସମୟରେ ସଂକ୍ରମଣ ହେବାର ଆଶଙ୍କା କମିଯାଏ, କିନ୍ତୁ ଯୌନ ସମ୍ପର୍କ ସମୟରେ ସର୍ବଦା କଣ୍ଡୋମ ବ୍ୟବହାର କରନ୍ତୁ।
5. କମ୍ ଭାଇରାଲ୍ ଲୋଡରେ ଗର୍ଭାବସ୍ଥାରେ କିମ୍ବା ସ୍ତନ୍ୟପାନ କରାଇବା ସମୟରେ ମା'ଠାରୁ ଶିଶୁକୁ ସଂକ୍ରମଣ ହେବାର ଆଶଙ୍କା କମିଯାଏ।

OIPR-10001/10060/2/25-26/0003

Follow us on : BREAKFREE https://breakfreeindia.org

AIDS Helpline 1097

ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ।

# ‘ସୁଭଦ୍ରା’ ଶକ୍ତି ମେଳା ଦ୍ୱିତୀୟ ଦିବସରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ





ବରଗଡ଼, ୧୮।୨(ସମିସ): ବରଗଡ଼ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଚାଲିଥିବା ‘ସୁଭଦ୍ରା ଶକ୍ତି ମେଳା’ର ଦ୍ୱିତୀୟ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଛି। ଲୋକପ୍ରିୟ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀଙ୍କ ମନଛୁଆଁ ଗୀତରେ ଦର୍ଶକ ଝୁମିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଫେବୃଆରୀ ୨୩ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ପ୍ରତି ସନ୍ଧ୍ୟାରେନାଚଗୀତର ଆସର ଜମିବ। ଏହାସହ ବରଗଡ଼ ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ସନ୍ଧ୍ୟାରେ କିଣାବିକା ଜମୁଛି। ମେଳାରେ ହସ୍ତତନ୍ତ ଓ ହସ୍ତଶିଳ୍ପ ଉତ୍ପାଦର ବିଭିନ୍ନ ଷ୍ଟଲ ଲୋକଙ୍କୁ ବେଶ୍ ଆକର୍ଷିତ କରିଛି। ଏହାସହ ଏସଏଚଜି ମହିଳା ମାନଙ୍କ ହାତ ତିଆରି ବିଭିନ୍ନ ଉତ୍ପାଦର ଭଲ ବିକ୍ରିବଟା ହେଉଛି। ନିଜ ମନ ପସନ୍ଦର ସାମଗ୍ରୀ କିଣିବା ସହ ବିଭିନ୍ନ ପାରମ୍ପରିକ ଓଡ଼ିଆ ଖାଦ୍ୟର ମଜା ନେବା ପାଇଁ ମେଳାରେ ପ୍ରବଳ ଭିଡ଼ ଦେଖା ଦେଇଛି। ମେଳାରେ ‘କୋଶଳି ସାବୁନ’ ଷ୍ଟଲ ଆକର୍ଷଣ ସାଜିଛି। ଏହି ଆୟୁର୍ବେଦିକ ସାବୁନ, ଦେଶୀ ଜିନିଷକୁ ବ୍ୟବହାର କରି ତିଆରି ହୋଇଥିବା ବେଳେ ଲୋକଙ୍କର ପସନ୍ଦ ପାଲଟିଛି। ଏହି ସାବୁନ କିଣିବା ପାଇଁ ‘କୋଶଳି ସାବୁନ’ ଷ୍ଟଲରେ ଭିଡ଼ ଦେଖିବାକୁ ମିଳୁଛି।

**କାମ କଲାନି ସାଇବର ସଚେତନତା** | **ବଢୁଛି ସାଇବର ମାମଲା**

# ୯ ୯୨ ସନ୍ଦେହଜନକ ଆକାଉଣ୍ଟ ଯାଞ୍ଚ କରୁଛି ପୁଲିସ

ବଲାଙ୍ଗିର,୧୮ ।୨(ସମିସ): ବଲାଙ୍ଗିର ଜିଲ୍ଲାର ଦିନକୁଦିନ ବଢ଼ିଚାଲିଛି ସାଇବର ଠକେଇ ମାମଲା ତାଲିକା। ଗତ କିଛି ଦିନ ତଳେ ମାସାଧିକ କାଳ ସାଇବର ପୁଲିସ ପକ୍ଷରୁ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିପାଇଁ ରାଜ୍ୟ ତହବିଲରୁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରାଯାଇଛି। କିନ୍ତୁ ଏହି ମାମଲା କମିବା ବଦଳରେ ବଢି ବଢିଚାଲିଛି। ବଲାଙ୍ଗିରରେ ପ୍ରତିଦିନ ନୂଆ ଉପାୟରେ ସାଇବର ଠକେଇ ଅଭିଯୋଗ ସାମ୍ନାକୁ ଆସୁଥିବାବେଳେ ସାଇବର ପୁଲିସ ଭିତ୍ତିଭୂମି ସେଥିପାଇଁ କେତେ ସଦୃଢ଼ ତାହା ଏକ ବଡ଼ ପ୍ରଶ୍ନ ହୋଇରହିଛି।

ମଙ୍ଗଳବାର ବଲାଙ୍ଗିର ସାଇବର ପୁଲିସ ପାଖରେ ପାଟଣାଗଡ଼ ଅଞ୍ଚଳର ଜଣେ ଯୁବତୀ ୨ ଲକ୍ଷ ୪୩ ହଜାର ଟଙ୍କା ଠକେଇ ହୋଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ନିଯୁକ୍ତି ଆପ୍ ମୋବାଇଲରେ ଡାଉନଲୋଡ କରିବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ପ୍ରାୟ ୨ ଲକ୍ଷ ୪୩ ହଜାର ଟଙ୍କା ପର୍ଯ୍ୟାୟ କ୍ରମେ ଉଠାଣ ହୋଇଚାଲିଥିବା ସେ ଜାଣିବାକୁ ପାଇଥିଲେ। ତାଙ୍କ ମାଆ ମାଛ ବ୍ୟବସାୟୀ କରୁଥିବା ବେଳେ ସେ ଏକ କ୍ଲିନିକ୍‌ରେ କାମ କରନ୍ତି। କେଇ ଘଣ୍ଟା ଭିତରେ ଏତେ ଟଙ୍କା ହରାଇବା ତାଙ୍କ ପାଇଁ ଶକ୍ତ ଧକ୍କା ସଦୃଶ। କେବଳ ଏହି ଯୁବତୀ ନୁହଁନ୍ତି ଏହିଭଳି ଅନେକ ପୀଡ଼ିତ ରହିଛନ୍ତି ଯେଉଁମାନେ କି ଏହିଭଳି ସାଇବର ଠକେର ଶିକାର ହୋଇ ବର୍ଷ ବର୍ଷର ଜମା ଟଙ୍କା ହରାଇଛନ୍ତି। ଏନେଇ ପ୍ରତିଦିନ ବଲାଙ୍ଗିର ସାଇବର ଥାନାରେ ପ୍ରାୟ ୨୦ ରୁ ୨୫ ମାମଲା ରୁଜୁ ହେଉଥିବା ଜଣାପଡ଼ିଛି। ତେବେ ଥରେ ଠକେଇର ଶୀକାର ହେଲେ ପୀଡ଼ିତ ଲିଖିତ ଭାବେ ଅଭିଯୋଗ କରୁଛନ୍ତି। ପୁଲିସ ଅଭିଯୋଗ ପାଇ ମାମଲା ରୁଜୁ କରୁଥିବା ବେଳେ ନିଜ ସମୟାନୁସାରେ ଏହାର ତଦନ୍ତ କରୁଛନ୍ତି। କିନ୍ତୁ ତଦନ୍ତ ପରେ କଣ! ନା ପୁଲିସ ସାଇବର ଠକ କୁ ଠାବ କରିପାରୁଛି ନା ଠକେଇର ଶୀକାର ହେଉଥିବା ପୀଡ଼ିତଙ୍କୁ ତାଙ୍କ ଟଙ୍କା ଫେରାଇପାରୁଛି। ବଲାଙ୍ଗିରରେ ରୁଜୁ ହେଉଥିବା ମାମଲା ଓ ଏହାର ସଫଳତା ହାର ଦେଖିଲେ ମାମଲା ତୁଳନାରେ ସଫଳତା ହାର ବହୁତ କମ। କାହିଁକିନା ବଲାଙ୍ଗିର ସାଇବର ପୁଲିସ ପାଖରେ ଯେଉଁ ଭିତ୍ତିଭୂମି ରହିବା କଥା ତାହା ନ ଥିବା ଜଣାପଡ଼ିଛି। ତେବେ ଗତ କିଛି ଦିନ ତଳେ ସାଇବର ପୁଲିସ ଏକ ମାମଲାରେ ଦୁଇ ଜଣଙ୍କୁ ଗିରଫ କରିଥିଲା। ଏହି ସମୟରେ ପୁଲିସଙ୍କ ସୂଚନା ଅନୁସାରେ ଜିଲ୍ଲାର ୯ ୯୨ ସନ୍ଦେହଜନକ ବ୍ୟାଙ୍କ ଆକାଉଣ୍ଟର ସୂଚନା ମୁଖ୍ୟାଳୟରୁ ପ୍ରଦାନ କରାଯାଇଛି। ଯେଉଁ ବ୍ୟାଙ୍କ ଜମାଖାତା ସାଇବର ଠକେଇର ବ୍ୟବହୃତ ହେଉଥିବାବେଳେ ଏହି ସବୁ ଆକାଉଣ୍ଟକୁ ଯାଞ୍ଚ କରିବା ଏବେ ଦାୟିତ୍ୱ ଏବେ ସାଇବର ପୁଲିସ ହାତରେ ରହିଛି। ଏହି ସବୁ ଭିତରେ କିଛି ଦିନ ତଳେ ସାଇବର ପୁଲିସ ବଲାଙ୍ଗିର ଜିଲ୍ଲାର ପ୍ରାୟ ସବୁ ଥାନା ଅଞ୍ଚଳରେ ଥିବା ସ୍କୁଲ କଲେଜ, ଥାନାରେ ସାଇବର ସଚେତନତା କାର୍ଯ୍ୟକ୍ରମ କରିଥିଲା। ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ସାଇବର ଠକେଇ ସହ ଲଢେଇ କରିବା ପାଇଁ ସଚେତନତା ଏକମାତ୍ର ଅସ୍ତ୍ର ହୋଇଥିବା ବେଳେ ଏହି ସଚେତନତା ପରେ ମଧ୍ୟ ଜିଲ୍ଲା ରେ ସାଇବର ମାମଲା ବୃଦ୍ଧି ପାଇବା ନିଶ୍ଚିତ ଭାବେ ଲୋକଙ୍କ ପାଇଁ ଏକ ବଡ଼ ସମସ୍ୟା । ତେବେ ସାଇବର ମାମଲା ପରିଚାଳନା ପାଇଁ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଠକେଇ ହୋଇଥିବା ଟଙ୍କା ପୀଡ଼ିତଙ୍କୁ ପ୍ରଦାନ କରିବା ବ୍ୟବସ୍ଥା କରିବା ଦିଗରେ ପୁଲିସ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ଅବ୍ୟବସ୍ଥା ଘେରରେ ପଦ୍ମପୁର ସହର

ପଦ୍ମପୁର, ୧୮।୨(ସମିସ)



ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଦିନକୁ ଦିନ ଅବ୍ୟବସ୍ଥା ବଢ଼ି ଚାଲିଥିବାରୁ ନଗରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୁରୁଣା ସ୍ୱୟଂଶାସିତ ସଂସ୍ଥା ହେବା ସତ୍ତ୍ୱେ ସହରରେ ମୌଳିକ ସୁବିଧାର ଅଭାବ ରହିଥିବା ଅଭିଯୋଗ ହୋଇଛି। ବହୁଦିନ ଧରି ରାସ୍ତାଘାଟ ନିର୍ମାଣ ନହୋଇ ଖାଲଖମାରେ ପୁରି ରହିଛି। ଥାନା ଛକରୁ ଅହିଂସା କ୍ଲବ୍ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ଥିବାରୁ ଗମନାଗମନରେ ସମସ୍ୟା ସୃଷ୍ଟି ହେଉଛି। ପ୍ରାୟତଃ ଛୋଟ ବଡ ଦୁର୍ଘଟଣା ଘଟୁଛି। ଭେଉଁରିଆ ଛକରୁ ରାଜାପଡ଼ା ପର୍ଯ୍ୟନ୍ତ ପାର୍କିଂ ସୁବିଧା ନଥିବାରୁ ଟ୍ରାଫିକ୍ ସମସ୍ୟା ଗୁରୁତର ରୂପ ନେଇଛି। ପ୍ରତିଦିନ ଅସଂଖ୍ୟ ଯାତ୍ରୀ ସହିତ ଛାତ୍ରଛାତ୍ରୀ ଏହି ରାସ୍ତାରେ ଯାତାୟାତ କରୁଥିବାରୁ ସୁରକ୍ଷା ନେଇ ଚିନ୍ତା ବୃଦ୍ଧି ପାଇଛି। ଅନ୍ୟପଟେ ଅଙ୍ଗ ନଦୀରୁ ସହରକୁ ପାନୀୟ ଜଳ ଯୋଗାଣ ହେଉଥିବା ବେଳେ ନଦୀର ଆଡିବନ୍ଧ ଠିକ୍ ଭାବେ ବନ୍ଧାଯାଇ ନ ଥିବାରୁ ଆଗାମୀ ଦିନରେ ଉତ୍କଟ ପାନୀୟ ଜଳ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ନେଇ ନଗରବାସୀ ଚିନ୍ତିତ ରହିଛନ୍ତି। ନଗରର ବିଭିନ୍ନ ଡ୍ରେନ୍ ଦୀର୍ଘଦିନ ଧରି ସଫା ହୋଇ ନଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ମଶା ନାଶକ ତେଲ ପକା ଯାଉ ନଥିବା, ବିଭିନ୍ନ ରାସ୍ତାରେ ବ୍ଲିଚିଂ ପାଉଡର ପ୍ରୟୋଗ ମଧ୍ୟ ହେଉ ନଥିବାରୁ ରୋଗ ପ୍ରକୋପ ବଢ଼ିବା ନେଇ ଆଶଙ୍କା ରହିଛି। ପଦ୍ମପୁର ଦୈନିକ ବଜାରକୁ ଭାଙ୍ଗି ନୂତନ ଦୋକାନଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲେ ମଧ ସେଗୁଡିକ ବଣ୍ଟନ ପାଇଁ ସ୍ପଷ୍ଟ ମାନଦଣ୍ଡ ଓ ସାର୍ବଜନୀନ ବିଜ୍ଞପ୍ତି ଜାରି ନାହିଁ। ଏହା ସହ କେତେକ ମୁଷ୍ଟିମେୟ ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲ କରି ରଖିଥିବା ଅଭିଯୋଗ ମଧ ଉଠିଛି। ଏହି ସମସ୍ତ ସମସ୍ୟାର ସମାଧାନ କରି ସହରକୁ ସ୍ୱଚ୍ଛ, ସୁନ୍ଦର ଓ ଜବରଦଖଲ ମୁକ୍ତ କରିବାକୁ ଦାବି କରି ନଗରବାସୀମାନେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ

**ସମସ୍ୟା ସମାଧାନ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ**

ଭାବେ ଅବଗତ କରାଇଛନ୍ତି। ଯଦି ଶୀଘ୍ର ପଦକ୍ଷେପ ଗ୍ରହଣ ନ କରାଯାଏ, ତେବେ ଆଗାମୀ ଦିନରେ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ ହେବ ବୋଲି ଅଜିତ ଶତପଥୀ, ଯୋଗେଶ ସାହୁ, ରସପାଳ ସାହୁ, ଅବିନାଶ ମିଶ୍ର, ନାରାୟଣ ପୁରୋହିତ, ନିରୋଜ ସିହ୍ନା, ରତ୍ନ ବରିହା ପ୍ରମୁଖ ଲିଖିତ ଭାବେ ଚେତାବନୀ ଦେଇଛନ୍ତି।

**ବ୍ୟାଙ୍କରେ ଟଙ୍କା ନାହିଁ**

# ଘଣ୍ଟା ଘଣ୍ଟା ଅପେକ୍ଷା କରି ଗ୍ରାହକ କଲବଲ

କଲମପୁର, ୧୮ ।୨(ସମିସ): ଚଳିତ ବର୍ଷ ଚାଷବାସ ସମୟରେ ଚାଷୀଙ୍କ ହାତରେ ନାହିଁ ଟଙ୍କା, ପୁଣି ବିବାହ ଉତ୍ସବ ସହିତ ଆସନ୍ନ ଯାନିଯାତ୍ରା ପାଇଁ ମୁଣ୍ଡ ଗୋଳମାଳ କରି ପକାଉଛି। ଯେନତେନ ପ୍ରକାରେ ଧାନ ବିକ୍ରୀ ହେଲା, ବିଳମ୍ବରେ ହେଲେ ମଧ ଟଙ୍କା ଆସି ବ୍ୟାଙ୍କରେ ଜମା ହେଲା, ହେଲେ ବ୍ୟାଙ୍କରେ ଟଙ୍କା ନାହିଁ। ଲକ୍ଷ ଲକ୍ଷ ଟଙ୍କା ଜମା ଭିତରୁ ବ୍ୟାଙ୍କ କାହାକୁ ଦୁଇ ହଜାର ତ ପୁଣି କାହାକୁ ତିନି ହଜାର ଦେଇ ସ୍ୱାନ୍ତନା କରୁଛି। କିନ୍ତୁ ଏହି ଟଙ୍କା ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ କୌଣସି କାମରେ ଆସୁନାହିଁ। ଏଭଳି ସମସ୍ୟାରେ କଲମପୁର ଅଞ୍ଚଳର ଚାଷୀମାନେ ପେଶି ହୋଇ ପଡ଼ିଛନ୍ତି। ଏହାର କାରଣ କଣ ଜଣାପଡ଼ି ନ ଥିବା ବେଳେ ମାସ ମାସ ହେବ ଏଭଳି ଅଭିଯୋଗ ଲାଗି ରହିଥିଲେ ମଧ ସମାଧାନ କେବେ ହେବ କାହା ଠାରୁ କିଛି ସୂଚନା ମିଳି ପାରୁନାହିଁ।

ଅଞ୍ଚଳର ଭାରତୀୟ ଷ୍ଟେଟ ବ୍ୟାଙ୍କ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, କେନ୍ଦ୍ର ସମବାୟ ବ୍ୟାଙ୍କରେ ମଧ ସମସ୍ୟା ଲାଗି ରହିଛି। ଟଙ୍କା ବିହୁନେ ଲୋକଙ୍କ ସାଧାରଣ ଜୀବନଯାତ୍ରାରେ ମଧ ଅନେକ ସମସ୍ୟା ଦେଖା ଦେଇଛି। ବ୍ୟାଙ୍କ କାଉଣ୍ଟର ଆଗରେ ଲମ୍ବା ଲମ୍ବା ଲାଇନରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଥିବା ବେଳେ ଅଧା ବାଟରେ ଟଙ୍କା ସରିଗଲେ ପୁଣି ଘରକୁ ନିରାଶରେ ଫେରିବାକୁ ପଡୁଛି। ନିଜ କଷ୍ଟ ଉପାର୍ଜିତ ଧାନ ବିକି କିଏ କେତେ କଣ କାମ କରିବାକୁ ଚିନ୍ତା କରିଥିବା ବେଳେ ବ୍ୟାଙ୍କରେ ଟଙ୍କାର ଅଭାବରୁ ଲୋକ କାମରେ ପ୍ରତିବନ୍ଧକ ସାଜିଛି।ଉର୍ଦ୍ଧ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସ୍ତ୍ରୀର ତଣ୍ଟିଚିପି ହତ୍ୟାକଲା ସ୍ୱାମୀ

କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା,୧୮ ।୨(ସମିସ): ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନା ଜାମପଡ଼ା ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଜାମପଡ଼ା ଗାଁର ବୈଶାଖୁ ରଣା ନିଜ ସ୍ତ୍ରୀ ପୁଷ୍ପାଞ୍ଜଳି ରଣାକୁ ମଙ୍ଗଳବାର ମଧ୍ୟ ରାତିରେ ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ପୁଷ୍ପାଞ୍ଜଳିଙ୍କ ବାପା ଲମ୍ବୋଦର ରଣା ଅଭିଯୋଗ କରିଛନ୍ତି। ଗତ କିଛିବର୍ଷ ହେଲା ଉଭୟ ସ୍ୱାମୀ ସ୍ତ୍ରୀ ମଧ୍ୟରେ ପାରିବାରିକ କଳହ ଲାଗିରହୁଥିବା ବେଳେ



ବିଭିନ୍ନ ସମୟରେ ମଦ୍ୟପାନ କରି ସ୍ତ୍ରୀକୁ ମାଡ଼ ମାରୁଥିଲା ବୈଶାଖୁ। ହେଲେ ମଙ୍ଗଳବାର ରାତିରେ ତଣ୍ଟି ଚିପି ହତ୍ୟା କଲା କରିଛି ବୈଶାଖୁ। ଏହାପରେ ଶଶୁର ଘରକୁ ଫୋନ କରି ତୁମ ଝିଅ ବିଷପିଇ ଦେଇଛି ବୋଲି ଖବର ଦେଇଥିଲା। ସକାଳୁ ମୃତ ମହିଳାଙ୍କ ବାପା ଆସି ଦେଖିଲାବେଳକୁ ତାଙ୍କ ଝିଅର ଗଳାରେ କଳା ଦାଗ ଥିବା ଦେଖି ତଣ୍ଟିଚିପି ହତ୍ୟା କରାଯାଇଛି ବୋଲି ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ବୈଶାଖୁକୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ନେଇ ଟିଟିଲାଗଡ଼ ଏସ୍‌ଡିପିଓ ସୂଚନା ଦେଇଛନ୍ତି।

**ନ୍ୟାୟ ପାଇଁ ଏସ୍‌ପି ଭରସା**

# ଥାନାଧିକାରୀଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ; ଏସ୍‌ପିଙ୍କୁ ପୀଡ଼ିତଙ୍କ ଗୁହାରୀ

ବଲାଙ୍ଗିର,୧୮ ।୨(ସମିସ)

ବଲାଙ୍ଗିର ଜିଲ୍ଲା ପୁଲିସ ଉପରୁ ଉଠୁଛି ଲୋକଙ୍କ ଭରସା। ଠିକ ସମୟରେ ଲୋକଙ୍କୁ ନ୍ୟାୟ ମିଳୁ ନ ଥିବାବେଳେ ଜିଲ୍ଲାରେ ଥିବା ଥାନା ଅଧିକାରୀଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ସିଧାସଳଖ ଏସ୍‌ପିଙ୍କ ଦ୍ୱାରସ୍ଥ ହେଉଛନ୍ତି ସାଧାରଣ ଜନତା। ଗୋଟିଏ ପଟେ ରାଜ୍ୟ ସରକାର ସରକାରୀ ବ୍ୟବସ୍ଥାକୁ ଲୋକଙ୍କ ଘରମୁହଁରେ ପହଞ୍ଚାଇବାକୁ ଚେଷ୍ଟା କରୁଥିବାବେଳେ ପୁଲିସ ବିଭାଗରେ କିନ୍ତୁ ଓଲଟା ଦେଖିବାକୁ ମିଳିଛି। ଏହାର କିଛି ଉଦାହରଣ ବୁଧବାର ବଲାଙ୍ଗିର ଏସ୍‌ପି ଅଫିସରେ ଦେଖିବାକୁ ମିଳିଥିଲା। ଜଣେ ବଡ଼ ଭାଇ ନିଜ ସାନଭାଇଙ୍କ ମୃତଦେହ ଉଦ୍ଧାର ଘଟଣାରେ ନ୍ୟାୟ ପାଇଁ ଦ୍ୱିତୀୟ ଥର ଏସ୍‌ପି କାର୍ଯ୍ୟାଳୟ କୁ ଆସିଥିବା ବେଳେ ଆଉ ଜଣେ ବ୍ୟବସାୟୀଙ୍କ ଦୋକାନ ଚୋରୀ ଘଟଣାର ଅଭିଯୁକ୍ତ ଧରାପଡିବା ପରେ ସେ ସହିଥିବା କ୍ଷତିର ଭରଣା ବିଷୟରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ଉଭୟ ଘଟଣାରେ ଲୋଇସିଂହା ପୁଲିସର ବିଫଳତା ଓ ନ୍ୟାୟ ପ୍ରଦାନରେ ବିଳମ୍ବ ଯୋଗୁଁ ଉଭୟ ଏସ୍‌ପିଙ୍କ ପାଖରେ ଗୁହରୀ କରିବାକୁ ଆସିଥିବା କହିଥିଲେ।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଧୀନ ସାଲେଭଟା ଗାଁର କିଶୋର ମହାପାତ୍ରଙ୍କ ସାନଭାଇ କିସନ ମହାପାତ୍ରଙ୍କ ମୃତଦେହ ଗତ ଜାନୁୟାରୀ ୨୦ ତାରିଖ ସକାଳୁ ଉଦ୍ଧାର ହୋଇଥିଲା। ସାଲେଭଟା ଫାଣ୍ଡିରୁ ମାତ୍ର କିଛି ମିଟର ଦୂରରେ ଥିବା ଏକ ପୋଖରୀ ନିକଟରୁ ଏହି ଶବ ଉଦ୍ଧାର ହୋଇଥିବା ବେଳେ ତାଙ୍କ ମୁହଁ କଳା ପଡିଯାଇଥିଲା। ଆଙ୍ଗୁଠି, ମୁଣ୍ଡ, ପେଟରେ ଆଘାତ ଚିହ୍ନ ରହିଥିଲା। ସେ ଦୁଇ ଦିନ ପୂର୍ବରୁ ନିଖୋଜ ଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ବଡ଼ଭାଇ କିଶୋର ମହାପାତ୍ର ଆରମ୍ଭରୁ ଅଭିଯୋଗ କରିଆସୁଛନ୍ତି। କିନ୍ତୁ ଗୋଟିଏ ମାସ ପରେ ବି ପୁଲିସ ତାଙ୍କୁ କୌଣସି ସ୍ପଷ୍ଟ ଉତ୍ତର ରଖିନାହିଁ କି ମୃତ୍ୟୁ ରହସ୍ୟ ଉପରୁ ପରଦା ହଟାଇ ନାହିଁ। ତେବେ ଏହି ମାମଲା ରେ ସେ ପୁଲିସ ତଦନ୍ତ କୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ବ୍ୟବଚ୍ଛେଦ ରିପୋର୍ଟରେ ଏପଟସେପଟ କରାଯାଇଛି। ଦେହରେ କ୍ଷତାକ୍ତ ଚିହ୍ନ ଥିବା ଦେଖାଯାଉଥିବା ବେଳେ ଭିସେରା ରିପୋର୍ଟରେ କୌଣସି କ୍ଷତି ନ ଥିବା କୁହାଯାଇଛି। ଉକ୍ତ ରିପୋର୍ଟ ମଧ ପୁଲିସ ତାଙ୍କୁ ନଦେଇ ଲୁଚାଇରଖିଥିବା ବେଳେ ମାଗିବା ପରେ ପ୍ରଦାନ କରିଥିବା ସେ କହିଛନ୍ତି।



- ସାଲେଭଟା କିସନ ହତ୍ୟା ମାମଲା ଆଜି ବି ରହସ୍ୟ
- ଦିଗହରା ତଦନ୍ତ, ମାମଲା ଚପାଇବାକୁ ଉଦ୍ୟମ
- ଉଦ୍ଧାର ଚୋରି ସାମଗ୍ରୀ ଫେରାଇବା ପାଇଁ ବ୍ୟବସାୟୀ ଏସ୍‌ପିଙ୍କ ଦ୍ୱାରସ୍ଥ



ଏହା ସହ ଏକ ଗୁରୁତ୍ୱପୂର୍ଣ୍ଣ ସୁରାକ ମଧ ଦେଇଛନ୍ତି। ମୃତ କିସନଙ୍କ ଜ୍ୟାକେଟ, ମୋବାଇଲ ଫୋନ ଓ ଗୋଟିଏ ଚପଲ ଆଜି ପର୍ଯ୍ୟନ୍ତ ପୁଲିସ ଜବତ କରିନାହିଁ। ଏହି ଘଟଣା ରେ ପୁଲିସ ନିକଟରେ ଲାଗିଥିବା ସିସିଟିଭି ଫୁଟେଜକୁ ମଧ ଯାଞ୍ଚ କରି ନ ଥିବା କିଶୋର ଅଭିଯୋଗ କରିଛନ୍ତି। ତେବେ ହତ୍ୟା ପଛରେ ସନ୍ଦେହ ଥିବା ବ୍ୟକ୍ତିମାନେ ସରକାରୀ ଦଳର ନେତାଙ୍କ ଛତ୍ରଛାୟାରେ ଥିବାରୁ ପୁଲିସ ମଧ ପଛଘୁଞ୍ଚା ଦେଉଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ସେ ବୁଧବାର ପୁଣି ଥରେ ଏସପିଙ୍କ ଦ୍ୱାରସ୍ଥ ହେବାସହ ନ୍ୟାୟ ପାଇଁ ଗୁହାରୀ କରିଛନ୍ତି।

ଲୋଇସିଂହାର ଆଉ ଜଣେ ବ୍ୟବସାୟୀ ହେଉଛନ୍ତି ମହମ୍ମଦ ୱାସିକ ଖାନ। ଗତ ଡିସେମ୍ବର ମାସରେ ଲୋଇସିଂହା ବସଷ୍ଟାଣ୍ଡରେ ଥିବା ସୁନା ଗହଣା ଦୋକାନ ଚୋରି ହୋଇଥିଲା। ପ୍ରାୟ ୧୫ ଲକ୍ଷ ଟଙ୍କାର ଗହଣା ଚୋରି ହୋଇଥିବା ବେଳେ ଏହି ମାମଲାରେ ପୁଲିସ କିଛି ଦିନ ତଳେ ୧୦ ଜଣଙ୍କୁ ଗିରଫ କରିବା ସହ ବହୁ ପରିମାଣର ଗହଣା ଉଦ୍ଧାର କରିଥିଲା। ତେବେ ତାଙ୍କ ଦୋକାନରୁ ଚୋରି ହୋଇଥିବା ସାମଗ୍ରୀ ତାଙ୍କୁ ଫେରାଇବା ପାଇଁ ସେ ଦାବି କରିଛନ୍ତି। ଏନେଇ ଏସ୍‌ପିଙ୍କ ଦ୍ୱାରସ୍ଥ ହେବା ସହିତ ଉଦ୍ଧାର ହୋଇଥିବା ସୁନା ଗହଣାକୁ ଚିହ୍ନଟ କରି ତାଙ୍କୁ ପ୍ରଦାନ କରିବାକୁସେ ଅନୁରୋଧ କରିଛନ୍ତି। ଏହି ଘଟଣାରେ ସେ ବହୁ ଆର୍ଥିକ କ୍ଷତି ସହିଥିବା ବେଳେ ଉଦ୍ଧାର ଚୋରି ଗହଣା ହସ୍ତାନ୍ତର କରିବାକୁ ସେ ଦାବି କରିଛନ୍ତି।

ଏହି ଦୁଇ ଘଟଣା କେବଳ ଉଦାହରଣ ମାତ୍ର ଏହିଭଳି ପ୍ରତିଦିନ ଥାନା ଅଧିକାରୀଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ବହୁ ଲୋକ ଏସ୍‌ପିଙ୍କ ଦ୍ୱାରସ୍ଥ ହେଉଥିବା ଦେଖିବାକୁ ମିଳିଛି। ତେବେ ଯଦି ଏସ୍‌ପି ସବୁ ମାମଲା ପାଇଁ ମୁଣ୍ଡ ପୁରାଇବେ ତେବେ ଥାନା ଅଧିକାରୀ ଙ୍କ ଆବଶ୍ୟକତା କ’ଣ ରହିଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ତେବେ ଲୋକଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ କରିବାକୁ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

**ଧନଲକ୍ଷ୍ମୀ ଗୁରୁପାଲି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଦ୍ୱାରା ଉଦ୍‌ଘାଟିତ

ଭେଡେନ, ୧୮।୨(ସମିସ)



ଭେଡେନ ବ୍ଲକ ଅଧୀନ ଅଇଁଲାପାଲି ପଞ୍ଚାୟତ ସ୍ଥିତ ଗୁରୁପାଲି ଗାଁରେ ଅନୁଷ୍ଠିତ ହେବାକୁ ଥିବା ଧନଲକ୍ଷ୍ମୀ ଗୁରୁପାଲି ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁପାଲି ଖେଳପଡ଼ିଆରେ ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜୁ ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଯୋଗ ଦେଇଥିଲେ। ପରେ ବ୍ୟାଟିଂ କରି ସ୍ନେହାଙ୍ଗିନୀ ଖେଳର ଶୁଭାରମ୍ଭ କରିଥିଲେ। ବରିଷ୍ଠନେତା ତଥା ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟା ପଦ୍ମିନୀ ଗଡ଼ତିଆ, ସମିତି ସଭ୍ୟ ତୁଷବନ୍ତ ବେହେରା, ବରିଷ୍ଠନେତା ସୁଶାନ୍ତ ଭୋଇ, କଳାକାର ରଥି କରନ, ଜୟରାମ କରନ, ୱାର୍ଡ ସଭ୍ୟ ସତ୍ୟବାନ ଦାଶ, ପ୍ରଫୁଲ୍ଲ ବେହେରା, ସାହେବ ପଧାନ, ମନୋଜ ବେହେରା, ଡିଲେଶ୍ୱର ବେହେରା, ଅର୍ଜୁନ ବେହେରା, ମହରଗୁ ବେହେରା, ସନ୍ତୋଷ ବେହେରା, ଉତ୍ତମ ବେହେରା, ବିକାଶ ଚନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠିତ କ୍ରିକେଟ ଲିଗରେ ୮ଟି ଗ୍ରୀନ ଗ୍ୟାଲେକ୍ସି, ପାୱାର ହିଟର, ଧନଲକ୍ଷ୍ମୀ ୱାରିୟର, କମାଣ୍ଡୋ ୱାରିୟର, ରେକଡ ବ୍ରେକର, ଏସଡି ହାଟ, କେଜି ଷ୍ଟ୍ରାଇକର, ଟାଇଟନ ୟୁନାଇଟେଡ ଦଳର ଅଂଶଗ୍ରହଣ କରିଥିବା ବେଳେ ଦଳର ମାଲିକ ମାନଙ୍କୁ ମୁଖ୍ୟ ଅତିଥି ସ୍ନେହାଙ୍ଗିନୀ ସମ୍ମାନିତ କରିଥିଲେ। ଉଦଘାଟନୀ ମ୍ୟାଚ ପାୱାର ହିଟର ଦଳ ଓ ଧନଲକ୍ଷ୍ମୀ ୱାରିୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ ଜିତି ପାୱାର ହିଟର ଦଳ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୫୦ରନ ସଂଗ୍ରହ କରିଥିଲା। ଜବାବରେ ଧନଲକ୍ଷ୍ମୀ ୱାରିୟର ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୩୦ରନ କରିଥିଲା। ଫଳରେ ପାୱାର ହିଟର ଦଳ ୨୦ରନରେ ବିଜୟୀ ହୋଇଥିଲା। ମ୍ୟାଚକୁ ଅମ୍ପାୟର ଭାବେ ଯୋଗେଶ୍ୱର ବେହେରା ଓ ରଶ୍ମୀରଞ୍ଜନ ଖେତି ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ମ୍ୟାନ ଅଫ ଦ ମ୍ୟାଚ୍ ପାୱାର ହିଟର ଦଳର ଲିପୁନ ବେହେରା ୧୫ଟି ବଲରେ ୪୮ରନ କରି ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଖେଳର ଧାରାବିବରଣୀ ମନୋଜ ବେହେରା ପ୍ରଦାନ କରିଥିବା ବେଳେ ଜୀତ ତାଣ୍ଡି ଧନ୍ୟବାଦ ପ୍ରଦାନ କରିଥିଲେ। ଖେଳ ପରିଚାଳନାରେ ରୋହିତ ବେହେରା, ଗଙ୍ଗାଧର ବେହେରା, ରାଜେଶ କରନ, ଟିଟୁ ବେହେରା, ପପ୍ପୁ ବେହେରା, ନାରାୟଣ ବେହେରା, ସାନ୍ତୁ ବେହେରା, କରିମ ମେଲ୍ଲି, ବୃନ୍ଦାବନ ଛୁରିଆ, କ୍ଷିର ସିନ୍ଧୁ ତାଣ୍ଡି, ସତ୍ୟ ଛୁରିଆ, ଚୁଡାମଣି ତାଣ୍ଡୀ, ଉମେଶ ଛୁରିଆ, ଜଗା ତାଣ୍ଡୀ ପ୍ରମୁଖ ସହଯୋଗ କରିଥିଲେ।

NACO
10001/66/2526
OSACS

ଯଦି ଆପଣ ଏଚ୍‌ଆଇଭି ପଜିଟିଭ୍ ତେବେ:

ଯଥାଶୀଘ୍ର ଚିକିତ୍ସା ଆରମ୍ଭ କରିବା ପାଇଁ ନିଜକୁ ନିକଟସ୍ଥ ଏଆରଟି କେନ୍ଦ୍ରରେ ପଞ୍ଜୀକରଣ କରନ୍ତୁ। ମନେ ରଖନ୍ତୁ

- ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଡାକ୍ତର କିଛି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେବେ।
- ରୋଗ ନିର୍ଣ୍ଣୟ ପରେ ଚିକିତ୍ସା ଆରମ୍ଭ ହେବ।
- ଏଆରଟି ବେଳେ ଝାଡ଼ା, ଜ୍ୱର ଏବଂ ଥକ୍କାପଣ ଭଳି କିଛି ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ, କିନ୍ତୁ ସମୟ ସହିତ ସେଗୁଡ଼ିକ ଚାଲିଯାଏ।
- ଯଦି ଆପଣ ଏହି ପାର୍ଶ୍ୱ ପ୍ରତିକ୍ରିୟା ଅନୁଭବ କରନ୍ତି ତେବେ ଆପଣଙ୍କର ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ କିନ୍ତୁ ଆପଣଙ୍କର ଚିକିତ୍ସା ଜାରି ରଖନ୍ତୁ।

ଏଆରଟି ଗ୍ରହଣ କରିବାର ଲାଭ:

1. ଏକ ସୁସ୍ଥ ଏବଂ ଦୀର୍ଘ ଜୀବନ ବଞ୍ଚିବାରେ ସାହାଯ୍ୟ କରେ।
2. CD4 ଗଣନା ବୃଦ୍ଧି ରୋଗ ପ୍ରତିରୋଧକ ଶକ୍ତିରେ ସାହାଯ୍ୟ କରେ।
3. ଭାଇରାଲ୍ ଲୋଡ୍ ହ୍ରାସ ହେବା ଦ୍ୱାରା ହୃଦୟ, ଯକୃତ ଏବଂ ମସ୍ତିଷ୍କ ପରି ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ କ୍ଷତିଗ୍ରସ୍ତ ହୁଏ ନାହିଁ।
4. ଯଦି ଭାଇରାଲ୍ ଭାର ଅଧିକ ନ ଥାଏ ଯୌନ ସମ୍ପର୍କ ସମୟରେ ସଂକ୍ରମଣ ହେବାର ଆଶଙ୍କା କମିଯାଏ, କିନ୍ତୁ ଯୌନ ସମ୍ପର୍କ ସମୟରେ ସର୍ବଦା କଣ୍ଡୋମ ବ୍ୟବହାର କରନ୍ତୁ।
5. କମ୍ ଭାଇରାଲ୍ ଲୋଡରେ ଗର୍ଭାବସ୍ଥାରେ କିମ୍ବା ସ୍ତନ୍ୟପାନ କରାଇବା ସମୟରେ ମା’ଠାରୁ ଶିଶୁକୁ ସଂକ୍ରମଣ ହେବାର ଆଶଙ୍କା କମିଯାଏ।

OIPR-10001/10060/2/25-26/0003

Follow us on : BREAKFREE https://breakfreeindia.org

AIDS Helpline 1097 ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ।






## ଆର୍‌ଡିସି କାର୍ଯ୍ୟାଳୟ ଆଗରେ ବିଜେଡିର ଗର୍ଜନ

# 'ଚାଷ କରିଲେ ବିକ୍ରି ନାହିଁ, ପାଠ ପଢ଼ିଲେ ଚାକିରି ନାହିଁ'

ବ୍ରହ୍ମପୁର,୧୮ା୨(ସମିସ):

ଖରିଫ ଧାନକିଣା ସମୟରେ ଚାଷୀକୂଳ ନାହିଁ ନଥିବା ସମସ୍ୟାରେ ଘାଣ୍ଟି ହେଉଛି। ରାଜ୍ୟରେ କଟ୍‌ନୀ ଛଟ୍‌ନୀ ବନ୍ଦ ହେବାର ନାଁ ଧରୁନି। ଟୋକନ ବିଳମ୍ବରେ ଆସୁଛି। ନାମକୁ ମାତ୍ର ମଣ୍ଡି ଖୋଲିଛି। ମିଲ୍ ମାଲିକଙ୍କ ମର୍ଜିରେ ଧାନ କିଣା ଚାଲିଛି। ଫଳରେ ଛାଷୀକୂଳ ହତାଶ ହେଉଛନ୍ତି। ଦିନକୁ ଦିନ ଚାଷୀଙ୍କ ପ୍ରତି ସରକାର ଘୋର ଅବହେଳା କରୁଥିବା ଦର୍ଶାଇ ବିଜୁ ଜନତା ଦଳ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡ଼ିସି)ଙ୍କ କାର୍ଯ୍ୟାଳୟ ଘେରଉ କରାଯାଇଛି। ରାଜ୍ୟ ସରକାରଙ୍କ ଚାଷୀ ମାରଣା ନୀତିକୁ କଡ଼ା ସମାଲୋଚନା କରି ବିକ୍ଷୋଭ ହୋଇଛି। ପରେ ଏକ ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରିଛନ୍ତି। 'ଚାଷ କରିଲେ ବିକ୍ରି ନାହିଁ, ପାଠ ପଢ଼ିଲେ ଚାକିରି ନାହିଁ' ବୋଲି କୁହାଯାଇଛି।

ବିଜୁ ଜନତା ଦଳ ପକ୍ଷରୁ କୁହାଯାଇଛି ଯେ, ଚଳିତବର୍ଷ ଭଲ ଏଫଏକ୍ୟୁ ମାନର ଧାନ ହୋଇଥିଲେ ବି ବି ଚାଷୀମାନଙ୍କ କଟ୍‌ନୀ ଛଟ୍‌ନୀ ବନ୍ଦ ହେଉନି। ୮ରୁ ୧୦କେଜି ପର୍ଯ୍ୟନ୍ତ କଟ୍‌ନୀ ଛଟନୀ କରାଯାଉଛି। ଏପର୍ଯ୍ୟନ୍ତ ପଞ୍ଜିକୃତ ବହୁ ଚାଷୀଙ୍କୁ ଟୋକନ୍ ମିଳିନି। ପଞ୍ଜୀକରଣ ବେଳେ ପ୍ରକୃତ ଚାଷୀ ମଧ୍ୟ ବାଦ୍ ପଡ଼ିଛନ୍ତି। ଜିଲ୍ଲାପାଳ ୮୫ପ୍ରତିଶତ ଧାନ କିଣାଯାଇଥିବା କହୁଥିବା ବେଳେ ଉତ୍ପାଦନର ଅଧା ପଞ୍ଜୀକରଣ କରାଯାଇଛି। ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ କେବଳ ଅଧା ଚାଷୀଙ୍କୁ ହିଁ ଟୋକନ୍ ମିଳିଛି।

**ମିଲର୍ ମର୍ଜିରେ ଚାଲିଛି ମଣ୍ଡି, ସବୁଜାଣି ପ୍ରଶାସନ ଚୁପ୍**

**ଚାଷୀ ସମସ୍ୟା ଭୋଗିଲେ ଦଳ ରାଜରାସ୍ତାକୁ ଓହ୍ଲାଇବ**

ଟୋକନ ମିଳିଥିବା ଅଧା ଚାଷୀଙ୍କଠାରୁ ହିଁ ଧାନ କିଣାଯାଇଛି। ଯାହା ଦୁର୍ଭାଗ୍ୟର ବିଷୟ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ବିଜେଡିର ନେତାମାନେ କହିଛନ୍ତି ଯେ, ଜିଲ୍ଲାରେ କେଉଁଠି ମଣ୍ଡି ନାହିଁ। ମିଲ୍‌ରଙ୍କ ମିଲ୍ ହିଁ ଧାନକିଣା କେନ୍ଦ୍ର। ପ୍ରାଥମିକ ସେବା ସମବାୟ ସମିତିରେ କୌଣସି କାର୍ଯ୍ୟ ହେଉନି। ପରିବହନ, ଅଖା, ସୁତୁଲିର ଖର୍ଚ୍ଚ ସରକାର ଦେଉନାହାନ୍ତି। ମିଲର ମାନଙ୍କ ମର୍ଜିରେ ଧାନକିଣା ଚାଲିଛି। ଧାନକିଣା ସମୟରେ ଛୋଟ ଅଖା ଦିଆଯାଉଛି।




ଫଳରେ ଚାଷୀମାନେ ଉଚିତ ଧାନ ମଣ୍ଡିରେ ବିକ୍ରି କରୁପାରୁନାହାନ୍ତି। ଏହାଦ୍ୱାରା ଚାଷୀମାନେ ମୂଲିଆ ଖର୍ଚ୍ଚ ବହନ କରି ମିଲ୍‌କୁ ନେବାକୁ ବାଧ୍ୟ ହେଉଛନ୍ତି। ବିଜୁ ଜନତା ଦଳର ସରକାର ଥିବା ସମୟରେ ଧାନକିଣାକୁ ବିଶେଷ ଗୁରୁତ୍ୱ ଦିଆଯାଉଥିଲା। ୨୪ଘଣ୍ଟା ମଧ୍ୟରେ ଚାଷୀଙ୍କ ଖାତାକୁ ଟଙ୍କା ଆସୁଥିଲା। ସମ୍ପ୍ରତି ଏଥିରେ ସମସ୍ୟା ଦେଖାଦେଇଛି। ଏପରିକି ଦଳୀୟ ଭିତ୍ତିରେ ପ୍ରାଥମିକତା ଦେଇ ଧାନ କିଣାଯାଉଥିବା ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ବିଜେପି ଦଳର ଆଗଧାଡ଼ିର ନେତାଙ୍କ ଧାନ ପ୍ରଥମେ କିଣାଯାଉଥିବା କୁହାଯାଇଛି। ଫଳରେ ସାଧାରଣ ଚାଷୀ ସମସ୍ୟା ଭୋଗିବା ସହ ସରକାରଙ୍କ ବିଦ୍ୱେଷ ନୀତି ଯୋଗୁ ଚାଷ କାର୍ଯ୍ୟରୁ ମୁହଁ ଫେରାଇବାକୁ ବାଧ୍ୟ ହେଉଥିବା ବିଜୁ ଜନତା ଦଳ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଚାଷୀକୁଳ ପ୍ରତି ସରକାର ବିଶେଷ ଗୁରୁତ୍ୱ ନ ଦେଲେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ନେତାମାନେ ଚେତାବନୀ ଦେଇଛନ୍ତି।

କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର, ମୁଖପାତ୍ର ଲେନିନ୍ ମହାନ୍ତି, ତୁମ୍ବନାଥ ପଣ୍ଡା, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବରିଷ୍ଠ ନେତ୍ରୀ ରୀତାଞ୍ଜଳି ପ୍ରଧାନ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ. ବିବେକ ରେଡ଼୍ଡୀ, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଲତିକା ପ୍ରଧାନ, ସୂର୍ଯ୍ୟମଣି ବୈଦ୍ୟ, ବିଜେଡି ନେତ୍ରୀ ରଞ୍ଜିତା ସାହୁ, ସୁଲକ୍ଷଣା ଗୀତାଞ୍ଜଳି ଦେବୀ, କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତ, ଯୁବନେତା ଅଜୟ ମହାରଣା, ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ, ଯୁବ ବିଜୁ ଜନତା ଦଳ ସଭାପତି ନଚିକେତା ସ୍ୱାଇଁଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ପୁଲିସ୍ ପକ୍ଷରୁ ରକ୍ତଦାନ ଶିବିର: ୬୦ ୟୁନିଟ୍ ସଂଗୃହୀତ

ବ୍ରହ୍ମପୁର,୧୮ା୨(ସମିସ): ବ୍ରହ୍ମପୁର ପୁଲିସ୍ ଜିଲ୍ଲା ପକ୍ଷରୁ ରିଜର୍ଭ ପୁଲିସ୍ କାର୍ଯ୍ୟାଳୟ ନିକଟରେ ଥିବା ଅମରେଶ୍ୱର ମନ୍ଦିର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରକୁ ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର ଓ ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବ୍ରହ୍ମପୁର ପୁଲିସ୍ ଜିଲ୍ଲାର ବିଭିନ୍ନ ଥାନାରେ କାର୍ଯ୍ୟରତ ଓ ରିଜର୍ଭରେ କାର୍ଯ୍ୟରତ ଥିବା ପୁଲିସ୍ ଅଧିକାରୀ ଓ କର୍ମଚାରୀମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିବା ବେଳେ ଅତିଥି ଭାବେ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିବା ଆଇଜି ଶ୍ରୀ ଶେଖର ନିଜେ ରକ୍ତଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରିଜର୍ଭ ଇନ୍ସପେକ୍ଟର ଏମ୍. ଲକ୍ଷ୍ମୀରଞ୍ଜନ, ଆର୍‌ଆଇ ଦୀପକ କୁମାର ପଣ୍ଡା, ସର୍ଜଣ୍ଟ ସୁଧାଂଶୁ ଶେଖର ଦାସଙ୍କ ସମେତ ଜିଲ୍ଲା ହାବିଲଦାର ଓ କନେଷ୍ଟବଳ ସଂଘର ସଭାପତି ନୟନ ଆଚାର୍ଯ୍ୟ, ସମ୍ପାଦକ ପ୍ରଶାନ୍ତ ମହାରର୍ଥାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।



**ରକ୍ତଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କଲେ ଆଇଜି**

# ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ବର୍ଷ ଜେଲ୍

ବ୍ରହ୍ମପୁର,୧୮ା୨(ସମିସ):ସ୍ୱତନ୍ତ୍ରପୋକ୍‌ସୋ କୋର୍ଟ ଜଜ୍ ପ୍ରଣତୀ ପଟ୍ଟନାୟକ ବୁଧବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରି ଅଭିଯୁକ୍ତକୁ ୨୦ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ନୂଆପଲ୍ଲୀ ଗ୍ରାମର ପ୍ରଦୀପ ନାଏକ ଓରଫ୍ ଡୁସା(୨୮)। ଏହା ସହିତ ୧୦ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ରାୟ ଦେଇଛନ୍ତି। ସେହିପରି ପୀଡ଼ିତାଙ୍କୁ ୩ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ କୋର୍ଟ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଟଙ୍କା ପୀଡ଼ିତାଙ୍କୁ ପ୍ରଦାନ କରିବାକୁରାୟରେ ଉଲ୍ଲେଖ କରିଛନ୍ତି। ଜରିମାନ ଅନାଦାୟ ଅତିରିକ୍ତ ଏକ ବର୍ଷ ଜେଲ ଦଣ୍ଡ ନିର୍ଦ୍ଦେଶ ରହିଛି। ଗାଙ୍ଗପୁର ଥାନା ଅଞ୍ଚଳର ରହୁଥିବା ଜଣେ ୮ମ ଶ୍ରେଣୀ ନାବାଳିକା ଛାତ୍ରୀ ୨୦୨୨ ମେ' ୩୦ରେ ନିଖୋଜ ହୋଇଯାଇଥିଲେ। ପରିବାରବର୍ଗ ନାବାଳିକାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ମିଳି ନଥିଲା। ଜୁନ୍ ୧ ତାରିଖ ସକାଳେ ପ୍ରଦୀପ ନାବାଳିକାଙ୍କ ପରିବାରବର୍ଗଙ୍କୁ ଫୋନ୍ କରି ଝିଅକୁ ଭୁବନେଶ୍ୱରରେ ରଖିଥିବା କହିଥିଲା। ପରିବାରବର୍ଗ ତୁରନ୍ତ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ୍ ଫୋନ୍ ଟ୍ରାକିଂ କରି ନାବାଳିକାକୁ ଉଦ୍ଧାର ସହ ପ୍ରଦୀପକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ନାବାଳିକାଙ୍କୁ ଅପହରଣ କରି ବିଭିନ୍ନ ସ୍ଥାନରେ ରଖି ତାଙ୍କ ଅନିଚ୍ଛା ସତ୍ତ୍ୱେ ବାରମ୍ବାର ଦୁଷ୍କର୍ମ କରାଯାଇଥିଲା ବୋଲି ସେ ପୁଲିସ ନିକଟରେ ବୟାନ ଦେଇଥିଲେ। ପୁଲିସ ଅଭିଯୁକ୍ତ ପ୍ରଦୀପଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ବିଚାରଣା ବେଳେ ମୋଟ ୧୨ଜଣ ସାକ୍ଷୀଙ୍କ ବୟାନ୍ ରେକଡର୍ କରାଯାଇଥିଲା। ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଥିବାରୁ କୋର୍ଟ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ରେଳ ଧାରଣରୁ ସ୍ୱାସ୍ଥ୍ୟ ସହାୟିକାଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର,୧୮ା୨(ସମିସ): ଖଡ଼ାସିଙ୍ଗି ଓଭରବ୍ରିଜ ରେଳ ଧାରଣାରୁ ଜଣେ ସ୍ୱାସ୍ଥ୍ୟ ସହାୟିକାଙ୍କ ମୃତଦେହ ଉଦ୍ଧାର କରିଛି ଜିଆରପି ପୁଲିସ। ମୃତ ମହିଳା ଜଣକ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗଜପତି ନଗର ତୃତୀୟ ଲାଇନର ରାଜଲକ୍ଷ୍ମୀ ସାହୁ ଓରଫ ପିଙ୍କି(୪୮)। ଜିଆରପି ପୁଲିସ ମୃତଦେହ ଜବତ କରି ବୁଧବାର ସକାଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚନାମା କରିଛି। ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ପୁଲିସ ଘଟଣାସ୍ଥଳରୁ ଏକ ସ୍କୁଟି, ଚାବି ଓ ମୋବାଇଲ ଜବତ କରିଛି। ଜବତ ମୋବାଇଲର ସିଡ଼ିଆର ଯାଞ୍ଚ କରାଯିବ ବୋଲି ପୁଲିସ କହିଛି।

ସୂଚନାଯୋଗ୍ୟ ଯେ, ରାଜଲକ୍ଷ୍ମୀ ଏମ୍‌କେସିଜି ମେଡିକାଲରେ ଆଉଟସୋର୍ସିଂ ସ୍ୱାସ୍ଥ୍ୟ ସହାୟିକା ଭାବେ କାମ କରୁଥିଲେ। ମଙ୍ଗଳବାର ରାତି ଡ୍ୟୁଟିରେ ଥିଲେ। ରାତିରେ ସେ କୌଣସି କାମରେ ସେଠାରୁ ବାହାରିଯାଇଥିଲେ। ବିଳମ୍ବିତ ରାତିରେ ତାଙ୍କ ମୃତଦେହ ରେଳଧରଣା କଡ଼ରେ ପଡ଼ିଥିବା ବେଳେ ଅନ୍ୟ ଜଣେ ଯୁବକ ଆହତ ହୋଇଥିବା ଖବର ମିଳିଥିଲା। ଆହତ ଯୁବକ ଜଣଙ୍କ ବାବୁଲା ଜେନା (୫୦) ବୋଲି ପୁଲିସ କହିଛି। ତାଙ୍କୁ ଉଦ୍ଧାର କରି ପ୍ରଥମେ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ପୁଲିସ ଏବେ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ଅନ୍ୟପଟେ ବାବୁଲା ସୁସ୍ଥ ହେବା ପରେ ଘଟଣାର ରହସ୍ୟ ଖୋଲିବ ବୋଲି ପୁଲିସ କହିଛି। ଶୁଣିବାକୁ ମିଳୁଛି କି ଗତ କିଛିଦିନ ହେଲା ପିଙ୍କି ଓ ଅନ୍ୟ ଏକ ମହିଳା ମିଶି ବାବୁଲାଙ୍କୁ ନିର୍ଯାତନା ଦେଉଥିଲେ। ଏହି କାରଣକୁ ନେଇ ପିଙ୍କି ଓ ବାବୁଲାଙ୍କ ମଧ୍ୟରେ ଏକାଧିକ ଥର ପାଟିତୁଣ୍ଡ ହୋଇଥିବା ଜଣାପଡ଼ିଛି।



# ଜାଲ୍ ଜାତିଗତ ପ୍ରମାଣପତ୍ର ଯାଞ୍ଚ କମିଟିରେ ଧରାପଡିଲେ ସମିତି ସଭ୍ୟ

- **ମୋଟ ୧୪୬୬ଟି ମାମଲା ମଧ୍ୟରୁ ୬୯୫ଟିର ଶୁଣାଣି ଶେଷ**
- **୫୫୦ଟି ଅଭିଯୋଗର ପୁଲିସ ତଦନ୍ତ ରିପୋର୍ଟକୁ ଅପେକ୍ଷା**
- **ଭର୍ଚୁଆଲରେ ରହି ଶୁଣାଣି କଲେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର**



ବ୍ରହ୍ମପୁର,୧୮ା୨(ସମିସ):

ଜାଲ୍ ଜାତିଗତ ପ୍ରମାଣ ପତ୍ର ଜରିଆରେ ବିଭିନ୍ନ ସରକାରୀ ପଦପଦବୀରେ ଥିବା ତଥା ଅବସର ଗ୍ରହଣ କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଅଭିଯୋଗ ପରେ ଏହାର ରାଜ୍ୟସ୍ତରୀୟ ଯାଞ୍ଚ କମିଟି ଜରିଆରେ ତଦନ୍ତ ଚାଲିଛି। ଦକ୍ଷିଣାଞ୍ଚଳର ଗଞ୍ଜାମ, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡା, ମାଲକାନାଗିରି, କଳାହାଣ୍ଡି ଓ ନବରଙ୍ଗପୁର ଭଳି ୮ଟି ଜିଲ୍ଲାର ମୋଟ ୧୪୬୬ଟି ଅଭିଯୋଗ ରହିଛି। ସେଥିମଧ୍ୟରୁ ୯୧୬ଟି ଅଭିଯୋଗର ପୁଲିସ ତଦନ୍ତ ରିପୋର୍ଟ ଆସି ତାହାର ଶୁଣାଣି କରାଯାଇଛି। ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୯୫ଟି ମାମଲାର ଚୂଡ଼ାନ୍ତ ଫଇସଲା ହୋଇସାରିଛି। ପୁଲିସ ତଦନ୍ତ ଆସିସାରିଥିବା ମୋଟ ୯୧୬ଟି ମାମଲା ମଧ୍ୟରୁ ଅବଶିଷ୍ଟ ୨୨୧ଟି ମାମଲାର ଶୁଣାଣି କରାଯିବାକୁ ଅଛି। ସେପଟେ ୫୫୦ଟି ଅଭିଯୋଗର ପୁଲିସ ତଦନ୍ତ ରିପୋର୍ଟ ଆସିବାକୁ ଥିବା ଜଣାପଡିଛି।

ଆଜି ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ବ୍ରହ୍ମପୁର ସ୍ଥିତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ରାଜ୍ୟସ୍ତରୀୟ ଯାଞ୍ଚ କମିଟିର ଶୁଣାଣି ହୋଇଥିଲା। ଏଥିରେ ୨୩ଟି ମାମଲାର ଶୁଣାଣି କରାଯାଇଥିବା ବେଳେ ଗଜପତି ଜିଲ୍ଲାରୁ ଗୋଟିଏ ଏବଂ ଅବଶିଷ୍ଟ ୨୨ଟି କଳାହାଣ୍ଡି ଜିଲ୍ଲାର ମାମଲା ଥିଲା। ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ଶିକ୍ଷକ, ପ୍ରଧାନ ଶିକ୍ଷକ, ପ୍ରଫେସର, ଫରେଷ୍ଟର, ମୁଖ୍ୟକିରାଣୀ, ରେଳବାଇ କର୍ମଚାରୀ, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଆକାଶବାଣୀ କର୍ମଚାରୀ ଓ ସୁରକ୍ଷା ବଳରେ ନିଯୁକ୍ତି ପାଇଥିବା ଅଭିଯୋଗ ହୋଇଛି। ତେବେ ଆଜି ଅନୁଷ୍ଠିତ ଶୁଣାଣିରେ ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଜଣେ ସମିତି ସଭ୍ୟ ଜାଲ୍ ଜାତିଗତ ପ୍ରମାଣପତ୍ର ଥିବା ସ୍ପଷ୍ଟ ହୋଇଥିଲା। ଯାହାକୁ ନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଞ୍ଚ କମିଟି ପକ୍ଷରୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ସୁପାରିଶ କରାଯାଇଛି।

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ତଥା କମିଟିର ଅଧ୍ୟକ୍ଷ ସଂଗ୍ରାମ କେଶରୀ ମହାପାତ୍ର ଭର୍ଚୁଆଲରେ ଶୁଣାଣି କରିଥିଲେ। ଶୁଣାଣି ବେଳେ ଉଭୟ ଗଜପତି ଓ କଳାହାଣ୍ଡି ଜିଲ୍ଲାର ଦୁଇଜଣ ଅତିରିକ୍ତ ଜିଲ୍ଲାପାଳ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସଚିବ ବୀରସେନ ପ୍ରଧାନ, ଦୁଇ ଜିଲ୍ଲାର ଡିଏସପି, ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ସହକାରୀ ନିର୍ଦ୍ଦେଶକ ଓ ଆରଡିସିଙ୍କ କାର୍ଯ୍ୟାଳୟର ବିଭାଗୀୟ ଉପ ନିର୍ଦ୍ଦେଶକ ଅଶୋକ କୁମାର ଶତପଥି ପ୍ରମୁଖ ଉପସ୍ଥିତ ରହି ମାମଲାର ଶୁଣାଣି କରିଥିଲେ।



# ଭାରୀଯାନ ରାତ୍ରୀ ଜଗୁଆଳିକୁ ଚାପି ଦେଲା

କୁଜଙ୍ଗ,୧୮।୨(ସମିସ): କଟକ ପାରାଦୀପ ରାସ୍ତାର ପଙ୍କପାଳ ନିକଟରେ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ସାଇକଲ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଅଜଣା ଭାରୀଯାନ ପଙ୍କପାଳ ଶ୍ରୀସତ୍ୟସାଇ ଜ୍ଞାନ ବିକାଶ ସ୍କୁଲ୍ ସମ୍ମୁଖରେ ଏହି ସାଇକଲ ଆରୋହୀଙ୍କୁ ଘୋଷାଡ଼ି ଘୋଷାଡ଼ି ରାସ୍ତାରେ ଦଳିଦେଇଥିଲା। ମୃତକ ହେଉଛନ୍ତି ଅଗପାଳ ପଞ୍ଚାୟତର ବଡପାଳ ଗ୍ରାମର ଉତ୍ତମ ଚରଣ ପରିଡ଼ା(୫୮)। ସେ କମଳା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାଇଟ ୱାଚ୍‌ମ୍ୟାନ ଭାବରେ କାର୍ଯ୍ୟ କରନ୍ତି ବୋଲି ସୂଚନା ମିଳିଛି। ଦୁର୍ଘଟଣା ପରେ ମୃତକଙ୍କ ଶରୀର ଏତେ ବିଭତ୍ସ ହୋଇ ଥିଲା ଯେ ସ୍ଥାନୀୟ ଲୋକ ହୋଇଥିଲେ ମଧ୍ୟ ଚିହ୍ନଟ କରିବାକୁ ଦେଢ଼ ଘଣ୍ଟା ପାଖାପାଖି ଲାଗିଥିଲା। ସ୍ଥାନୀୟ ଲୋକ ଜଣା ପଡ଼ିବାରୁ ଉତ୍ୟକ୍ତ ଲୋକଙ୍କ ଦ୍ୱାରା କଟକ ପାରାଦୀପ ରାସ୍ତାରୋକ କରିଥିଲେ। ଖବର ପାଇ କୁଜଙ୍ଗ ପୁଲିସ ଓ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହ ରେଡ୍‌କ୍ରସ ସହାୟତା ଓ ତାଙ୍କ ପୁଅକୁ ନିଯୁକ୍ତିର ପ୍ରତିଶ୍ରୁତି ପରେ ପ୍ରାୟ ଘଣ୍ଟାଏ ପାଖାପାଖି ରାସ୍ତା ଅବରୋଧ ପରେ ପ୍ରତ୍ୟାହୃତ ହୋଇଥିଲା। ଏହି ଆଲୋଚନା ବେଳେ ଅଗପାଳ ସରପଞ୍ଚ ବିପିନ କୁମାର ବିଶ୍ୱାଳଙ୍କ ସହ ଗ୍ରାମର ମୁରବୀ ମାନେ ଥିଲେ। କୁହୁଡ଼ି, ଦ୍ରୁତଗତି ଓ ବେଆଇନ ଭାରୀଯାନ ଯୋଗୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଘରର ଏକମାତ୍ର ରୋଜଗାରକ୍ଷମ ଉତ୍ତମ ଚରଣ



ପରିଡ଼ାଙ୍କ ଦୁର୍ଘଟଣାରେ ମୃତ୍ୟୁ ପରେ ସ୍ତ୍ରୀ ସଲୀଳା ବାଳା ପରିଡ଼ା, ପୁଅ ସମ୍ବିତ ପରିଡ଼ା, ଅମିତ୍ ପରିଡ଼ା ଭାଙ୍ଗି ପଡିଛନ୍ତି।

## ଆଜିଠାରୁ ମାଟ୍ରିକ୍ ପରୀକ୍ଷା

# ଜିଲ୍ଲାର ୯୧ କେନ୍ଦ୍ରରେ ୧୩,୪୧୨ ଛାତ୍ରଛାତ୍ରୀ

ଜଗତସିଂହପୁର,୧୮।୨(ସମିସ): ଆସନ୍ତାକାଲି ଠାରୁ ଆରମ୍ଭ ହେଉଛି ଚଳିତ ଶିକ୍ଷାବର୍ଷର ମାଟ୍ରିକ୍ ପରୀକ୍ଷା। ଏଥିପାଇଁ ଜଗତସିଂହପୁରଶିକ୍ଷାବିଭାଗତରଫରୁପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ମୋଟ ୯୧ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ବେଳେ ଏଏଚ୍‌ଏସ୍‌ସି, ମଧ୍ୟମା ଏବଂ ଏସ୍‌ଓଏସ୍‌ସି ପରୀକ୍ଷାର୍ଥୀଙ୍କୁ ମିଶାଇ ମୋଟ ୧୩,୪୧୨ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସୂଚନା ମିଳିଛି। କୁଜଙ୍ଗ ବ୍ଲକ୍ ଅଞ୍ଚଳରେ ସର୍ବାଧିକ ୧୬ଟି କେନ୍ଦ୍ରରେ ୨୮୬୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ବିରିଡି ବ୍ଲକ୍ ଅଞ୍ଚଳରେ ସର୍ବନିମ୍ନ ୬ଟି କେନ୍ଦ୍ରରେ ୮୩୨ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେହିପରି ତିର୍ତ୍ତୋଲ ବ୍ଲକ୍‌ର ୧୫ କେନ୍ଦ୍ରରେ ୨୦୩୩ ଛାତ୍ରଛାତ୍ରୀ, ଜଗତସିଂହପୁର ବ୍ଲକ୍‌ର ୧୪ କେନ୍ଦ୍ରରେ ୧୯୪୧ ଛାତ୍ରଛାତ୍ରୀ, ଏରସମା

### ପରୀକ୍ଷା ତଦାରଖ ପାଇଁ ୭ଟି ସ୍କ୍ୱାଡ ଗଠନ

ବ୍ଲକ୍‌ର ୧୨ କେନ୍ଦ୍ରରେ ୧୬୮୫ ଛାତ୍ରଛାତ୍ରୀ, ବାଲିକୁଦା ବ୍ଲକ୍‌ର ୧୩ କେନ୍ଦ୍ରରେ ୧୭୮୭ ଛାତ୍ରଛାତ୍ରୀ, ରଘୁନାଥପୁର ବ୍ଲକ୍‌ର ୮ କେନ୍ଦ୍ରରେ ୧୨୫୨ ଛାତ୍ରଛାତ୍ରୀ ଏବଂ ନାଉଗାଁ ବ୍ଲକ୍‌ର ୭ କେନ୍ଦ୍ରରେ ୧୦୨୧ ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ପରୀକ୍ଷା ଦେବେ। ସେହିପରି ପ୍ରତି ବ୍ଲକ୍ ପାଇଁ ଗୋଟିଏ ଲେଖାଏଁ ନୋଡାଲ ସେଣ୍ଟର କରାଯାଇଛି। ବାଲିକୁଦା ବ୍ଲକ୍ ପାଇଁ ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିକୁଦା, ତିର୍ତ୍ତୋଲ ବ୍ଲକ୍ ପାଇଁ ମଣିଚରଣ ସାରଳା ଏକାଡେମୀ, ବିରିଡି ବ୍ଲକ୍ ପାଇଁ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଚାନ୍ଦପୁର, ଏରସମା ବ୍ଲକ୍ ପାଇଁ ଏରସମା ସରକାରୀ ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର ବ୍ଲକ୍ ପାଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଜଙ୍ଗ ବ୍ଲକ୍ ପାଇଁ ବନବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ନାଉଗାଁ ବ୍ଲକ୍ ପାଇଁ ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ରଘୁନାଥପୁର ବ୍ଲକ୍ ପାଇଁ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଥିବା ଜିଲ୍ଲା ଶିକ୍ଷା ବିଭାଗ ସୂତ୍ରରୁ ସୂଚନା ମିଳିଛି। ପରୀକ୍ଷା ତଦାରଖ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୭ଟି ସ୍କ୍ୱାଡ ଗଠନ କରାଯାଇଛି। ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିଥିବା ବେଳେ ବିଡିଓ ଏବଂ ତହସିଲଦାର ମାନଙ୍କୁ ନିଜ ନିଜ ଅଞ୍ଚଳରେ ପରୀକ୍ଷା ତଦାରଖ କରିବା ପାଇଁ ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି।

# ଜାତୀୟ ମାନବାଧିକାର ସାମାଜିକ ନ୍ୟାୟ ପରିଷଦ ସମ୍ମିଳନୀ



ଜଗତସିଂହପୁର,୧୮।୨(ସମିସ): ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଆଲିପିଙ୍ଗଳ ବାଲିଘାଇ ଠାରେ ଜାତୀୟ ମାନବାଧିକାର ସାମାଜିକ ନ୍ୟାୟ ପରିଷଦ ଜିଲ୍ଲା ଶାଖା ପକ୍ଷରୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଚନ୍ଦ୍ରକାନ୍ତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପରିଷଦର ମୁଖ୍ୟ ଉପଦେଷ୍ଟା ଆଇନଜୀବୀ ଅନ୍ତର୍ଯ୍ୟାମୀ ବଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜାତୀୟ ସାଧାରଣ ସମ୍ପାଦକ ସମୀମ୍ ଆରା ମୁସ୍ତାଫା, ସମ୍ମାନିତ ଅତିଥି ଭାବେ ରାଜ୍ୟ ଅଧ୍ୟକ୍ଷ ଡ. ସ୍ୱର୍ଣ୍ଣମୟୀ ରାଉତ, ଓଜେୟୁ ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ଡ. ସୌଦାମିନୀ ଦାଶ ଯୋଗଦେଇ ଲୋକମାନଙ୍କର ମୌଳିକ ଅଧିକାର କିଭଳି କ୍ଷୁଣ୍ଣ ନହେବ ପାଇଁ ସଂଗଠନ ତତ୍ପର ରହିବା ସହିତ ଜଗସିଂହପୁର ଜିଲ୍ଲାରେ ସଂଗଠନକୁ ସୁଦୃଢ଼ କରିବା ସହିତ ସାଧାରଣ ଜନତାଙ୍କ ସେବାକୁ ଜାରି ରଖିବାକୁ ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ ବେହେରା, ଯାଜପୁର ଜିଲ୍ଲା ସଭାପତି ଆଶିଷ ରାଉତ, ପୁରୀ ସଭାପତି ଜୟଶ୍ରୀ ପାତ୍ର, ବୀଣା ଷଡ଼ଙ୍ଗୀ, ଖୋର୍ଦ୍ଧା ସଭାପତି ଦୀନବନ୍ଧୁ ନାଏକ, ଝିଲ୍ଲିରାଣୀ ଜେନା, କଟକ ସଭାପତି ମଞ୍ଜୁ ବେଗମ, ରାଜ୍ୟ ସଭାପତି ଶ୍ରଦ୍ଧାଞ୍ଜଳୀ ଦାସ, ସଂପାଦକ ନୃସିଂହ ଚରଣ ମାନସିଂ, ସାଧାରଣ ସଂପାଦକ ପ୍ରଦୀପ୍ତ କୁମାର ନାୟକ, ବ୍ରହ୍ମପୁରର ଡ. ଟି. ବିଜୟ ରାଓ, ରଘୁନାଥପୁର ବ୍ଲକ ସଭାପତି ଧନଞ୍ଜୟ ମଲ୍ଲିକ, ବିରିଡି ବ୍ଲକ ସଭାପତି ଆଇନଜୀବୀ ଜିତେନ ବେହେରା, ବାଲିକୁଦା ବ୍ଲକ ସଭାପତି ରମେଶ ଦାଶ, ଜିଲ୍ଲା ସାଧରଣ ସଂପାଦକ ରଞ୍ଜନ କୁମାର ଲେଙ୍କା, ମୁଖ୍ୟ ଉପଦେଷ୍ଟା କଲ୍ୟାଣ ସେନ, ଜଗତସିଂହପୁର ସୁଚିସ୍ମିତା ଦାସ, ନାଉଗାଁ ବ୍ରଜକିଶୋର ବେହେରା, ଏରସମା ସଭାପତି ଚନ୍ଦ୍ରଜିତ ଦାସ, ତିର୍ତ୍ତୋଲ ସଭାପତି ରିଆସତ୍ ଉଲ୍ଲା, କୁଜଙ୍ଗ ବ୍ଲକ ସଭାପତି ବିଜୟ କୁମାର ବିଶ୍ୱାଳ, ନିଆଳି ବ୍ଲକ ସଭାପତି ଲକ୍ଷ୍ମୀପ୍ରିୟା ଦାସ, ଦିପ୍ତିରେଖା ସାହୁ ଯୋଗଦେଇଥିଲେ। ସମାଜସେବୀ ଭଗବାନ ସ୍ୱାଇଁ ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ଲିଗାଲ ଆଡଭାଇଜର ଆଇନଜୀବୀ ପ୍ରମିଳା ମହାରାଜ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଏରଡଙ୍ଗା ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପରଲୋକ

ରଘୁନାଥପୁର,୧୮।୨(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତର ସରପଞ୍ଚ ଧର୍ମାନନ୍ଦ ସେଠୀଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକାତୁର ପରିବେଶ ସୃଷ୍ଟି ହୋଇଛି। ସେ ନିତ୍ୟକର୍ମ ସାରିବା ପାଇଁ ଗାଧୁଆଘରକୁ ଯିବା ବେଳେ ହଠାଟ ସେଠାରେ ଗୋଡ଼ ଖସି ଯାଇଥିଲା। ଫଳରେ ତଳେ ପଡ଼ି ପଛ ପାଖର୍ ମୁଣ୍ଡରେ ଗଭୀର ଆଘାତ ଲାଗି କ୍ଷତାକ୍ତ ହୋଇପଡ଼ିଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଜଗତସିଂହପୁର ଜିଲ୍ଲା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଧର୍ମାନନ୍ଦଙ୍କୁ



ମୃତ ଘୋଷଣା କରିଥିଲେ। ତାଙ୍କ ମୃତ ଶରୀରକୁ ପୋଷ୍ଟମର୍ଟମ କରିବା ପରେ ତାଙ୍କ ବାସଭବନକୁ ଅଣାଯାଇଥିଲା। ଏହି ଦୁଃଖଦ ଖବର ପାଇ ତିର୍ତ୍ତୋଲ ବିଧାୟକ ଡ. ରାମାକାନ୍ତ ଭୋଇ, ବ୍ଲକ ବିଜେଡି ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ପୂର୍ବତନ ସମିତିସଭ୍ୟ ତାରାକାନ୍ତ ଜେନା, ଅନ୍ତର୍ଯ୍ୟାମୀ ରାଉତ, ପୂର୍ବତନ ରଘୁନାଥପୁର ଅଧ୍ୟକ୍ଷ ରଜତ କୁମାର ପାତ୍ର, ସରପଞ୍ଚ ସୁଷମା ମଲ୍ଲିକ, ସମିତିସଭ୍ୟା ପୂଜାଲତା ଦାସ ଓ ରଘୁନାଥପୁର ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହି ଧର୍ମାନନ୍ଦଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମପଞ୍ଚାୟତ ପରିକ୍ରମା କରି ଗ୍ରାମ୍ୟ ଶ୍ମଶାନରେ ସତ୍କାର କରାଯାଇଥିଲା। ବଡପୁଅ ବିଶ୍ୱପ୍ରକାଶ ମୁଖାଗ୍ନି ଦେଇଥିବା ବେଳେ ଲିଟା ମହାନ୍ତିଙ୍କ ସହିତ ଗ୍ରାମପଞ୍ଚାୟତର ବହୁତ ଜନସାଧାରଣ ଉପସ୍ଥିତ ଥିଲେ।

● ଲକ୍ଷାଧିକ ଟଙ୍କାର ବ୍ରାଉନସୁଗର ଜବତ

# ବାଲଦିଆର ୩ ବ୍ୟବସାୟୀ ଗିରଫ

ପାରାଦୀପ, ୧୮।୨ (ସମିସ) : ପାରାଦୀପ ଲକ୍ ଥାନା ଅଧୀନ ଚଉମୁହାଣି ନିକଟରୁ ଆଜି ଅପରାହ୍ନରେ ୩ ବ୍ରାଉନସୁଗର ବେପାରୀଙ୍କୁ ପୁଲିସ ଗିରଫ କରିଛି। ଏହି ତିନି ବ୍ୟବସାୟୀ ସ୍ଥାନୀୟ ବାଲଦିଆ ଗ୍ରାମର ବୋଲି ପୁଲିସ ଜାଣିବାକୁ ପାଇଛି। ସେମାନଙ୍କ ଠାରୁ ୨୩ ଗ୍ରାମରୁ ଉଦ୍ଧ୍ୱର୍ ବ୍ରାଉନସୁଗର ଜବତ ହୋଇଛି। ବିକ୍ରମ ପ୍ରଧାନ ଠାରୁ ୮.୬୧, ରଞ୍ଜିତ ପ୍ରଧାନଠାରୁ ୬.୭୪ ଗ୍ରାମ ଓ ବିଶ୍ୱଜିତ ଜେନା ଠାରୁ ୭.୭୪ ଗ୍ରାମ ବ୍ରାଉନସୁଗର ଜବତ ହେବା ସହ ଗୋଟିଏ ମଟରସାଇକଲ ଓ ୩ ଜଣଙ୍କ ଠାରୁ ୩ ଟି ମୋବାଇଲ ଜବତ କରିଛି ପୁଲିସ। ସେମାନେ ଗରାଖଙ୍କୁ ବ୍ରାଉନସୁଗର ବିକ୍ରି କରୁଥିବା ବେଳେ ପୁଲିସ ଗ୍ରାହକ ଭାବେ ଯାଇ ସେମାନଙ୍କୁ କାବୁ କରିଥିଲା। ଏହି ଯୁବକମାନେ ରୀତିମତ ଭାବେ ଏହି ଅଞ୍ଚଳରେ ବ୍ରାଉନସୁଗର ବେପାର କରୁଥିବା ପୁଲିସ ଜାଣିବାକୁ ପାଇଛି। ତେବେ ଏଭଳି ନିଶା କାରବାର ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଶିକ୍ଷିତ ଯୁବକ ମାନେ ଏହି ବ୍ରାଉନସୁଗର ଭଳି ନିଶା ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବା ସେବନ କରିବାକୁ ପସନ୍ଦ କରୁଛନ୍ତି। ଏନେଇ ଥାନାରେ ତିନିଟି ପୃଥକ ମାମଲା ରୁଜୁ କରାଯାଇଛି। ଆସନ୍ତାକାଲି ଏହି ଅଭିଯୁକ୍ତ ମାନଙ୍କ କୋର୍ଟଚାଲାଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

# ଔଷଧ ଦୋକାନ ନାଁ ନେଇ ଅଭିନବ ଠକେଇ

କୁଜଙ୍ଗ,୧୮।୨(ସମିସ): କୁଜଙ୍ଗ ବ୍ଲକ ତଥା ଜିଲ୍ଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠ ରାହାମା ହାଟ ଜନୈକ ପ୍ରତିଷ୍ଠିତ ଔଷଧ ଦୋକାନ ନାଁ ନେଇ ଅଭିନବ ଭାବେ ଠକେଇ କରାଯାଉଥିବା ଅଭିଯୋଗ ହୋଇଛି। ରାହାମା ବଜାର ମଲ୍ଲିକେଶ୍ୱର୍ ମେଡିସିନ ଷ୍ଟୋର ପ୍ରୋପାଇଟର ବିବେକାନନ୍ଦ ମହାନ୍ତି ଏହି ନେଇ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଛନ୍ତି। ସେ ଯାଇଛନ୍ତି କିଛି ଠକ ତାଙ୍କ ନାଁ ନେଇ ମେଡିସିନ କମ୍ପାନୀରୁ ଆମର ଏସି ମେସିନ ସ୍କିମ୍ ଅନୁସାରେ ମିଳିଛି। ମାତ୍ର ଆମର ଦରକାର ନାହିଁ ଓ ୧୭୦୦ ଟଙ୍କା ଫୋନ୍ ପେ' କଲେ ଏସି ମିଳିବ କହି ଲୋକମାନଙ୍କୁ ଠକିଥିବା ସେ ତିର୍ତ୍ତୋଲ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ଏହି ଦୋକାନ ନାଁ ଥିବାରୁ କିଛି ଲୋକ ବିଶ୍ୱାସ ହେଉ କି ଲୋଭ ହେଉ ଟଙ୍କା ଦେଇ ଠକାମୀ ଶିକାର ହୋଇଛନ୍ତି। ଏହିପରି ଫୋନ୍ ବିଭିନ୍ନ ଲୋକଙ୍କ ନିକଟକୁ ଯାଉ ଥିବାରୁ ସେ ପୁଲିସ ନିକଟରେ ଅଭିଯୋଗ କରିବା ସହ ଜନସାଧାରଣ ଗୁଜବରେ ବିଶ୍ୱାସ କରି ଏହି ପରି ଫୋନ୍‌ରେ କାହାକୁ ଟଙ୍କା ନ ଦେବାକୁ ନିବେଦନ କରିଛନ୍ତି।

# ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

ରଘୁନାଥପୁର,୧୮।୨(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ଗ୍ରାମପଞ୍ଚାୟତରେ ରେଢୁଆ ବିସି ବିଦ୍ୟାମନ୍ଦିର ୧୯୭୮ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରେଢୁଆ ବିଜୁ କମ୍ୟୁନିଟି ସେଣ୍ଟର ପରିସରରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ସହପାଠୀଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଅସୁସ୍ଥ ଥିବା ୨ ବନ୍ଧୁ ଅଭୟ ବାରିକ ଓ ରବୀନ୍ଦ୍ର ରାଉତଙ୍କୁ କିଛି ସାହାଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଦିନରେ ଯେଉଁ ସହଯୋଗୀ ମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହେବେ ସେମାନଙ୍କୁ ସାହାଯ୍ୟ ଓ ସହଯୋଗ କରାଯିବ ବୋଲି ଆଲୋଚନା ହେଇଥିଲା। ଏହି ଉତ୍ସବରେ ରବୀନ୍ଦ୍ରନାଥ ବିଶ୍ୱାଳ, ଶରତ ସାହୁ, ଶୈଳେନ୍ଦ୍ର ରାଉତ, ସୁରେଶ ମୁଦୁଲି, ନିମାଇ ବାରିକ, ବିଜୟ ଖଟୁଆ, ବିଜୟ ମହାନ୍ତି, ଚିତ୍ତରଞ୍ଜନ ରାଉତ, ସୁପ୍ରଭା ପ୍ରଧାନ, କନକ ଜେନା, ଜ୍ୟୋତ୍ସ୍ନାମୟୀ ସାମଲ, ସରଳା ମହାନ୍ତି, ଗୌରାଙ୍ଗ ଦଳାଇ, ପ୍ରତିମା ରାଉତ, ପ୍ରମୋଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ ଓ ପରିଚାଳନା କରିଥିଲେ।

# ଗୀତା ଓ ଭାଗବତର ସ୍ୱାଧ୍ୟାୟ ଦିବ୍ୟଚେତନାର ଅଧିକାରୀ କରାଏ'



ଜଗତସିଂହପୁର,୧୮।୨(ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ମଣ୍ଡଳର ସାହାଡା ଗ୍ରାମରେ ଶ୍ରୀଶ୍ରୀ ଗୋପିନାଥଜିଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମହାସମାରୋହରେ ପାଳିତ ହେଉଛି। ଦ୍ୱିତୀୟ ସନ୍ଧ୍ୟାରେ ଶ୍ରୀଗୋପିନାଥ ଦାତବ୍ୟ ଟ୍ରଷ୍ଟର ଅଧ୍ୟକ୍ଷ ଡ. ବଟ କିଶୋର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଣ୍ଡିତ ହୃଷୀକେଶ ସାହୁ କହିଲେ ଯେ ଗୀତା ଓ ଭାଗବତ ହେଉଛି ଅମୂଲ୍ୟ ଗ୍ରନ୍ଥ। ଯାହା ଆମ ଜୀବନକୁ ସରସ ଓ ସୁନ୍ଦର କରି ଗଢି ତୋଳେ। ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଅଭୟ ନାୟକ କହିଲେ ଯେ ଲୀଳା ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କ ମୁଖ ନିସୃତ ବାଣୀ ଯାହା ଶ୍ରୀମଦ୍ ଭଗବଦ୍ ଗୀତା ଓ ଭାଗବତ ଆକାରରେ ଆମ ପାଖରେ ଉପଲବ୍ଧ। ତାକୁ ଦୈନିକ ପାଠକଲେ ଜଣେ ଅବଶ୍ୟ ଦିବ୍ୟଜୀବନର ଅଧିକାରୀ ହୋଇପାରିବ। ଏହି ସଭାକୁ ସଞ୍ଚାଳିତ କରିଥିଲେ ଅଧ୍ୟାପକ ପ୍ରଶାନ୍ତ ଶତପଥି। ସାତଦିନ ବ୍ୟାପୀ ପ୍ରତିଷ୍ଠା ମହୋତ୍ସବର ଦ୍ୱିତୀୟ ଦିବସରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବାଲିକୁଦା ଅଞ୍ଚଳରୁ ଦଶମଣ୍ଡଳ ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ।

● ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଶ୍ରୀରାମ ଇଲେଭେନ୍ ପାରାଦୀପ ଗଡ଼ ଚାମ୍ପିଅନ

ପାରାଦୀପ,୧୮।୨(ସମିସ): ବାବା ବନବିହାରୀ କ୍ରିକେଟ୍ ଟିମ୍ ନରେନ୍ଦ୍ରପୁର ପକ୍ଷରୁ ଆୟୋଜିତ ୩୩ତମ ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ନରେନ୍ଦ୍ରପୁର କ୍ରିକେଟ ପିଚ୍‌ରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ପଞ୍ଚାୟତର ମୋଟ ୧୬ଟି ଟିମ୍ ଭାଗ ନେଇଥିଲେ। ଏହି ଖେଳ ଦୀର୍ଘ ୮ଦିନ ଧରି ଚାଲିଥିଲା। ୧୬ଟି ଟିମ ମଧ୍ୟରୁ ପରାଦୀପ ଗଡ଼ ଓ ଡିଙ୍କିଆ ଫାଇନାଲକୁ ଯାଇଥିଲେ। ଆଜି ଆୟୋଜିତ ଫାଇନାଲ୍ ମ୍ୟାଚରେ ଉଭୟଙ୍କ ମଧ୍ୟରେ ୩ ଟିକିଆ ସିରିଜ୍ ମ୍ୟାଚ କରାଯାଇଥିଲା। ଏଥିରେ ଶ୍ରୀରାମ ଇଲେଭେନ ପରାଦୀପ ଗଡ ୨-୧ରେ ଚାମ୍ପିଅନ ହୋଇଥିଲା। ତେବେ ମ୍ୟାଚ୍‌ରେ ମ୍ୟାନ ଅଫ୍ ଦି ସିରିଜ କୁମାର ବର୍ଣ୍ଣି ହୋଇଥିବା ବେଳେ ମ୍ୟାନ୍ ଅଫ ଦି ମ୍ୟାଚ୍ ଟୁଲୁ ପଣ୍ଡା, ବେଷ୍ଟ ବ୍ୟାଟସମ୍ୟାନ ପିନୁ ପାରାଦୀପ ଗଡ଼ର, ଡିଙ୍କିଆର ବେଷ୍ଟ ବୋଲର ସୁମନ୍ତ କୁମାର ଦାସ ଓ ବେଷ୍ଟ ଫିଲ୍ଡର ବିନୋଦଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଖେଳ ପରିଚାଳନା କରିଥିଲେ ଚନ୍ଦନ ବେହେରା, ସମୀର ଦାସ କରିଥିଲେ। ଉଦଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ସମାଜସେବୀ ଭଗବାନ୍ ସୂତାର ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ଓ ଧାରା ବିବରଣୀ ପାଠ କରିଥିଲେ ବିଶିଷ୍ଟ ସାହିତ୍ୟିକ ବିପିନ୍ କୁମାର ପତି। ଏହି ଖେଳ ଲକ୍ଷ୍ମୀକାନ୍ତ ଡୋରା, ବିଜୟ ପାଣି, ଜୀବନ ସୂତାର, ତୋଫାନ୍, ସୁଧାଂଶୁ ଓ ଗ୍ରାମ ବାସୀଙ୍କ ସହଯୋଗ ରେ ପରିଚାଳିତ ହେଇଥିଲା।



# ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କ ପରଲୋକ

ନାଉଗାଁ,୧୮।୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ହାଟ ସରକାରୀ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଅନାଦି ଚରଣ ପଣ୍ଡା ଙ୍କ ୭୮ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ତାଙ୍କ ବିୟୋଗ ଖବର



ପାଇଁ, ପୂର୍ବତନ ବିଧାୟକ ତଥା ଛାତ୍ର ଜ୍ୟୋତିଷ ଚନ୍ଦ୍ର ଦାସ, ଛାତ୍ର ଜଗନ୍ନାଥ ଧର୍ମ ପ୍ରଚାରକ ତଥା ତିହୁଡା ଗୁରୁକୃପା କୁଟୀରର ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ, ବାବୁରାମ ପରିଡ଼ା, ପ୍ରମୋଦ ସିଂହ, ଗୁନ ଚନ୍ଦ୍ର ଦାସ, ସନ୍ଧ୍ୟାରାଣୀ ଦାସ, ନାଉଗାଁ ପ୍ରେସ୍ କ୍ଲବର ବୈଷ୍ଣବ ରାଉଳ, ମନୋଜ ନାୟକ, ରଶ୍ମି କାନ୍ତ ପାଢ଼ୀ, କୁନା ବାରିକ, ଆଲୋକ କୁମାର ଶିଶୁ, ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ଅନ୍ୟପଟେ ବାଲିସାହି ସ୍ଥିତ ନିଜ ଗ୍ରାମ ଶ୍ମଶାନରେ ତାଙ୍କ ପରିବାର ସଦସ୍ୟ ପ୍ରିୟଜନଙ୍କ ଉପସ୍ଥିତିରେ ବଡ଼ପୁଅ ଦିଲିପ ପଣ୍ଡାଙ୍କ ଦ୍ୱାରା ମୁଖାଗ୍ନି ଦିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# କିଡ୍‌ସ କିଙ୍ଗଡମ୍ ପ୍ଲେ' ସ୍କୁଲର ବାର୍ଷିକୀ ଉତ୍ସବ

ଜଗତସିଂହପୁର,୧୮।୨(ସମିସ): ଜଗତସିଂହପୁର ସହର ସ୍ଥିତ କିଡ୍‌ସ କିଙ୍ଗଡମ୍ ପ୍ଲେ' ସ୍କୁଲର ବାର୍ଷିକ ଉତ୍ସବ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଉତ୍ସବ ଉଦଘାଟନ ପରେ ଅମୂଲ୍ୟ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ନିବେଦିତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଯୋଗଦେଇ ଶିକ୍ଷାଦାନ ସହିତ ଶିଶୁମାନଙ୍କୁ ଭଲ ମଣିଷ ଭାବରେ ଗଢି ତୋଳିବାକୁ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବରେ ମେଜର ଡାକ୍ତର ଧରଣୀଧର ଖୁଣ୍ଟିଆ ଯୋଗଦେଇ ପିଲାକୁ ଗଢ଼ିତୋଳିବାରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ଅର୍ଚ୍ଚନା ସିଂହ ଯୋଗଦେଇ ଗୋଟିଏ ଛାତ ତଳେ ଏକାଠି ଏତେ ଗୁଡିଏ ପିଲାମାନଙ୍କୁ ଶିକ୍ଷାଦାନ କରିବା ସହିତ ସେମାନଙ୍କର ଅନ୍ତର୍ନିହିତ ଗୁଣଗୁଡିକୁ ଲୋକଲୋଚନକୁ ଆଣିବାରେ ବିଦ୍ୟାଳୟର ପ୍ରୟାସ ପ୍ରଶଂଶାଯୋଗ୍ୟ ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଜୟ କୁମାର ରାଉତ ସଭାପତିତ୍ୱ କରିବା ସହିତ ଅଭିଭାବକମାନଙ୍କୁ ପିଲାଙ୍କ ସାଙ୍ଗରେ ପିଲାହୋଇ ଖେଳିବା ପାଠ ପଢ଼ା ନାଚଗୀତ, ଚିତ୍ରାଙ୍କନ ସବୁଥିରେ ସାଥି ହୋଇ ସହଯୋଗ କରିବା ସହିତ ମୋବାଇଲ ଠାରୁ ଦୂରେଇ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ପଦ୍ମିନୀ ଗୋଛାୟତ, ସାନିୟା ଫିର୍ଦୋଷ, ଅନିତା ଜେନା, କିରଣବାଳା ଦାସ, ମଞ୍ଜୁଲତା ଦାସ, ଲକ୍ଷ୍ମୀପ୍ରିୟା ନାୟକ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ନିଶାତ ଆଫ୍ରିନ ଧନ୍ୟବାଦ ଅର୍ପଣ କରିଥିଲେ।



NACO 10001/66/2526 OSACS

ଯଦି ଆପଣ ଏଚ୍‌ଆଇଭି ପଜିଟିଭ୍ ତେବେ:

ଯଥାଶୀଘ୍ର ଚିକିତ୍ସା ଆରମ୍ଭ କରିବା ପାଇଁ ନିଜକୁ ନିକଟସ୍ଥ ଏଆରଟି କେନ୍ଦ୍ରରେ ପଞ୍ଜୀକରଣ କରନ୍ତୁ। ମନେ ରଖନ୍ତୁ

- ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଡାକ୍ତର କିଛି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେବେ।
- ରୋଗ ନିର୍ଣ୍ଣୟ ପରେ ଚିକିତ୍ସା ଆରମ୍ଭ ହେବ।
- ଏଆରଟି ବେଳେ ଝାଡ଼ା, ଜ୍ୱର ଏବଂ ଥକ୍କାପଣ ଭଳି କିଛି ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ, କିନ୍ତୁ ସମୟ ସହିତ ସେଗୁଡ଼ିକ ଚାଲିଯାଏ।
- ଯଦି ଆପଣ ଏହି ପାର୍ଶ୍ୱ ପ୍ରତିକ୍ରିୟା ଅନୁଭବ କରନ୍ତି ତେବେ ଆପଣଙ୍କର ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ କିନ୍ତୁ ଆପଣଙ୍କର ଚିକିତ୍ସା ଜାରି ରଖନ୍ତୁ।

ଏଆରଟି ଗ୍ରହଣ କରିବାର ଲାଭ:

1. ଏକ ସୁସ୍ଥ ଏବଂ ଦୀର୍ଘ ଜୀବନ ବଞ୍ଚିବାରେ ସାହାଯ୍ୟ କରେ।
2. CD4 ଗଣନା ବୃଦ୍ଧି ରୋଗ ପ୍ରତିରୋଧକ ଶକ୍ତିରେ ସାହାଯ୍ୟ କରେ।
3. ଭାଇରାଲ୍ ଲୋଡ୍ ହ୍ରାସ ହେବା ଦ୍ୱାରା ହୃଦୟ, ଯକୃତ ଏବଂ ମସ୍ତିଷ୍କ ପରି ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ କ୍ଷତିଗ୍ରସ୍ତ ହୁଏ ନାହିଁ।
4. ଯଦି ଭାଇରାଲ୍ ଭାର ଅଧିକ ନ ଥାଏ ଯୌନ ସମ୍ପର୍କ ସମୟରେ ସଂକ୍ରମଣ ହେବାର ଆଶଙ୍କା କମିଯାଏ, କିନ୍ତୁ ଯୌନ ସମ୍ପର୍କ ସମୟରେ ସର୍ବଦା କଣ୍ଡୋମ ବ୍ୟବହାର କରନ୍ତୁ।
5. କମ୍ ଭାଇରାଲ୍ ଲୋଡରେ ଗର୍ଭାବସ୍ଥାରେ କିମ୍ବା ସ୍ତନ୍ୟପାନ କରାଇବା ସମୟରେ ମା'ଠାରୁ ଶିଶୁକୁ ସଂକ୍ରମଣ ହେବାର ଆଶଙ୍କା କମିଯାଏ।

OIPR-10001/10060/2/25-26/0003

Follow us on : BREAKFREE https://breakfreeindia.org

AIDS Helpline 1097

ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ।

# ମ୍ୟୁଲ ଆକାଉଣ୍ଟ ଘଟଣାରେ ୧୫ ଗିରଫ, ୮ ଜଣଙ୍କୁ ନୋଟିସ

ଝାରସୁଗୁଡ଼ା, ୧୮।୨(ସମିସ)



ଜିଲ୍ଲାରେ ସାଇବର ଠକଙ୍କ ବିରୋଧରେ ଓଡ଼ିଶା ପୁଲିସ ଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱତନ୍ତ୍ର ଅଭିଯାନ 'ସାଇବର କବଚ'ରେ ଝାରସୁଗୁଡ଼ା ପୁଲିସକୁ ବଡ ସଫଳତା ମିଳିଛି। ଏହି ପରିପ୍ରେକ୍ଷୀରେ ମ୍ୟୁଲ ଆକାଉଣ୍ଟ ଘଟଣାରେ ୧୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠାବ କରାଯାଇଥିବା ପୁଲିସ ତରଫରୁ ସୂଚନା ଦିଆଯାଇଛି। ସନ୍ଦିଗ୍ଧ ବ୍ୟାଙ୍କ ଆକାଉଣ୍ଟରୁ ଟ୍ରାଞ୍ଜାକ୍ସନ ଏବଂ ଠକେଇ ଅଭିଯୋଗରେ ଜିଲ୍ଲାର ୬ଟି ଥାନାଞ୍ଚଳରେ ତଦନ୍ତ କରି ଚଢ଼ଉ କରାହୋଇଥିଲା। ଏଥିରେ ୧୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୮ ଜଣଙ୍କୁ ନୋଟିସ ଜାରି କରାଯାଇଛି।

ଝାରସୁଗୁଡ଼ା ପୁଲିସ ଅନଲାଇନ୍ ଆର୍ଥିକ ଠକେଇରେ ସମ୍ପୃକ୍ତ ଅନେକ ସାଇବର ଠକଙ୍କୁ ସଫଳତାର ସହ ଗିରଫ କରିଥିବା ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ବୁଧବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏପର୍ଯ୍ୟନ୍ତ ୫ କୋଟି ୨୭ ଲକ୍ଷ ଟଙ୍କା ଜବତ ହୋଇଥିବା ପୁଲିସ ତରଫରୁ ସୂଚନା ଦିଆଯାଇଛି। ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆର୍‌ପି) ଏବଂ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ପୋର୍ଟାଲ ମାଧ୍ୟମରେ ପ୍ରାପ୍ତ ମ୍ୟୁଲ୍ ଆକାଉଣ୍ଟ, ଚେକ୍ ଉଠାଣ ଏବଂ ଏଟିଏମ୍ ଉଠାଣର ଟ୍ରାଞ୍ଜାକ୍ସନକୁ ପୁଲିସ ଟ୍ରେସ କରିଥିଲା। ଅଭିଯୁକ୍ତ ମାନଙ୍କୁ ଚିହ୍ନଟ କରିବା ପାଇଁ ଟେକ୍ନିକାଲ ଏବଂ ଡିଜିଟାଲ ପ୍ରମାଣ ସଂଗ୍ରହ କରାହୋଇଥିଲା। ଅଭିଯୁକ୍ତ ମାନଙ୍କ ନିକଟରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ବ୍ୟାଙ୍କ ଦସ୍ତାବେଜ ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ସମେତ ଇଲେକ୍ଟ୍ରୋନିକ୍ ଉପକରଣକୁ ପୁଲିସ ଜବତ କରିଛି। ଏକ ସିଣ୍ଡିକେଟ ମାଧ୍ୟମରେ ସାଧାରଣ ଲୋକଙ୍କୁ ଟଙ୍କାର ଲୋଭ ଦେଖାଇ ଠକୁଥିଲେ। ପ୍ରଥମେ ଲୋକଙ୍କୁ

**୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠାବ**

ତାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ କହିଥାନ୍ତି। ଆକାଉଣ୍ଟ ଖୋଲିବା ପରେ, ସେମାନେ ଉକ୍ତ ଲୋକଙ୍କ ଠାରୁ ପାସବୁକ୍, ଏଟିଏମ୍ କାର୍ଡ ଏବଂ ସେମାନଙ୍କ ନାମରେ ଜାରି ହୋଇଥିବା ସିମ୍ କାର୍ଡ ନିଜ ପାଖରେ ରଖନ୍ତି। ପରେ ମନଇଚ୍ଛା ଟ୍ରାଞ୍ଜାକ୍ସନ କରନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ମ୍ୟୁଲ ଆକାଉଣ୍ଟ ସମ୍ପୃକ୍ତିରେ ଜଣେ ନାବାଳକଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯାଇଥିବା ନେଇ ଏସପି ଶ୍ରୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

# ଗ୍ରୁପ ଲୋନ ଠକେଇ; ୨ ଗିରଫ

ଝାରସୁଗୁଡ଼ା, ୧୮।୨(ସମିସ): ଗ୍ରୁପ ଲୋନ କରାଇଦେବାର ପ୍ରଲୋଭନ ଦେଖାଇ ନିରୀହ ମହିଳାଙ୍କ ଠାରୁ ଠକେଇ କରୁଥିବା ଅଭିଯୋଗରେ୨ଜଣ ଅଭିଯୁକ୍ତଙ୍କୁ ଲଖନପୁର ପୁଲିସ ଗିରଫ କରିଛି। ଏନେଇ ଲଖନପୁର ଥାନା ପରିସରରେ ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଗିରଫ ଅଭିଯୁକ୍ତମାନେ କେନ୍ଦ୍ରାପଡ଼ାର ଜିଲ୍ଲାର ମଧୁସୂଦନ ସ୍ୱାଇଁ (୩୩) ଏବଂ ଝାରସୁଗୁଡ଼ା ଜିଲ୍ଲାର ଗୋକୁଳାନନ୍ଦ ବଗାର(୨୮) ବୋଲି ସୂଚନା ଦିଆଯାଇଛି। ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ୧୧ଟି ବିଭିନ୍ନ ବ୍ୟାଙ୍କର ଏଟିଏମ କାର୍ଡ, ୫ ଟି ପାସବୁକ, ପାନ କାର୍ଡ, ଭୋଟର ଆଇଡି, ୨ ଟି ସ୍ମାର୍ଟ ମୋବାଇଲ ଫୋନ, ୨ ଟି ଜାଲ ଆଧାର କାର୍ଡ, ସାଇବର ଠକେଇ ସହ ଜଡିତ ଅନ୍ୟାନ୍ୟ କାଗଜପତ୍ରର ପୁଲିସ ଜବତ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।



ସୂଚନା ଅନୁଯାୟୀ, ମଧୁସୂଦନ ପୂର୍ବରୁ ଲଖନପୁର ଡାକ୍ତରଖାନାରେ ସୁପରଭାଇଜର ଭାବେ କାମ କରୁଥିବା ବେଳେ ଗୋକୁଳାନନ୍ଦଙ୍କ ସହ ବନ୍ଧୁତା କରିଥିଲା। ନିଜର ପ୍ରକୃତ ପରିଚୟ ଲୁଚାଇ ବାବୁ ଶ୍ରୀଧର ନାୟିକ ନାମରେ ଏକ ଜାଲ୍ ଆଧାର କାର୍ଡ ପ୍ରସ୍ତୁତ କରିଥିଲା। ସେ ବିଭିନ୍ନ ଲୋକଙ୍କୁ ଲୋନ୍ ଯୋଗାଇଦେବା ବାହାନାରେ ଫୋନ୍ କରି 'ପ୍ରୋସେସିଂ ଫି' ନାମରେ ଟଙ୍କା ଗୋକୁଳାନନ୍ଦଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଉଥିଲା। ପରେ ସେହି ଟଙ୍କାକୁ ସେ ଉଠାଇ ନେଉଥିବା ବେଳେ ଗୋକୁଳାନନ୍ଦକୁ କିଛି କମିଶନ ଦେଉଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କ ନାମରେ ୮ଟି ସାଇବର ଠକେଇ ମାମଲାରେ ସମୁଦାୟ ୧୪୦୪୦ ଟଙ୍କାର ଠକେଇ ମାମଲା ସାଇବର କ୍ରାଇମ ପୋର୍ଟାଲରେ ଥିବା ଜଣାପଡ଼ିଛି। ସେମାନଙ୍କର ସମସ୍ତ ବ୍ୟାଙ୍କ ଆକାଉଣ୍ଟର ଯାଞ୍ଚ ପରେ ଏହା ଲକ୍ଷାଧିକ ଟଙ୍କା ହେବାର ଅନୁମାନ କରାଯାଉଛି। ଏହି ରାକେଟ ଏବେ ଝାରସୁଗୁଡ଼ା ଜିଲ୍ଲାରେ ସକ୍ରିୟ ରହିଥିବା ବେଳେ ନିରୀହ ମହିଳା ମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଗ୍ରୁପ ଲୋନ ବାହାନାରେ ଠକେଇ କରୁଥିବାରୁ ଜନସାଧାରଣ ସଚେତନ ରହିବା ପାଇଁ ପୁଲିସ ତରଫରୁ ଅନୁରୋଧ କରାଯାଇଛି। ନିଜର ବ୍ୟାଙ୍କ ଆକାଉଣ୍ଟ, ପାସୱାର୍ଡ, ପାସବୁକ୍, ଏଟିଏମ୍ ତଥ୍ୟ କାହାକୁ ନ ଦେବାକୁ ପୁଲିସ ଅନୁରୋଧ କରିଛି।

# ରେଙ୍ଗାଲି ଜଳଭଣ୍ଡାରରେ ବୁଡି ଛୁଆ ହାତୀର ମୃତ୍ୟୁ

ଦେବଗଡ଼, ୧୮।୨(ସମିସ): ଦେବଗଡ଼ ବନଖଣ୍ଡ ବାରକୋଟ ବନାଞ୍ଚଳ ଠିଆନାଳ ସେକ୍ସନ ଅଧୀନ କୁଲସରା ଗାଁ ନିକଟସ୍ଥ ରେଙ୍ଗାଲି ନଦୀବନ୍ଧ ଜଳରେ ବୁଡି ଛୁଆ ହାତୀର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ହାତୀର ଆନୁମାନିକ ବୟସ ୧ ବର୍ଷରୁ କମ ହୋଇଥିବା ବନଖଣ୍ଡ ଅଧିକାରୀ ରଶ୍ମି ଜୀ ସୂଚନା ଦେଇଛନ୍ତି। ନଦୀବନ୍ଧ ଜଳରାଶିର ପ୍ରାୟ ୧.୫ କିମି ଦୂରରେ ହାତୀର ମୃତଦେହ ଭାସୁଥିବା ସୂଚନା ପାଇ ବନଖଣ୍ଡ ଅଧିକାରୀ ରଶ୍ମି ଜୀ, ଅତିରିକ୍ତ ବନ ସଂରକ୍ଷକ ସ୍ୱାଧୀନତା ସାହାଣୀ ସମେତ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଜଳରାଶି ମଧ୍ୟରୁ ହାତୀର ମୃତଦେହ ଉଦ୍ଧାର କରିଥିଲେ। ପରେ ବାରକୋଟ ବ୍ଲକ ପ୍ରାଣୀଧନ ବିଭାଗ ଡାକ୍ତରଙ୍କ ସହାୟତାରେ ମୃତ ହାତୀର ବ୍ୟବଚ୍ଛେଦ କରିବା ପରେ ପୋତି ଦିଆଯାଇଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣା ପଡ଼ିବ ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଥିବା ବେଳେ ପ୍ରାଥମିକ ତଦନ୍ତରେ ପାଣିରେ ବୁଡିବା କାରଣରୁ ହାତୀର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଇଛି।



# ବନାଞ୍ଚଳରେ ଅଗ୍ନି ନିରାକରଣ ପ୍ରସ୍ତୁତି

ଝାରସୁଗୁଡ଼ା, ୧୮।୨(ସମିସ): ଝାରସୁଗୁଡ଼ା ବନଖଣ୍ଡ ଅଧୀନ ବାଗଡ଼ିହି ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ଅଗ୍ନି ନିରାକରଣ ନିମନ୍ତେ ପୂର୍ବ ପ୍ରସ୍ତୁତି ଅଭ୍ୟାସ ତଥା ସଚେତନତା କାର୍ଯ୍ୟକ୍ରମ ବାଗଡ଼ିହି ବନାଞ୍ଚଳ ଅଧିକାରୀ ଡ.ବନ୍ଦନା ପସାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କିର୍ମିରା ବ୍ଲକ ଉପାଧ୍ୟକ୍ଷ ସାବିତ୍ରୀ ମାଝୀ, ଲଇକେରା ଅଗ୍ନିଶମ କେନ୍ଦ୍ର ଅଧିକାରୀ ଦୟାନିଧି ମାଝି, କିର୍ମିରା ଅଗ୍ନିଶମ କେନ୍ଦ୍ର ଅଧିକାରୀ ପାଉଲୁସ କୁଜୁର, ଲଇକେରା ଉଦ୍ୟାନ ବିଭାଗ ଅଧିକାରୀ ପ୍ରମିଳା ମାରାଣ୍ଡି, ମତ୍ସ୍ୟ ବିଭାଗ ଅଧିକାରୀ ଅଞ୍ଜଳି ବଲ ନାଏକ, କିର୍ମିରା କୃଷି ବିଭାଗର ଅଧିକାରୀ ସୁନୀଲ ସିଂହ ନାଏକ ଏବଂ ବାଗଡ଼ିହି କେନ୍ଦୁପତ୍ର ବିଭାଗର ବନପାଳ ଦୀପ୍ତିମୟୀ ମଲ୍ଲିକ ଉପସ୍ଥିତ ଥିଲେ। ବାଗଡ଼ିହି ବନାଞ୍ଚଳ ଅଧୀନ୨୪ଟି ବନ ସୁରକ୍ଷା ସମିତିର ବନ ସହାୟକ, ବନ ସହାୟିକା, ଜଙ୍ଗଲ ଜଗୁଆଳି, ସଭାପତି, କୋଷାଧ୍ୟକ୍ଷ ଓ ବନବିଭାଗ କର୍ମଚାରୀ ଯୋଗ ଦେଇଥିଲେ। ଡ.ପସାୟତ ଜଙ୍ଗଲରେ କିଭଳି ନିଆଁ ନ ଲାଗିବ ଓ ନିଆଁ ଲାଗିଗଲେ କିଭଳି ସଜାଗରହି ନିଆଁକୁ ପ୍ରତିହତ କରାଯାଇ ପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଶ୍ରୀକୁଜୁର ଏବଂ ମାଝୀ ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେବା ଲାଗି ନିଆଯିବାକୁ ଥିବା ବିଭିନ୍ନ ପଦକ୍ଷେପ ସହ ଆବଶ୍ୟକ ସ୍ଥଳେ ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ କିଭଳି ଭାବେ ସହଯୋଗ ନିଆଯାଇପାରିବ ସେବିଷୟରେ ଆଲୋଚନା କରାଯିବା ସହିତ ଜଙ୍ଗଲ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ। ବନପାଳ ହରେନ୍ଦ୍ର ସାହୁ, ମୁରାରୀ ପ୍ରସାଦ ସାହୁ, ବନରକ୍ଷୀ ସତ୍ୟବ୍ରତ ସାହୁ, ସୋନିରାଣୀ ଦାସ, ସୁନାଦେଇ ମେହେର, ସଙ୍ଗୀତା ନାଏକ, ରାଜକିଶୋର ପାଣିଗ୍ରାହୀ, ଅଗ୍ନିଶମ ବିଭାଗର ଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ।



# ୨ ବାଇକ୍ ମୁହାଁମୁହିଁ ଧକ୍କା, କନିଷ୍ଠ ଯନ୍ତ୍ରୀ ମୃତ, ୨ ଗୁରୁତର

ଦେବଗଡ଼, ୧୮।୨(ସମିସ): ଦେବଗଡ଼ ସହର ଉପକଣ୍ଠର ଜାମୁଣ୍ଡା ଛକ ଠାରେ ବୁଧବାର ସନ୍ଧ୍ୟାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଘଟଣା ସ୍ଥଳରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର ହୋଇଥିବା ଜଣା ପଡ଼ିଛି। ତେବେ ମୃତ ବାଇକ ଆରୋହୀ ଜଣକ ସ୍ଥାନୀୟ ଟିପିଡବ୍ଲ୍ୟୁଓଡିଏଲର କନିଷ୍ଠ ଯନ୍ତ୍ରୀ ଅମିତ ମହାନ୍ତି ବୋଲି ଜଣା ପଡ଼ିଛି। ସେହିପରି ଅନ୍ୟ ଦୁଇ ଗୁରୁତର ହେଲେ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ତାଳକୁଦର ଗାଁର ଶକ୍ତି ବେହେରା ଓ ସଚ୍ଚିଦାନନ୍ଦ ସାହୁ। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟ ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ବୀର ସୁରେନ୍ଦ୍ର ସାଏ ଚାଷୀ ସଂଗଠନ ପକ୍ଷରୁ ବୈଠକ



ବରଗଡ଼, ୧୮।୨(ସମିସ): ସରକଣ୍ଡା ଧାନମଣ୍ଡିରେ ବୀର ସୁରେନ୍ଦ୍ର ସାଏ କୃଷକ ସଂଗଠନର ଚାଷୀ ବୁଧବାର ଏକତ୍ରିତ ହୋଇ ସଭା କରିଛନ୍ତି। ଟାଟା ପାୱାର କମ୍ପାନୀ ମନମୁଖୀ କାମ କରି ଗଭୀର ନଳକୂପର ଲାଇନ୍ ପାଇଁ ବିଲ୍ ସଂଗ୍ରହ କରୁଥିବାରୁ ସଭାରେ କ୍ଷୋଭ ପ୍ରକାଶ କରାଗଲା। ଗତବର୍ଷ ପରି ଚଳିତ ବର୍ଷ ୪୦୦୦ ଟଙ୍କା ବିଦ୍ୟୁତ ବିଲ୍ ଦେବାକୁ ସ୍ଥିର କରାଗଲା। ଦ୍ୱିତୀୟରେ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ତାର ସ୍ଥାୟୀ ସମାଧାନ ନିମନ୍ତେ ଜିରା ନଦୀରେ ବିସ୍ଥାପନ ବିହୀନ ଚେକ ଡ୍ୟାମ କରିବା ପାଇଁ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବାକୁ ନିଷ୍ପତ୍ତି ନିଆଗଲା। ଏନେଇ ଆସନ୍ତା ୨୪ରେ ଜିଲ୍ଲାପାଳଙ୍କ ନିକଟକୁ ଏକ ବାଇକ ରାଲି କରିବାକୁ ସ୍ଥିର କରାଗଲା। ସଭାରେ ଆୟୋଜକ ବୀର ସୁରେନ୍ଦ୍ର ସାଏ କୃଷକ ସଂଗଠନର ସଭାପତି ରବି ପ୍ରଧାନ, ବିଭିନ୍ନ କୃଷକ ସଂଗଠନରୁ ସୁଦାମ ପାତ୍ର, ରମେଶ ମହାପାତ୍ର, ଆଇନ୍ ପରାମର୍ଶଦାତା ଅଜିତ୍ ଶତପଥୀ, ସୁରେଶ ଓ ନିରଞ୍ଜନ, ସୁବାଷ, ତପନ, ଗୌନ୍ତିଆ ସୁନିଲ ବାରିକ, ଜିତୁ ନାଏକ, କମଳାକାନ୍ତ ସା, ଲୋକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ଆଖପାଖ ଅଞ୍ଚଳ ସରକଣ୍ଡା, ଜାମଛାପର, ଜଟଲା, ବାଇପାଲି, ବିଶିପାଲି, ଡୁମ୍ବେରପାଲି, ସାମକଟା, କେନ୍ଦପାଲି, ଚକରକେନ୍ଦ୍ ଆଦି ଗାଁରୁ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ବାଲୁଙ୍କି ଦାଶ ସ୍ମୃତି ପାଠାଗାରର ଜମି ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର

ବରଗଡ଼, ୧୮।୨(ସମିସ): ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ବୁଧବାର ସଂଘ ଅଧୀନରେ ଥିବା ସରକାରୀ ଡାକ୍ତରଖାନା ସମ୍ମୁଖ ବାଲୁଙ୍କି ଦାଶ ସ୍ମୃତି ପାଠାଗାରର ଜମିକୁ ଜନ କଲ୍ୟାଣକାରୀ ଉଦ୍ଦେଶ୍ୟର ବ୍ୟବହାର କରିବା ପାଇଁ ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି। ଏନେଇ ସଂଘର ସଭାପତି ତଥା ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ଆଜି ସଂଘର ଏକ ପ୍ରତିନିଧି ମଣ୍ଡଳି ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ସାକ୍ଷାତକରି ଜମି ହସ୍ତାନ୍ତର କରିଛନ୍ତି।



୧୯୪୬ରେ ତତ୍କାଳୀନ ବରଗଡ଼ର ଭଦ୍ରବ୍ୟକ୍ତି ମାନେ ସହରରେ ଏକ ପାଠାଗାରର ଆବଶ୍ୟକତା ଅନୁଭବ କରି ମାଫିଦାର ଏବଂ ଗୌନ୍ତିଆ ମାନଙ୍କୁ ଜଣାଇଥିଲେ। ସେମାନେ ସରକାରୀ ଡାକ୍ତରଖାନା ସମ୍ମୁଖ ୮ ଡେସିମିଲ ଜମି ଦାନ କରିଥିଲେ। ସେଠାରେ ବାଲୁଙ୍କି ଦାଶ ସ୍ମୃତି ପାଠାଗାର ନିର୍ମିତ ହୋଇଥିଲା। ପାଠାଗାର ପାର୍ଶ୍ୱ ଜମିକୁ ଭଡା ଦିଆଯାଇ ସେଥିରେ ପାଠାଗାର ରକ୍ଷଣାବେକ୍ଷଣ ହେଉଥିଲା। ପରବର୍ତ୍ତୀ ସମୟରେ ସହରର ଯୁବକ ମାନେ ଅଗ୍ରମାମୀ ଯୁବ ସଂଘ ଗଠନ କରି ସେହି ଭବନରେ ଏକତ୍ରିତ ହେଉଥିଲେ। ୧୯୭୫ରେ ଅଗ୍ରମାମୀ ଯୁବକ ସଂଘର ନିଜସ୍ୱ ଭବନ ସ୍ଥାପିତ ହୋଇଥିଲା ଏବଂ ସେହିଠାରେ ପାଠାଗାର ପରିଚାଳିତ ହୋଇଥିଲା। କାଳକ୍ରମେ ଉକ୍ତ ଭବନଟି ମରାମତି ଅଭାବରୁ ବିପଦସଙ୍କୁଳ ହେବାରୁ ୨୦୧୦ରୁ ପାଠାଗାର ବନ୍ଦ ହୋଇଥିଲା। ଉକ୍ତ ଭବନର ପୁନରୁଦ୍ଧାର କିମ୍ବା ପୁନଃ ନିର୍ମାଣ ପାଇଁ ଯୁବକ ସଂଘର ଆର୍ଠିଥକ ସମ୍ବଳ ନଥିଲା। ସ୍ଥାନଟିକୁ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତରିତ କରି ଏକ ପାଠାଗାର କିମ୍ବା ସର୍ବସାଧାରଣଙ୍କ ସୁବିଧା ପାଇଁ ଏକ ଅନୁଷ୍ଠାନ ତିଆରି କରିବାକୁ ସହରର ଅନେକ ପ୍ରତିଷ୍ଠିତ ଓ ବୟୋଜ୍ୟେଷ୍ଠଙ୍କ ସହିତ ପରାମର୍ଶ ପରେ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଗଲା। ନୂତନ ଭବନକୁ ବାଲୁଙ୍କି ଦାଶଙ୍କ ସ୍ମୃତିରକ୍ଷା ପାଇଁ ତାଙ୍କ ନାମରେ ନାମିତ କରାଯାଉ ବୋଲି ଅନୁରୋଧ କରାଯାଇଛି। ସ୍ଥାନୀୟ ବିଧାୟକ ତଥା ସାଂସଦଙ୍କୁ ମଧ୍ୟ ତାଙ୍କର ସହଯୋଗ ପାଇଁ ପ୍ରତିନିଧି ମଣ୍ଡଳି ସାକ୍ଷାତ କରି ଜଣାଇଛନ୍ତି।

# ମହିଳା କମିଶନଙ୍କ ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କର୍ମଶାଳା

ଦେବଗଡ଼, ୧୮।୨(ସମିସ): ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଓ ଦେବଗଡ଼ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବୁଧବାର ତିଳେଇବଣୀ ନୂଆ ବସଷ୍ଟାଣ୍ଡ ପରିସରରେ ମହିଳା ମାନଙ୍କ ପାଇଁ ବ୍ଲକସ୍ତରୀୟ ଆଇନ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ସଦସ୍ୟା ପ୍ରତିଭା ଶତପଥୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ତିଳେଇବଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ତିଳେଇବଣୀ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ପ୍ରିୟଦର୍ଶିନି ମିର୍ଧା, କିଶୋର ନ୍ୟାୟ ପରିଷଦ ସଦସ୍ୟା ଗାୟତ୍ରୀ ଦ୍ୱିବେଦୀ, ଜିଲ୍ଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମରାଣ୍ଡି, ଜିଲ୍ଲା ଓକିଲ ସଂଘ ସଭାପତି ସଚିକାନ୍ତ ଦାସ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବଂଶୀଧର ପାତ୍ର, ଜିତା ଅନୁଷ୍ଠାନର ନିର୍ଦ୍ଦେଶିକା ଅନୁପମା ରାଉତ, ଆଇନ ସେବା ପ୍ରାଧିକରଣର ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ବୁଡା, ଜିଲ୍ଲା ସୂଚନ ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ପ୍ରମୁଖ ଉପସ୍ଥିତ ଥିଲେ। ମହିଳାମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ବିଭିନ୍ନ ଆଇନ ଓ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ ତିଳେଇବଣୀ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ପରିଚାଳନା କରିଥିବା ବେଳେ ବିଭାଗୀୟ ଅଧିକାରୀ ଜ୍ୟୋତ୍ସ୍ନା ତନ୍ତି, ସତ୍ୟବ୍ରତ ବେହେରା, ମୁକ୍ତେଶ୍ୱର ପ୍ରଧାନ, ମନୋଜ ଆଚାର୍ଯ୍ୟ, ସନ୍ତୋଷ ରଥ ଓ ଅସିତ ଦେହୁରି ପ୍ରମୁଖ ସହଯୋଗ କରିଥିଲେ।




# ୬ରୁ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା

ଦେବଗଡ଼, ୧୮।୨(ସମିସ): ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦେବଗଡ଼ ସେବାସଙ୍ଘ ଓ ଜିଲ୍ଲା କ୍ରୀଡା ସଂସଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ଓ ଜିଲ୍ଲା ସ୍ତରୀୟ କବାଡି ପ୍ରତିଯୋଗିତାର ଚଳିତ ବର୍ଷ ଦ୍ୱିତୀୟ ସଂସ୍କରଣ ଆସନ୍ତା ମାର୍ଚ୍ଚ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏନେଇ ବୁଧବାର ଆୟୋଜକ ସଙ୍ଘ ପକ୍ଷରୁ ରୌନକ ପ୍ଲାଜା ଠାରେ ସେବା ସଙ୍ଘ ସଭାପତି ଧର୍ମେନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ବଛାବଛା ୮ଟି କବାଡି ଦଳ ସହ ଜିଲ୍ଲା ସ୍ତରରେ ମଧ୍ୟ ୮ଟି ଦଳକୁ ନେଇ ଲିଗ ପର୍ଯ୍ୟାୟରେ ମ୍ୟାଚ୍ ଆୟୋଜନ କରାଯିବ ଏବଂ ଓଡ଼ିଶା କବାଡି ସଙ୍ଘ ମାନ୍ୟତା ପ୍ରାପ୍ତ ରେଫରୀଙ୍କୁ ନିୟୋଜିତ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସ୍ଥାନୀୟ ରାଜା ବାସୁଦେବ ହାଇସ୍କୁଲ ପଡ଼ିଆରେ ପ୍ରତିଯୋଗିତା ଆୟୋଜିତ ହେବ। ପ୍ରତିଯୋଗିତା ଆୟୋଜନ ପାଇଁ ଗତ ବର୍ଷର କମିଟି ସଦସ୍ୟ ରହିଥିବା ବେଳେ କେବଳ ଉପ ସଭାପତି ପଦବୀରେ ସୁଶୀଲ ନାୟକ ଓ ସମ୍ପାଦକ ଭାବେ ଅଭିନାଶ ପ୍ରଧାନକୁ ମନୋନୀତ କରାଯାଇଥିଲା। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ସୁରେନ ନାୟକ, ସହ କୋଷାଧ୍ୟକ୍ଷ ଶାଶ୍ୱତ ନନ୍ଦ, ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ, ପୂର୍ବତନ ଖେଳାଳି ପ୍ରଦୀପ ଅମାନ୍ତ, ଶିଶିର ବେହେରା, ହୀରାଧର ରଞ୍ଜିତ, ପ୍ରତାପ ପାତ୍ର, ଗୋଲବଦନ ବେହେରା, ଆଲୋକ ଅମାନ୍ତ, ଆଲୋକ ପାତ୍ର, ପ୍ରଭାତ ସାହୁ, ଦୀପକ ଦାସ, ଲିଙ୍ଗରାଜ ବିଶ୍ୱାଳ, ବିକାଶ ଦେବ, ପିଣ୍ଟୁ ଦେବ, ଅରୁଣ ଭଞ୍ଜଙ୍କ ସମେତ ଦେବଗଡ଼ ସେବା ସଙ୍ଘର ବହୁ ସଦସ୍ୟ ଓ ଖେଳାଳି ଉପସ୍ଥିତ ଥିଲେ।

**କେସିସିଏଲ୍ ପ୍ରୋଜେକ୍ଟ ଅଧିକାରୀଙ୍କ ଦାଦାଗିରି ଅଭିଯୋଗ**

# ତିନି ଶ୍ରମିକ ସଂଗଠନର ଆନ୍ଦୋଳନ ଚେତାବନୀ

ଇବଥର୍ମାଲ, ୧୮।୨(ସମିସ)



ଏମସିଏଲ ଲଖନପୁର କୋଇଲା କ୍ଷେତ୍ର ଆଇଏଲ୍‌ବିଏଲ୍ କୋଇଲା ଖଣିରେ କାମକରୁଥିବା କେସିସିଏଲ୍ ଠିକା କମ୍ପାନୀର ମନମୁଖୀ ଶାସନ ଓ ଏହାର ପ୍ରୋଜେକ୍ଟ ମୁଖ୍ୟଙ୍କ ଦାଦାଗିରି ବିରୁଦ୍ଧରେ ଗୁରୁତର ଅଭିଯୋଗ ହୋଇଛି। ପ୍ରୋଜେକ୍ଟ ଅଧିକାରୀ କମଲେଶ ଦ୍ୱିବେଦୀଙ୍କୁ ତୁରନ୍ତ ଏଠାରୁ ହଟାଯିବାକୁ ଶ୍ରମିକ ସଂଗଠନ ଗୁଡ଼ିକ ଦାବି କରିଛନ୍ତି। ଆସନ୍ତା ମାର୍ଚ୍ଚ ୫ ତାରିଖ ସୁଦ୍ଧା ଦ୍ୱିବେଦୀଙ୍କୁ ହଟାନଗଲେ ଲଖନପୁର କୋଇଲା କ୍ଷେତ୍ରରେ ଥିବା ଓସିଏମଏସ୍, ଏଚ୍‌ଏମ୍‌ଏସ୍ ତଥା ଏଆଇଟିୟୁସି ଶ୍ରମିକ ସଂଗଠନ ପକ୍ଷରୁ ଆଇଏଲ୍‌ବିଏଲ୍ କୋଇଲାଖଣି କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବାକୁ ଚେତାବନୀ ଦିଆଯାଇଛି। ଏନେଇ ଲିଖିତ ଅଭିଯୋଗ ପତ୍ର ୩ଟି ଶ୍ରମିକ ସଂଗଠନ ପକ୍ଷରୁ ପ୍ରୋଜେକ୍ଟ ଅଧିକାରୀ ଆଇଏଲ୍‌ବିଏଲ୍‌ଙ୍କ ନିକଟରେ ଦାଖଲ ହୋଇଛି। ଏହାସହ ଜିଲ୍ଲାପାଳ, ଏସ୍‌ପି, ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକଙ୍କୁ ମଧ୍ୟ ଦାବିର ନକଲ ପ୍ରଦାନ କରାଯାଇଛିଥିବା ବୁଧବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଆଜି ବନ୍ଧବାହାଲ ସ୍ଥିତ ଓସିଏମଏସ୍ ଶ୍ରମିକ ସଂଗଠନ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଶ୍ରମିକ ସଂଗଠନର ଶୀର୍ଷ ନେତୃତ୍ୱ କେସିସିଏଲ କମ୍ପାନୀର କଳା କାରନାମା ତଥା ଶ୍ରୀ ଦ୍ୱିବେଦୀଙ୍କ ମନମୁଖୀ କାର୍ଯ୍ୟକଳାପ ଉପରେ ଅଭିଯୋଗ କରିଥିଲେ। ଏମସିଏଲରେ ପୂର୍ବରୁ ମଧ୍ୟ ଅନେକ ଠିକା କମ୍ପାନୀ କାମ କରି ଯାଇଛନ୍ତି। ହେଲେ ଏହି କମ୍ପାନୀ ଆସିବା ଦିନଠାରୁ ସ୍ଥାନୀୟ ଅଞ୍ଚଳବାସୀ, ଜମିହରା ତଥା କୋଇଲାଖଣି ବିସ୍ଥାପିତଙ୍କ ଉପରେ ଦାଦାଗିରି ଚଲାଇଛି। ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ଆଦେଶକୁ ବି ଖାତିର କରୁନାହିଁ। କୋଇଲା ଖଣି ପାଇଁ ଉବୁଡା ଗାଁର ଯୁବକ ସୁଜିତ ଦିସିରୀ ୨୪ ଏକର ଜମି ହରାଇଥିଲେ। କମ୍ପାନୀର ଦୌରାତ୍ମ୍ୟ ଯୋଗୁଁ ସେ ଚାକିରି ଖଣ୍ଡେ ପାଇ ନଥିଲେ। ଓଲଟା ମିଛ ଅଭିଯୋଗ ଓ ଅତ୍ୟାଚାରର ଶିକାର ହୋଇ ଶେଷରେ ଆତ୍ମହତ୍ୟା କଲେ। ନିୟମାନୁସାରେ ଠିକା କମ୍ପାନୀ ଏଠାରେ କାମ କଲେ ୭୦ ପ୍ରତିଶତ ସ୍ଥାନୀୟ ଓ ୩୦ ପ୍ରତିଶତ ବାହାର ନିଯୁକ୍ତି ଦେବାକଥା। ହେଲେ ଏଠାର ତା'ର ଓଲଟା ଦେଖିବାକୁ ମିଳୁଛି। ଠିକା କମ୍ପାନୀର ପ୍ରାୟ ୧୫୦୦ ଲୋକଙ୍କ ମଧ୍ୟରେ ମାତ୍ର ୪୦୦ ସ୍ଥାନୀୟ ଲୋକ ରହିଛନ୍ତି। ସ୍ଥାନୀୟ ଶ୍ରମିକ ଠିକ୍ ଭାବେ କାମ କରୁ ନଥିବା ଭଳି ମିଥ୍ୟା ଅଭିଯୋଗ ଏବଂ ଶ୍ରମିକମାନଙ୍କୁ ଶ୍ରୀ ଦ୍ୱିବେଦୀଙ୍କ ନିର୍ଦ୍ଦେଶରେ ସୁପରଭାଇଜର ମାନେ ମାଡ ମାରିବାଭଳି ନିନ୍ଦନୀୟ ଘଟଣା ଘଟୁଛି। ସାମାନ୍ୟ ପ୍ରତିବାଦ କଲେ ସେମାନଙ୍କୁ ମିଛ କେସରେ ଫସାଇବା, ଏମସିଏଲ ଅଥରିଟି, ପୁଲିସ ପ୍ରଶାସନ ତଥା ଜିଲ୍ଲାପାଳଙ୍କ ପାଖରେ ସେମାନଙ୍କ ବିରୁଦ୍ଧରେ ମିଛ ଅଭିଯୋଗ କରି ହଇରାଣ କରାଯାଉଛି। ଖଣି ଭିତରେ କୌଣସି ଘର କରିବା, ମଣିଷ ବସବାସ କରିବା, ତେଲଟାଙ୍କି ତିଆରି କରିବା, ପ୍ରାଇଭେଟ୍ ଗାଡି ଖଣି ଭିତରକୁ ଯିବା ନିୟମ ନଥାଇ ମଧ୍ୟ ଅନୈତିକ ଭାବେ ଖଣି ଅଞ୍ଚଳରେ କେସିସିଏଲ୍ ତାର କ୍ୟାମ୍ପ କରି ଏସମସ୍ତ ବେଆଇନ କାର୍ଯ୍ୟ ଚଲାଇଛି। ଖଣି ଅଞ୍ଚଳରେ ସବୁଆଡେ ପାହାଡ ପରି ମାଟି ପକାଇ ରାସ୍ତା ଗୁଡିକ ଅବରୋଧ କରାଯାଇଛି। ଗତ ୧୬ ତାରିଖରେ ତେଲେଙ୍ଗାନା ଅଞ୍ଚଳର ଜଣେ ଡ୍ରାଇଭର ଏଠାରେ କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ କଲେ। ଉକ୍ତ ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରାଗଲା। ପୁଣି ସ୍ଥାନୀୟ ଯେଉଁ ୪୦୦ରୁ୫୦୦ ଲୋକ କାମ କରୁଛନ୍ତି କମ୍ପାନୀର ଶ୍ରମ ଆଇନ ଅନୁସାରେ ସେମାନଙ୍କ ପେ'ରୋଲ୍ ମେଣ୍ଟେନ ରଖାଯାଉ ନାହିଁ। ସେମାନଙ୍କୁ ମାସକୁ ୨୬ରୁ ୩୦ଦିନ ଖଟେଇ ମାତ୍ର ୧୩-୧୪ଦିନର ଦରମା ଦେଉଛନ୍ତି। ତାଛଡା ନିଯୁକ୍ତି କ୍ଷେତ୍ରରେ ଠିକା କମ୍ପାନୀ କର୍ତ୍ତୃପକ୍ଷ ବ୍ୟାପକ ଲାଞ୍ଚ କାରବାରରେ ଲିପ୍ତ ଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ସମସ୍ତ ଅନିୟମିତତା ପ୍ରୋଜେକ୍ଟ ଅଧିକାରୀ କମଲେଶ ଦ୍ୱିବେଦୀଙ୍କ ଯୋଗୁଁ ଘଟୁଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ତାଙ୍କୁ ଏଠାରୁ ତୁରନ୍ତ ବିଦା କରାଯାଉ ବୋଲି ଓସିଏମଏସ୍ ଏରିଆ ସମ୍ପାଦକ ରବୀନ୍ଦ୍ର ପ୍ରସାଦ, ଏରିଆ ଜେସିସି ଲକ୍ଷ୍ମଣ ଭଞ୍ଜ, ଏଚ୍‌ଏମ୍‌ଏସ୍ ଏରିଆ ସମ୍ପାଦକ ରଞ୍ଜନ ସାହୁ, ଏରିଆ ଜେସିସି ଡିକେ ସିଂହ, ଏଆଇଟିୟୁସି ଏରିଆ ଜେସିସି ଏସ୍‌ଏଲ୍ ଟାର୍ଜନ୍, ଏରିଆ ସମ୍ପାଦକ ସଞ୍ଜୟ ଗିରି ସମ୍ବାଦଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଆଜର ସାମ୍ବାଦିକ ସମ୍ମିଳନୀରେ ଶ୍ରମିକ ସଂଗଠନ ଗୁଡିକର ଶୀର୍ଷ ନେତୃତ୍ୱ ବସନ୍ତ (ବୁଲୁ) ପାଣିଗ୍ରାହୀ, ଏ ଡିକୁଟେ, ସାଗର ପ୍ରଧାନ, ଆଲୋକ ସାହୁ, ରମେଶ ସାହୁ, ଅଗସ୍ତି ପଟେଲ, ସନ୍ତୋଷ କନୱର, କିଶୋର ଖର୍ସେଲ ପ୍ରମୁଖ ଉପସ୍ଥିତ ଥିଲେ।

### ଚୌଦ୍ୱାର ଜେଲ୍‌ରୁ ଗହଣା ଗାଏବ୍ ଘଟଣା

# ଗହଣା ବଦଳରେ ଟଙ୍କା ଦେଲା କିଏ

ଚୌଦ୍ୱାର,୧୮।୨(ସମିସ):

ଚୌଦ୍ୱାର ମଣ୍ଡଳ କାରାଗାରକୁ ନେଇ ଏବେ ଚର୍ଚ୍ଚା ବଢ଼ିବାରେ ଲାଗିଛି। ପୂର୍ବରୁ କଏଦୀଙ୍କ ଆତ୍ମହତ୍ୟା ଘଟଣା ଓ ଜେଲରୁ କଏଦୀ ଫେରାର ଘଟଣା। ଏସବୁ ଘଟଣା ବଳି ଯେତିକି ଚର୍ଚ୍ଚାକୁ ଆସିଥିଲା ଜେଲ ପରିସରରୁ କଏଦୀଙ୍କ ଗହଣା ଗାଏବ ଘଟଣା ସବୁଠୁ ଅଧିକ ଚର୍ଚ୍ଚିତ। ତେବେ ଏହି ଘଟଣାରେ ଆଉ ଏକ ଚର୍ଚ୍ଚା ଯୋଡ଼ି ହୋଇ ଯାଇଛି। ଜେଲ ଅଧୀକ୍ଷକ ସୁଜିତ ରାଉଳ ମହିଳା କଏଦୀ ଇତିଶ୍ରୀ ମହାନ୍ତିଙ୍କୁ ସୁନା ଗହଣା ବଦଳରେ ସେହି ଗହଣାର ବର୍ତ୍ତମାନର ମୂଲ୍ୟ ଅନୁଯାୟୀ ୧ଲକ୍ଷ ୯୦ହଜାର ଟଙ୍କା ପ୍ରଦାନ କରିବା ଘଟଣାକୁ ଅଧିକ ଚର୍ଚ୍ଚିତ କରିଛି। ଏଠାରେ ପ୍ରଶ୍ନ ଉଠୁଛି ଯେ ଇତିଶ୍ରୀ କାରାଗାରକୁ ଆସିବା ସମୟରେ ନିୟମାନୁଯାୟୀ ସିସିଟିଭି କ୍ୟାମେରା ସମ୍ମୁଖରେ ପିନ୍ଧିଥିବା ସୁନା ଗହଣା ସବୁ ଜେଲ ଅଧିକାରୀଙ୍କୁ ଜିମା ଦେଇଥିଲେ। ଏହା ରେଜିଷ୍ଟରରେ ଲିପିବଦ୍ଧ ମଧ୍ୟ କରାଯାଇଥିଲା। ହେଲେ ଜେଲର କଡ଼ା ସୁରକ୍ଷା ଭିତରୁ ସୁନାଗହଣା ଗଲା କୁଆଡେ। ଏନେଇ ଜେଲରୁ ମୁକୁଳିବା ସମୟରେ ଇତିଶ୍ରୀଙ୍କୁ ଜେଲ କର୍ତ୍ତୃପକ୍ଷ ସୁନା ଗହଣା ନ ଫେରାଇବା ଯୋଗୁଁ ସେ ଚୌଦ୍ୱାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ସମୟରେ କାରାଗାର ଅଧୀକ୍ଷକ ସୁଜିତ ରାଉଳ ଓ ତତ୍‌କାଳୀନ ଜେଲର ସନ୍ତୋଷିନୀ ଦାସଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଘଟଣା ମଧ୍ୟ ସାର୍ବଜନୀନ ହୋଇଥିଲା। ଯଦି ଏହି ସୁନାଗହଣା ତତ୍‌କାଳୀନ ଜେଲର ସନ୍ତୋଷିନୀ ଦାସ ଗାଏବ କରିଥିଲେ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ କାହିଁକି? ଘଟଣା ଗୁରୁତର ହେବାବେଳକୁ ଜେଲ ଅଧୀକ୍ଷକ ଅଭିଯୋଗକାରିଣୀଙ୍କୁ ନଗଦ ଟଙ୍କା ଫେରାଇଲେ କାହିଁକି? ଏହି ଟଙ୍କା ଜେଲ ବିଭାଗ ପ୍ରଦାନ କଲା ନା କୌଣସି ଅଧିକାରୀ ନିଜ ପକେଟରୁ ଦେଲେ ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଚର୍ଚ୍ଚା ସୃଷ୍ଟି କରିଛି। ଇତିଶ୍ରୀଙ୍କୁ ଗହଣା ବାବଦ ଟଙ୍କା ପ୍ରଦାନ ପରେ ଘଟଣା ଚପିଯିବା ପରିବର୍ତ୍ତେ ଅଧିକ ଘନୀଭୂତ ହେବାରେ ଲାଗିଛି।

### ଘଟଣାର ତଦନ୍ତ ହେବ: ଜେଲ୍ ଡିଜି

ରାଜ୍ୟ ଜେଲ ବିଭାଗରେ ଗତ କିଛି ଦିନ ହେଲା କଏଦୀ ଫେରାର ଏବଂ ଅନ୍ତେବାସୀଙ୍କ ସାମଗ୍ରୀ ଗାଏବ ଭଳି ଏକାଧିକ ବ୍ୟତିକ୍ରମ ସାମ୍ନାକୁ ଆସିବା ପରେ ଜେଲ ଡିଜି ସୁଶାନ୍ତ ନାଥ ଗଣମାଧ୍ୟମ ଆଗରେ ନିଜର ପକ୍ଷ ରଖିଛନ୍ତି। ଚୌଦ୍ୱାର ଜେଲରେ ଜଣେ ମହିଳା କଏଦୀଙ୍କ ସୁନା ଗହଣା ବଦଳରେ ଅଧୀକ୍ଷକ ୧ ଲକ୍ଷ ୯୦ ହଜାର ଟଙ୍କା ଫେରାଇବା ଘଟଣାକୁ ନେଇ ଡିଜି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ, ଏହି ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମହିଳା ଜଣକ ୨୦୨୫ ସେପ୍ଟେମ୍ବର ୨୨ରେ ଜେଲ୍ ଆସିବା ବେଳେ ତାଙ୍କ ଗହଣା ରଖାଯାଇଥିଲା, ମାତ୍ର ଡିସେମ୍ବର ୨୩ରେ ଜାମିନରେ ମୁକୁଳିବା ପରେ ତାଙ୍କୁ ଗହଣା ଫେରାଯାଇ ନ ଥିଲା। ଜେଲ୍ ରେଜିଷ୍ଟରରେ ଗହଣା ବାବଦରେ ସଠିକ୍ ତଥ୍ୟ ରହିଛି କି ନାହିଁ, ତାହା ମଧ୍ୟ ଯାଞ୍ଚ କରାଯିବ।

## ରାଜପଥରେ ଜଳିଗଲା କଣ୍ଟେନର

ଟାଙ୍ଗୀ/ଚୌଦ୍ୱାର,୧୮।୨(ସମିସ): ୧୬ ନମ୍ବର ଜାତୀୟ ରାଜପଥର ମଙ୍ଗୁଳି ଛକ ନିକଟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଖାଲି କଣ୍ଟେନର ବୁଧବାର ଅପରାହ୍ନରେ ହଠାତ୍ ଜଳି ଯାଇଥିଲା। ଏନ୍ଏଲ ୦୧ ଏଜି ୭୩୧୪ ନମ୍ବରଯୁକ୍ତ ଏକ ଖାଲି କଣ୍ଟେନର ଦୁଇଦିନ ହେଲା ରାଜପଥ କଡ଼ରେ କଟକ ଆଡ଼କୁ ମୁହଁକରି ଛିଡ଼ା ହୋଇଥିବାବେଳେ ହଠାତ୍ ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା।



ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହେବାରୁ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। କଟକରୁ ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ କଣ୍ଟେନରଟିର ଇଞ୍ଜିନ୍ କ୍ୟାବିନ୍‌ଟି ସମ୍ପୂର୍ଣ୍ଣଭାବେ ଜଳିଯାଇଥିଲା। କଣ୍ଟେନରର ମାଲିକ କଲିକତାର ହୋଇଥିବାବେଳେ ଏହା କଟକରୁ ଯୁରିଆ ସାର ଲୋଡ କରି କଲିକତା ଯାଇଥାନ୍ତା ବୋଲି ଡ୍ରାଇଭର ସୂରଜ ଯାଦବ ସୂଚନା ଦେଇଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଗାଡ଼ିରେ ସଟସର୍କିଟ ପାଇଁ ନିଆଁ ଲାଗି ଥାଇପାରେ ବୋଲି ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି।

### ବ୍ରିଜ ନିର୍ମାଣ ବେଳେ ଫାଟିଲା ପାଇପ୍

# ୧୦ ପଞ୍ଚାୟତକୁ ଜଳଯୋଗାଣ ବନ୍ଦ



ନରସିଂହପୁର,୧୮।୨(ସମିସ): ନରସିଂହପୁର ବ୍ଲକ ବାଲିସାହିଠାରେ ଚାଲିଥିବା ବ୍ରିଜ ନିର୍ମାଣ କାର୍ଯ୍ୟ ସମୟରେ ଏକ ବଡ଼ ଧରଣର ଅଘଟଣ ଘଟିଛି। ଗତ ୧୬ ତାରିଖରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ମହାନଦୀରୁ କମଳାଡିହକୁ ସଂଯୋଗ କରୁଥିବା ମୁଖ୍ୟ ପାନୀୟ ଜଳ ପାଇପ୍‌ଟି ଫାଟି ଯାଇଛି। ଏହି କାରଣରୁ ଗତ ଦୁଇ ଦିନ ଧରି ଅଞ୍ଚଳର ପ୍ରାୟ ୧୦ଟି ପଞ୍ଚାୟତକୁ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ପାନୀୟ ଜଳର ବିକଳ୍ପ ବ୍ୟବସ୍ଥା ନ ଥିବାରୁ ସ୍ଥାନୀୟ ବାସିନ୍ଦାମାନେ ନଳକୂପରୁ ବାହାରୁଥିବା ଅସ୍ୱାସ୍ଥ୍ୟକର ମାଟିଆ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଜଳଯୋଗାଣ ବିଚ୍ଛିନ୍ନ ହେବା ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ହେଁ, ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବିଭାଗୀୟ ଉଦାସୀନତା ଯୋଗୁଁ ହଜାର ହଜାର ଲୋକ ଜଳକଷ୍ଟ ଭୋଗୁଥିବା ବେଳେ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣଙ୍କ ସୁବିଧା ପାଇଁ ତୁରନ୍ତ ପାଇପର ମରାମତି କରି ଜଳଯୋଗାଣ ସ୍ୱାଭାବିକ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

**ଦୁଇ ଦିନହେଲା ଲୋକେ ହନ୍ତସନ୍ତ**

## ପୂର୍ବତନ ମନ୍ତ୍ରୀ କାଳିନ୍ଦୀ ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ

ନିଶ୍ଚିନ୍ତକୋଇଲି,୧୮।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ବାଣୀନଗରଠାରେ କାଳିନ୍ଦୀ ବେହେରା ସ୍ମୃତି କମିଟି ଆନୁକୂଲ୍ୟରେ ସୁସାହିତ୍ୟିକ, ବିଶିଷ୍ଟ ରାଜନେତା, ଆଧ୍ୟାତ୍ମିକବାଦୀ ତଥା ପୂର୍ବତନ ମନ୍ତ୍ରୀ ଅଧ୍ୟାପକ କାଳିନ୍ଦୀ ବେହେରାଙ୍କ ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। ଶକ୍ତିଶ୍ୱର ମନ୍ଦିର ପରିସରରେ ଥିବା ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ସ୍ମୃତିଚାରଣ କରାଯାଇଛି। ସ୍ମୃତି କମିଟିର ସଂଯୋଜକ ରମେଶଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଏଥିରେ ପୂର୍ବତନ ସରପଞ୍ଚ କ୍ଷୀରୋଦ ପଣ୍ଡା, ଦେବେନ୍ଦ୍ର ସାହୁ, ପ୍ରାକ୍ତନ ବିଇଓ ଲକ୍ଷ୍ମଣ ଲେଙ୍କା, ପ୍ରାକ୍ତନ ସହକାରୀ ଏବିଇଓ ନାରାୟଣ ରାଉତ, ଅଭିରାମ ମଲ୍ଲ, ଜଗବନ୍ଧୁ ରାଉତ, ନନ୍ଦ କିଶୋର ରାଉତ, ଘନଶ୍ୟାମ ପାଢ଼ୀ, ସୁବାଷିଶ ଷଡଙ୍ଗୀ, ଅଜୟ ସ୍ୱାଇଁ, ରଘୁନାଥ ବାରିକ, ମାଧବ ଚନ୍ଦ୍ର ପଲେଇ, ଚିତ୍ତରଞ୍ଜନ ନାୟକ, ଉତ୍ତମ ମଲ୍ଲିକ, ଭାଗ୍ୟଧର ସେଠୀ, ବିଚିତ୍ରାନନ୍ଦ ଜେନା, ବ୍ରଜବନ୍ଧୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



## ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଓ ମହୋତ୍ସବ ପ୍ରସ୍ତୁତି



ଟାଙ୍ଗୀ,୧୮।୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀ ବିଦ୍ୟାପୀଠ ଖେଳପଡ଼ିଆରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଞ୍ଚରାତ୍ର ଓ ଚବିଶ ବେଶ କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସଫଳ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମାଗୁରା-ଧାନମଣ୍ଡଳ ପଞ୍ଚାୟତ ଅନ୍ତର୍ଗତ ଶ୍ରୀ ଶ୍ରୀ ଶନିଶ୍ଚରଙ୍କ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରଶ୍ମିରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମାଗୁରା ସମେତ ଭଟିମୁଣ୍ଡା ଓ ଜରିପଡ଼ା ପଞ୍ଚାୟତର ବହୁ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ଚୌଦ୍ୱାର-ଟାଙ୍ଗୀ ଶ୍ରୀ ଜଗନ୍ନାଥ ଭକ୍ତ ସମାଜର ସମ୍ପାଦକ ଶରତ ଖୁଣ୍ଟିଆ, କାର୍ଯ୍ୟକାରୀ ସମ୍ପାଦକ ନାରାୟଣ ସ୍ୱାଇଁ, ସୁରେନ୍ଦ୍ର ସାମଲ, ଅମୂଲ୍ୟ ବେଉରା, ଭାଗିରଥୀ ସାହୁ, ବାବାଜୀ ଚରଣ ମହାନ୍ତି, ବିଜୟ ସାହୁ, ଅଶୋକ ପୃଷ୍ଟି, ଜୟନ୍ତ ଦାସ, ସହଦେବ ବରାଳ, ନୀଳକଣ୍ଠ ବ୍ରହ୍ମା, ନକୁଳ ରାଉତ, ଦୟାନିଧି ନାୟକ, ସୁନାକର ଚିନ୍ନାରା, ବୈକୁଣ୍ଠ ବ୍ରହ୍ମା, ନାରୀନେତ୍ରୀ ଅନୁରାଧା ନାୟକ ଓ ସାମ୍ବାଦିକ ଗଗନ ମହାନ୍ତି ଯୋଗ ଦେଇଥିଲେ।

## ବିଶ୍ୱ ମହିଳା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ



ସାଲେପୁର,୧୮।୨(ସମିସ): ଆଜି ସାଲେପୁର ମଧୁମଣ୍ଡପଠାରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମହିଳା ମୋର୍ଚ୍ଚାର ପୂର୍ବତନ ସାଧାରଣ ସଂପାଦିକା ଅମିତା ସାହାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚୌଧୁରୀ ହେମନ୍ତ ସାହୁ, ମହିଳା ନେତ୍ରୀ ଗୀତାଞ୍ଜଳି ପ୍ରଧାନ, ସୁଲିପ୍ତା ଶତପଥି, ଅନିତା ମଲ୍ଲିକ, ମନୋରମା ଲେଙ୍କା, ରଶ୍ମି ବିଶ୍ୱାଳ, ଅନୁସୟା ଘଡେଇ, ପ୍ରିୟଦର୍ଶିନୀ ପ୍ରଧାନ, ବନ୍ଦନା ରାଉତ, ଆମ୍ବ ସଭାପତି ରମେଶ ନାୟକ, ଲକ୍ଷ୍ମୀଧର ନାଥ, ବିଜେପି ନେତା ସତ୍ୟବାଦୀ ଚଇନି, ସତ୍ୟଶିବ ସୁନ୍ଦର କର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାଲେପୁର ବ୍ଲକ୍ ମିଶନ୍ ଶକ୍ତିର ପୂର୍ବତନ ସଭାନେତ୍ରୀ ମଞ୍ଜୁଶ୍ରୀ ପାଣିଗ୍ରାହୀ, ବାରିଗୋଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ସଲିମା ପ୍ରିୟଦର୍ଶିନୀ ମହାପାତ୍ର, ନାରୀନେତ୍ରୀ ଇଂ. ଆରାଧନା ପଣ୍ଡା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ସାଲେପୁର ବିଜେପି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱକୁ ସ୍ୱାଗତ କରି ବିଧିବଦ୍ଧ ଭାବେ ଆଜି ବିଜେପି ଦଳରେ ସାମିଲ ହୋଇଥିଲେ। ସାଲେପୁର ବିଜେପି ପକ୍ଷରୁ ବିଶ୍ୱ ମହିଳା ଦିବସ ଜୋରଦାର ପାଳନ କରାଯିବା ସହ ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀର ହଜାର ହଜାର ସଂଖ୍ୟକ ମହିଳାମାନେ କିଭଳି ଯୋଗଦେବେ ସେ ନେଇ ଆଜିର ଏହି ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଯଶୋବନ୍ତ ରାଉତ, ମୁନା ଜେନାଙ୍କ ସମେତ ବହୁ ମହିଳା ଓ ବିଜେପି କର୍ମୀମାନେ ସାମିଲ ହୋଇଥିଲେ।

## ରାମାୟଣ ପାରାୟଣ ଉଦ୍‌ଯାପିତ

ଚୌଦ୍ୱାର,୧୮।୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ନଖରା ପଞ୍ଚାୟତର ଚାଣ୍ଡୋସ୍ଥିତ ସଂକଟମୋଚନ ହନୁମାନଜୀଉ ମନ୍ଦିରରେ ଶ୍ରୀ ରାମଚରିତ ମାନସ ପାରାୟଣ ଓ ହନୁମାନଜୀଉଙ୍କ ସପ୍ତମ ବାର୍ଷିକ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରାଜେନ୍ଦ୍ର ପ୍ରସାଦ ପାଣ୍ଡେ ଓ ରଶ୍ମିତା ଦାଶ କର୍ତ୍ତା ଓ କର୍ତ୍ତ୍ରୀ ଭାବେ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ପ୍ରତି ସଂଧ୍ୟାରେ ମାନସ ପାରାୟଣ, ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମନ୍ଦିର ପରିଚାଳନା କମିଟିର କୃତିବାସ ନାୟକ, ବିଚିତ୍ରାନନ୍ଦ ପଣ୍ଡା, ମଧୁସୂଦନ ପରିଡ଼ା, ପବିତ୍ର ମୋହନ ଉପାଧ୍ୟାୟଙ୍କ ସମେତ ଗ୍ରାମବାସୀ ଉତ୍ସବ ପରିଚାଳନା କରିଥିଲେ।



## କୁଷ୍ଠ ସଚେତନତା ଅଭିଯାନ

ତିଗିରିଆ,୧୮।୨(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକର ବିଭିନ୍ନ ବିଦ୍ୟାଳୟ, ସମସ୍ତ ଜିକେଏସ ମାଧ୍ୟମରେ ସ୍ପର୍ଶ କୁଷ୍ଠ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ତଥା ବ୍ଲକ ମେଡ଼ିକାଲ ଅଫିସର ଡାକ୍ତର ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଜାନୁଆରୀ ମାସ ୩୦ରୁ ଚଳିତ ମାସ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଷ୍ଠ ରୋଗ ଓ ରୋଗୀ ସଚେତନ କରାଯିବା ସହ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୁଷ୍ଠ ବିଭାଗ ଡାକ୍ତର ଦୀପା ପଟ୍ଟନାୟକ, କୁଷ୍ଠ ବିଭାଗ ସୁପରଭାଇଜର ବିଷ୍ଣୁଚରଣ ମହାରଣାଙ୍କ ସହ ଡାକ୍ତର ପ୍ରିୟଦର୍ଶିନୀ ଷଡଙ୍ଗୀ, କର୍ମଚାରୀ ମୃତ୍ୟୁଞ୍ଜୟ ମହାପାତ୍ର, ବିଦ୍ୟୁତପ୍ରଭା ନନ୍ଦ, ପରିସଂଖ୍ୟାନ ସହାୟକ ମନମୋହନ ଦାଶ, ମହିଳା ସ୍ୱାସ୍ଥ୍ୟକର୍ମୀ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ସହଯୋଗ କରିଥିଲେ।

### ଆଜି ମାଟ୍ରିକ ପରୀକ୍ଷା

# ୧୫ଟି କେନ୍ଦ୍ରରେ ୧୭୭୯ ପରୀକ୍ଷାର୍ଥୀ

ନିଶ୍ଚିନ୍ତକୋଇଲି,୧୮।୨(ସମିସ):

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଗୁରୁତ୍ୱପୂର୍ଣ୍ଣ ମାଟ୍ରିକ ପରୀକ୍ଷା ଆଜିଠାରୁ ଆରମ୍ଭ ହେଉଛି। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ୧୫ଟି ପରୀକ୍ଷା କେନ୍ଦ୍ରରେ ୧୭୭୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜଣାଯାଇଛି। ଏହି ବ୍ଲକରେ ଥିବା ୪୭ଟି ହାଇସ୍କୁଲରେ ଅଧ୍ୟୟନରତ ୧୦ମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କୁ ପରୀକ୍ଷା ପ୍ରବେଶ ପତ୍ର ପ୍ରଦାନ କରାଯାଇଛି। ପୂର୍ବ ବର୍ଷ ପରି ଏ ବର୍ଷ ମଧ୍ୟ ମୁଖ୍ୟାଳୟରେ ଥିବା ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟକୁ ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ରର ହବ୍ ସେଣ୍ଟର କରାଯାଇଛି। ଏହି ସେଣ୍ଟରରେ ଗତ ମଙ୍ଗଳବାରଠାରୁ ବୋର୍ଡ ପକ୍ଷରୁ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଥିବା ବେଳେ ଏହାକୁ ପୁଲିସର କଡା ସୁରକ୍ଷା ଏବଂ ସିସିଟିଭି କ୍ୟାମେରା ମଧ୍ୟରେ ରଖାଯାଇଛି। ସକାଳ ୯ଟାରୁ ୧୧.୩୦ ପର୍ଯ୍ୟନ୍ତ ପରୀକ୍ଷା ହେବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା ବେଳେ କିଭଳି ୯ଟା ପୂର୍ବରୁ ସମସ୍ତ କେନ୍ଦ୍ରରେ ପ୍ରଶ୍ନପତ୍ର ଓ ଉତ୍ତର ଖାତା ପହଞ୍ଚିବ ସେ ନେଇ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଏହି ବ୍ଲକର ବିଭିନ୍ନ କେନ୍ଦ୍ରରେ କିଭଳି ଶୃଙ୍ଖଳିତ ପରୀକ୍ଷା ପରିଚାଳନା କରାଯିବ ସେ ନେଇ ମଧ୍ୟ ବ୍ୟବସ୍ଥା ହୋଇଛି। ବିଶେଷ କରି ଏହି ବ୍ଲକର ୧୦ମ ଶ୍ରେଣୀରେ ୨୭୧୮ ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ସଂସ୍କୃତ ଟୋଲ ମଧ୍ୟମାରେ ୬୧ ଜଣ ଛାତ୍ର ରହିଥିବା ଜଣାଯାଇଛି। ଏହି ବ୍ଲକର ଅସୁରେଶ୍ୱର ହାଇସ୍କୁଲ କେନ୍ଦ୍ରରେ ୧୩୩ ଜଣ, ବଳରାମପୁର କେନ୍ଦ୍ରରେ ୧୯୮ ଜଣ, ଅହମ୍ମଦ ବକ୍ସ କେନ୍ଦ୍ରରେ ୨୦୮ ଜଣ, ନେମାଳ କେନ୍ଦ୍ରରେ ୨୩୪ ଜଣ, ଖଣ୍ଡସାହି ଜଗନ୍ନାଥ ବିଦ୍ୟାପୀଠ କେନ୍ଦ୍ରରେ ୧୬୪ ଜଣ, ବନ୍ଧକାଠିଆ ଜୁବୁଲି ବିଦ୍ୟାପୀଠରେ ୨୧୯ ଜଣ, ଗଡିଜଙ୍ଗ କଳିଙ୍ଗ ମଡେଲ ହାଇସ୍କୁଲରେ ୨୧୮ ଜଣ, କେନ୍ଦୁପାଟଣା କେନ୍ଦ୍ରରେ ୧୫୬ ଜଣ, ଖଣ୍ଡାୟତ ପଟିକିରାରେ ୧୯୬ ଜଣ, କୁଳସୁକରପଡା କେନ୍ଦ୍ରରେ ୧୩୦ ଜଣ, ରାମକୃଷ୍ଣପୁର-ଓସ୍ତପୁର କେନ୍ଦ୍ରରେ ୨୨୮ ଜଣ, ଉତ୍ତରକୂଳ କେନ୍ଦ୍ରରେ ୧୪୯ ଜଣ, ନରୁଆ ମଙ୍ଗଳପୁର କେନ୍ଦ୍ରରେ ୨୦୪ ଜଣ, ଇସାଣୀବରହମପୁର କେନ୍ଦ୍ରରେ ୧୮୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏକ ମାତ୍ର ଅହମ୍ମଦ ବକ୍ସ ପରୀକ୍ଷା କେନ୍ଦ୍ରରେ ମଧ୍ୟମା ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ହୋଇଛି।

## କଡ଼ା ସୁରକ୍ଷାରେ ସିବିଏସ୍‌ଇ, ବୋର୍ଡ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷା

ଆଠଗଡ଼: ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଚଳିତ ବର୍ଷର +୨ ଦ୍ୱିତୀୟ ବର୍ଷ ପରୀକ୍ଷା ୧୮ ତାରିଖ ବୁଧବାରଠାରୁ ଆରମ୍ଭ ହୋଇଛି। ଆଠଗଡ଼ସ୍ଥିତ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟରେ ନିକଟବର୍ତ୍ତୀ ଛଅଟି କଲେଜ ପାଇଁ ପ୍ରଶ୍ନପତ୍ର ସଂରକ୍ଷଣ କେନ୍ଦ୍ର (ହବ୍) ହୋଇଛି। ସିଏଚଏସସି ପକ୍ଷରୁ ଗତ ୧୪ ତାରିଖରୁ ଏଠାକୁ ପ୍ରଶ୍ନପତ୍ର ସୁରକ୍ଷାବଳୟ ମଧ୍ୟରେ ଆସି ପହଞ୍ଚି ସାରିଛି ବୋଲି ହବ୍ ସୁପରଭାଇଜର ତଥା କଲେଜ ଅଧ୍ୟକ୍ଷ ଡ.ଲୋକନାଥ ସାହୁଙ୍କ ସୂତ୍ରରୁ ପ୍ରକାଶ। ଏଠାରେ ସଶସ୍ତ୍ର ପୁଲିସ ସୁରକ୍ଷା ଓ ଏଆଇ ସିସିଟିଭି କ୍ୟାମେରା ବଳୟ ମଧ୍ୟରେ ପ୍ରଶ୍ନପତ୍ର ରହିଥିବା ବେଳେ ଲାଗିଥିବା ଏଆଇ ସିସିଟିଭି ଭୁବନେଶ୍ୱରସ୍ଥିତ ଉଚ୍ଚ ମାଧ୍ୟମିକ ପରିଷଦ ସହିତ ସିଧାସଳଖ ସଂଯୋଗ ହୋଇଛି। ଏଠାରେ ଗୋପବନ୍ଧୁ ବିଜ୍ଞାନ କନିଷ୍ଠ କଲେଜର ବିଜ୍ଞାନରେ ୨୦୮ ଜଣ, କଳାରେ ୨୫୯, ବାଣିଜ୍ୟରେ ୯, ଧନ୍ଦାମୂଳକ ଶିକ୍ଷାର ୯ ଏବଂ ଏହି କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିବା ଘରୋଇ ଏସଏସଏମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନରେ ୮୦ ଜଣ ପରୀକ୍ଷାର୍ଥୀଙ୍କ ପ୍ରଶ୍ନପତ୍ର ରହିଛି। ସେହିପରି ଆଠଗଡର ଗୋପବନ୍ଧୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳାରେ ୨୨୩, କଖଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳାରେ ୨୩୨ ଜଣ, ବାଙ୍କୀ ବ୍ଲକର ସରଣ୍ଡାସ୍ଥିତ ଅଂଶୁପା ଏଚଏସଏସର କଳାରେ ୧୧୧, ତିଗିରିଆର କଳିଙ୍ଗ ମହିଳା ଏଚଏସଏସର ୧୨୩ ଏବଂ ତିଗିରିଆ ପିପି ଦେବ ଏଚଏସଏସର କଳାରେ ୩୪୫ ଜଣ, ବିଜ୍ଞାନରେ ୧୧ ଓ ଧନ୍ଦାମୂଳକ ଶିକ୍ଷାର ୧ ଜଣଙ୍କୁ ମିଶାଇ ମୋଟ ୧୬୧୧ ଜଣ ପରୀକ୍ଷାର୍ଥୀଙ୍କ ପ୍ରଶ୍ନପତ୍ର ସଂରକ୍ଷିତ ରହିଛି। ଏଠାରୁ ପ୍ରତି ପରୀକ୍ଷା ଦିନ ସକାଳେ ଦୁଇଟି ଗାଡିରେ ଅଧ୍ୟାପକ ଓ କର୍ମଚାରୀଙ୍କ ଦୁଇଟି ଦଳ ପୁଲିସ ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ସୁରୁଖୁରୁରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା ହୋଇଛି। ଗୋପବନ୍ଧୁ ବିଜ୍ଞାନ କଲେଜର ପ୍ରଶ୍ନପତ୍ର ସଂରକ୍ଷଣ କେନ୍ଦ୍ର ସୁପରଭାଇଜର ସହିତ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ଦାୟିତ୍ୱ କଲେଜ ଅଧ୍ୟକ୍ଷ ଡ.ସାହୁଙ୍କ ଉପରେ ନ୍ୟସ୍ତ ହୋଇଛି। ପ୍ରଶ୍ନପତ୍ର ଏହି ଠାରୁ କଡା ସୁରକ୍ଷା ମଧ୍ୟରେ ନିକଟସ୍ଥ କଲେଜଗୁଡ଼ିକୁ ପହଞ୍ଚାଇ ଦିଆଯାଇଥିବା ଜଣାପଡିଛି। ସେହିପରି ଆସନ୍ତା କାଲି ମାଟ୍ରିକ ପରୀକ୍ଷା ପାଇଁ ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠକୁ ପ୍ରଶ୍ନ ପତ୍ର ହବ ଭାବରେ ବ୍ୟବହାର କରାଯାଉଛି। ମାଟ୍ରିକ ପରୀକ୍ଷାର ପ୍ରଶ୍ନପତ୍ର ଗୁଡ଼ିକୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯାଇଥିବା ଜଣାପଡିଛି। ଏଠାରୁ ତିନୋଟି ଗାଡ଼ିରେ ପ୍ରତି ପରୀକ୍ଷା କେନ୍ଦ୍ର ଗୁଡିକୁ ପ୍ରଶ୍ନପତ୍ର ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ଆଠଗଡ଼ ବ୍ଲକର ୧୦ଟି ପରୀକ୍ଷା କେନ୍ଦ୍ରରେ ୨୦୭୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ସିବିଏସଇ ଦ୍ୱାରା ପରିଚାଳିତ ୧୦ମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ରାଜବାଟୀ ନଗରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର ହୋଇଛି। ଗତକାଲି ଆରମ୍ଭ ହୋଇଥିବା ୧୦ମ ବୋର୍ଡ ପରୀକ୍ଷାରେ ୩ଟି ସ୍କୁଲର ୪୩୧ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଆଜି ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୨୩୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଖୁଣ୍ଟକଟାସ୍ଥିତ କାନାରା ବ୍ୟାଙ୍କରେ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ମଧ୍ୟରେ ରହିଛି। ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ତଥା ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷ ପ୍ରେମରାଜ ପାତ୍ରୋ ପୁଲିସ ସହାୟତାରେ କଡା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର କେନ୍ଦ୍ରକୁ ଆଣି ପରୀକ୍ଷା ନିୟନ୍ତ୍ରଣ କରୁଥିବା ଲକ୍ଷ୍ୟ କରାଯାଇଛି।

### ତିଗିରିଆ ବ୍ଲକରେ ୧୧୫୫ ପରୀକ୍ଷାର୍ଥୀ

ତିଗିରିଆ: ଚଳିତ ବର୍ଷ ବ୍ଲକରେ ମୋଟ ୭ଟି ବିଦ୍ୟାଳୟରେ ଏହି ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ମୋଟ ୧୧୫୫ ଜଣ ପରୀକ୍ଷାର୍ଥୀ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୨୪ ଜଣ ଛାତ୍ର ହୋଇଥିବା ବେଳେ ୫୩୧ ଜଣ ଛାତ୍ରୀ ଅଛନ୍ତି। ମହେଶ୍ୱର ନୋଡାଲ ବିଦ୍ୟାପୀଠରେ ମୋଟ ୨୧୭ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୧୫୧ ଜଣ ଛାତ୍ର ଓ ୬୬ ଜଣ ଛାତ୍ରୀ, ଶ୍ରୀଜଗନ୍ନାଥ ନୋଡାଲ ବିଦ୍ୟାପୀଠରେ ମୋଟ ୧୪୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୬୯ ଜଣ ଛାତ୍ର ଓ ୭୭ ଜଣ ଛାତ୍ରୀ, ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ମୋଟ ୨୧୪ ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୩୩ ଜଣ ଛାତ୍ର, ୮୧ ଜଣ ଛାତ୍ରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମୋଟ ୨୦୩ ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ୧୧୬ ଜଣ ଛାତ୍ର, ୮୭ ଜଣ ଛାତ୍ରୀ, ପବିତ୍ର ମୋହନ ବିଦ୍ୟାପୀଠରେ ୧୬୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୬୭ ଜଣ ଛାତ୍ର, ୯୬ ଜଣ ଛାତ୍ରୀ, ବିନ୍ଧାଣିମା ନୋଡାଲ ବିଦ୍ୟାପୀଠରେ ମୋଟ ୧୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୩୪ ଜଣ ଛାତ୍ର, ୭୯ ଜଣ ଛାତ୍ରୀ ଥିବାର ସୂଚନା ମିଳିଛି। ଅନ୍ୟପକ୍ଷରେ ବିନ୍ଧାଣିମା ବାଳିକା ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ଏହି ବିଦ୍ୟାଳୟରେ ମୋଟ ୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜଣାପଡିଛି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୪ ଜଣ ଛାତ୍ର, ୪୫ ଜଣ ଛାତ୍ରୀ ରହିଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।



# ଲୁଟ୍ ସୁନା ବନ୍ଧକ ରଖି ଲୁଟେରା ପାର୍

ଭୁବନେଶ୍ୱର, ୧୮।୨ (ସମିସ): ରାଜଧାନୀରେ ଲୁଟେରାଙ୍କ ଆତଙ୍କ ଥମିବାର ନାଁ ଧରୁ ନାହିଁ। କେତେବେଳେ ରାସ୍ତାରୁ ଚେନ୍ ଝାମ୍ପି ନେଉଛନ୍ତି ତ ଆଉ କେତେବେଳେ ତାଲା ଭାଙ୍ଗି ଘରେ କଳାକନା ବୁଲାଉଛନ୍ତି। ପୁଣି କୋଉଠି ଗହଣା ଦୋକାନୀଙ୍କୁ ଟାର୍ଗେଟ କରି ଲୁଟ୍‌ପାଟ କରୁଛନ୍ତି। ପ୍ରତିଦିନ ରାଜଧାନୀରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍ ହେଉଛି। ଲୁଟ୍ ସୁନାଗହଣା ନେଇ ବ୍ୟାଙ୍କରେ ବନ୍ଧକ ରଖିବା ସହ ବଦଳରେ ଲକ୍ଷାଧିକ ଟଙ୍କା ଆଣୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସୁନା ଋଣ ଦେଉଥିବା ସଂସ୍ଥା ଗୁଡ଼ିକ ବ୍ୟାଙ୍କ୍ ସୁଧ ପାଇବା ଆଶାରେ ବିନା ଯାଞ୍ଚରେ ତରବରିଆ ଭାବେ ଋଣ ଦେଇ ଦେଉଛନ୍ତି। ଋଣ ଦେଉଥିବା ସଂସ୍ଥା ବା ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ଏଭଳି ବେପରୁଆ ମନୋଭାବ ଲୁଟେରାଙ୍କୁ ସୁହାଉଥିବା ବେଳେ ପୁଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ତେବେ ଏଣିକି ବିନା କାଗଜପତ୍ର ଯାଞ୍ଚରେ ସୁନା ବନ୍ଧକ ରଖିଲେ ବନ୍ଧାହେବେ ବ୍ୟାଙ୍କ୍ କର୍ତ୍ତୃପକ୍ଷ। ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ସତର୍କ କରାଇବା ସହ ଚେତାବନୀ ଦେଇଛନ୍ତି।

## ବିଏନ୍‌ଏସ୍ ଧାରା ୩୧୭ରେ କ'ଣ ରହିଛି



କୌଣସି ବ୍ୟକ୍ତି ଚୋରି ସମ୍ପତ୍ତି ଗ୍ରହଣ କରନ୍ତି କିମ୍ବା କିଣନ୍ତି, ତାହାଲେ ବିଏନ୍‌ଏସ୍ ଧାରା ୩୧୭ (୨) ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ପ୍ରମାଣିତ ହେଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ଜରିମାନାରେ ଦଣ୍ଡିତ ହେବାର ନିୟମ ରହିଛି। ସେହିପରି ବିଏନ୍‌ଏସ୍ ଧାରା ୩୧୭ (୩) ଅନୁସାରେ, ଯଦି ଆପଣ କୌଣସି ଡକାୟତି ହୋଇଥିବା ସମ୍ପତ୍ତି କିମ୍ବା ଡକାୟତି ଗୋଷ୍ଠୀର ସଦସ୍ୟଙ୍କ ଠାରୁ ଗ୍ରହଣ କରନ୍ତି ବା କିଣନ୍ତି ଓ ତାହା ପ୍ରମାଣିତ ହୁଏ। ତେବେ ୧୦ ବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ ଓ ଜରିମାନାର ପ୍ରାବଧାନ ରହିଛି। ସେହିପରି ଯଦି କୌଣସି ବ୍ୟକ୍ତି ବାରମ୍ବାର ବା ଅଭ୍ୟାସଗତ ଭାବେ ଚୋରି ସମ୍ପତ୍ତି ଗ୍ରହଣ କରେ ବା କାରବାର କରେ ଓ ଏହା ପ୍ରମାଣିତ ହୁଏ। ତେବେ ବିଏନ୍‌ଏସ୍ ଧାରା ୩୧୭ (୪) ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୧୦ ବର୍ଷ ଠାରୁ ଆଜୀବନ କାରାଦଣ୍ଡ ପର୍ଯ୍ୟନ୍ତ ଦଣ୍ଡର ବ୍ୟବସ୍ଥା ରହିଛି।

ମଙ୍ଗଳବାର କଳିଙ୍ଗନଗର କେ-୪ରେ ଥିବା ଶୁଭଲକ୍ଷ୍ମୀ ଜୁଏଲାରୀରୁ ସୁନାଗହଣା ଲୁଟ୍ ହୋଇଥିଲା। ଜଣେ ନାବାଳକ ଏହି ସୁନାଗହଣା ଲୁଟ୍ କରି ତା'ର ଜଣେ ସାଙ୍ଗକୁ ଦେଇଥିଲା। ସମ୍ପୃକ୍ତ ସାଙ୍ଗ ଜଣକ ଲୁଟ୍ ସୁନାଗହଣାକୁ ଆଇଆଇଏଫ୍‌ଏଲ୍ ନାମକ ସଂସ୍ଥାରେ ବନ୍ଧକ ରଖି ୨ ଲକ୍ଷ ୨୦ ହଜାର ଟଙ୍କା ଆଣିଥିଲା। ଆଶ୍ଚର୍ଯ୍ୟଜନକ କଥା ହେଲା, ଲୁଟ୍ ହେବାର ମାତ୍ର ଘଣ୍ଟାକ ଭିତରେ ସୁନା ବନ୍ଧକ ରଖି ଋଣ ଆଣିଥିଲେ।

ମେଘେଶ୍ୱର କଲୋନୀରେ ରହୁଥିବା ବିଜେବି କଲେଜରେ କନିଷ୍ଠ ଅଧ୍ୟାପିକା ଶୁଭଶ୍ରୀ ସ୍ୱାଇଁଙ୍କ ଘରୁ ତାଙ୍କ ଡ୍ରାଇଭର କାମଦେବ ସୁନାଗହଣା ଚୋରିକରି ନେଇଥିଲା। ଚୋରି ସୁନାଗହଣାକୁ ଅଶୋକ ନଗରସ୍ଥିତ ମଣପୁରମ୍ ଫାଇନାନ୍ସରେ ବନ୍ଧକ ରଖିଥିଲା। ବଡ଼ଗଡ଼ ଥାନା ପୁଲିସ କାମଦେବକୁ ଗିରଫ କରିବା ସହ ଫାଇନାନ୍ସକୁ ଯାଇ ବନ୍ଧକ ସୁନା ଜବତ କରିଥିଲା। ସେହିପରି ଶାସ୍ତ୍ରୀନଗରରେ ରହୁଥିବା ବ୍ୟବସାୟୀ ପ୍ରମୋଦ କୁମାର ପରିଡ଼ା ଘରେ ନଥିବାବେଳେ ତାଙ୍କ ଭିଣୋଇ ବଟକୃଷ୍ଣ ସ୍ୱାଇଁ, ସହଯୋଗୀ ଶଙ୍କର ମହାରଣା ଓ ବିକାଶ ସ୍ୱାଇଁ ମିଶି ସୁନାଗହଣା ଚୋରି କରି ନେଇଥିଲେ। ଅଭିଯୁକ୍ତମାନେ ଚୋରି ସୁନା ମଧ୍ୟରୁ ଦୁଇଟି ହାର ଓ କାନଫୁଲକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ବନ୍ଧକ ରଖି ୧ ଲକ୍ଷ ୯୦ ହଜାର ଟଙ୍କା ଋଣ ଆଣିଲେ। ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବନ୍ଧକ ଥିବା ସୁନାକୁ ଜବତ କରିଥିଲା।

ଇଏ କେବଳ ହାତଗଣତି କେତେକ ଘଟଣା ନୁହେଁ; ରାଜଧାନୀରୁ ଲୁଟ୍ ହେଉଥିବା ସିଂହ ଭାଗ ସୁନାଗହଣାକୁ ଅପରାଧୀମାନେ ବନ୍ଧକ ରଖୁଛନ୍ତି। ସୁନା ବଦଳରେ ଟଙ୍କା ପାଇବାର ସହଜ ଉପାୟ ହୋଇଥିବାର, ଲୁଟେରାମାନେ ଏହାକୁ ଆପଣାଉଛନ୍ତି। ବ୍ୟାଙ୍କ୍ ବା ଋଣ ସଂସ୍ଥାର ଖାମଖିଆଲି ମନୋଭାବ ମଧ୍ୟ ସୀମା ଟପୁଛି। ସଂସ୍ଥା ଗୁଡ଼ିକ ସୁନାଗହଣାର କିଣା ବିଲ୍ ଯାଞ୍ଚ କରୁନାହାନ୍ତି। ସୁନା ଋଣ ନେବାକୁ ଆସିଥିବା ବ୍ୟକ୍ତିଙ୍କୁ ମଧ୍ୟ ସୁନା କାହାର ବୋଲି ପଚାରୁ ନାହାନ୍ତି। ଫଳରେ ଅପରାଧୀମାନେ ମଧ୍ୟ ବିନା ଦ୍ୱନ୍ଦ୍ୱରେ ଲୁଟ୍ ସୁନା ବନ୍ଧକ ରଖି ଲକ୍ଷାଧିକ ଟଙ୍କା ଋଣ ଆଣୁଛନ୍ତି। ଏହି ପ୍ରକ୍ରିୟା ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି।

## ବିନା ଯାଞ୍ଚରେ ବନ୍ଧକ ରଖିଲେ ବନ୍ଧାହେବେ: ଡିସିପି

ରାଜଧାନୀରେ ଥିବା ସୁନା ଋଣ ସଂସ୍ଥା ବା ବ୍ୟାଙ୍କ୍‌ଗୁଡ଼ିକୁ ସତର୍କବାଣୀ ଶୁଣାଇଛନ୍ତି ଭୁବନେଶ୍ୱର ଡିସିପି। ବିନା ଯାଞ୍ଚରେ ଆଖି ବନ୍ଦ କରି ଚୋରି ସୁନା ବନ୍ଧକ ରଖି ଋଣ ଦେବାକୁ ବାକୁ ବାରଣ କରିଛନ୍ତି। କୌଣସି ବ୍ୟକ୍ତି ବିନା ରସିଦରେ ସୁନା ବନ୍ଧକ ରଖିବାକୁ ଆସୁଥିଲେ ପୁଲିସକୁ ସୂଚନା ଦେବାକୁ ସେ କହିଛନ୍ତି। ଫଳରେ ତାହା ଚୋରି ସୁନା କି ନାହିଁ ଓ ବ୍ୟକ୍ତି ଜଣଙ୍କ ନାମରେ ପୂର୍ବରୁ କୌଣସି ମାମଲା ରହିଛି କି ନାହିଁ, ପୁଲିସ ଯାଞ୍ଚ କରିପାରିବ। ଏଥିରେ ଖିଲାପ ହେଲେ କିମ୍ବା ଚୋରି ସୁନା ବନ୍ଧକ ରଖିଲେ, ଚୋରି ସାମଗ୍ରୀ ଗ୍ରହଣ କରିବା ଅପରାଧରେ ବିଏନ୍‌ଏସ୍ ଧାରା ୩୧୭ ଆଧାରରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି।

## ଧାର୍ ଟଙ୍କା ସୁଝିବାକୁ ସୁନାଗହଣା ଲୁଟ୍



କଳିଙ୍ଗନଗର ଶୁଭଲକ୍ଷ୍ମୀ ଜୁଏଲାରୀରୁ ଲୁଟ୍ ଘଟଣାରେ ନାବାଳକକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ପରେ ତାକୁ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)ରେ ହାଜର କରାଇଛି।

ପୁଲିସ ସୂଚନାନୁଯାୟୀ, ମଙ୍ଗଳବାର ୧୭ ବର୍ଷୀୟ ନାବାଳକ ଶୁଭଲକ୍ଷ୍ମୀ ଜୁଏଲାରୀକୁ ଯାଇ ସୁନାଗହଣା ପସନ୍ଦ କରିବା ସହ ହିସାବ କରିବାକୁ କହିଥିଲା। ଦୋକାନୀ ହିସାବ କରୁଥିବା ବେଳେ ନାବାଳକ ଜଣକ ତାଙ୍କ ମୁହଁକୁ ପେପର୍ ସ୍ପ୍ରେ ମାରି ଦେଇ ସୁନା ଚେନ୍ ଓ ମୁଦି ଲୁଟ୍ କରି ନେଇଥିଲା। ବିଜୟ ବାରିକଙ୍କ ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜରୁ ସୁରାକ ପାଇ ନାବାଳକକୁ ଉଠାଇ ଆଣିଥିଲା। ସେ ତା'ର ଜଣେ ସାଙ୍ଗ ଠାରୁ ଏକଲକ୍ଷ ଟଙ୍କା ଧାର୍ ଆଣିଥିଲେ। ସମ୍ପୃକ୍ତ ଟଙ୍କାକୁ ଅନଲାଇନ ଗେମିଂ ଆପରେ ବିନିଯୋଗ କରି ଦେଇଥିଲା। ସାଙ୍ଗର ଟଙ୍କା ସୁଝିବାକୁ ଯାଇ ଲୁଟ୍ କରିଥିବା ସ୍ୱୀକାର କରିଥିଲା। ଅନ୍ୟ ଜଣେ ସାଙ୍ଗ ନାମରେ ଲୁଟ୍ ସୁନାଗହଣାକୁ ଆଇଆଇଏଫ୍‌ଏଲ୍ ସଂସ୍ଥାରେ ବନ୍ଧକ ରଖି ୨ ଲକ୍ଷ ୨୦ ହଜାର ଟଙ୍କା ଆଣିଥିଲା। ପୁଲିସ ସମ୍ପୃକ୍ତ ସଂସ୍ଥାରେ ଚଢ଼ଉ କରି ୨ଟି ସୁନା ଚେନ୍ ଓ ୫ଟି ମୁଦି ଜବତ କରିଥିଲା। ନାବାଳକ ବ୍ୟବହାର କରିଥିବା ପେପର୍ ସ୍ପ୍ରେ'କୁ ମଧ୍ୟ ଜବତ କରାଯାଇଥିଲା। ଚୋରି ସମ୍ପତ୍ତି ବନ୍ଧକ ରଖି ଋଣ ଦେଇଥିବାରୁ ଆଇଆଇଏଫ୍‌ଏଲ୍ ସଂସ୍ଥାର ମ୍ୟାନେଜର ପ୍ରଶାନ୍ତ କୁମାର ମିଶ୍ରଙ୍କୁ ମଧ୍ୟ ପୁଲିସ ଉଠାଇ ଆଣିଥିଲା। ପରେ ତାଙ୍କୁ ନୋଟିସ୍ ଦେଇ ଛାଡ଼ି ଦେଇଛି।

# କୁଖ୍ୟାତ ଚୋର ପପୁକୁ ୮ ମାସ ସଜା



ଭୁବନେଶ୍ୱର, ୧୮।୨ (ସମିସ): ଖଣ୍ଡଗିରି ଥାନା ଅଞ୍ଚଳରେ ଘଟିଥିବା ଏକ ଚୋରି ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ର ବିଚାରପତି ଇତିଶ୍ରୀ ମହାପାତ୍ର ମାମଲାର ବିଚାରକରି ଆସାମୀ ତପନ ନାୟକ ଓରଫ୍ ପପୁକୁ ୮ ମାସର ସଜା ଶୁଣାଇଛନ୍ତି।

ପୁଲିସ ସୂଚନାନୁସାରେ, ଗତବର୍ଷ ଜୁଲାଇ ୧୮ ତାରିଖ ଦିନ ଜାଗମରା ଫେଜ୍ ୨ ଅଞ୍ଚଳରେ ରହୁଥିବା ଗୌତମ କୁମାର ଦାଶ ଘରେ ଅନୁପସ୍ଥିତ ଥିଲେ। ପପୁ ଏହାର ସୁଯୋଗ ନେଇ ଘରର ତାଲା ଭାଙ୍ଗି ଭିତରେ ପଶିବା ସହ ଭିତରେ ଲାଗିଥିବା ବିଦ୍ୟୁତ ତାର, ସ୍ୱିଚ୍ ବୋର୍ଡ, ପାଣି ଟ୍ୟାପ ଓ ଅନ୍ୟାନ୍ୟ ସାମଗ୍ରୀ ସବୁକୁ ଚୋରିକରି ଫେରାର ହୋଇ ଯାଇଥିଲା। ଚୋରି ସାମଗ୍ରୀ ସବୁକୁ ନେଇ କଟକର ଜଣେ ବୁଲା କବାଡ଼ିଆ ବେପାରୀକୁ ୨୪୦୯ ଟଙ୍କାରେ ବିକ୍ରି କରି ଦେଇଥିଲା। ଗୌତମ ଏନେଇ ଅଭିଯୋଗ କରିବା ପରେ ଖଣ୍ଡଗିରି ଥାନା ପୁଲିସ କେସ୍ ନଂ - ୪୯୦/୨୫ରେ ବିଏନ୍‌ଏସ୍ ଧାରା -୩୩୧(୪) ଓ ୩୦୫(ଏ) ଲଗାଇ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ଏଏସ୍?ଆଇ ସୁବାସ ଚନ୍ଦ୍ର ରାଉତ ସିସିଟିଭି ଫୁଟେଜରୁ ଚିହ୍ନଟ କରି ପପୁକୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ମାମଲାର ବିଚାରକରି ଆସାମୀ ତପନ ନାୟକ ଓରଫ୍ ପପୁକୁ ବିଏନ୍‌ଏସ୍ ଧାରା - ୩୩୧(୪) ଓ ୩୦୫(ଏ) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ୮ ମାସର କାରାଦଣ୍ଡ ଆଦେଶ ଦେଇଛନ୍ତି। ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ ଯେ, ତପନ ନାୟକ ଓରଫ ପପୁ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୫ଟି ମାମଲା ରହିଛି।

**ବିଦ୍ୟାଳୟ ଉନ୍ନତୀକରଣ ପ୍ରକଳ୍ପ କାର୍ଯ୍ୟକୁ ନେଇ ବିବାଦ**

# ପ୍ରତିବାଦରେ ରାସ୍ତାରୋକ କଲେ ଗ୍ରାମବାସୀ

ବାଲିଅନ୍ତା, ୧୮ ।୨(ସମିସ): ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉନ୍ନତୀକରଣ ପ୍ରକଳ୍ପ କାର୍ଯ୍ୟକୁ ନେଇ ଦୁଇ ଠିକା ଗୋଷ୍ଠୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ବୁଧବାର ପୁଣି ଉଗ୍ର ରୂପ ନେଇଛି। ଗୋଟିଏ ଗୋଷ୍ଠୀ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାରୁ ଏହାକୁ ନେଇ ଆଜି ପୁଣି ଉତ୍ତେଜନା ଦେଖାଦେଇଥିଲା। ପୂର୍ବରୁ ଗୋଟିଏ ଗୋଷ୍ଠୀ ପ୍ରକଳ୍ପ ସୂଚନା ଫଳକ ନିର୍ମାଣ କରିଥିବା ବେଳେ ବିରୋଧୀ ଗୋଷ୍ଠୀ ନିଅଁ ଖୋଳିଥିଲା। ନିଅଁ ଖୋଳାଇଥିବା ଗୋଷ୍ଠୀ ପୁଣି ଗତକାଲି ରାତାରାତି ପିଲର ନିର୍ମାଣ କରିଥିଲା। ଏହାକୁ ନେଇ ଆଜି ପୂର୍ବାହ୍ନରେ ପୁଣି ଉତ୍ତେଜନା ଉପୁଜିଥିଲା। ଫଳକ ନିର୍ମାଣ କରିଥିବା ଠିକା ଗୋଷ୍ଠୀଙ୍କ ନେତୃତ୍ୱରେ ଶତାଧିକ ସମର୍ଥକ ଦୀର୍ଘ ସମୟ ଧରି ରାମଚନ୍ଦ୍ରପୁର ଛକରେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଏନେଇ ଘଟଣାସ୍ଥଳରେ ଭୀଷଣ ଉତ୍ତ?ଜନା ଦେଖାଦେଇଥିଲା। ଚାରିପାର୍ଶ୍ୱ ରାସ୍ତାରେ ବହୁ ସଂଖ୍ୟାରେ ଗାଡି ମଟର ଅଟକି ରହିଥିଲା। ଖବର ପାଇ ଥାନା ଅଧିକାରୀ ଅନୀଲ କୁମାର ପରିଡ଼ା ଓ ଜୋନ – ୪ ଏସିପି ଅଭିମନ୍ୟୁ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ହେଲେ ଉତ୍ତ୍ୟକ୍ତ ଲୋକ କିଛି ଶୁଣି ନ ଥିଲେ। ମହିଳାମାନେ ନିଅଁ ପୋତିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନାଯୋଗ୍ୟ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ବିଦ୍ୟାଳୟ ଉନ୍ନତୀକରଣ ନେଇ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ହେଲେ ଉଭୟ ଗୋଷ୍ଠୀ ଠିକାକାମ କରିବାକୁ ଯିଦି କରୁଥିବାରୁ ବିବାଦ ବଢୁଛି।



# ମଲା ବତକରେ ବୁଧବାରିଆ ଝୋଳ

ଭୁବନେଶ୍ୱର, ୧୮।୨ (ସମିସ): ବୁଧବାର ଭୋର୍ ସମୟରେ ଆଇଗିଣିଆ ଫ୍ଲାଇଓଭର ଉପରେ ଦୁର୍ଘଟଣା ଘଟିଛି। ବତକ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ପ୍ରାୟ ୩ ହଜାର ବତକ ମୃତ୍ୟୁବରଣ କରିଥିବା ବେଳେ ଲୋକମାନେ ବତକ ବୋହି ନେଇଛନ୍ତି।

ସୂଚନା ମୁତାବକ, ବତକ ବୋଝେଇ ଟ୍ରକ୍ ତାମିଲନାଡୁରୁ ଝାଡ଼ଖଣ୍ଡ ଅଭିମୁଖେ ଯାଉଥିଲା। ଆଇଗିଣିଆ ଫ୍ଲାଇଓଭର ଅତିକ୍ରମ କରିବା ବେଳେ ବତକ ବୋଝେଇ ଗାଡ଼ିର ବ୍ରେକ୍ ଫେଲ୍ ହୋଇଯାଇଥିଲା। ଚାଳକ ନିୟନ୍ତ୍ରଣ ହରାଇ ବେଳେ ଗାଡ଼ିଟିକୁ ଡିଭାଇଡରରେ ପିଟି ଦେଇଥିଲେ। ଗାଡ଼ିଟି ଭାରସାମ୍ୟ ହରାଇ ଜାତୀୟ ରାଜପଥରେ ଓଲଟି ପଡ଼ିଥିଲା। ଫଳରେ ଜାଲି ଭାଙ୍ଗିଯିବାରୁ ବତକ ବାହାରେ ବୁଲାବୁଲି କରୁଥିବା ବେଳେ ଅନେକ ମୃତ୍ୟୁବରଣ କରିଥିଲେ। ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ ଅଟକି ବତକ ଗୁଡ଼ିକୁ ବୋହି ନେଇଥିଲେ। ଏଥିସହିତ ଗାଡ଼ି ଓଲଟି ପଡ଼ିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କ୍ରେନ୍ ସହାୟତାରେ ଗାଡ଼ିକୁ ହଟାଇବା ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା।



ଓଲଟିଲା ଟ୍ରକ୍; ବୋହିନେଲେ ୩ ହଜାର ବତକ

# ସୁନା ଚେନ୍ ଛଡ଼ାଇ ଗାଡ଼ିରେ ପିଟି ହେଲେ

ଭୁବନେଶ୍ୱର, ୧୮।୨ (ସମିସ): ସୁନା ଚେନ ଛଡ଼ାଇ ଫେରାର ହେଉଥିବା ବେଳେ କାରରେ ପିଟି ହୋଇଛନ୍ତି ଲୁଟେରା। ଜଣଙ୍କୁ ଲୋକମାନେ କାବୁ କରିଥିବା ବେଳେ ଆଉଜଣେ ଖସି ପଳାଇଛି। ଜୟଦେବ ବିହାର ଛକରେ ଏଭଳି ଘଟଣା ଘଟିଛି। ଗିରଫ ଅଭିଯୁକ୍ତ ହେଉଛି ଭରତପୁର ଥାନା ଅଧୀନସ୍ଥ ଶ୍ୟାମପୁରର ବାଦଲ ନାୟକ (୨୯)। ପୁଲିସ ସୂଚନାନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଗୌତମ ନଗରର ପ୍ରୀତି ପଟ୍ଟନାୟକ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ସେ ଜୟଦେବ ବିହାର ଛକରେ ପାଇଥିବା ବେଳେ ବାଦଲ ଓ ମଣ୍ଟୁ ଆସି ତାଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇଥିଲେ। ଦୁଇ ଲୁଟେରା ଖସି ଯାଉଥିବା ବେଳେ ସାମ୍ନାରେ ଏକ କାରକୁ ଧକ୍କା ଦେଇ ଛିଟିକି ପଡ଼ିଥିଲେ। ଲୋକମାନେ ବାଦଲକୁ କାବୁ କରି ନେଇଥିବା ବେଳେ ମଣ୍ଟୁ ଖସିଯିବାରେ ସକ୍ଷମ ହୋଇଥିଲା। ପ୍ରୀତିଙ୍କ ଅଭିଯୋଗ ଆଧାରରେ ସହିଦନଗର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ବାଦଲକୁ ଗିରଫ କରିବା ସହ ଲୁଟ୍ ସୁନା ଚେନ ଓ ବାଇକ୍ ଜବତ କରିଥିଲା।



# କାଫେ ଆଗରେ ହାଣିବା ଘଟଣା; ୪ ଗିରଫ

ଭୁବନେଶ୍ୱର, ୧୮।୨ (ସମିସ): ଭଗବାନପୁରସ୍ଥିତ କାଫେ କାର୍ଟୁନ୍ ଆଗରେ ହଣାକଟା ଘଟଣାରେ ୪ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଖଣ୍ଡଗିରି ବରବାରି ବସ୍ତିର ଶୁଭମ୍ ବେହେରା ଓରଫ୍ ଶୁଭ (୨୦), ସୌମ୍ୟରଞ୍ଜନ ବେହେରା ଓରଫ୍ କାଳିଆ (୨୩) ଓ ଜାଗମରା ଖୁସି ହୋଟେଲ ଗଳିରେ ରହୁଥିବା ପ୍ରିୟବ୍ରତ ନାୟକ ଓରଫ୍ ପ୍ରିନ୍ସ ରାଜ୍ (୨୨)। ଗିରଫଙ୍କ ମଧ୍ୟରେ ଜଣେ ନାବାଳକ ରହିଛି। ସେମାନଙ୍କ ଠାରୁ ଦୁଇଟି ଭୁଜାଲି ଓ ଦୁଇଟି ବାଇକ୍ ଜବତ କରାଯାଇଛି। ୪ ଜଣ ଗିରଫ ହୋଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ବଣ୍ଟି ଓ ୨ ସହଯୋଗୀ ଫେରାର ରହିଛନ୍ତି। ଆବଶ୍ୟକ ପଡ଼ିଲେ ଗିରଫ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୁଲିସ କହିଛି।

**● ଏବେ ବି ଫେରାର ମୁଖ୍ୟ ଅଭିଯୁକ୍ତ ବଣ୍ଟି**

ପୁଲିସ ସୂଚନା ମୁତାବକ, କୌଣସି କାରଣକୁ ନେଇ କାଫେ କାର୍ଟୁନ୍ ମାଲିକ ହିମାଂଶୁ ଓ ବିପରୀତ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ଗତ ସୋମବାର ରାତିରେ ଗୋପୀନାଥ, ସନିଆ ଓ ଅନ୍ୟ ସାଙ୍ଗମାନେ ହିମାଂଶୁଙ୍କ କାଫେ ସାମ୍ନାରେ ଛିଡ଼ା ହୋଇଥିବା ବେଳେ ଭଗବାନପୁରର ବଣ୍ଟି, ଶୁଭ, କାଳିଆ, ପ୍ରିୟବ୍ରତ, ନାବାଳକ ଓ ଦୁଇ ସହଯୋଗୀ ଆସିଥିଲେ। କାଫେ ଭିତରକୁ ଯାଇ ହିମାଂଶୁଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଏହାପରେ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିବା ସହ ଗୋପୀନାଥ ଓ ଶନିଆକୁ ଚୋଟ ପକାଇଥିଲେ। ଖଣ୍ଡା ଚୋଟରେ ଶନିଆଙ୍କ ହାତ ଓ ଗୋପୀନାଥଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ହିମାଂଶୁଙ୍କ ବାପା କବିରାଜ ଲେଙ୍କା ଏନେଇ ତମାଣ୍ଡୋ ଥାନାରେ ଏତଲା ଦେବାପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା।



ମଙ୍ଗଳବାର ରାତିରେ ୩ଟି ପୁଲିସ ଟିମ୍ ଖୋର୍ଦ୍ଧା, ଖଣ୍ଡଗିରି, ବରମୁଣ୍ଡା ସମେତ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ଶୁଭ, କାଳିଆ, ପ୍ରିୟବ୍ରତ ଓ ନାବାଳକକୁ ଉଠାଇ ଆଣିଥିଲା। ସେମାନଙ୍କ ଠାରୁ ଅପରାଧରେ ବ୍ୟବହୃତ ଗାଡ଼ି ଓ ମାରଣାସ୍ତ୍ର ଜବତ କରିଥିଲା ପୁଲିସ। ବଣ୍ଟି କହିବା ଦ୍ୱାରା ଅଭିଯୁକ୍ତମାନେ ତା' ସହ ମିଶି ହିମାଂଶୁଙ୍କୁ ଆକ୍ରମଣ କରିବାକୁ ଯାଇଥିଲେ। ହେଲେ ତାଙ୍କୁ ନ ପାଇବାରୁ ଗୋପୀନାଥ ଓ ଶନିଆଙ୍କୁ ହାଣିଥିଲେ ବୋଲି ପୁଲିସ ଆଗରେ ସ୍ୱୀକାର କରିଛନ୍ତି। ୪ ଜଣ ଗିରଫ ହୋଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ବଣ୍ଟି ପାଖରେ ପୁଲିସ ଏଯାଏଁ ପହଞ୍ଚି ପାରିନାହିଁ। ଗତମାସ ଠାରୁ କାର୍ ପୋଡ଼ି ଫେରାର ଥିବା ବଣ୍ଟି ଆସି ଦୁଇ ଜଣଙ୍କୁ ହାଣିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ତେବେ ବଣ୍ଟି ଓ ତା'ର ଦୁଇ ସହଯୋଗୀଙ୍କୁ ଧରିବାକୁ ପୁଲିସ ଉଦ୍ୟମ ଚଳାଇଛି। ପୂର୍ବ ଶତ୍ରୁତାକୁ ନେଇ ଏଭଳି କାଣ୍ଡ ଘଟିଥିବା ଡିସିପି କହିଥିଲେ ମଧ୍ୟ ଏଯାଏଁ ପ୍ରକୃତ କାରଣ ପଦାକୁ ଆସିପାରିନାହିଁ। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ଫେରାର ଅଭିଯୁକ୍ତଙ୍କ ବିଷୟରେ ସୁରାକ ମିଳିଛି ଓ ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଡିସିପି କହିଛନ୍ତି। ସେମାନେ ଧରାପଡ଼ିବା ପରେ ଘଟଣା ପଛର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

NACO | 10001/66/2526 | OSACS

ଯଦି ଆପଣ ଏଚ୍‌ଆଇଭି ପଜିଟିଭ୍ ତେବେ:

ଯଥାଶୀଘ୍ର ଚିକିତ୍ସା ଆରମ୍ଭ କରିବା ପାଇଁ ନିଜକୁ ନିକଟସ୍ଥ ଏଆରଟି କେନ୍ଦ୍ରରେ ପଞ୍ଜୀକରଣ କରନ୍ତୁ। ମନେ ରଖନ୍ତୁ

ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଡାକ୍ତର କିଛି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେବେ।

ରୋଗ ନିର୍ଣ୍ଣୟ ପରେ ଚିକିତ୍ସା ଆରମ୍ଭ ହେବ।

ଏଆରଟି ବେଳେ ଝାଡ଼ା, ଜ୍ୱର ଏବଂ ଥକ୍କାପଣ ଭଳି କିଛି ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ, କିନ୍ତୁ ସମୟ ସହିତ ସେଗୁଡ଼ିକ ଚାଲିଯାଏ।

ଯଦି ଆପଣ ଏହି ପାର୍ଶ୍ୱ ପ୍ରତିକ୍ରିୟା ଅନୁଭବ କରନ୍ତି ତେବେ ଆପଣଙ୍କର ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ କିନ୍ତୁ ଆପଣଙ୍କର ଚିକିତ୍ସା ଜାରି ରଖନ୍ତୁ।

ଏଆରଟି ଗ୍ରହଣ କରିବାର ଲାଭ:

1. ଏକ ସୁସ୍ଥ ଏବଂ ଦୀର୍ଘ ଜୀବନ ବଞ୍ଚିବାରେ ସାହାଯ୍ୟ କରେ।
2. CD4 ଗଣନା ବୃଦ୍ଧି ରୋଗ ପ୍ରତିରୋଧକ ଶକ୍ତିରେ ସାହାଯ୍ୟ କରେ।
3. ଭାଇରାଲ୍ ଲୋଡ୍ ହ୍ରାସ ହେବା ଦ୍ୱାରା ହୃଦୟ, ଯକୃତ ଏବଂ ମସ୍ତିଷ୍କ ପରି ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ କ୍ଷତିଗ୍ରସ୍ତ ହୁଏ ନାହିଁ।
4. ଯଦି ଭାଇରାଲ୍ ଭାର ଅଧିକ ନ ଥାଏ ଯୌନ ସମ୍ପର୍କ ସମୟରେ ସଂକ୍ରମଣ ହେବାର ଆଶଙ୍କା କମିଯାଏ, କିନ୍ତୁ ଯୌନ ସମ୍ପର୍କ ସମୟରେ ସର୍ବଦା କଣ୍ଡୋମ ବ୍ୟବହାର କରନ୍ତୁ।
5. କମ୍ ଭାଇରାଲ୍ ଲୋଡରେ ଗର୍ଭାବସ୍ଥାରେ କିମ୍ବା ସ୍ତନ୍ୟପାନ କରାଇବା ସମୟରେ ମା'ଠାରୁ ଶିଶୁକୁ ସଂକ୍ରମଣ ହେବାର ଆଶଙ୍କା କମିଯାଏ।

OIPR-10001/10060/2/25-26/0003

Follow us on : BREAKFREE https://breakfreeindia.org

AIDS Helpline 1097

ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ।